୬୧ତମ ବର୍ଷ | ୨୪ ନଭେମ୍ବର ୨୦୧୮ | ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨



24th April 1956
The manifestation of the Supramental upon earth is no more a promise but a living fact, a reality.
It is at work here, and one day will come when the most blind, the most unconscious, even the most unwilling shall be obliged to recognise it.

## 24th April 1956

The manifestation of the Supramental upon earth is no more a promise but a living fact, a reality.

It is at work here, and one day will come when the most blind, the most unconscious, even the most unwilling shall be obliged to recognise it.

The Mother

## ୨୪ ଏପ୍ରିଲ, ୧୯୫୬

ପୃଥିବୀ ଉପରେ ଅତିମାନସର ଅଭିବ୍ୟକ୍ତି ଆଉ କେବଳ ଏକ ପ୍ରତିଶ୍ରୁତି ହୋଇରହି ନାହିଁ, ତାହା ଏକ ପ୍ରକୃତ ଘଟଣା, ଏକ ଜୀବନ୍ତ ସତ୍ୟ ।

ତାହା ଏଠାରେ କାର୍ଯ୍ୟ କରୁଛି, ଏବଂ ଏପରି ଗୋଟିଏ ଦିନ ଆସୁଛି ଯେତେବେଳେ କି ଯେଉଁମାନେ ପୂରାପୂରି ଅନ୍ଧ, ପୂରାପୂରି ଅଚେତନ, ଏପରିକି ସମ୍ପୂର୍ଣ୍ଣ ଅନିଚ୍ଛୁକ, ସେମାନେ ମଧ୍ୟ ତାହାକୁ ସ୍ୱୀକାର କରି ନେବାକୁ ବାଧ୍ୟ ହେବେ ।

ଶ୍ରୀମା

୬୧ତମ ବର୍ଷ ୨୪ ନଭେମ୍ବର ୨୦୧୮ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ବର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୮]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... ୫ |
| ମାତୃବାଣୀ | ... | ... | ... ୬ |
| ଚେତନା ଓ ଅମରତ୍ୱ | ... | ଶ୍ରୀଅରବିନ୍ଦ | ... ୯ |
| ଚେତନାର ଆମୂଳ ପରିବର୍ତ୍ତନ | ... | ଶ୍ରୀମା | ... ୧୦ |
| ଅନ୍ତଶ୍ଚେତନାରେ ପ୍ରବେଶହିଁ ପ୍ରଥମ କାମ | ... | ଶ୍ରୀଅରବିନ୍ଦ | ... ୧୨ |
| ଚେତନାର ଅଧୋଗତି | ... | ଶ୍ରୀମା | ... ୧୫ |
| ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ | ... | ଶ୍ରୀମା | ... ୧୭ |
| ଅବଚେତନ | ... | ... | ... ୧୯ |
| ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର | ... | ... | ... ୨୧ |
| ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି | ... | ଶ୍ରୀମା | ... ୨୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... ୨୬ |
| ଚେତନାର ଅବତରଣ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... ୨୯ |
| ବୃହସ୍ପତି, ଆତ୍ମାର ଶକ୍ତି (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ... ୩୪ |
| ନୂତନ ଚେତନା ଓ ନୂତନ ଜଗତ୍ | ... | ଶ୍ରୀ ପ୍ରପତ୍ତି | ... ୩୮ |
| ଭାଲୁ ସାନ୍ନିଧ୍ୟରେ ଏକ ସନ୍ଧ୍ୟା : ଅହେତୁକ ଭାବନା କିଞ୍ଚିତ୍ | ... | ଶ୍ରୀ ମନୋଜ ଦାସ | ... ୪୧ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୮) | ... | ... | ... ୪୫ |
| ଚେତନା-ଅଚେତନା | ... | ଶ୍ରୀ ଚିତ୍ତରଞ୍ଜନ ଦାସ | ... ୪୮ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଷ୍ଟାବକ୍ର ସଂହିତା | ... | ... | ... ୫୨ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି | ... | ଶ୍ରୀମା | ... ୫୫ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ଆଧାରଶୁଦ୍ଧି ଓ ଅବଚେତନ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... ୫୬ |


❖

## ଶ୍ରୀଅରବିନ୍ଦଙ୍କ ବାଣୀ

I am concerned with the earth, not with worlds beyond for their own sake; it is a terrestrial realisation that I seek and not a flight to distant summits. All other yogas regard this life as an illusion or a passing phase; the supramental yoga alone regards it as a thing created by the Divine for a progressive manifestation and takes the fulfilment of the life and the body for its object.

– Sri Aurobindo

ପୃଥିବୀକୁ ନେଇହିଁ ମୋର କର୍ମ, ବହିର୍ଜଗତସବୁକୁ ନେଇ ଖାସ୍ ସେମାନଙ୍କ ସକାଶେ ନୁହେଁ; ପାର୍ଥିବ ସିଦ୍ଧିହିଁ ମୋର ଲକ୍ଷ୍ୟ, ସୁଦୂର ଶିଖରସବୁ ଉଦ୍ଦେଶ୍ୟରେ ଉଡ୍ଡୟନ ନୁହେଁ । ଅନ୍ୟସବୁ ଯୋଗ ଏ ଜୀବନକୁ ଏକ ମାୟା ଅଥବା ଅସ୍ଥାୟୀ ପର୍ଯ୍ୟାୟ ଭାବେ ଦେଖନ୍ତି; ଏକମାତ୍ର ଅତିମାନସ ଯୋଗହିଁ ଏହାକୁ ଭଗବାନଙ୍କର କ୍ରମାଗତ ପରିପ୍ରକାଶ ସକାଶେ ସୃଷ୍ଟ ବୋଲି ମନେ କରେ ଏବଂ ଜୀବନ ତଥା ସ୍ଥୂଳଦେହର ପରିପୂର୍ଣ୍ଣତା ଏହାର ଲକ୍ଷ୍ୟ ବୋଲି ଗ୍ରହଣ କରେ ।

— ଶ୍ରୀଅରବିନ୍ଦ



## ମାତୃବାଣୀ

Only one thing is absolutely indispensable: the will to discover and to realise [the truth of your being]. This discovery and realisation should be the primary preoccupation of our being, the pearl of great price which we must acquire at any cost. Whatever you do, whatever your occupations and activities, the will to find the truth of your being and to unite with it must be always living and present behind all that you do, all that you feel, all that you think.

– The Mother

ଏକାନ୍ତ ଅପରିହାର୍ଯ୍ୟ ହେଲା କେବଳ ଗୋଟିଏ ମାତ୍ର କଥା : [ନିଜ ସତ୍ତାର ସତ୍ୟକୁ] ଆବିଷ୍କାର ଏବଂ ଉପଲବ୍ଧି କରିବା ଦିଗରେ ସଂକଳ୍ପ । ଏହି ଆବିଷ୍କାର ଏବଂ ଉପଲବ୍ଧିହିଁ ଆମ ସତ୍ତାର ପ୍ରାଥମିକ ନିବିଷ୍ଟ କର୍ମ ହେବା ଉଚିତ – ମହାମୂଲ୍ୟ ରତ୍ନ ଯାହା ଆମେ ଯେକୌଣସି ପ୍ରକାରେ ଆୟତ୍ତ କରିବା ଆବଶ୍ୟକ । ତୁମେ ଯାହା କରନା କାହିଁକି, ତୁମର ବୃତ୍ତି ଏବଂ କାର୍ଯ୍ୟକଳାପ ଯାହା ହେଉନା କାହିଁକି, ତୁମ ସତ୍ତାର ସତ୍ୟକୁ ନିରୂପଣ କରିବା ଏବଂ ତାହା ସହ ମିଳିତ ହେବାର ସଂକଳ୍ପ ସର୍ବଦା ଜୀବନ୍ତ ଏବଂ ଉପସ୍ଥିତ ରହିବା ଚାହି – ତୁମେ ଯାହାକିଛି କରୁଥାଅ, ଯାହାକିଛି ଅନୁଭବ କରୁଥାଅ ଏବଂ ଯାହାକିଛି ଚିନ୍ତା କରୁଥାଅ, ସବୁରି ପଶ୍ଚାତରେ ।

– ଶ୍ରୀମା



# ଚେତନା ଓ ଅମରତ୍ୱ

## ଶ୍ରୀଅରବିନ୍ଦ

ଆମର ଅସ୍ତିତ୍ୱ ଏପରି କୌଣସି ନିଶ୍ଚେତନ ଯାନ୍ତ୍ରିକ ଶକ୍ତିର ଏକ ଉଦ୍ଭଟ ଖିଆଲ ନୁହେଁ ଯାହାକି ଅକସ୍ମାତ୍ ଝୁଣ୍ଟି ପଡ଼ିବା ପରି ଚେତନା ଭିତରକୁ ପ୍ରବେଶ କରିଛି ବା ଏହା ଏକ ଶୂନ୍ୟ ଅନସ୍ତି (କିଛି ନାହିଁ)ର କେବଳ ବାହ୍ୟ ଉପରିଭାଗରେ ହେଉଥିବା ବ୍ୟାଖ୍ୟାରହିତ କ୍ରିୟାକଳାପ ନୁହେଁ ବା ଏହା ଏକ ଅନୁଭୂତିହୀନ ନିଷ୍କ୍ରିୟ ଅନନ୍ତ ନୁହେଁ । ଆମ ଜୀବନର ଏକ ଅର୍ଥ ବା ଏକ ତାତ୍ପର୍ଯ୍ୟ ରହିଛି, ଏହା ଏକ ଆଧ୍ୟାତ୍ମିକ-ପରିଣତି ଦିଗରେ ଆଗେଇ ଚାଲିଛି, ଏକ ଶାଶ୍ୱତର ପ୍ରବେଗକୁ ପରିପୂରଣ କରି ଚାଲିଛି ।

ଅମରତ୍ୱହିଁ ହେଉଛି ଆମ ସତ୍ତାର ସ୍ୱଭାବ; ଜନ୍ମ ଓ ମୃତ୍ୟୁ ହେଉଛି ଆମର ସେହି ଅମରତ୍ୱର ଏକ ଗତିବୃତ୍ତି ଓ ଘଟଣା ମାତ୍ର । ଜନ୍ମ ହେଉଛି ଆତ୍ମାର ଏକ ଶରୀର ଗ୍ରହଣ, ମୃତ୍ୟୁ ହେଉଛି ସେହି ଶରୀରର ପରିତ୍ୟାଗ; ଏହି ଜନ୍ମଗ୍ରହଣରେ କୌଣସି ମୌଳିକତା ନାହିଁ ବା ଏହି ମୃତ୍ୟୁରେ କୌଣସି ଶେଷ ସମାପ୍ତି ନାହିଁ । ଜନ୍ମ ପୂର୍ବରୁ ଆମେ ରହିଥିଲୁ; ମୃତ୍ୟୁ ପରେ ଆମେ ରହିବୁ । ଆମ ଜନ୍ମ ଓ ମୃତ୍ୟୁ କୌଣସି ଧାରାବାହିକ ଅର୍ଥ ବା ପରିଣତି ନଥିବା କେବଳ ଗୋଟିଏ ମାତ୍ର ବୃତ୍ତାନ୍ତ ବା ଉପାଖ୍ୟାନ ନୁହେଁ, ବହୁ ଉପାଖ୍ୟାନମାନଙ୍କ ଭିତରୁ ଏହା ମାତ୍ର ଗୋଟିଏ ଉପାଖ୍ୟାନ, କାଳଗର୍ଭରେ କାହିଁ କେତେ ଦୂରରେ ଶେଷ ପରିଣତି ରହିଥିବା ଆମ ଅସ୍ତିତ୍ୱ ନାଟକର ବହୁ ଦୃଶ୍ୟମାନଙ୍କ ମଧ୍ୟରୁ ଏହା ମାତ୍ର ଗୋଟିଏ ଦୃଶ୍ୟ ।

*

ସବୁକିଛି ନିର୍ଭର କରେ ଚେତନା ଉପରେ । ସମଗ୍ର ବିଶ୍ୱ-ଅସ୍ତିତ୍ୱ ହେଉଛି ଏକ ରୂପ ବା ଗଢ଼ଣ ଯାହା ଚେତନା ଦ୍ୱାରା ସୃଷ୍ଟ ହୋଇଛି, ଚେତନା ଦ୍ୱାରା ଧାରଣ କରାହୋଇ ରହିଛି ଓ ଚେତନା ଦ୍ୱାରାହିଁ ନିର୍ଦ୍ଧାରିତ ହୋଇ ରହିଛି । ଯାହାକିଛି ରହିଛି ସବୁହିଁ କେବଳ ଚେତନା, ସେହି ଚେତନା କେଉଁଠି ଆବୃତ ବା କେଉଁଠି ଅନାବୃତ, କେଉଁଠି ନିଜର ଉପାଦାନସବୁକୁ ଅଭିବ୍ୟକ୍ତ କରୁଛି ବା କେଉଁଠି ଲୁକ୍କାୟିତ ଓ ଗୋପନ ରଖୁଛି । ସବୁକିଛି ଚେତନାର ଶକ୍ତି ଯାହାକି ମନ, ପ୍ରାଣ ଓ ଜଡ଼ର ନାନା ଗତିବୃତ୍ତିର ଆବରଣ ପିନ୍ଧିଥାଏ ଏବଂ ଏପରି ନାନା ରୂପ ଗ୍ରହଣ କରିଥାଏ ଯାହାକି କେବଳ ସେହି ଶକ୍ତିରହିଁ ବିଭିନ୍ନ ଗତି ମାତ୍ର ଓ ନାନାବିଧ ରୂପ ଓ ଆକୃତି ଭିତରେ ଆପାତ ଦୃଷ୍ଟି ପାଇଁ ତାହା ଏକ ସ୍ଥିର ରୂପ ଗ୍ରହଣ କରିଥିଲେ ମଧ୍ୟ ପ୍ରକୃତରେ ତାହା ସର୍ବଦା ଗତିଶୀଳ ହୋଇହିଁ ରହିଥାଏ । କାରଣ ଯେଉଁ ଚେତନା ଏହି ରୂପ ଓ ଆକୃତିସବୁକୁ ଗଠନ କରିଛି ତାହା ସବୁ ସମୟରେ ଏକ ସକ୍ରିୟ ଗତିଶୀଳତା ଭିତରେହିଁ ରହିଥାଏ । ନିଜକୁ ପୁନରାବର୍ତ୍ତିତ କରୁଥିବା ଓ ନିରବଚ୍ଛିନ୍ନ ଭାବେ ନିଜକୁ ବ୍ୟକ୍ତ କରୁଥିବା ଏହି ବିରାମହୀନ ଅବିଶ୍ରାନ୍ତ ଗତି ଓ କ୍ରିୟାଶୀଳତାର ଦୃଶ୍ୟମାନ ଛନ୍ଦ ଓ ଆତ୍ମ-ପରିଣତିକୁହିଁ ଆମେ ରୂପ ବା ଆକୃତି ବୋଲି କହୁ । ଏହାକୁ ଗଠନ କରୁଥିବା ଶକ୍ତିକୁ ଏଥିରୁ କାଢ଼ି ବିଚ୍ଛୁରିତ କରିଦିଅ, ତା'ହେଲେ ସେହି ରୂପ ବା ଆକୃତିଟି ଲୋପ ପାଇଯିବ । ସେହି ଚେତନାକୁ ପ୍ରତ୍ୟାହାର କରି ନିଅ ଯାହା ନିଜକୁ ଶକ୍ତି ଆକାରରେ ଏଥିରେ ପ୍ରକାଶ କରିଥିଲା, ତା'ହେଲେ ସେହି ଶକ୍ତି ଆଉ ଏଥିରେ ଏହାକୁ ଧରି ରଖିଥିବା ନିଜର ଛନ୍ଦକୁ ବଜାୟ ରଖିପାରିବ ନାହିଁ; ତେଣୁ ତାହା ବିକ୍ଷିପ୍ତ ଓ ବିଚ୍ଛୁରିତ ହୋଇଯିବ, ସେହି ରୂପ ବା ଆକୃତିଟିର ବିଲୋପ ଘଟିବ । ଆମେ ଯଦି ଆମ ଭିତରେ କ୍ରିୟାଶୀଳ ସେହି ଚେତନାର ଶକ୍ତିକୁ ଏପରି ଘନ ଓ ନିବିଡ଼ କରିପାରୁ, ଯାହାଫଳରେ ସେହି ଶକ୍ତି ନିଜର ଛନ୍ଦରେ ନିଜକୁ ନିରନ୍ତର ପୁନରାବୃତ୍ତ ଧାରାବାହିକ ବିଶାଳତର ତଥା ଅଗ୍ରଗତିଶୀଳ କରିପାରୁଥିବ, ତା'ହେଲେ ସେହି ରୂପ ବା ଗଢ଼ଣ ପରିବର୍ତ୍ତିତ ହୋଇପାରେ କିନ୍ତୁ ତାହାର ବିଲୋପ ଘଟିବାର କୌଣସି ଆବଶ୍ୟକତା ରହିବ ନାହିଁ, ଏପରିକି ଶାରୀରିକ ଭାବେ ଆମେ ଅମରତ୍ୱ ଲାଭ କରିବା ପାଇଁ ସମର୍ଥ ହୋଇପାରିବୁ ।

(Bulletin, Nov. 2004, p. 42)

# ଚେତନାର ଆମୂଳ ପରିବର୍ତ୍ତନ

## ଶ୍ରୀମା

*ପ୍ରଶ୍ନ : ମା, ଜଣେ ତା' ଚେତନାକୁ ରୂପାନ୍ତର କରିବ କିପରି ?*

ଶ୍ରୀମା : ସ୍ୱାଭାବିକ ଭାବେ, ଏଥିପାଇଁ ଅନେକ ମାର୍ଗ ରହିଛି, କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ତା' ପାଇଁ ସୁଗମ୍ୟ ମାର୍ଗଟିକୁ ଗ୍ରହଣ କରିବା ଉଚିତ; ଏବଂ ମାର୍ଗର ସୂଚନା ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିଥାଏ, ତୁମ ପାଇଁ ଅପ୍ରତ୍ୟାଶିତ ଏକ ଅନୁଭୂତି ଭଳି କିଛିର ମାଧ୍ୟମରେ ଏହା ଆସିଥାଏ । ଏବଂ ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ସାମାନ୍ୟ ଭିନ୍ନ ଭାବରେ ଦେଖାଦିଏ ।

ଉଦାହରଣ ସ୍ୱରୂପ, ଜଣକର ସେହି ସାଧାରଣ ଚେତନାର ଦୃଷ୍ଟି ରହିଛି, ଯାହାକି ବାହ୍ୟ, ଉପରିଭାଗରେ ସମତଳଭାବେ ବିସ୍ତାରିତ ହୋଇ ରହିଥାଏ, ଏବଂ ତାହା ଏପରି ଏକ ଚେତନା ସ୍ତରରେ କାର୍ଯ୍ୟ କରୁଥାଏ ଯାହା ଯୁଗପତ୍ ସବୁ ଜିନିଷର ଉପରିଭାଗ ସହିତ ତଥା ବସ୍ତୁ, ମନୁଷ୍ୟ ଓ ଘଟଣାଗୁଡ଼ିକର କୃତ୍ରିମ ବାହ୍ୟ ଭାଗଟି ସହିତ ସଂଯୋଗ ରଖି ରହିଥାଏ; ତା'ପରେ ହଠାତ୍ କୌଣସି କାରଣରୁ ବା ଅନ୍ୟ କିଛି ହେତୁ – ମୁଁ ଯେପରି କହିଲି, ଏହା ପ୍ରତ୍ୟେକ ଲୋକ କ୍ଷେତ୍ରରେ ଭିନ୍ନ ଭିନ୍ନ – ସେହି ଚେତନା ଊର୍ଦ୍ଧ୍ୱଦିଗରେ ଉଠିଯିବାର ଦେଖାଯାଏ, ଏବଂ ଜିନିଷଗୁଡ଼ିକୁ ସମତଳଭାବେ ଦେଖିବା ପରିବର୍ତ୍ତେ, ସେଗୁଡ଼ିକ ଯେଉଁ ସ୍ତରରେ ରହିଥା'ନ୍ତି, ତୁମେ ସେହି ସ୍ତରରେ ରହିବା ପରିବର୍ତ୍ତେ, ହଠାତ୍ ଦେଖ ଯେପରି ତୁମେ ସେଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର କରୁଛ, ଏବଂ ତୁମର ଅତି ନିକଟବର୍ତ୍ତୀ ହୋଇ ରହିଥିବା ମାତ୍ର ଅଳ୍ପ କେଇଟି ଜିନିଷକୁ ଦେଖିବା ପରିବର୍ତ୍ତେ ଊର୍ଦ୍ଧ୍ୱରେ ଥାଇ ତୁମେ ସେମାନଙ୍କ ସମଗ୍ରତାକୁ ଦେଖୁଛ; ସତେ ଯେମିତି କୌଣସି ବସ୍ତୁ ତୁମକୁ ଉପରକୁ ଆକର୍ଷିତ କରି ଉଠାଇ ନେଉଛି ଓ ଏକ ପର୍ବତ ଉପରୁ ବା ଗୋଟିଏ ଉଡ଼ାଜାହାଜ ଉପରୁ ଦେଖିଲା ପରି ତୁମେ ଜିନିଷଗୁଡ଼ିକୁ ଦେଖୁଛ । ଏବଂ ପ୍ରତ୍ୟେକ ଟିକିନିଖି ବିଷୟକୁ ଦେଖିବା ଓ ତାହାରି ସ୍ତରରେ ଥାଇ ତାକୁ ଦେଖିବା ପରିବର୍ତ୍ତେ ସମଗ୍ରକୁ ଗୋଟିଏ ଏକକ ରୂପେ ତୁମେ ଦେଖିଥାଅ, ଏବଂ ବହୁ ଊର୍ଦ୍ଧ୍ୱରୁ ଏହା ଦେଖିଥାଅ ।

ଏହି ଅନୁଭୂତି ପାଇବାର ଅନେକ ବାଟ ରହିଛି, କିନ୍ତୁ ସାଧାରଣତଃ ଏହା ତୁମ ନିକଟକୁ ସତେ ଯେମିତି ଦୈବାତ୍ ଏକ ଶୁଭଦିନରେ ଆସେ ।

ଅଥବା କାହାରି ମଧ୍ୟ ଏପରି ଅନୁଭୂତି ହୋଇପାରେ ଯାହା ଏହାର ଠିକ୍ ବିପରୀତ କିନ୍ତୁ ତାହା ବସ୍ତୁତଃ ସମାନ । ହଠାତ୍ ଜଣେ ଏକ ଗଭୀରତା ମଧ୍ୟରେ ବୁଡ଼ିଯାଏ, ଯେଉଁସବୁ ଜିନିଷକୁ ସେ ପ୍ରତ୍ୟକ୍ଷ କରୁଥିଲା ସେସବୁଠାରୁ ସେ ଦୂରେଇ ଯାଏ, ତା'ର ମନେହୁଏ ସେସବୁ ଦୂରସ୍ଥ, ଅସାର ଓ ଅର୍ଥହୀନ, ସେ ଏକ ଆନ୍ତର ନିରବତା ମଧ୍ୟକୁ ବା ଏକ ଆନ୍ତର ସ୍ତବ୍ଧତା ବା ବସ୍ତୁଗୁଡ଼ିକର ଏକ ଆନ୍ତର ଦୃଶ୍ୟ ମଧ୍ୟକୁ ପ୍ରବେଶ କରେ । ଏହା ଏକ ଗଭୀର ଅନୁଭୂତି, ପରିସ୍ଥିତି ଓ ବିଷୟଗୁଡ଼ିକର ଏହା ଏକ ଅତି ନିବିଡ଼ ଅବବୋଧ, ଯାହା ମଧ୍ୟରେ କି ସବୁକିଛିର ମୂଲ୍ୟ ବଦଳିଯାଏ । ଏବଂ ସେ ଏକପ୍ରକାର ଐକ୍ୟ ବିଷୟରେ ସଚେତନ ହୁଏ, ରୂପରାଜିର ବିଭିନ୍ନତା ସତ୍ତ୍ୱେ ସେହି ଏକ ସହିତ ଏକ ଗଭୀର ଏକାତ୍ମତା ଲାଭ କରେ ।

ଅଥବା ହଠାତ୍ ଏମିତି ବି ହୋଇପାରେ, ସୀମିତତାର ବୋଧ ଅନ୍ତର୍ହିତ ହୋଇଯାଏ ଓ ସେ ପ୍ରବେଶ କରେ ଆଦି-ଅନ୍ତହୀନ ଏକପ୍ରକାର ନିତ୍ୟପ୍ରବୃତ୍ତ କାଳର ପ୍ରତ୍ୟକ୍ଷ ଭିତରକୁ, ଯିଏ ଅଦ୍ୟାବଧି ବିଦ୍ୟମାନ ରହି ଆସିଛି ଓ ଭବିଷ୍ୟତରେ ବି ରହିବ ।

ଏହିସବୁ ଅନୁଭୂତି ହଠାତ୍ ନିମିଷକ ଭିତରେ ତୁମ ନିକଟକୁ ଆସେ, ତୁମ ଜୀବନରେ ଗୋଟିଏ ସେକେଣ୍ଡ ପାଇଁ, ଗୋଟିଏ କ୍ଷଣ ପାଇଁ ଏହା ଆସେ, କାହିଁକି ଓ କିପରି ଏହା ଆସେ ତାହା ତୁମେ ଜାଣି ନଥାଅ... ଆହୁରି ଅନ୍ୟାନ୍ୟ ପଦ୍ଧତି ଓ ଅନୁଭୂତିମାନ ମଧ୍ୟ ରହିଛି – ସେଗୁଡ଼ିକର ସଂଖ୍ୟା ଅଗଣନ, ବ୍ୟକ୍ତିଭେଦରେ ଏମାନଙ୍କର ପାର୍ଥକ୍ୟ ଥାଏ; କିନ୍ତୁ ଏହା ସହ, ଗୋଟିଏ ମିନିଟରେ, ଏହି ଅବସ୍ଥାର ଗୋଟିଏ ସେକେଣ୍ଡରେ ଜଣେ ଜିନିଷଟିର ଖିଅକୁ ଧରିନିଏ । ସୁତରାଂ ତୁମେ ଏହା ସ୍ମରଣ ରଖିବା ଆବଶ୍ୟକ, ଏହାକୁ ପୁନରୁଜ୍ଜୀବିତ କରିବାକୁ ଚେଷ୍ଟା କରିବା ଉଚିତ, ତୁମେ ଅନୁଭୂତିଗୁଡ଼ିକର ଗଭୀରକୁ ଯାଅ, ଏହାକୁ ମନେ ପକାଅ, ଅଭୀପ୍ସା କର, ଏହା ଉପରେ ଏକାଗ୍ର ହୁଅ । ଏହା ହେଉଛି ପ୍ରାରମ୍ଭିକ ବିନ୍ଦୁ, ପଥନିର୍ଦ୍ଦେଶକ-ସୂତ୍ରର ଏହା ହେଉଛି ମୂଳ, ରହସ୍ୟ-ଉଦ୍‌ଘାଟନର ସୂତ୍ର ।

କାରଣ, ଆନ୍ତର ସତ୍ତାକୁ, ସତ୍ତାର ସତ୍ୟକୁ ଉପଲବ୍ଧି କରିବା ପାଇଁ ଯେଉଁମାନେ ବିଧିନିର୍ଦ୍ଦିଷ୍ଟ ସେମାନଙ୍କ ଜୀବନରେ ଗୋଟିଏ ମାତ୍ର କ୍ଷଣ ଆସେ ଯେତେବେଳେ ସେମାନେ ଆଉ ସେହି ସମାନ ପ୍ରକାର ହୋଇ ରହି ନଥା'ନ୍ତି, ବୋଧହୁଏ ଠିକ୍ ଯେମିତି ଗୋଟିଏ ବିଜୁଳିର ଝଲକ — ବାସ୍ ସେତିକି ଯଥେଷ୍ଟ । ଏହା ସୂଚିତ କରୁଥାଏ କେଉଁ ପଥ ଜଣେ ଗ୍ରହଣ କରିବା ଉଚିତ, ଏହା ହେଉଛି ସେହି ଦ୍ୱାର ଯାହାକି ଏହି ପଥଟି ଦିଗରେ ଖୋଲିଯାଏ । ତେଣୁ ତୁମକୁ ଏହି ଦ୍ୱାର ଭିତର ଦେଇ ପାରି ହୋଇ ଯିବାକୁ ହେବ, ଏବଂ କଠିନ ଅଧ୍ୟବସାୟ ଓ ଅପ୍ରତିହତ ସ୍ଥିର ସଂକଳ୍ପ ନେଇ ଅଭୀପ୍ସା କର ସେଇ ଅବସ୍ଥାଟିକୁ ପୁଣିଥରେ ନୂଆକରି ଲାଭ କରିବା ପାଇଁ, ଯାହା ତୁମକୁ ଏପରି କିଛି ଦିଗରେ ବାଟ କଢ଼ାଇ ଆଗେଇ ନେବ ଯାହା ଅଧିକ ବାସ୍ତବ ଓ ଅଧିକ ସମଗ୍ର ।

ଏବିଷୟରେ ଅନେକ ପଥନିର୍ଦ୍ଦେଶ ରହିଛି, କିନ୍ତୁ ଯେଉଁ ଅନୁଭୂତିଟି ଆପେ ଆପେ ତୁମ ନିକଟକୁ ଆସେ ତା' ତୁଳନାରେ ଯେଉଁ ମାର୍ଗଟି ତୁମକୁ ଶିଖାଇ ଦିଆଯାଇଛି, ଯେଉଁ ମାର୍ଗଟି ବିଷୟରେ ତୁମେ କୌଣସି ବହିରେ ପଢ଼ିଛ ବା କୌଣସି ଗୁରୁଙ୍କ ଠାରୁ ଶୁଣିଛ, ସେସବୁର କୌଣସି ଫଳପ୍ରଦ ମୂଲ୍ୟ ନାହିଁ । ଏହି ସ୍ୱତଃସ୍ଫୂର୍ତ୍ତ ଅନୁଭୂତିଟି କୌଣସି କାରଣ ନଥାଇ ଅହେତୁକ ଭାବରେ ଆସିଥାଏ, ସରଳଭାବରେ ଏହା ହେଉଛି ଆତ୍ମ-ଜାଗରଣର ପ୍ରସ୍ଫୁଟନ, ତୁମର ଚୈତ୍ୟସତ୍ତା ସହ ଗୋଟିଏ ସେକେଣ୍ଡର ସମ୍ପର୍କହିଁ ତୁମ ପାଇଁ ସବୁଠାରୁ ଉତ୍ତମ ପଥଟି ଦେଖାଇ ଦେଇପାରିବ, ଯାହାକି ତୁମ ସାମର୍ଥ୍ୟ ଭିତରେ ସବୁଠୁ ଉତ୍ତମ, ତା'ପରେ ତୁମ ଲକ୍ଷ୍ୟରେ ପହଞ୍ଚିବା ନିମନ୍ତେ ତାହାକୁ ତୁମେ ଅଧ୍ୟବସାୟ ସହ ଅନୁସରଣ କରିବ — ଗୋଟିଏ ସେକେଣ୍ଡହିଁ ତୁମକୁ ଦେଖାଇଦିଏ କିପରି ଆରମ୍ଭ କରିବାକୁ ହେବ, ଶୁଭାରମ୍ଭଟି... । କେହି କେହି ଏହାକୁ ରାତିରେ ସ୍ୱପ୍ନରେ ଦେଖିବାକୁ ପାଇଥା'ନ୍ତି; କେହି କେହି ବି କୌଣସି ସଂକଟ ବେଳାରେ ପାଇଥା'ନ୍ତି : ଜଣେ ଏପରି କିଛି ଦେଖେ ଯାହା ତାକୁ ଏହି ନୂତନ ଚେତନାରେ ଜାଗ୍ରତ୍ କରାଏ, କିଛି ବାକ୍ୟ ଶୁଣିବାକୁ ପାଏ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଗୋଟିଏ ଅଞ୍ଚଳ ଦେଖେ, ସୁନ୍ଦର ସଂଗୀତ-ସ୍ୱର, କିଂବା କେବଳ କେତେକ ଶବ୍ଦ ପଢ଼ିବାକୁ ପାଇଥାଏ, କିଂବା କୌଣସି ଉଦ୍ୟମରେ ପ୍ରଗାଢ଼ ନିବିଷ୍ଟତା — ଏହିପରି ଯାହାକିଛି, ଏହାକୁ ପାଇବା ପାଇଁ ଏମିତି ସହସ୍ର କାରଣ ଓ ସହସ୍ର ମାର୍ଗ ରହିଛି । କିନ୍ତୁ, ମୁଁ ପୁଣି କହୁଛି, ଏହା ପାଇବା ପାଇଁ ଯେଉଁମାନେ ବିଧିନିର୍ଦ୍ଦିଷ୍ଟ ସେମାନଙ୍କ ଜୀବନରେ ଅନ୍ତତଃ ଥରେ ଏହା ଆସିଥାଏ । ଏହି ଅନୁଭୂତି ହୁଏତ ହଲଚଲ ଭାବରେ ଆସିପାରେ, ସେମାନେ ଅତି ଛୋଟ ଥିବାବେଳେ ଏହା ଆସିପାରେ, କିନ୍ତୁ ଯଥାର୍ଥ ଚେତନାଟି କ'ଣ ବୋଲି ଜଣକ ଜୀବନରେ ଅନ୍ତତଃ ଥରେ ଅନୁଭୂତିଟିଏ ଆସେ । ଯାହାହେଉ, କେଉଁ ପଥ ଅନୁସରଣ କରାହେବ ଏଇଟି ହେଉଛି ତା'ର ସର୍ବୋତ୍ତମ ସୂଚନା ।

କେହି ହୁଏତ ନିଜ ଭିତରେ ଅନ୍ୱେଷଣ କରିପାରେ, ମନନ କରିପାରେ, ନିରୀକ୍ଷଣ କରିପାରେ, କିନ୍ତୁ କ'ଣ ଘଟୁଛି ତା' ଉପରେ ଦୃଷ୍ଟି ରଖିବା ଆବଶ୍ୟକ, ସେବିଷୟରେ ତା'ର ମନ-ଧ୍ୟାନ ଦେବା ଆବଶ୍ୟକ । କେବେ କେବେ ଯେତେବେଳେ ଜଣେ ଉଦାର କାର୍ଯ୍ୟଟିଏ ଦେଖେ, ଅସାମାନ୍ୟ କଥା କିଛି ଶୁଣେ, ଯେତେବେଳେ ଜଣେ ଆତ୍ମାର ବୀରତ୍ୱ ବା ସହୃଦୟତା ବା ମହାନତାକୁ ପ୍ରତ୍ୟକ୍ଷ କରେ, ଏପରି କାହାକୁ ଭେଟେ ଯିଏ କିଛି ବିଶେଷ ଦକ୍ଷତା ପ୍ରଦର୍ଶନ କରିଥାଏ ବା ଅସାଧାରଣଭାବେ ଓ ଶୋଭନୀୟ ଧାରାରେ କାର୍ଯ୍ୟ କରୁଥାଏ, ସେତେବେଳେ ତା' ଭିତରେ ଏକ ପ୍ରକାର ଉତ୍ସାହ ବା ଉଦ୍ଦୀପନା ବା କୃତଜ୍ଞତାର ଭାବ ଦେଖାଦିଏ ଯାହାକି ହଠାତ୍ ତା'ର ସତ୍ତାକୁ ଜାଗ୍ରତ୍ କରାଏ ଓ ଆଗରୁ ଜାଣି ନଥିବା ଏକ ଅବସ୍ଥା ଦିଗରେ, ଚେତନାର ଏକ ନୂତନ ସ୍ତର, ଏକ ଆଲୋକ, ଏକ ଆବେଗ, ଏକ ଆନନ୍ଦ ଦିଗରେ ଦ୍ୱାର ଖୋଲିଦିଏ । ପଥନିର୍ଦ୍ଦେଶକ ସୂତ୍ର ଧରିବା ପାଇଁ ତାହା ମଧ୍ୟ ଏକ ପନ୍ଥା । ଏମିତି ସହସ୍ର ପନ୍ଥା ରହିଛି, ତୁମକୁ କେବଳ ଜାଗ୍ରତ୍ ରହିବାକୁ ହେବ ଓ ଜଗି ରହିବାକୁ ହେବ ।

ସର୍ବପ୍ରଥମେ, ଏହି ଚେତନା-ପରିବର୍ତ୍ତନର ଆବଶ୍ୟକତା ତୁମକୁ ଅନୁଭବ କରିବାକୁ ହେବ, ପଥଟି ଲକ୍ଷ୍ୟ ଦିଗରେ ଅବଶ୍ୟ ବାଟ କଢ଼ାଇ ନେବ — ଏହି ଧାରଣାକୁ ଗ୍ରହଣ କରିବାକୁ ହେବ, ପଦ୍ଧତିଟିକୁ ମାନି ନେବାର ଅର୍ଥ ହେଉଛି ତୁମକୁ ସଜାଗ ରହିବାକୁ ହେବ । ଏବଂ ତୁମେ ଏହା ପାଇବ, ତୁମେ ଏହା ପାଇଥାଅ । ଏବଂ ଥରେ ତୁମେ ଏହା ପାଇଯିବା ପରେ କୌଣସି କୁଣ୍ଠା ବା ଦ୍ୱିଧା ନ ରଖି ତୁମକୁ ସେହି ପଥରେ ଚାଲିବା ଆରମ୍ଭ କରିଦେବାକୁ ହେବ ।

ପ୍ରକୃତରେ ଆରମ୍ଭ ବିନ୍ଦୁଟି ହେଉଛି — ତୁମେ ନିଜକୁ ଭଲଭାବେ ନିରୀକ୍ଷଣ କରିବ, କ୍ରମାଗତ ନିଶ୍ଚେଷ୍ଟତା, କ୍ରମାଗତ ନିରୁତ୍ସାହତା ଭିତରେ ବାସ କରିବ ନାହିଁ; ତୁମକୁ ଅତ୍ୟନ୍ତ ମନୋଯୋଗୀ ହେବାକୁ ହେବ ।

(MCW, Vol. 8, p. 402-5)

# ଅନ୍ତଶ୍ଚେତନାରେ ପ୍ରବେଶହିଁ ପ୍ରଥମ କାମ

## ଶ୍ରୀଅରବିନ୍ଦ

... ... ବ୍ୟକ୍ତିକୁ ପରମ ଦିବ୍ୟସତ୍ୟ ଭିତରେ ପ୍ରବେଶ କରିବାକୁ ହେବ, ତାହା ସହିତ ନିଜର ଅଭିନ୍ନ ଏକତ୍ୱ ଅନୁଭବ କରିବାକୁ ହେବ, ତାହା ଭିତରେ ବାସ କରିବାକୁ ହେବ,ତାହାରହିଁ ଆତ୍ମ-ସୃଜନ ହୋଇ ଉଠିବାକୁ ହେବ । ତାହାରି ଦ୍ୱାରାହିଁ ନିର୍ଦ୍ଧାରିତ ହେବ ବ୍ୟକ୍ତିର ସମସ୍ତ ଚିନ୍ତା, ଅନୁଭବ ଓ କର୍ମ; ବ୍ୟକ୍ତି ହୋଇ ଉଠିବ ସ୍ୱୟଂ ସେହି ସତ୍ୟ ଏବଂ ତାହାର ଆତ୍ମ-ଗଠନ । ବ୍ୟକ୍ତି ଭିତରେ ଏସବୁଗୁଡ଼ିକ ପୂର୍ଣ୍ଣତା ଲାଭ କରିବ କେବଳ ସେତିକି ବେଳେ, ଯେତେବେଳେ ସେ ଅଜ୍ଞାନ ଭିତରୁ ଜ୍ଞାନକୁ ବିବର୍ତ୍ତିତ ହୋଇଛି ଏବଂ ଜ୍ଞାନ ଭିତର ଦେଇ ପରମ ଦିବ୍ୟଚେତନା ଏବଂ ତାହାର ସକ୍ରିୟ ଗତିଶୀଳତା ଓ ଅସ୍ତିତ୍ୱର ପରମ ଆନନ୍ଦ ଲାଭ କରିପାରିଛି । କିନ୍ତୁ ଏସବୁର କିଛିଟା ସାରସତ୍ୟ ଓ ସେଗୁଡ଼ିକର ଯନ୍ତ୍ର ହୋଇ ଉଠିବା ପ୍ରଥମ ଆଧ୍ୟାତ୍ମିକ ପରିବର୍ତ୍ତନ ସହିତ ଆସିପାରେ ଏବଂ ପରେ ଏକ ବିଜ୍ଞାନମୟ ପରା-ପ୍ରକୃତିର ଜୀବନ ଭିତରେ ତାହା ତା'ର ଚରମ ସାର୍ଥକତା ଲାଭ କରିପାରେ ।

କିନ୍ତୁ ଏକ ଅନ୍ତର୍ମୁଖୀ ଜୀବନରେ ବାସ କରିବା ବିନା ଏଗୁଡ଼ିକ ଆଦୌ ସମ୍ଭବପର ନୁହେଁ । ସବୁ ସମୟରେ ବାହାର ଆଡ଼କୁ ଅଭିମୁଖୀ ହୋଇ ରହିଥିବା ଏକ ବାହ୍ୟ-ଚେତନାରେ ରହିଲେ ଏହି ଅବସ୍ଥାରେ କେବେହେଲେ ପହଞ୍ଚ୍ ହେବ ନାହିଁ; ବାହ୍ୟ-ଚେତନା କେବଳ ବା ପ୍ରଧାନତଃ ଉପୁରିଆ ସମ୍ମୁଖ ଭାଗର ଅଂଶରେହିଁ ସକ୍ରିୟ ରହିଥାଏ । ବ୍ୟକ୍ତିସତ୍ତାକୁ ତା'ର ନିଜର ଯଥାର୍ଥ ସ୍ୱରୂପ ଲାଭ କରିବାକୁ ହେବ, ନିଜକୁ ପାଇବାକୁ ହେବ, ତା'ର ଯଥାର୍ଥ ଅସ୍ତିତ୍ୱକୁ ଉପଲବ୍ଧି କରିବାକୁ ହେବ । ଏହା ସେ କେବଳ କରିପାରିବ ନିଜ ଭିତରକୁ ପ୍ରବେଶ କରିବା ଦ୍ୱାରା, ନିଜ ଭିତରେ ଏବଂ ଅନ୍ତର ଭିତରୁ ଜୀବନ ଧାରଣ କରିବା ଦ୍ୱାରା । କାରଣ ବାହ୍ୟ ବା ସମ୍ମୁଖ ଭାଗର ଚେତନା ବା ଜୀବନ, ଯେତେବେଳେ ଆନ୍ତର ସତ୍ୟଠାରୁ ବିଚ୍ଛିନ୍ନ ହୋଇ ଯାଇଥାଏ ସେତେବେଳେ ତାହା ହୋଇଥାଏ ଏକ ଅଜ୍ଞାନର କ୍ଷେତ୍ର । କେବଳ ଏକ ଅନ୍ତର୍ସତ୍ତାର ଆତ୍ମା ଓ ଜୀବନର ବିଶାଳତା ଦିଗରେ ନିଜକୁ ଖୋଲି ଧରିବା ଦ୍ୱାରାହିଁ ଏହା ନିଜକୁ ତଥା ଅଜ୍ଞାନକୁ ଅତିକ୍ରମ କରିପାରେ । ଆମ ଭିତରେ ଯଦି ଏକ ବିଶ୍ୱାତୀତ ସତ୍ୟର ସତ୍ତା ରହିଛି, ତେବେ ତାହା ରହିଛି ନିଶ୍ଚୟ ଆମର ଗୋପନ ଆତ୍ମସତ୍ତାରେ । ବାହ୍ୟ, ସମ୍ମୁଖ ଭାଗରେ ରହିଛି କେବଳ ସୀମା ଓ ପରିବେଶ ପରିସ୍ଥିତି ଦ୍ୱାରା ଗଠିତ ପ୍ରକୃତିର ଏକ କ୍ଷଣସ୍ଥାୟୀ ସୀମିତ ସତ୍ତା । ବିଶାଳତା ଓ ବିଶ୍ୱଭାବ ପାଇଁ ସମର୍ଥ ଏକ ଆତ୍ମା ଯଦି ଆମ ଭିତରେ ରହିଛି ଯାହାକି ଏକ ବିଶ୍ୱ-ଚେତନା ଭିତରକୁ ପ୍ରବେଶ କରିବା ପାଇଁ ସକ୍ଷମ, ତା'ହେଲେ ତାହା ମଧ୍ୟ ଆମ ଅନ୍ତର୍ସତ୍ତାରେହିଁ ରହିଛି । ବାହ୍ୟ-ଚେତନା ହେଉଛି କେବଳ ଏକ ସ୍ଥୂଳ, ଦୈହିକ ଚେତନା ଏବଂ ଏହା ମନ, ପ୍ରାଣ, ଶରୀର ରୂପକ ତ୍ରିରଜ୍ଜୁର ନିଜ ବ୍ୟକ୍ତିଗତ ସୀମା ଦ୍ୱାରା ଆବଦ୍ଧ । ବିଶ୍ୱଗତତା ପାଇଁ କୌଣସି ବାହ୍ୟ ପ୍ରଚେଷ୍ଟାର କେବଳ ମାତ୍ର ଫଳ ହେବ ହୁଏତ ନିଜ ଅହଂର ଏକ ବିପୁଳ ପ୍ରସାର ବା ପୃଥିବୀର ଜନସାଧାରଣଙ୍କ ଭିତରେ ବା ସେମାନଙ୍କ ଆଧିକ୍ୟ ଓ ବଶ୍ୟତା ଭିତରେ ନିଜ ବ୍ୟକ୍ତିତ୍ୱର ବିଲୟ ବା ବିଲୋପ । କେବଳ ଏକ ଆନ୍ତର ଅଭିବୃଦ୍ଧି, ଆନ୍ତର ଗତିବୃତ୍ତି ଓ କର୍ମ ଦ୍ୱାରାହିଁ ବ୍ୟକ୍ତି ସ୍ୱାଧୀନ ଭାବରେ ଓ ଫଳପ୍ରଦ ଭାବରେ ନିଜ ସତ୍ତାର ବିଶ୍ୱଗତ ଓ ବିଶ୍ୱାତୀତ ସତ୍ୟକୁ ଲାଭ କରିପାରେ । ଦିବ୍ୟ-ଜୀବନ ଧାରଣ କରିବାକୁ ହେଲେ ସତ୍ତାର ସମସ୍ତ ସକ୍ରିୟ ଗତିଶୀଳ ସାର୍ଥକତାର କେନ୍ଦ୍ର ଓ ଆଶୁ ଉତ୍ସକୁ ପରିବର୍ତ୍ତିତ କରିବାକୁ ହେବ ବାହାରରୁ ଭିତରକୁ । କାରଣ ଆତ୍ମାର ଅଧିଷ୍ଠାନ ସେହି ଭିତରେହିଁ, କିନ୍ତୁ ତାହା ଆବୃତ ବା ଅର୍ଦ୍ଧାଚ୍ଛାଦିତ ହୋଇ ରହିଛି ଏବଂ ଆମ କର୍ମର ଆଶୁସତ୍ତା ଓ ଉତ୍ସ ବର୍ତ୍ତମାନ ପାଇଁ କେବଳ ସମ୍ମୁଖ ବାହ୍ୟ ଭାଗରେହିଁ ରହିଥାଏ । ଉପନିଷଦର କଥାରେ ମଣିଷମାନଙ୍କ ଭିତରେ ସ୍ୱୟଂ-ପ୍ରତିଷ୍ଠ ସତ୍ତା ଚେତନାର ଦ୍ୱାରଗୁଡ଼ିକୁ ବାହାରକୁ ଖୋଲି ଦେଇଛି, ଏବଂ ଅଳ୍ପ କେଇଜଣ ମାତ୍ର ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ କରି ଭିତର ଆଡ଼କୁ ଦିଅନ୍ତି ଏବଂ କେବଳ ଏହିମାନେହିଁ ଆତ୍ମାର ଦର୍ଶନ ଲାଭ କରନ୍ତି, ତାହାର ଉପଲବ୍ଧି କରନ୍ତି ଏବଂ ନିଜର ଆଧ୍ୟାତ୍ମିକ ସତ୍ତାର ବିକାଶ ସାଧନ କରନ୍ତି । ତେଣୁ ନିଜ ଭିତରକୁ ଦୃଷ୍ଟି ଦେବା ଏବଂ ନିଜ ଭିତରକୁ ପ୍ରବେଶ କରିବା ଓ ଭିତରେ ବାସ କରିବା ହେଉଛି ପ୍ରକୃତିର ରୂପାନ୍ତର ଓ ଦିବ୍ୟଜୀବନ ଲାଭ କରିବା ଦିଗରେ ସର୍ବପ୍ରଥମ ପ୍ରୟୋଜନୀୟତା ।

ନିଜର ଅନ୍ତର ଭିତରକୁ ପ୍ରବେଶ କରିବା ଓ ନିଜ ଅନ୍ତରରେ ବାସ କରିବାର ଏହି ଗତିବୃତ୍ତିକୁ ମଣିଷମାନଙ୍କ ସାଧାରଣ ଚେତନା ଉପରେ ସ୍ଥାପନ କରିବା ଏକ କଷ୍ଟସାଧ୍ୟ କାମ । କିନ୍ତୁ ଏହା ଛଡ଼ା ଆତ୍ମ-ଉପଲବ୍ଧିର ଆଉ ଅନ୍ୟ କୌଣସି ବାଟ ନାହିଁ । ବସ୍ତୁବାଦୀ ଦର୍ଶନର ଭାବୁକ ବାହ୍ୟମୁଖୀନତା ଓ ଅନ୍ତର୍ମୁଖୀନତା ଭିତରେ ଏକ ବିରୋଧ ଛିଡ଼ା କରି ଏହି ମତ ପୋଷଣ କରେ ଯେ ବହିର୍ମୁଖୀ ମନୋଭାବହିଁ ଏକମାତ୍ର ନିରାପଦ ଓ ଶ୍ରେୟସ୍କର ପଥ । ଅନ୍ତର୍ମୁଖୀ ଭାବ ନେଇ ଭିତରକୁ ପ୍ରବେଶ କରିବାର ଅର୍ଥ ହେଉଛି ଏକ ଅନ୍ଧକାର ବା ଶୂନ୍ୟତା ଭିତରକୁ ପ୍ରବେଶ କରିବା ଅଥବା ଚେତନାର ଭାରସାମ୍ୟ ହରାଇ ବିଷାଦଗ୍ରସ୍ତ ହୋଇପଡ଼ିବା; ତଥାକଥିତ ଅନ୍ତର୍ଜୀବନକୁ ଗଠନ କରିବାକୁ ହେଲେ ତାହାକୁ ବାହାରୁହିଁ ଗଠିତ କରିବାକୁ ହେବ ଏବଂ ସେହି ଜୀବନର ସ୍ୱାସ୍ଥ୍ୟ ସଂପର୍କରେ ନିଶ୍ଚିତ ରହିବାକୁ ହେଲେ ତାହାକୁ କଡ଼ାକଡ଼ି ନିର୍ଭର କରିବାକୁ ପଡ଼ିବ ବାହାରର ସୁଷମ ଓ ସ୍ୱାସ୍ଥ୍ୟଦାୟୀ ଉତ୍ସଗୁଡ଼ିକ ଉପରେ । କେବଳ ବାହ୍ୟ ବାସ୍ତବତାର ଦୃଢ଼ ପୃଷ୍ଠପୋଷକତା ଉପରେହିଁ ବ୍ୟକ୍ତିଗତ ମନ ଓ ଜୀବନର ଭାରସାମ୍ୟ ଗଠିତ ହୋଇପାରେ, କାରଣ ବାହାରର ବସ୍ତୁଗତ ଜଡ଼ଜଗତହିଁ ଏକମାତ୍ର ମୌଳିକ ବାସ୍ତବତା । ଏହା ସତ୍ୟ ହୋଇପାରେ ସେହି ଦେହପ୍ରଧାନ ମଣିଷ ପାଇଁ, ଯେ ଜନ୍ମରୁହିଁ ବହିର୍ମୁଖୀ, ଯେ ନିଜକୁ ଅନୁଭବ କରେ ବାହ୍ୟ ବିଶ୍ୱପ୍ରକୃତି ଦ୍ୱାରା ଗଠିତ ଓ ସେହି ପ୍ରକୃତି ଉପରେ ନିର୍ଭରଶୀଳ, ତାହାରହିଁ ଏକ ଜୀବରୂପେ; ସେହି ଲୋକ ଯଦି ନିଜ ଭିତରକୁ ପ୍ରବେଶ କରେ ତା'ହେଲେ ସେ ନିଜକୁ ହରାଇ ବସିବ କାରଣ ତା ପାଇଁ ଅନ୍ତର୍ସତ୍ତା ବୋଲି କିଛି ନାହିଁ, ଅନ୍ତର୍ଜୀବନ ବୋଲି କିଛି ନାହିଁ । କିନ୍ତୁ ଏହି ଧରଣର ସାଧାରଣ ଅନ୍ତର୍ମୁଖୀ ସ୍ୱଭାବସଂପନ୍ନ ବ୍ୟକ୍ତିର ମଧ୍ୟ ଯଥାର୍ଥ ଅନ୍ତର୍ଜୀବନ ନ ଥାଏ, ସେ ଯଥାର୍ଥ ଅନ୍ତରାତ୍ମାର ବା ଅନ୍ୟାନ୍ୟ ଆନ୍ତର ସତ୍ୟର ଏକ ଦ୍ରଷ୍ଟା ନୁହେଁ, କିନ୍ତୁ କ୍ଷୁଦ୍ର ମନୋପ୍ରଧାନ ମଣିଷଟିଏ, ଯେ ଉପର ଠାଉରିଆ ଭାବେ ନିଜ ଭିତରକୁ ଦୃଷ୍ଟି ପକାଏ ଏବଂ ସେଠାରେ ସେ ତା'ର ଆଧ୍ୟାତ୍ମିକ ସତ୍ତାକୁ ଦେଖେ ନାହିଁ, ଦେଖିଥାଏ ତା'ର ପ୍ରାଣର ଅହଂକୁ ଓ ମନର ଅହଂକୁ ଏବଂ ସେହି କ୍ଷୁଦ୍ର, ଦୟନୀୟ ବାମନ ଜୀବଟିର ଗତିବିଧିକୁ ନେଇ ଅସ୍ୱାସ୍ଥ୍ୟକର ଭାବେ ଜଡ଼ିତ ହୋଇ ରୁହେ ।

ନିଜ ଭିତରକୁ ଦୃଷ୍ଟିପାତ କଲାବେଳେ ଏକ ଆନ୍ତର ଅନ୍ଧକାରର ଧାରଣା ଓ ଅନୁଭୂତି ହୋଇଥାଏ ସେହି ମନୋଭାବର ପ୍ରଥମ ପ୍ରତିକ୍ରିୟା, ଯେକି ସଦା ସର୍ବଦା କେବଳ ବାହ୍ୟ ଉପରିଭାଗ ଚେତନାରେହିଁ ବାସ କରି ଆସିଛି ଏବଂ ଅନ୍ତର୍ଜୀବନର କୌଣସି ଅନୁଭୂତି ପାଇ ନାହିଁ । ତା'ର ରହିଛି କେବଳ ଏପରି ଏକ ଗଠିତ ଆନ୍ତର ଅନୁଭୂତି ଯାହା ନିଜ ସତ୍ତାର ଉପକରଣଗୁଡ଼ିକ ପାଇଁ ବାହ୍ୟଜଗତ ଉପରେ ନିର୍ଭର କରେ । କିନ୍ତୁ ଯେଉଁମାନଙ୍କ ରଚନା ବା ନିର୍ମାଣ ଭିତରକୁ ଅଧିକତର ଅନ୍ତର୍ଜୀବନର ଶକ୍ତି ପ୍ରବେଶ କରିଥାଏ, ସେମାନଙ୍କ କ୍ଷେତ୍ରରେ ଗଭୀର ଭିତରକୁ ପ୍ରବେଶ କରିବା, ସେହି ଗଭୀରରେ ବାସ କରିବା କୌଣସି ଅନ୍ଧକାର ବା ଏକ ମାନ୍ଦା ଶୂନ୍ୟତା ଆଣିଦିଏ ନାହିଁ; ତାହା ଆଣିଦିଏ ଏକ ବ୍ୟାପକ ପ୍ରସାର, ନୂତନ ଅନୁଭୂତିର ଏକ ପ୍ଳାବନ, ଏକ ବୃହତ୍ତର ଦୃଷ୍ଟି, ଏକ ବିପୁଳତର ସାମର୍ଥ୍ୟ । ଏହା ଆଣିଦିଏ ଏପରି ଏକ ପ୍ରସାରିତ ଜୀବନ ଯାହାକି ଆମର ସ୍ୱାଭାବିକ ସ୍ଥୂଳ ମଣିଷ ଦ୍ୱାରା ନିଜ ପାଇଁ ଗଠିତ ପୂର୍ବର ସଂକୀର୍ଣ୍ଣ ଜୀବନ ଅପେକ୍ଷା ଅନନ୍ତ ଗୁଣରେ ଅଧିକ ବାସ୍ତବ ଓ ବୈଚିତ୍ର୍ୟମୟ । ଏହା ଆଣିଦିଏ ଏପରି ଏକ ସତ୍ତାର ଆନନ୍ଦ ଯାହାକି ବାହ୍ୟ ପ୍ରାଣିକ ମଣିଷ ବା ବାହ୍ୟ ମନୋପ୍ରଧାନ ମଣିଷ ନିଜର ଗତିଶୀଳ ପ୍ରାଣିକ ଶକ୍ତି ଓ କର୍ମ ଦ୍ୱାରା ବା ନିଜ ମନୋମୟ ଜୀବନର ସୂକ୍ଷ୍ମତା ବା ବିସ୍ତାର ଦ୍ୱାରା ଆଣୁଥିବା ଜୀବନର ଆନନ୍ଦ ଅପେକ୍ଷା ଅନେକ ଅଧିକ ବିଶାଳତର ଓ ସମୃଦ୍ଧତର ।

ଏହି ଆନ୍ତର ଆଧ୍ୟାତ୍ମିକ ଅନୁଭୂତିର ଅଙ୍ଗ ହେଉଛି ଏକ ନିରବତା, ଯାହାକି ଏକ ବ୍ୟାପକ ବା ଏପରିକି ବିପୁଳ ଓ ଅନନ୍ତ ଶୂନ୍ୟତା ଭିତରକୁ ପ୍ରବେଶ ବୋଲି କୁହାଯାଇ ପାରେ । ଏହି ନିରବତା ଓ ଶୂନ୍ୟତା ପ୍ରତି ସ୍ଥୂଳ, ଦୈହିକ ମନର ଏକ ପ୍ରକାର ଭୟ ରହିଛି; କ୍ଷୁଦ୍ର ଓ ଉପର ଠାଉରିଆ ଭାବେ ସକ୍ରିୟ ଚିନ୍ତାଶୀଳ ମନ ଓ ପ୍ରାଣିକ ମନର ଏଥିରୁ ସଂକୁଚିତ ହୋଇ ଆସିବାର ବା ଏଥିପାଇଁ ବିତୃଷ୍ଣାର ଏକ ଭାବ ରହିଛି – କାରଣ ଏହା ଏହି ନିରବତାକୁ ମାନସିକ ଓ ପ୍ରାଣିକ ଅସାମର୍ଥ୍ୟ ବୋଲି, ଏବଂ ଏହି ଶୂନ୍ୟତାକୁ ଏକ ବିଲୋପ ବା ଅସ୍ତିତ୍ୱହୀନତା ବୋଲି ଭୁଲ୍ କରିଥାଏ । କିନ୍ତୁ ଏହି ନିରବତା ହେଉଛି ଆତ୍ମାର ନିରବତା ଏବଂ ଏହା ଏକ ମହତ୍ତର ଜ୍ଞାନ, ଶକ୍ତି ଏବଂ ଆନନ୍ଦର ଅବସ୍ଥା ଏବଂ ଏହି ଶୂନ୍ୟତା ହେଉଛି ଆମ ସାଧାରଣ ସ୍ୱାଭାବିକ ସତ୍ତାର ପାତ୍ରଟିକୁ ଖାଲି କରିଦେବା; ଏହା ହେଉଛି ଏହା ଭିତରେ ରହିଥିବା ପଙ୍କିଳ ଉପାଦାନସବୁରୁ ମୁକ୍ତି, ଯାହାଫଳରେ ଏହା ଭଗବାନଙ୍କ ଦିବ୍ୟରସରେ ପୂର୍ଣ୍ଣ ହୋଇ ପାରିବ । ଏହା ଅସ୍ତିତ୍ୱହୀନତା ଭିତରକୁ ନୁହେଁ, ଏକ ମହତ୍ତର ଅସ୍ତିତ୍ୱ ଭିତରକୁ ପ୍ରବେଶ । ଏପରିକି ଯଦି ସତ୍ତା ଏହା ଫଳରେ

ନିର୍ବାଣ-ଅଭିମୁଖୀ ହୁଏ, ତେବେ ଏହା ଅନସ୍ତି ବା ଅସ୍ତିତ୍ୱହୀନତା ଭିତରେ ନିର୍ବାଣ ନୁହେଁ, ଏହା ହେଉଛି ଆଧ୍ୟାତ୍ମିକ ସତ୍ତାର ଏକ ବିପୁଳ ଅନିର୍ବଚନୀୟ ସତ୍ୟ ଭିତରେ ନିର୍ବାଣ ବା ପରମ ଅଖଣ୍ଡଙ୍କର ସେହି ଦିବ୍ୟ ଅତିଚେତନା ଭିତରକୁ ବୁଡ଼ିଯିବା, ଯାହା ଅବର୍ଣ୍ଣନୀୟ, ଅପ୍ରକାଶ୍ୟ ଓ ସମସ୍ତ ଆଦାନପ୍ରଦାନର ଅତୀତ ।

(Hour of God, Compiled by Sahitya Academy, pp. 39 - 41) ✤

ଏଠାରେ ଯାତ୍ରୀ ତା'ର ଊର୍ଦ୍ଧ୍ୱମୁଖୀ ପଥେ –
ନରକର ରାଜ୍ୟ ଭେଦ କରି ଦୁଃସାହସେ ସ୍ୱର୍ଗର ସରଣୀ ଆବର୍ତ୍ତିତ ହୋଇ ଉଠିଚାଲିଛି –
ଏଠାରେ କ୍ଷଣ ପାଇଁ ରହିବ ଅଥବା ଧୀରେ ପାର ହୋଇଯିବ ସେହି ବିପଦର ପ୍ରସାରକୁ,
ଓଷ୍ଠପ୍ରାନ୍ତେ ନେଇ ଏକ ପ୍ରାର୍ଥନା ଏବଂ ସେହି ମହାନାମ ।
ଯଦି ନିରୀକ୍ଷଣର ଶାଣିତ ବଲ୍ଲମାଗ୍ର ପରୀକ୍ଷା ନକରି ଚାଲେ ପ୍ରତି ପଦକ୍ଷେପ
ସ୍ଖଳନ ହୋଇପାରେ ତା'ର ଅସତ୍ୟର ଅନ୍ତହୀନ ଜାଲପାଶେ ।
ପଛକୁ ଚାହିଁ ତାକୁ ଦେଖିବାକୁ ହେବ ବାରଂବାର
କୌଣସି ଶତ୍ରୁର ନିଃଶ୍ୱାସ ସ୍ପର୍ଶ କରେ ଅବା ତା'ର ପୃଷ୍ଠଦେଶ;
ନହେଲେ ପଶ୍ଚାତରୁ ଲୁଚି ଆସି ପଡ଼ିବ ନିର୍ମମ ପ୍ରହାର
ଭୂଲୁଣ୍ଠିତ କରି ଦେଇପାରେ ତାରେ ଏବଂ ପୋତିଦେବ କଳୁଷିତ ମାଟିରେ
ପୃଷ୍ଠଦେଶ ତା'ର ଦୀର୍ଣ୍ଣ ହୋଇପାରେ ମହାପାପର ଉଗ୍ର ଫଳକାଘାତେ ।
ଶାଶ୍ୱତର ପଥ ଉପରେ ଏହିପରି ପଦସ୍ଖଳନ ହୁଏ
ହଜିଯାଏ ଅନ୍ତରାତ୍ମାର ଏକମାତ୍ର ସୁଯୋଗ ମହାକାଳ ସ୍ରୋତେ
ଅଭାଗାର କୌଣସି ସମ୍ବାଦ ପହୁଞ୍ଚେନା ଯାଇ ଅପେକ୍ଷମାଣ ଦେବତାମାନଙ୍କ ପାଶେ,
'ନିଖୋଜ' ବୋଲି ଲେଖାଥାଏ ଅନ୍ତରାତ୍ମାମାନଙ୍କର  ନାମ-ତାଲିକାରେ,
ନାମ ତା'ର ନିର୍ଦ୍ଦେଶ କରେ ବ୍ୟର୍ଥ ଆଶା,
ସ୍ମୃତିଗତ ମୃତ-ତାରକାର ଅତୀତ ଅବସ୍ଥାନ ।
ନିର୍ବିଘ୍ନ କେବଳ ସେହିମାନେ ଯିଏ ଭଗବାନଙ୍କୁ ରଖିଛନ୍ତି ହୃଦ ଅଭ୍ୟନ୍ତରେ :
ସାହସ ତାଙ୍କର ବର୍ମ, ବିଶ୍ୱାସ କୃପାଣ, ଆଗେଇ ଚାଲନ୍ତି ସେମାନେ,
ବାହୁ ସର୍ବଦା ପ୍ରସ୍ତୁତ ଆଘାତ ଦେବାକୁ, ଚକ୍ଷୁଦ୍ୱୟ ଦିଅନ୍ତି ପହରା,
ଦୃଷ୍ଟି ସମ୍ମୁଖରେ ଯେପରି ପ୍ରସାରିତ ବର୍ଚ୍ଛାଫଳକ,
ଜ୍ୟୋତିଃର ସେନାବାହିନୀ ସେମାନେ ବୀର ଏବଂ ଯୋଦ୍ଧା ।

('Savitri', BOOK II, CANTO VII : *The Descent into Night,* p 210-11) – ଶ୍ରୀଅରବିନ୍ଦ
(ବଙ୍ଗଳା ଅନୁବାଦ : ଶ୍ରୀ ନଳିନୀକାନ୍ତ ଗୁପ୍ତ, ଓଡ଼ିଆ ଭାଷାନ୍ତର : ଶ୍ରୀ ରାଜକୃଷ୍ଣ ମହାନ୍ତି)

# ଚେତନାର ଅଧୋଗତି

## ଶ୍ରୀମା

*(ରୁଚିହୀନ ଅଶ୍ଳୀଳ ସିନେମା ସଙ୍ଗୀତ ପ୍ରସଙ୍ଗରେ ମାଆ ଏହି କଥାଗୁଡ଼ିକ କହିଥିଲେ ।)*

ପ୍ରତ୍ୟେକଟି ଜିନିଷ ଯାହା ଚେତନାକୁ ନିମ୍ନମୁଖୀ କରାଏ, ତାହା ବ୍ୟକ୍ତିର ଅଗ୍ରଗତି ପାଇଁ ଏକ ପ୍ରତିବନ୍ଧକ । ତୁମ ଭିତରେ ଯଦି କୌଣସି କାମନା ରହିଥାଏ ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମ ଭିତରେ ଯଦି ଏକ ମନ୍ଦ ଚିନ୍ତା ବା ଅସଦିଚ୍ଛା ରହିଥାଏ, ତେବେ ତାହା ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମେ ଯଦି କୌଣସି ଧରଣର ମିଥ୍ୟାଚାରକୁ ସ୍ୱାଗତ ଜଣାଅ ତେବେ ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ତୁମେ ଯଦି ନିଜ ଭିତରେ କୌଣସି ଅଶ୍ଳୀଳତାକୁ ପୋଷଣ କର ତାହା ତୁମ ଅଗ୍ରଗତିରେ ବାଧା ସୃଷ୍ଟି କରେ; ପ୍ରତ୍ୟେକଟି ଜିନିଷ ଯାହା ଦିବ୍ୟ ସତ୍ୟ ସଙ୍ଗରେ ସଙ୍ଗତି ରଖିପାରେ ନାହିଁ ତାହା ଅଗ୍ରଗତିରେ ବାଧା ସୃଷ୍ଟି କରେ; ଏବଂ ପ୍ରତ୍ୟେକ ଦିନ ଆମେ ଶହ ଶହ ସଂଖ୍ୟାରେ ଏହିଭଳି ଜିନିଷ ଦେଖିବାକୁ ପାଉ ।

ଉଦାହରଣସ୍ୱରୂପ ଧୈର୍ଯ୍ୟ ହରାଇବାର ପ୍ରତ୍ୟେକଟି ଗତିବୃତ୍ତି, କ୍ରୋଧର ପ୍ରତ୍ୟେକଟି ଗତିବୃତ୍ତି, ହିଂସାର ପ୍ରତ୍ୟେକଟି ଗତିବୃତ୍ତି, କପଟତାର ପ୍ରତ୍ୟେକଟି ପ୍ରବୃତ୍ତି, ସତ୍ୟର ପ୍ରତ୍ୟେକଟି ବିରୂପୀକରଣ, ତାହା ବଡ଼ ହେଉ ବା ଛୋଟ ହେଉ, ପ୍ରତ୍ୟେକଟି ଅସଦିଚ୍ଛା, ପ୍ରତ୍ୟେକଟି ପକ୍ଷପାତୀ ବିଚାର, ପ୍ରତ୍ୟେକଟି ଭୁଲ୍ ପସନ୍ଦ, ରୁଚିହୀନତାକୁ,...ହଁ, ଅଶ୍ଳୀଳତାକୁ ପ୍ରତ୍ୟେକଟି ପ୍ରୋତ୍ସାହନ – ଏସବୁକୁ ଆମେ ନିରନ୍ତର ବାଟରେ ଭେଟୁ । ଏଗୁଡ଼ିକ, ଏହି ଗତିବୃତ୍ତିଗୁଡ଼ିକ ଭିତରୁ ପ୍ରତ୍ୟେକଟି ତାହା ଛୋଟ ହେଉ ବା ବଡ଼ ହେଉ, କ୍ଷଣିକ ହେଉ ବା ସ୍ଥାୟୀ ହେଉ, ଏଗୁଡ଼ିକ ହେଉଛି ତୁମ ନିଜ ଅଗ୍ରଗତିରେ ପ୍ରତିବନ୍ଧକର ପ୍ରାଚୀର ନିର୍ମାଣ ପାଇଁ ଜମା ହୋଇଥିବା ଗଦା ଗଦା ପଥର । ଏହା କେବଳ ଗୋଟିଏ ଜିନିଷ ନୁହେଁ, ଶହ ଶହ, ସହସ୍ର ସହସ୍ର ସଂଖ୍ୟାରେ ଏଗୁଡ଼ିକ ରହିଛନ୍ତି । ନିଜ ଭିତରେ କେଉଁଠି ଟିକେ ପସନ୍ଦର ଭାବ ରହିଲା, ତାହାହିଁ ତୁମକୁ ଧୈର୍ଯ୍ୟହରା କରାଇ ଦେବା ପାଇଁ ଯଥେଷ୍ଟ, କିଛି ଲୁଚାଇବାକୁ ଟିକେ ବାସନା ଉଦ୍ରେକ କରି ଦେବା ପାଇଁ ତାହା ଯଥେଷ୍ଟ, କିଛି ବିରକ୍ତି ଅନୁଭବ କରିବା ପାଇଁ ଉଦ୍ୟମରେ ଅରୁଚି ଆଣିଦେବା ପାଇଁ ଯଥେଷ୍ଟ... ଏଥିଭିତରୁ ଆଦୌ କିଛି ଟିକେ ମଧ୍ୟ ଯଥେଷ୍ଟ, ଯେଉଁଗୁଡ଼ିକର କାମନା-ବାସନା ସହ, ପସନ୍ଦ-ଅପସନ୍ଦ ବା ଘୃଣା ବିରକ୍ତି ଆଦି ଭାବ ସହ କିଛି ସମ୍ପର୍କ ଥାଏ, ତୁମ ପ୍ରଗତିରେ ବାଧା ସୃଷ୍ଟି ପାଇଁ ସେଥିଭିତରୁ ସାମାନ୍ୟଟିକେ ମଧ୍ୟ ଯଥେଷ୍ଟ । ଆଉ ବୁଦ୍ଧିଗତ ସତ୍ତା, କଳାତ୍ମକ ସତ୍ତା ଦୃଷ୍ଟିରୁ ବିଚାର କଲେ, ସଂସ୍କୃତିର ବାହାର ଓ ଭିତର ଦିଗରୁ ରୁଚିର ପ୍ରତ୍ୟେକଟି ହାନି ଓ ଅଭାବ ଏକ ଭୟଙ୍କର ପ୍ରତିବନ୍ଧକ ସୃଷ୍ଟି କରେ ।

ମୁଁ କହିବି, ରୁଚି ଦୃଷ୍ଟିରୁ, କଳାତ୍ମକ ଓ ସାହିତ୍ୟିକ ରୁଚି ଦୃଷ୍ଟିରୁ ଏହି ଜଗତ୍ ଚରମ ଆତିଶଯ୍ୟର ଏକ ଜଗତ୍ । ଗୋଟିଏ ଦିଗରେ ଯାହାକିଛି ଯଥାର୍ଥରେ ଅତି ଉଚ୍ଚକୋଟୀର, ଅତି ଶୁଦ୍ଧ, ଅତି ମହତ୍, ସେଗୁଡ଼ିକୁ ଆବିଷ୍କାର କରିବା ପାଇଁ ଏହା ଚରମ ପ୍ରୟାସ କରେ, ପୁଣି ଅନ୍ୟ ଦିଗରେ ଏହା ଏପରି ଏକ ଅଶ୍ଳୀଳତା ଭିତରେ ବୁଡ଼ିଯାଏ ଯେ ଗତ ଦୁଇ ତିନି ଶତାବ୍ଦୀରେ ଯେତିକି ଅଶ୍ଳୀଳତା ପ୍ରକାଶ ପାଇଥିଲା ତା'ଠାରୁ ଏହା ଅନନ୍ତ ଗୁଣରେ ଅଧିକ ଅଶ୍ଳୀଳ । କୌତୂହଳର ବିଷୟ ହେଉଛି, ଯଦି ଆମେ ଗତ ଦୁଇ ତିନି ଶତାବ୍ଦୀ ପଛକୁ ଫେରିଯାଉ ତା'ହେଲେ ଦେଖିବା ଯେଉଁ ଲୋକମାନେ ଅମାର୍ଜିତ ହୋଇ ରହିଥିଲେ, ସେମାନଙ୍କର ରୁଚି ହୁଏତ ଟିକେ ସ୍ଥୂଳ ଧରଣର ଥିଲା; କିନ୍ତୁ ସେମାନଙ୍କର ସ୍ଥୂଳତା ଅନେକଟା ଇତର ପ୍ରାଣୀମାନଙ୍କ ସଦୃଶ ଥିଲା, ତହିଁରେ ବିଶେଷ କିଛି ବିକୃତି ପ୍ରକାଶ ପାଇ ନ ଥିଲା, ସାମାନ୍ୟ କିଛି ହୁଏତ ଥିଲା, କାରଣ ମନ ଆସିଯିବା ସଙ୍ଗେ ସଙ୍ଗେ ତା' ସହ କିଛିଟା ବିକୃତି ମଧ୍ୟ ଆସିଯାଏ, ତେବେ ତହିଁରେ ଏକ ବଡ଼ ଧରଣର ବିକୃତି ଥିଲା ବୋଲି କୁହାଯାଇ ପାରିବ ନାହିଁ । କିନ୍ତୁ ବର୍ତ୍ତମାନ, ଯାହା ଅତି ଉଚ୍ଚତମ ଶିଖରକୁ ଉଠି ନ ଯାଇଛି ଓ ଏହି ସମତଳ ଭୂମିରେ ରହିଛି ତାହା ନିଜର ସ୍ଥୂଳତାରେ *ପୂରାପୂରି* ବିକୃତ ହୋଇ ଉଠିଛି; ଅର୍ଥାତ୍ ଏହା କେବଳ ଅଜ୍ଞ ଓ ନିର୍ବୋଧ ହୋଇ ରହି ନାହିଁ, ଏହା ହୋଇ ଉଠିଛି କୁତ୍ସିତ, ଆବର୍ଜନାପୂର୍ଣ୍ଣ ଓ ଘୃଣ୍ୟ, ଏହା କଦାକାର, ବୀଭତ୍ସ, *ଅତ୍ୟନ୍ତ* ନୀଚ ଓ ହୀନ ହୋଇ ପଡ଼ିଛି । ବାସ୍ତବରେ ମନର ଭୁଲ୍ ପ୍ରୟୋଗ ଦ୍ୱାରାହିଁ ଏହାର ଏହି ଦୁର୍ଦ୍ଦଶା ଘଟିଛି । ମନ ବ୍ୟତିରେକେ ଏହି ବିକୃତିର

କୌଣସି ଅସ୍ତିତ୍ୱ ନ ଥା'ନ୍ତା, ମନର ଭୁଲ୍ ପ୍ରୟୋଗହିଁ ଏହାର ଏହି ଦୁର୍ଦ୍ଦଶାର କାରଣ । ବର୍ତ୍ତମାନ ଏହା ଏପରି ଏକ ରୂପ ନେଇଛି ଯାହା ସବୁଦୃଷ୍ଟିରୁ କୁତ୍ସିତ; ଅଶ୍ଳୀଳ ଏବଂ କୁତ୍ସିତ ।

ଏପରି ଜିନିଷସବୁ ଦେଖିବାକୁ ମିଳେ ଯାହାକୁ ଆଜିକାଲି ବେଶ୍ ସୁନ୍ଦର ବୋଲି କୁହାଯାଉଛି... ମୁଁ ଏପରିସବୁ ଫଟୋଗ୍ରାଫ୍ ବା ପ୍ରତିଚ୍ଛବି ସବୁ ଦେଖିଛି ଯେଉଁଗୁଡ଼ିକୁ ଖୁବ୍ ସୁନ୍ଦର ବୋଲି ବିଚାର କରାଯାଏ, କିନ୍ତୁ ସେଗୁଡ଼ିକ ପ୍ରକୃତରେ ଭୟଙ୍କର ବିକୃତି ଓ ଅଶ୍ଳୀଳତାର ପରିଚାୟକ, ଅଥଚ ଲୋକମାନେ ସେଗୁଡ଼ିକର ସୌନ୍ଦର୍ଯ୍ୟ ଦେଖି ଆତ୍ମହରା ହୋଇ ଉଠନ୍ତି ! ଏପରି ହେବାର କାରଣ ହେଉଛି ତହିଁରେ ଏପରି କିଛି ରହିଛି ଯାହା ବିକଳାଙ୍ଗ, ଯାହା କେବଳ ସଂସ୍କୃତିହୀନ ନୁହେଁ ବା ଅମାର୍ଜିତ ନୁହେଁ, ତା'ଠାରୁ ଆହୁରି ଖରାପ, ସେଗୁଡ଼ିକ ସଂପୂର୍ଣ୍ଣ ବିକଳାଙ୍ଗ । କିଛି ଅଜ୍ଞ ଓ ଅଶିକ୍ଷିତଙ୍କ ଭିତରେ ଶିକ୍ଷା ବା ଜ୍ଞାନ ଆଣିଦେବା ଅପେକ୍ଷା ବିକୃତ ବିକଳାଙ୍ଗ କିଛିଙ୍କୁ ସଂଶୋଧିତ ଓ ମାର୍ଜିତ କରିବା ଅନେକ ବେଶୀ କଷ୍ଟସାଧ୍ୟ । ମୁଁ ଭାବୁଛି କେତେକ ଜିନିଷ ବିକୃତିର ବିରାଟ ଯନ୍ତ୍ର ହୋଇ ଉଠିଛନ୍ତି, ଏ ସଂକ୍ରାନ୍ତରେ ସିନେମାର ଦୃଷ୍ଟାନ୍ତ ଦିଆଯାଇପାରେ । ଏହା ପ୍ରକୃତରେ ଶିକ୍ଷା ଓ ବିକାଶର ଏକ ଯନ୍ତ୍ର ହୋଇ ପାରନ୍ତା, ଏବଂ ମୁଁ ଆଶା କରୁଛି ଦିନେ ଏହା ତାହାହିଁ ହେବ, କିନ୍ତୁ ବର୍ତ୍ତମାନ ଏହା ବିକୃତିରହିଁ ଏକ ଯନ୍ତ୍ର ହୋଇଛି, ଯଥାର୍ଥରେ ଏକ ଭୟାବହ ବିକୃତି : ରୁଚିର ବିକୃତି, ଚେତନାର ବିକୃତି, ତା' ସାଙ୍ଗକୁ ଏକ ଭୟଙ୍କର ନୈତିକ ଓ ସ୍ଥୂଳ କୁତ୍ସିତତାରେ ଭରା । ଅଥଚ ଏହା ଏପରି ଏକ ମାଧ୍ୟମ ଯାହାକୁ ଶିକ୍ଷା, ପ୍ରଗତି, ସଂସ୍କୃତି ଓ କଳାତ୍ମକ ବିକାଶ ପାଇଁ ଉପଯୋଗ କରାଯାଇ ପାରନ୍ତା; ଏବଂ ଏହି ଦୃଷ୍ଟିକୋଣରୁ ଆଗକାର ଉପାୟ ଓ ପଦ୍ଧତିଗୁଡ଼ିକ ଅପେକ୍ଷା ସୌନ୍ଦର୍ଯ୍ୟବୋଧ ଓ ସଂସ୍କୃତିର ପ୍ରସାର ଦିଗରେ ଏହାକୁ ଅନେକ ବ୍ୟାପକ ଭାବରେ ଉପଯୋଗ କରାଯାଇ ପାରନ୍ତା ଓ ତାହା ମଧ୍ୟ ସର୍ବଜନସୁଲଭ ହୋଇ ପାରନ୍ତା । କିନ୍ତୁ ବରାବର ଏହାହିଁ ଘଟି ଆସିଛି ଯେ – ଯାହାକୁ ଅଧିକ ଉନ୍ନତ କରାଯାଇ ପାରନ୍ତା ତାହାକୁ ସେପରି କରା ନ ଗଲେ ତାହା ଆହୁରି ତଳ ସ୍ତରକୁ ଖସି ଆସେ । ଏବଂ ମୁଁ ଆରମ୍ଭରେ ଯେଉଁ ବିଷୟଟି କହିଛି ଆମେ ଏକ ଆତିଶଯ୍ୟର ଯୁଗରେ ରହିଛେ – ସବୁକିଛିରେ ଆତିଶଯ୍ୟ – କୌଣସି ବସ୍ତୁ ନିଜକୁ ନିଖୁଣ ଓ ପୂର୍ଣ୍ଣ କରିବା ପାଇଁ ମାତ୍ରାତିରିକ୍ତ ଚେଷ୍ଟା କରୁଛି ଅଥଚ ମାତ୍ରାତିରିକ୍ତ ବିକୃତି ଭିତରେ ଖସି ପଡୁଛି, ଯେଉଁ ବିକୃତିଗୁଡ଼ିକ ସେହି ପୂର୍ଣ୍ଣତାଠାରୁ ଅଧିକ ନ ହେଲେ ମଧ୍ୟ ଆପେକ୍ଷିକ ଭାବରେ ସମାନ ଆକାର ହୋଇ ଦେଖାଦେଉଛି । ଏବଂ ଯଦି ମନୋଯୋଗ ସହ ନିଜକୁ ନିରୀକ୍ଷଣ କରିବ ତା' ହେଲେ ତୁମେ ସଚେତ ହୋଇ ଉଠିବ ଯେ ଯେତେବେଳେ ବର୍ତ୍ତମାନର ଏହି ଜଗତରେ ତୁମେ ବାସ କରୁଛ, ଏହା ସ୍ୱାଭାବିକ ଯେ ତାହାର କୁତ୍ସିତ ଅଶ୍ଳୀଳତାର କିଛିଟା ଭାଗ ତୁମକୁ ନେବାକୁ ହେବ, ଏବଂ ଯଦି ତୁମେ ନିଜକୁ ଘନିଷ୍ଠ ଭାବରେ ନିରୀକ୍ଷଣ କରି, ତୁମର ସର୍ବୋଚ୍ଚ ଚେତନାର ଆଲୋକକୁ ନିରନ୍ତର ନିଜ ଉପରେ ନ ପକାଅ, ତା'ହେଲେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତୁମ ରୁଚିରେ ବାରଂବାର ନାନା ଭୁଲ୍‌ଭ୍ରାନ୍ତି ହେବାର ବିପଦ ଆସିପାରେ ।

(Bulletin, April. 1994, p. 57-60) ✜

ସମଗ୍ର ରୂପଟିକୁ ହରାଇ ବସିବା ନୁହେଁ, ତାହାକୁ ସମଗ୍ର ଭାବରେ ବହନ କରିବା,– ତାହାହିଁ ଗୁପ୍ତ ଅସଲ ରହସ୍ୟ । ଈଶ୍ୱର ଏବଂ ମନୁଷ୍ୟ, ବିଶ୍ୱ ଏବଂ ବିଶ୍ୱାତୀତତା,– ଯେତେବେଳେ ଏମାନେ ପରସ୍ପରକୁ ଜାଣନ୍ତି, ସେତିକି ବେଳେହିଁ ସେମାନେ ଏକରୂପ ହୋଇଯାଆନ୍ତି । ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେହିଁ ତହିଁରୁ ଅଜ୍ଞାନ ଜାତ ହୁଏ ଏବଂ ଅଜ୍ଞାନରୁ ଦୁଃଖ ଜାତ ହୋଇଥାଏ ।

(SABCL.Vol. 16, p.382) — ଶ୍ରୀଅରବିନ୍ଦ

# ଅତିମାନସ ଓ ମଧ୍ୟବର୍ତ୍ତୀ ସ୍ତରସବୁ

## ଶ୍ରୀମା

*ପ୍ରଶ୍ନ : ଆପଣ କହିଛନ୍ତି ଯେ ମନ ଓ ଅତିମାନସ ଭିତରେ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ରହିଛି ଏବଂ ଯଦି ଜଣେ ସାଧାରଣ ଲୋକ ଏହି ମଧ୍ୟବର୍ତ୍ତୀ ସ୍ତର ଭିତରୁ କୌଣସି ଗୋଟିଏ ସ୍ତରର ସଂପର୍କରେ ଆସେ ତା'ହେଲେ ତାହା ତାକୁ ଝଲସାଇ ଦେବ । ମଣିଷ ଯଦି ଏହିପରି ଏକ ଅବିକଶିତ ଅବସ୍ଥାରେ ଅଛି ତେବେ ଆମେ କାହିଁକି ଅନ୍ୟ କୌଣସି ମଧ୍ୟବର୍ତ୍ତୀ ସ୍ତରର ଅବତରଣ କଥା ନ କହି ଅତିମାନସ ସ୍ତରର ଅବତରଣ କଥା କହୁଛୁ ?*

ଶ୍ରୀମା : କାରଣ ଅତି ସହଜ । ଯେହେତୁ ଏପର୍ଯ୍ୟନ୍ତ ସମଗ୍ର ସ୍ଥୂଳ, ଜଡ଼ ଜଗତ୍, ସମଗ୍ର ପୃଥିବୀ (ପୃଥିବୀକୁ ଧରାଯାଉ) ଶାସିତ ହେଉଛି ସେହିସବୁ ଶକ୍ତି ଓ ଚେତନା ଦ୍ୱାରା, ଯାହା ଆସିଥାଏ ସେହି ସ୍ତରରୁ ଯାହାକୁ ଶ୍ରୀଅରବିନ୍ଦ ଅଧିମାନସ ବୋଲି କହିଛନ୍ତି । ଏପରିକି ମଣିଷମାନେ ଯାହାଙ୍କୁ ଭଗବାନ୍ ବୋଲି କୁହନ୍ତି ତାହା ହେଉଛି ଅଧିମାନସରୁ ଆସିଥିବା ଏକ ଶକ୍ତି ଓ କ୍ଷମତା, ଏବଂ ସମଗ୍ର ବିଶ୍ୱ ଅଧିମାନସର ଶାସନ ଓ କର୍ତ୍ତୃତ୍ୱାଧୀନ ହୋଇରହିଛି । ସେଠାରେ ପହଞ୍ଚିବାକୁ ହେଲେ ତୁମକୁ ଅନେକ ମଧ୍ୟବର୍ତ୍ତୀ ସ୍ତର ପାର ହୋଇଯିବାକୁ ହେବ ଏବଂ ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଝଲସି ନଯାଇ ସେଠାରେ ପହଞ୍ଚି ପାରିବେ । କିନ୍ତୁ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହା ହେଉଛି ବର୍ତ୍ତମାନ ଅଧିମାନସର ଶାସନକାଳ ଶେଷ ହେବାକୁ ଯାଉଛି ଓ ତାହାର ସ୍ଥାନ ନେବ ଅତିମାନସର ଶାସନ । ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ରହିଛି, ଭଗବତ୍ ଉପଲବ୍ଧି କରି ଯେଉଁମାନେ ଭଗବାନଙ୍କ ସଙ୍ଗେ ମିଳିତ ହୋଇଛନ୍ତି ସେମାନେ ଏହି ଅଧିମାନସ କ'ଣ ଜାଣନ୍ତି । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ଅଧିମାନସକୁ ଅତିକ୍ରମ କରି ଅନ୍ୟ କିଛି ରହିଛି ଏବଂ ଏହି ଅନ୍ୟକିଛିରହିଁ ବର୍ତ୍ତମାନ ପାଳି ଓ ସମୟ ଆସିଛି, ଯେତେବେଳେ ତାହା ଆସି ପୃଥିବୀକୁ ଶାସନ କରିବ, ପୃଥିବୀପୃଷ୍ଠରେ ତାହା ଅଭିବ୍ୟକ୍ତ ହେବ ଏବଂ ପୃଥିବୀକୁ ଶାସନ କରିବ ।

ତେଣୁ ଅଧିମାନସ ସମ୍ପର୍କରେ କହିବାର ଆଉ କୌଣସି ଆବଶ୍ୟକତା ନାହିଁ, କାରଣ ଅନେକ ବ୍ୟକ୍ତି ଏହା ସଂପର୍କରେ କହିସାରିଛନ୍ତି ଏବଂ ଏହାର ଅନୁଭୂତି ପାଇସାରିଛନ୍ତି ।

କିନ୍ତୁ ଆମେ ଯେଉଁ ସତ୍ୟଟି ବିଷୟରେ କହୁଛୁ, ତାହା ସଂପୂର୍ଣ୍ଣ ନୂତନ ଓ ସଂପୂର୍ଣ୍ଣ ନୂତନ ଭାବରେ ତାହା ନିଜକୁ ଅଭିବ୍ୟକ୍ତ କରିବାକୁ ଯାଉଛି ଏବଂ ପୂର୍ବରୁ ଏହା ସଂପର୍କରେ କେହି କିଛି ଜାଣି ନାହାନ୍ତି ଓ ସଚେତ ନାହାନ୍ତି । ଏହାହିଁ ହେଉଛି କାରଣ । ପୁରାତନ ବିବରଣୀ ସଂପର୍କରେ କୁହାଯାଇପାରେ ଯେ ଏପରି ଲୋକଙ୍କର ଅଭାବ ନାହିଁ ଯେଉଁମାନେ ଏଗୁଡ଼ିକୁ ଉପଲବ୍ଧି କରିଛନ୍ତି, ଏହାର ବର୍ଣ୍ଣନା ଦେଇଛନ୍ତି, ଏବଂ ଏହି ବିଷୟବସ୍ତୁ ଉପରେ ଅନେକ ପୁସ୍ତକ ରଚିତ ହୋଇଛି । ତେଣୁ ଅନ୍ୟମାନେ ଯାହା କହିଯାଇଛନ୍ତି ତାହାର ଆଉ ଥରେ ପୁନରାବୃତ୍ତିର କୌଣସି ପ୍ରୟୋଜନ ନାହିଁ । ଶ୍ରୀଅରବିନ୍ଦ ଆସିଥିଲେ ନୂଆ କିଛି କହିବାକୁ । ଲୋକମାନେ ଯେଉଁସବୁ ଅନୁଭୂତି ବିଷୟରେ ଜାଣି ସାରିଛନ୍ତି, ଯେଉଁ ବିଷୟରେ କୁହାଯିବାର ଶୁଣି ସାରିଛନ୍ତି, ତହିଁରୁ ବାହାରି ଆସିବା ପାଇଁ ସେମାନେ ଅସମର୍ଥ ହୁଅନ୍ତି ଏବଂ ଅଧିମାନସ ସମେତ ଅନ୍ୟାନ୍ୟ ମଧ୍ୟବର୍ତ୍ତୀ ସ୍ତରର ଅନୁଭୂତିଗୁଡ଼ିକୁ ସେମାନେ ସେହି ନୂତନ ଦିବ୍ୟଶକ୍ତି ସଙ୍ଗେ ସମାନ ବୋଲି ଦେଖିବା ପାଇଁ ଚେଷ୍ଟା କରନ୍ତି ଯେଉଁ ଶକ୍ତିକୁ ଶ୍ରୀଅରବିନ୍ଦ କହିଛନ୍ତି ଅତିମାନସ । କାରଣ ସେମାନଙ୍କ ପକ୍ଷେ ଆଉ ଅନ୍ୟ କିଛି ସତ୍ୟ ଯେ ରହିପାରେ ତାହା ଧାରଣା କରିବା ଅସମ୍ଭବ ହୋଇପଡ଼େ । ....ଶ୍ରୀଅରବିନ୍ଦ ବରାବର କହୁଥିଲେ : ଯେଉଁଠି ପୂର୍ବତନ ଯୋଗସବୁର ଶେଷ, ସେହିଠାରୁହିଁ ତାଙ୍କ ଯୋଗର ଆରମ୍ଭ ଏବଂ ତାଙ୍କ ଯୋଗର ଉପଲବ୍ଧି ପାଇଁ ସକ୍ଷମ ହେବାକୁ ହେଲେ ପ୍ରଥମେ ପ୍ରୟୋଜନ ହେଉଛି ପୁରାତନ ଯୋଗରେ ଯେଉଁସବୁ ଉପଲବ୍ଧି ହୋଇଥିଲା, ସେଗୁଡ଼ିକର ଚୂଡ଼ାନ୍ତ ସୀମାରେ ଯାଇ ପହଞ୍ଚିବା ଅର୍ଥାତ୍ ଭଗବାନଙ୍କ ପ୍ରତ୍ୟକ୍ଷ ଉପଲବ୍ଧି ପାଇବା ଓ ତାଙ୍କ ସଙ୍ଗେ ମିଳନ ଓ ଏକାତ୍ମତା ଲାଭ କରିବା । କିନ୍ତୁ ଶ୍ରୀଅରବିନ୍ଦ କୁହନ୍ତି ଯେ ସେହି ଭଗବାନ୍ ହେଉଛନ୍ତି ଅଧିମାନସ ସ୍ତରର ଭଗବାନ୍ ଏବଂ ତଥାପି ତାହା ଏପରି କିଛି ଯାହା ମାନୁଷୀ ଚେତନା ତୁଳନାରେ ବେଶ୍ ଅଚିନ୍ତନୀୟ । ଏପରିକି ସେଠାରେ ମଧ୍ୟ ପହଞ୍ଚିବାକୁ

ହେଲେ ଆମକୁ ଅନେକଗୁଡ଼ିଏ ମଧ୍ୟବର୍ତ୍ତୀ ସ୍ତର ଭିତରଦେଇ ଅତିକ୍ରମ କରିବାକୁ ହେବ ଏବଂ ସେହିସବୁ ସ୍ତରରେ ଆମେ ଝଲସି ଯିବା ପରି ଅନୁଭବ କରୁ ।

ପ୍ରାଣଜଗତର ଏପରିସବୁ ସତ୍ତା ଅଛନ୍ତି, ସେମାନେ ଯଦି ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି ବା ଅଧିକ ନିର୍ଭୁଲ ଭାବରେ କହିଲେ ଯେତେବେଳେ ସେମାନେ ମଣିଷମାନଙ୍କ ଆଗରେ ଆବିର୍ଭୂତ ହୁଅନ୍ତି, ଲୋକମାନେ ସେମାନଙ୍କୁ ପରମ ଭଗବାନ୍ ବୋଲି ଗ୍ରହଣ କରନ୍ତି – ଏହି ପ୍ରାଣିକ ସତ୍ତାମାନେ ! ତୁମେ ଚାହିଁଲେ ଆମେ ତାହାକୁ ଏକ ଛଦ୍ମବେଶ ବୋଲି କହିବା, କିନ୍ତୁ ଏହା ଅତି ସଫଳ ଏକ ଛଦ୍ମବେଶ, କାରଣ ଯେଉଁମାନେ ଏହାକୁ ଦେଖିଛନ୍ତି ସେମାନଙ୍କର ପୂରା ହୃଦ୍‌ବୋଧ ହୋଇଥାଏ ଯେ ସେମାନେ ପୂରା ପରମ ଭଗବାନଙ୍କୁ ଦେଖିଲେ । ଅଥଚ ସେସବୁ ହେଉଛନ୍ତି ମାତ୍ର ପ୍ରାଣଜଗତର ସତ୍ତାମାନେ । ଆଉ ଏହି ଅଧିମାନସ ସ୍ତରର ଦିବ୍ୟସତ୍ତାମାନେ, ଏହି ଅଧିମାନସ ଦେବତାମାନେ ଆମ ମାନୁଷୀ ସତ୍ତାମାନଙ୍କ ତୁଳନାରେ ମହାନ୍ ଶକ୍ତିଧର ସତ୍ତା । ଏମାନଙ୍କ ସଂପର୍କରେ ଆସିଲେ ମନୁଷ୍ୟମାନଙ୍କ ଚିତ୍ତ ଝଲସି ଯାଏ ଓ ସେମାନେ ଯଥାର୍ଥରେ ହତଚକିତ ହୋଇ ପଡ଼ନ୍ତି ।

ଅବଶ୍ୟ ଦିବ୍ୟକୃପା ଭଳି କିଛି ଅଛି ଯାହାକି ଅନ୍ୟମାନଙ୍କ ଅନୁଭୂତିରୁ ଉପକୃତ ହେବା ପାଇଁ ଆମକୁ ସାହାଯ୍ୟ କରେ । ଏହା ହେଉଛି ବିଜ୍ଞାନଶିକ୍ଷା ଭଳି ଏକ ଜିନିଷ । ଯଦି ପ୍ରତ୍ୟେକ ବୈଜ୍ଞାନିକଙ୍କୁ ଏକ ନୂତନ ଆବିଷ୍କାର ପାଇଁ ଅତୀତରେ ହୋଇଥିବା ସମସ୍ତ ପରୀକ୍ଷା ଓ ଗବେଷଣାର ପୁନରାବୃତ୍ତି କରିବାକୁ ପଡୁଥାଆନ୍ତା, ଅନ୍ୟମାନେ ଯାହା ଆବିଷ୍କାର କରିଛନ୍ତି ସେସମସ୍ତ ପ୍ରକ୍ରିୟା ଭିତରଦେଇ ଯିବାକୁ ପଡୁଥାଆନ୍ତା, ତା'ହେଲେ ତାଙ୍କର ସମଗ୍ର ଜୀବନଟା ସେଇଥିରେ କଟି ଯାଆନ୍ତା ଏବଂ ତାଙ୍କ ନିଜର ନୂତନ ଆବିଷ୍କାର ପାଇଁ ଆଉ ହାତରେ ସମୟ ରହନ୍ତା ନାହିଁ । ବର୍ତ୍ତମାନ ଆଉ ସେସବୁ ଭିତର ଦେଇ ଯିବାର ଆବଶ୍ୟକତା ନାହିଁ । ତୁମେ ବହିଟିଏ ଖୋଲିଲ ଏବଂ ପୂର୍ବର ସମସ୍ତ ଗବେଷଣାର ଫଳାଫଳଗୁଡ଼ିକୁ ପାଇଗଲ, ସେଇଠାରୁହିଁ ତୁମେ ଅଧିକ ଆଗକୁ ଯିବ । ବୁଝ, ଶ୍ରୀଅରବିନ୍ଦହିଁ ଠିକ୍ ତାହାହିଁ କରିବାକୁ ଚାହିଥିଲେ । ସେ ତୁମକୁ କହି ଦିଅନ୍ତି ତାଙ୍କ ପୂର୍ବରୁ ଅନ୍ୟମାନେ ଯାହା ପାଇଛନ୍ତି ତା'ର ଫଳାଫଳଗୁଡ଼ିକ,– ସେମାନେ ଯେଉଁସବୁ ପରୀକ୍ଷା କରିଥିଲେ ଓ ତା'ର ଯେଉଁ ଫଳାଫଳ ହୋଇଥିଲା – ଏବଂ ତୁମେ ବର୍ତ୍ତମାନ କେଉଁଠି ଛିଡ଼ା ହୋଇଛ, ପୃଥିବୀର ଆଧ୍ୟାତ୍ମିକ ଇତିହାସରେ ତୁମେ କେଉଁଠି ଛିଡ଼ା ହୋଇଛ । ଏବଂ ତା'ପରେ ସେ ତୁମକୁ ସେଠାରୁ ଆଗେଇ ନେଇଯାଆନ୍ତି, ଏବଂ ତୁମ ପାଇଁ ମୂଳ ଭିତ୍ତିଟି ଦୃଢ଼ଭାବେ ପ୍ରତିଷ୍ଠିତ ହୋଇଗଲା ପରେ ସେ ତୁମକୁ ପର୍ବତର ଶିଖର ଆରୋହଣ କରିବା ଦିଗରେ ଆଗେଇ ନିଅନ୍ତି ।

(M.C.W. Vol. 5, pp. 282 - 84)

ଅତିମାନବ କିଏ ? ସେହି ହିଁ ଅତିମାନବ ଯେ ଜଡ଼ତତ୍ତ୍ୱ ଉପରେ କେନ୍ଦ୍ରିତ ଭଗ୍ନ ମନୋମୟ ମାନବୀ ସତ୍ତାରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରନ୍ତି ଏବଂ ଦିବ୍ୟଶକ୍ତି, ଦିବ୍ୟପ୍ରେମ ଏବଂ ଆନନ୍ଦ ତଥା ଦିବ୍ୟଜ୍ଞାନକୁ ପ୍ରାପ୍ତ ହୋଇ ବିରାଟ ଦିବ୍ୟପୁରୁଷରେ ପରିଣତ ହୋଇପାରନ୍ତି ।
ଯଦି ତୁମେ ଏହି ସୀମିତ ମାନୁଷୀ ଅହଂକୁ ବଜାୟ ରଖ ଏବଂ ନିଜକୁ ଅତିମାନବ ବୋଲି ମନେକର ତେବେ ତୁମେ ତୁମ ନିଜ ମିଥ୍ୟାଭିମାନର ଏକ ମୂର୍ଖ ଦାସ ହୋଇଉଠ, ନିଜ ବ୍ୟକ୍ତିଗତ ଶକ୍ତି ହାତରେ ଏକ କ୍ରୀଡ଼ନକ ତଥା ନିଜ ଭୁଲ୍‌ଭ୍ରାନ୍ତିର ଏକ ଯନ୍ତ୍ର ହୋଇଯାଅ ।

– ଶ୍ରୀଅରବିନ୍ଦ

# ଅବଚେତନ

## (ଶ୍ରୀଅରବିନ୍ଦଙ୍କ ପତ୍ରାବଳୀରୁ)

ଆମ ଯୋଗରେ ଅବଚେତନ କହିଲେ ଆମ ସତ୍ତାର ସେହି ବୁଡ଼ି ରହିଥିବା ପ୍ରଚ୍ଛନ୍ନ ଅଂଶକୁ ବୁଝାଏ ଯେଉଁଥିରେ ଜାଗ୍ରତ୍ ଭାବରେ କୌଣସି ସଚେତ ବା ସଂଲଗ୍ନ ଭାବନା, ଇଚ୍ଛା ବା ଆବେଗ ବା ସଂଗଠିତ ପ୍ରତିକ୍ରିୟା ନଥାଏ । କିନ୍ତୁ ତଥାପି ଏହି ଅବଚେତନ ଅଜ୍ଞାନ ଓ ଅସ୍ପଷ୍ଟ ଭାବରେ ସବୁକିଛିର ଛାପ ଗ୍ରହଣ କରେ ଓ ନିଜ ଭିତରେ ସେଗୁଡ଼ିକୁ ଜମାଇ ରଖେ । ଏହି ଅବଚେତନରୁ ମଧ୍ୟ ଉଦ୍ରେକ ହୋଇଥାଏ ଲାଗି ରହିଥିବା ନାନା ଅଭ୍ୟାସଗତ ଗତିବୃତ୍ତିର ପ୍ରେରଣାସବୁ, ଯେଉଁଗୁଡ଼ିକ କି ଅତି ସ୍ଥୂଳ ଭାବରେ ବାରଂବାର ପୁନରାବୃତ୍ତି ହୋଇ ଚାଲିଥାଆନ୍ତି ବା ନାନା କିମ୍ଭୂତକିମାକାର ଛଦ୍ମବେଶ ନେଇ ସ୍ୱପ୍ନ ବା ଜାଗ୍ରତ୍ ଅବସ୍ଥା ଭିତରକୁ ପ୍ରବେଶ କରିଥାଆନ୍ତି । କାରଣ, ଯଦି ଏହି ଅବଚେତନର ଛାପଗୁଡ଼ିକ ଏକ ଅସଂଲଗ୍ନ ଓ ଅସଂଗଠିତ ରୂପ ନେଇ ସ୍ୱପ୍ନ ଆକାରରେ ଉପରକୁ ଉଠି ଆସିପାରନ୍ତି ତେବେ ସେଗୁଡ଼ିକ ମଧ୍ୟ ଆମ ଜାଗ୍ରତ୍ ଚେତନା ଭିତରକୁ ଉଠି ଆସିପାରନ୍ତି ଓ ଉଠି ଆସି ଥାଆନ୍ତି ମଧ୍ୟ । ସେତେବେଳେ ସେଗୁଡ଼ିକ ପୁରୁଣା ଚିନ୍ତା, ପୁରୁଣା ମାନସିକ, ପ୍ରାଣିକ ଓ ଦୈହିକ ନାନା ଅଭ୍ୟାସର ପୁନରାବୃତ୍ତି ବା ନାନା ଇନ୍ଦ୍ରିୟାନୁଭୂତି, କର୍ମ ଓ ଆବେଗ ଦିଗରେ ଏକ ଅନ୍ଧ, ଅଜ୍ଞାନମୟ ପ୍ରେରଣାର ରୂପ ବା ଆକାର ନେଇ ଉଠି ଆସନ୍ତି ।

ଏହି ଅସ୍ପଷ୍ଟ, ଅଜ୍ଞାନମୟ ପ୍ରେରଣାଗୁଡ଼ିକ ଆମ ସଚେତ ଭାବନା, ବା ସଂକଳ୍ପ ଭିତରୁ ଆସି ନଥା'ନ୍ତି ଏବଂ ଏପରିକି ଅନେକ ସମୟରେ ଆମର ସତ୍ତା ଯାହା ଠିକ୍ ବୋଲି ଜାଣେ, ବିଚାର କରେ ଓ ଯାହାକୁ ଅନୁସରଣ କରିବା ପାଇଁ ସ୍ଥିର କରେ ଏଗୁଡ଼ିକ ତା'ର ବିରୋଧ କରିଥାଆନ୍ତି । ଅବଚେତନାରେହିଁ ରହିଥାଏ ଏକ ଅଜ୍ଞାନମୟ ମନ ଯାହା ଆମର ଅତୀତ ଦ୍ୱାରା ଗଠିତ ନାନା ଜିଦ୍‌ଖୋର ସଂସ୍କାର, ଛାପ, ଯୋଗାଯୋଗ, ଧରାବନ୍ଧା ଧାରଣା, ଅଭ୍ୟାସଗତ ପ୍ରତିକ୍ରିୟା ଆଦିରେ ଭରପୂର; ଆଉ ମଧ୍ୟ ରହିଥାଏ ଏକ ଅଜ୍ଞାନମୟ ପ୍ରାଣ ଯାହାକି ଅଭ୍ୟାସଗତ ନାନା କାମନା-ବାସନା, ଇନ୍ଦ୍ରିୟାବେଗ ଓ ସ୍ନାୟବିକ କ୍ରିୟା ପ୍ରତିକ୍ରିୟାର ବୀଜଗୁଡ଼ିକରେ ଭରପୂର ଓ ତହିଁ ସଙ୍ଗରେ ମଧ୍ୟ ରହିଥାଏ ସେହି ସବୁଠୁ ଅଜ୍ଞାନମୟ ଜଡ଼-ଭୌତିକ ଅଂଶ ଯାହା ଆମ ଶରୀରର ଅବସ୍ଥା ସମ୍ବନ୍ଧୀୟ ନାନା ବିଷୟର ନିରୂପଣ କରେ । ଏହାହିଁ ଆମ ଶରୀରର ରୋଗବ୍ୟାଧି ପାଇଁ ବିଶେଷ ଭାବରେ ଦାୟୀ । ଏହି ଅବଚେତନା ଯୋଗୁଁହିଁ ଆମକୁ ନାନା ଦୁରାରୋଗ୍ୟ ବ୍ୟାଧି ଭୋଗିବାକୁ ପଡ଼େ, କାରଣ ଶରୀର ଚେତନା ଉପରେ କୌଣସି ବ୍ୟାଧିର ଆକ୍ରମଣ ଯେତେବେଳେ କିଛି ଛାପ ରଖିଯାଏ, ସେତେବେଳେ ଅବଚେତନା ନିଜର ଜିଦ୍‌ଖୋର ସ୍ମୃତି ଓ ପୁନରାବୃତ୍ତିର ଅଭ୍ୟାସ ଯୋଗୁଁ, ସେହି ରୋଗକୁ ବାରବାର ମନେ ପକାଏ ଓ ଆମ ଶରୀରକୁ ମଧ୍ୟ କ୍ରମାଗତ ଭାବେ ବାରବାର ସେହି ରୋଗ ଭୋଗ କରିବାକୁ ପଡ଼େ ।

କିନ୍ତୁ ଏହି ଅବଚେତନା (Subconscient)କୁ ଆମ ସତ୍ତାର ଅନ୍ୟାନ୍ୟ ନିମଗ୍ନ ଚେତନା (Subliminal)ର ଅଂଶଠାରୁ ସ୍ପଷ୍ଟ ରୂପେ ପୃଥକ୍ କରି ଦେଖିବା ଉଚିତ, ଯେପରି ଆନ୍ତର ବା ସୂକ୍ଷ୍ମ ଦୈହିକ ଚେତନା, ଆନ୍ତର ପ୍ରାଣିକ ବା ଆନ୍ତର ମାନସିକ ଚେତନା – କାରଣ ଏଗୁଡ଼ିକ ଆଦୌ ଅଜ୍ଞାନମୟ ବା ଅସଂଲଗ୍ନ ବା ଅସଂଗଠିତ ଚେତନା ନୁହନ୍ତି, ଏଗୁଡ଼ିକ କେବଳ ଆମର ବାହ୍ୟ, ସମ୍ମୁଖଭାଗର ଚେତନାଠାରୁ ପରଦାବୃତ ହୋଇ ଅନ୍ତରାଳରେ ଅଛନ୍ତି । ଆମର ସମ୍ମୁଖଭାଗ ଚେତନା ଏହି ନିମଗ୍ନ ଚେତନାଠାରୁ ଆନ୍ତର ସ୍ପର୍ଶ, ଆନ୍ତର ସଂଯୋଗ ବା ପ୍ରଭାବ ଆକାରରେ ବରାବର କିଛି ନା କିଛି ଗ୍ରହଣ କରୁଥାଏ କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହା ଜାଣି ନଥାଏ ସେଗୁଡ଼ିକ କେତେବେଳେ କିପରି ଭାବରେ ଆସୁଛି ।

ନିଦ୍ରା ସମୟରେ ନିଜ ସଂକଳ୍ପକୁ କାର୍ଯ୍ୟକାରୀ କରିବାର ବାଟଟି ହେଉଛି, ନିଦ୍ରା ଯିବା ପୂର୍ବରୁ ଜାଗ୍ରତ୍ ମନର ସଂକଳ୍ପ ସହ ଅବଚେତନକୁ ଏପରି ପରିଚିତ ଓ ଅଭ୍ୟସ୍ତ କରାଇବା, ଯେପରିକି ତାହା ଏହି ସଂକଳ୍ପଟିକୁ ନିଦ୍ରା ସମୟରେ ବି ମାନି ଚଳିବ । ଉଦାହରଣ ସ୍ୱରୂପ ଅନେକ ସମୟରେ ଏପରି ଘଟିଥାଏ ଯେ ତୁମେ ଯଦି ଅବଚେତନ ଉପରେ ଏକ ସଂକଳ୍ପ ରଖିଦିଅ ଯେ ସକାଳେ ଏତେଟା ବେଳକୁ ନିଦରୁ ଉଠିବ ବୋଲି ତେବେ ଅବଚେତନ ତାହା ମାନିବ ଏବଂ ଠିକ୍ ସେତିକି ବେଳକୁ ତୁମ ନିଦ ଭାଙ୍ଗିଯିବ । ଅନ୍ୟାନ୍ୟ ବିଷୟର କ୍ଷେତ୍ରରେ ମଧ୍ୟ ଏହି ପଦ୍ଧତିଟିକୁ ପ୍ରସାରିତ କରାଯାଇପାରେ । ଅନେକେ ଶୋଇବା

ପୂର୍ବରୁ କାମଭାବ ସମ୍ପନ୍ନ ସ୍ୱପ୍ନ ନ ଦେଖିବାକୁ ଓ କୌଣସି ସ୍ଖଳନ ଆଦି ନ ହେବାକୁ ଅବଚେତନ ଉପରେ ଏକ ସଂକଳ୍ପ ରଖି ଦିଅନ୍ତି । କିଛିଦିନର ଅଭ୍ୟାସ ପରେ (ପ୍ରଥମରୁ ସାଫଲ୍ୟ ନ ମିଳିଲେ ମଧ୍ୟ) ଏପରି ହୁଏ ଯେ ଯୌନାବେଗସମ୍ପନ୍ନ ସ୍ୱପ୍ନ ଦେଖିବା ପୂର୍ବରୁ ଆପେ ଆପେ ନିଦ ଭାଙ୍ଗିଯାଏ ଓ ସ୍ୱପ୍ନରେ ସ୍ଖଳନ ଆଦି ଘଟେ ନାହିଁ । ଜଣେ ମଧ୍ୟ ଏକ ସଚେତ ନିଦ୍ରାର ବିକାଶ ଘଟାଇପାରେ, ଯେଉଁଥିରେ ଏକ ପ୍ରକାର ଅନ୍ତଶ୍ଚେତନା ସଜାଗ ରୁହେ ଏବଂ ସ୍ୱପ୍ନରେ କିଛି ଅଘଟଣ ଘଟିବା ପୂର୍ବରୁ ତାହା ହସ୍ତକ୍ଷେପ କରେ । ✤

(Bulletin, Aug. 1968, p. 18) ✤

**ପ୍ରକୃତିର ଦୋଷ ଦୁର୍ବଳତା ଓ ଦିବ୍ୟଶକ୍ତି ଆଡ଼କୁ ଉନ୍ମୀଳନ :**

*ପ୍ରଶ୍ନ : ମା, ଗତଥର ଆମେ ପଢ଼ିଥିଲେ ଯେ, ''ତୁମ ପ୍ରକୃତିରେ କେତେ କ'ଣ ଦୋଷ ଦୁର୍ବଳତା ଅଛି ସେଇଟା ବଡ଼ କଥା ନୁହେଁ । ଯେଉଁ ଗୋଟିଏ କଥା ଗୁରୁତ୍ୱପୂର୍ଣ୍ଣ ତା' ହେଉଛି ଦିବ୍ୟଶକ୍ତି ପ୍ରତି ନିଜକୁ ଖୋଲି ଧରିବା ।'' ମା, ଯେତେବେଳ ଯାଏ ଜଣକ ଭିତରେ ଦୋଷତ୍ରୁଟି ରହିଥାଏ ସେ ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଧରିବ କିପରି ?*

**ଶ୍ରୀମା :** ମୁଁ ମନେକରେ ଯେ ପ୍ରତ୍ୟେକ ଲୋକରହିଁ ଦୋଷଦୁର୍ବଳତା ରହିଛି । ତେଣୁ ଯଦି ଏପରି ହୋଇଥାଆନ୍ତା ଯେ ଯେଉଁମାନଙ୍କର ଆଦୌ କୌଣସି ଦୋଷତ୍ରୁଟି ନାହିଁ ସେହିମାନେ କେବଳ ଭଗବାନଙ୍କ ଆଡ଼କୁ ନିଜକୁ ଖୋଲି ଧରିପାରିବେ ତା' ହେଲେ କେହି ମଧ୍ୟ ନିଜକୁ ଖୋଲି ଧରି ପାରନ୍ତେ ନାହିଁ । ଆରମ୍ଭରେ ସମସ୍ତଙ୍କର ନାନା ଦୋଷତ୍ରୁଟି ଥାଏ । କୌଣସି ଲୋକ ଗୋଟିଏ ଅବିଭାଜ୍ୟ ଏକକ ଖଣ୍ଡ ଆକାରରେ ଗଠିତ ହୋଇ ନାହିଁ । ଏହାହିଁ ହେଉଛି ମୁଖ୍ୟ କାରଣ । ଆମ ସତ୍ତାର ବହୁ ଭିନ୍ନ ଭିନ୍ନ ଅଂଶ ରହିଛି, ଯେଉଁଗୁଡ଼ିକ କି ଅନେକ ସମୟରେ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ପାଖାପାଖି ପାଳି କରି, ଏପରିକି ପୂରା ନିୟମିତ କ୍ରମରେ ସେଗୁଡ଼ିକ ଆମ ଚେତନା ଉପରେ ପ୍ରଭାବ ବିସ୍ତାର କରନ୍ତି । ତେଣୁ ଯେତେବେଳେ ଆମ ସତ୍ତାର ଏକ ଅଂଶ ବେଶ୍ ସଦିଚ୍ଛାସମ୍ପନ୍ନ ହୋଇଥାଏ ଏବଂ ଦିବ୍ୟଶକ୍ତି କ'ଣ ସେ ସମ୍ପର୍କରେ ତା'ର କିଛି ଧରଣର ପ୍ରତ୍ୟକ୍ଷ ରହିଥାଏ ସେହି ଅଂଶଟିହିଁ ଆମ ସତ୍ତାକୁ ସେହି ଶକ୍ତି ପ୍ରତି ଖୋଲିଦିଏ ଓ ସେହି ଶକ୍ତି ସହ ସଂଯୋଗ ସ୍ଥାପନ କରେ । କିନ୍ତୁ ଏହି ଅଂଶଟି ସବୁବେଳେ ସତ୍ତାର ସମ୍ମୁଖ ଭାଗରେ ରହି ନଥାଏ । ଅନ୍ୟାନ୍ୟ ଅଂଶଗୁଡ଼ିକ ସତ୍ତାର ସମ୍ମୁଖ ଭାଗକୁ ଆସି ଯାଆନ୍ତି ଯେଉଁଗୁଡ଼ିକ ଭିତରେ ନାନାପ୍ରକାର ଦୋଷତ୍ରୁଟି, ମନ୍ଦ ଅଭ୍ୟାସ ଆଦି ରହିଥାଏ ଏବଂ ସେଗୁଡ଼ିକ ଚେତନା ଉପରେ ନାନା ପରଦା ପକାଇ ତାହାକୁ ପୂରା ଆବୃତ କରିଦେଇ ପାରନ୍ତି । କିନ୍ତୁ ଯଦି ଆମେ ସତ୍ତାର ସେଇ ଅଂଶଟି କଥା ସ୍ମରଣ ରଖିଥିବୁ ଯେ ତାହା ନିଜକୁ ଦିବ୍ୟଶକ୍ତି ପ୍ରତି ଖୋଲି ଦେଇଥିଲା, ତା'ହେଲେ ସେହି ଉନ୍ମୀଳନଟିକୁ ଆମେ ଧରିରଖି ପାରିବୁ ଯଦିଓ ସେତେବେଳେ ବାହ୍ୟ ଭାବରେ ସକ୍ରିୟ ଓ ସମ୍ମୁଖ ଭାଗରେ ଥିବା ସତ୍ତାର ଅଂଶଟି ସେ ସମ୍ପର୍କରେ କୌଣସି ବିଶେଷ ଆଗ୍ରହ ପ୍ରକାଶ କରେନା ବା ଏପରିକି ତାହାକୁ ବୁଝିବା ପାଇଁ ମଧ୍ୟ ସମର୍ଥ ହୁଏ ନାହିଁ । କିନ୍ତୁ ଅନ୍ୟ ଅଂଶଟି ନିଜକୁ ସେଇଭଳି ବରାବର ଖୋଲି ରଖି ପାରିବା ପାଇଁ ଓ ଦିବ୍ୟଶକ୍ତିକୁ ଗ୍ରହଣ କରିବା ପାଇଁ ସମର୍ଥ ହୋଇପାରେ । ✤

# ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର

''ବ୍ୟକ୍ତି ଭୌତିକ ଦେହରେ ସହଜରେ ଏବଂ ନିରାପଦରେ ରହିଥାଏ; ଶରୀରହିଁ ତାକୁ ରକ୍ଷା କରେ । କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସେମାନଙ୍କ ଶରୀର ପ୍ରତି ବିମୁଖ, ସେମାନେ ଭାବନ୍ତି ଯେ ମୃତ୍ୟୁ ପରେ ଶରୀର ବ୍ୟତିରେକେ ସବୁକିଛି ସୁଲଭ ଏବଂ ସହଜ ହେବ । କିନ୍ତୁ ବସ୍ତୁତଃ ଶରୀରହିଁ ତୁମର ଆବାସ ଓ ଆଶ୍ରୟଦାତା । ଯେତେବେଳେ ତୁମେ ଶରୀରରେ ଆଶ୍ରୟ ଗ୍ରହଣ କରିଛ, ବିରୋଧୀ ଶକ୍ତିମାନଙ୍କ ପକ୍ଷରେ ତୁମ ଉପରେ କର୍ତ୍ତୃତ୍ୱ ଜାହିର କରିବା କଷ୍ଟକର ହୁଏ ।... ଏହି ଜଗତର ଯେକୌଣସି ରାଜ୍ୟରେ ତୁମେ ପ୍ରବେଶ କରିପାର, ଏହି ଜଗତର ସତ୍ତାଗଣ ତୁମକୁ ପରିବେଷ୍ଟନ କରନ୍ତି, ତୁମର ସର୍ବସ୍ୱ ଅପହରଣ କରନ୍ତି, ଯାହା ପାରନ୍ତି ଶୋଷଣ କରନ୍ତି, ଯେପରିକି ଆହାର ନିମନ୍ତେ ଗୋଟିଏ ଶିକାର ପାଇଛନ୍ତି । ଯଦି ତୁମ ସତ୍ତାଠାରୁ ଶକ୍ତି ଏବଂ ଆଲୋକ ବିଚ୍ଛୁରିତ ହେଉ ନଥାଏ, ତୁମର ଅଶରୀରୀ ସତ୍ତା ଚାରିଆଡ଼େ କେବଳ ଘୂରି ବୁଲିବ, ଯେପରି ଶୀତଳ ବାତାବରଣରେ ଆଚ୍ଛାଦନବିହୀନ, ଗୃହହୀନ ଏବଂ ନଗ୍ନ ଅବସ୍ଥାରେ ମଣିଷ ଘୂରି ବୁଲେ । ସଂସାରରେ ଏପରି ମଣିଷ ଅଛନ୍ତି ଯେଉଁମାନେ ଭାବନ୍ତି, ''ଓହୋ, ଏହି ଶରୀର ଧାରଣ କରି ମୁଁ କି ଦୁଃଖରେ କାଳଯାପନ କରୁଛି'' ଏବଂ ମରଣକୁ ସର୍ବଦୁଃଖର ଉଦ୍ଧାରକାରୀ ବୋଲି ଭାବନ୍ତି । କିନ୍ତୁ ମୃତ୍ୟୁ ପରେ ତୁମେ ପୂର୍ବପରି ପ୍ରାଣିକ ପରିବେଶର ସମ୍ମୁଖୀନ ହୁଅ, ଏବଂ ଏହି ଜୀବନରେ ଯେଉଁ ଶକ୍ତିମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଦୁଃଖ-ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲ, ପୁନର୍ବାର ସେହି ଶକ୍ତିମାନଙ୍କ ଦ୍ୱାରା ଆକ୍ରାନ୍ତ ହୁଅ । କେବଳ ମାତ୍ର ଏହି ଶରୀରରେ, ଏହି ପୃଥିବୀରେ ପୂର୍ଣ୍ଣ ଜ୍ଞାନ ଏବଂ ପୂର୍ଣ୍ଣ ଶକ୍ତି ଆହରଣ କରିପାରିବ । ଯେତେବେଳେ ତୁମେ ଏହା ସମ୍ପନ୍ନ କରିପାରିଛ ସେତେବେଳେହିଁ ତୁମେ ସର୍ବଲୋକରେ ବିଚରଣ କରିବାର ସ୍ୱାଧୀନତା ଲାଭ କରିଛ ।''

(CWM, Vol. 5, p. 129) — ଶ୍ରୀମା

*ଜଣେ ଶିଷ୍ୟ : ମୃତ୍ୟୁ ପରେ ବ୍ୟକ୍ତି ପ୍ରାଣଲୋକରେ ପ୍ରବେଶ କରେ କିନ୍ତୁ ଯେଉଁମାନେ ଭଲ କାର୍ଯ୍ୟ କରନ୍ତି ସେମାନେ ସ୍ୱର୍ଗଲୋକରେ ପ୍ରବେଶ କରନ୍ତି ।*

ଶ୍ରୀମା : ତୁମ ସ୍ୱର୍ଗ କେଉଁଠାରେ ? ଏକଥା ତୁମକୁ କିଏ ଶିକ୍ଷା ଦେଇଛି ? ତୁମେ ସ୍ୱର୍ଗ, ନରକ ଓ ପାପକ୍ଷୟକାରୀ ନରକ କଥା ପୂର୍ବରୁ ଶୁଣିଛ ? ନା ? ନା' ଏପରି କେବେ ବି ନୁହେଁ ? ତୁମେ କେଉଁଠାରୁ ସ୍ୱର୍ଗର କଳ୍ପନା ପାଇଲ ? କେଉଁ ଶାସ୍ତ୍ରରୁ ପାଇଲ ?

*ଶିଷ୍ୟ : ଏସବୁ ବିଷୟ ମୁଁ କେତେକଙ୍କ କଥାବାର୍ତ୍ତାରୁ ଶୁଣିଛି ।*

ଶ୍ରୀମା : କିନ୍ତୁ କେଉଁମାନଙ୍କ କଥାବାର୍ତ୍ତାରୁ ?

*ଶିଷ୍ୟ : ବର୍ତ୍ତମାନ କିନ୍ତୁ ମୋର ତାହା ମନେ ନାହିଁ ।*

ଶ୍ରୀମା : ସାଧାରଣତଃ ଧର୍ମସଂସ୍ଥାର ପୁରୋହିତମାନେ ତାଙ୍କର ବିଶ୍ୱସ୍ତ ଶିଷ୍ୟମାନଙ୍କୁ ସତ୍‌କର୍ମ କରିବାକୁ ପ୍ରବର୍ତ୍ତାଇବା ନିମିତ୍ତ ଏପରି କଥା କହିଥା'ନ୍ତି । ଏହା ଏକ ଜଘନ୍ୟ ବ୍ୟାପାର ଯେ ଜୀବନ-ଯାତ୍ରାର ପଥ ସୁକର୍ମକାରୀଙ୍କ ନିମିତ୍ତ ଦୁଷ୍କର୍ମକାରୀଙ୍କଠାରୁ ଅଧିକ ସ୍ୱଚ୍ଛନ୍ଦ ନୁହେଁ, ବରଂ ତା'ର ବିପରୀତ । ହୁଏତ ଦୁଷ୍ଟମାନେ ସାଧୁମାନଙ୍କଠାରୁ ଅଧିକ ସଫଳତା ହାସଲ କରିଥା'ନ୍ତି ! ସୁତରାଂ ଯେଉଁମାନେ ବେଶୀ ଅଧ୍ୟାତ୍ମବାଦୀ ନୁହନ୍ତି, ସେମାନେ ନିଜକୁ କହନ୍ତି, ''ମୁଁ ଆଉ ଅଧିକ ପରିମାଣରେ ସାଧୁ ହେବା ପାଇଁ କଷ୍ଟ ସ୍ୱୀକାର କରିବି କାହିଁକି ? ବରଂ ଦୁଷ୍ଟ ହେବା ଉଚିତ ଏବଂ ଏକ ସହଜ ଓ ସ୍ୱଚ୍ଛଳ ଜୀବନଯାପନ କରିବା ଅପେକ୍ଷାକୃତ ଭଲ । ସେମାନଙ୍କୁ ଏକଥା ବୁଝାଇବା ଖୁବ୍ କଠିନ ଯେ ନାନାପ୍ରକାର ଶ୍ରେୟଃ ରହିଛି ଏବଂ କିଛି ଶ୍ରେୟଃ-କାର୍ଯ୍ୟ କରିବା ନିମିତ୍ତ ବରଂ କଷ୍ଟ ସ୍ୱୀକାର କରି ଉଦ୍ୟମ କରିବା ଉଚିତ । ସୁତରାଂ ଏକେବାରେ ନିର୍ବୁଦ୍ଧିଆ ଲୋକଙ୍କୁ ଏକଥା ବୁଝାଇବା ପାଇଁ କୁହାଯାଇଥାଏ : ''ଶୁଣ, କଥାଟି ଖୁବ୍ ସରଳ, ଯଦି ତୁମେ ଖୁବ୍ ଆଜ୍ଞାକାରୀ, ଭଦ୍ର, ଏକାନ୍ତ ନିଃସ୍ୱାର୍ଥପର, ଯଦି ତୁମେ ସର୍ବଦା ସୁକର୍ମ କର, ଆଉ ଆମେ ଯେଉଁ ଉପଦେଶ ଦେଉ ସେଥିରେ ପୂର୍ଣ୍ଣ ବିଶ୍ୱାସ କର, ତେବେ ତୁମର ମୃତ୍ୟୁ ପରେ ଭଗବାନ୍ ତୁମକୁ ସ୍ୱର୍ଗକୁ ପଠାଇଦେବେ । କିନ୍ତୁ ଯଦି ତୁମର ବେଳେବେଳେ ସଦିଚ୍ଛା ଥାଏ,

ଅନ୍ୟ ବେଳେ ଅସଦିଚ୍ଛା ଥାଏ, ଯଦି ସମୟ ସମୟରେ ତୁମେ ସତ୍‌କର୍ମ କର ଏବଂ ଅନ୍ୟ ସମୟରେ ଅସତ୍ କର୍ମ କର, ଯଦି ଅଧିକାଂଶ ସମୟରେ ତୁମେ ନିଜ ସ୍ୱାର୍ଥ ବିଷୟ ଚିନ୍ତା କର ଏବଂ ଅନ୍ୟର ହିତକଥା ଆଦୌ ଚିନ୍ତା କର ନାହିଁ, ତେବେ ମୃତ୍ୟୁ ପରେ ତୁମେ ନରକଗାମୀ ହେବ, ନଚେତ୍ ଅନ୍ୟ କୌଣସି ଲୋକକୁ ଯାତ୍ରା କରିବ । ଆଉ ଏହି କଥା ମନେରଖ, ଯଦି ତୁମେ ଏକେବାରେ ଦୁଷ୍ଟ, ଯଦି ତୁମେ ସର୍ବଦା ଅନ୍ୟର ଅହିତ ସାଧନ କରୁଛ, ଏବଂ ବିଶେଷତଃ ଯଦି ତୁମେମାନେ ଆମେ ଯେଉଁ ଉପଦେଶ ଦେଉଛୁ ତାହାକୁ ଶୁଣ ନାହିଁ, ତା'ହେଲେ ତୁମେମାନେ ସିଧା ନରକଗମନ କରିବ ଏବଂ ଚିରକାଳ ପାଇଁ ।''

ଏପରି ଅଦ୍ଭୁତପୂର୍ବ ଏବଂ ଅତି ସୁନ୍ଦର ବ୍ୟବସ୍ଥା କଥା ମୁଁ କେବେ ବି ଶୁଣି ନାହିଁ । ସେମାନେ ଚିରନ୍ତନ ନରକର କଥା କହନ୍ତି । ଅର୍ଥାତ୍ ଯଦି ଥରେ ତୁମେ ନରକରେ ପଡ଼, ତେବେ ଚିରକାଳ ପାଇଁ ନରକଗାମୀ ହେଲ । ବୁଝୁଛ ଏହାର ଅର୍ଥ କ'ଣ ? ଚିରଦିନ ପାଇଁ ନରକରେ ? ତୁମକୁ ଯନ୍ତ୍ରଣା ଦେବେ, ତୁମକୁ ପୋଡ଼ି ପକାଇବେ (ଗରମ ଦେଶରେ ପୋଡ଼ିଦେବେ, ଥଣ୍ଡା ଦେଶରେ ବରଫରେ ଛାଡ଼ି ଦେବେ) ଏବଂ ଏହା ପୁଣି ସବୁଦିନ ପାଇଁ । ଏହାହିଁ ଅସଲ କଥା । ତେବେ ମୁଁ କହିପାରିବି ନାହିଁ ଏହି ଅତି ସୁନ୍ଦର ବ୍ୟବସ୍ଥାର କାହାଣୀ କାହାଠାରୁ ଶୁଣିଲ ? କିନ୍ତୁ ପ୍ରକୃତରେ ଏଗୁଡ଼ିକ ପୂରାପୂରି ମନର କପୋଳକଳ୍ପିତ ଆବିଷ୍କାର, – ଏହା କହିଲେ ସାଧାରଣ ଲୋକ ଆଜ୍ଞାନୁବର୍ତ୍ତୀ ହେବ ଏବଂ ଆୟତ୍ତରେ ରହିବ । କିନ୍ତୁ କେତେକ ସ୍ଥାନରେ ଶାସ୍ତ୍ରର ଉପଦେଶାବଳୀ ଏପରି ନୁହେଁ । କେତେକ ଧର୍ମରେ ମଧ୍ୟ ଏପରି କଥା ନାହିଁ । ତଥାପି ଇଚ୍ଛା କଲେ କେହି ସ୍ୱର୍ଗର ଏକ କବିତ୍ୱପୂର୍ଣ୍ଣ, ସୌନ୍ଦର୍ଯ୍ୟମୟ ବର୍ଣ୍ଣନା ଦେଇପାରେ, କାରଣ ଏହି ସ୍ୱର୍ଗହିଁ ଏକ ଅତି ଆନନ୍ଦମୟ ଓ ସୁଖମୟ, ଭୋଗବିଳାସପୂର୍ଣ୍ଣ ଜଗତ୍ । ତଥାପି ଏହା ନିର୍ଭର କରେ ତୁମେ କେଉଁ ଧର୍ମାବଲମ୍ବୀ । କାରଣ ଏପରି ସ୍ୱର୍ଗଭୂମି ଅଛି ଯେଉଁଠାରେ ତୁମେ କେବଳ ଭଗବାନଙ୍କ ସ୍ତୁତିଗାନ କରି ସମୟ କଟାଇଦିଅ, – ଆଉ କିଛି ବି କର ନାହିଁ, କିନ୍ତୁ ଶେଷରେ ବି ଏହି ସ୍ଥାନ ତୁମ ପାଇଁ କ୍ଳାନ୍ତିକର ହୁଏ, ତଥାପି ତୁମେ ଏଠାରେ କେବଳ ସଙ୍ଗୀତ ଗାନ ଓ ଭଗବାନଙ୍କୁ ସ୍ତୁତିକରି ସମୟ କଟାଇ ଦିଅ । ଆଉ ମଧ୍ୟ ଅନ୍ୟ କେତେ ପ୍ରକାର ସ୍ୱର୍ଗ ଅଛି ଯେଉଁଠାରେ ତୁମେ ସବୁପ୍ରକାର ଭୋଗବିଳାସ ଲାଭ କରିପାର, ଏପରିକି ଏହି ପାର୍ଥିବ ଜଗତରେ ଯାହା ତୁମ ଜୀବନକାଳ ମଧ୍ୟରେ ଚାହିଁଥିଲ, ସେହି ସବୁକିଛି ତୁମେ ଏହି ସ୍ୱର୍ଗରେ ଲାଭ କର । ଆଉ ମଧ୍ୟ ଏପରି ସ୍ୱର୍ଗଲୋକ ଅଛି ଯେଉଁଠାରେ ତୁମେ ସର୍ବଦାହିଁ ଶାନ୍ତିପ୍ରଦ ଧ୍ୟାନରେ ନିବିଷ୍ଟ ଥାଅ, ତେବେ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନେ ଧ୍ୟାନମୁଖୀ ନୁହନ୍ତି, ସେମାନଙ୍କୁ ଏସବୁ ସ୍ଥାନ ନିଶ୍ଚୟ ବିରକ୍ତିକର ବୋଧ ହେବ । ତଥାପି, ଏହା ନିର୍ଭର କରେ ଅବସ୍ଥା ବିଶେଷ ଉପରେ, ଶାସ୍ତ୍ରଜ୍ଞମାନେ କିନ୍ତୁ ସବୁପ୍ରକାର କଥା ତାଙ୍କ ମୁଣ୍ଡରୁ ବାହାର କରିଛନ୍ତି, ଯଦ୍ଦ୍ୱାରା ଲୋକମାନେ ଭୟରେ ଟିକିଏ ସଂଯତ ହେବେ, ଆଜ୍ଞା ମାନିବେ ଏବଂ ଉପଦେଶ ଶୁଣିବେ ।

ଆଉ ବି ମନୁଷ୍ୟର କଳ୍ପନା ଏତେ ସୃଜନଶୀଳ ଏବଂ ଏପରି ରୂପ-ସ୍ରଷ୍ଟାକାରୀ ! ଏ ପୃଥିବୀରେ ଏପରି ସ୍ଥାନ ଅଛି ଯାହା ଠିକ୍ ଏହି ସ୍ୱର୍ଗଲୋକସକଳ ପରି । ମନୁଷ୍ୟ ନିଜ କଳ୍ପନା ମଧ୍ୟରୁ ଜୀବନ୍ତ ଭୌତିକ ବସ୍ତୁ ଗଢ଼ି ତୋଳେ । ଯଦି ତୁମର ଚେତନା ଶୁଦ୍ଧ ହୋଇଯାଏ, ତେବେ ତୁମେ ଏହି ଭୂମିସକଳରୁ ରକ୍ଷା ପାଇପାର, ନଚେତ୍ ତୁମେ ସେହି ସ୍ଥଳରେ ଅବରୁଦ୍ଧ ବା ବନ୍ଦୀ ହୋଇ ରହିବ, କାରଣ ବଞ୍ଚିଥିବା ବେଳେ ତୁମର ଏହିପରି ବିଶ୍ୱାସ ଥିଲା । ତୁମେ କହିପାର ଏହା ଜୀବନ ତୁଲ୍ୟ ସମାନ ଓ ସତ୍ୟ, ମାତ୍ର ଏହି ଜୀବନ ଏକେବାରେ ଗୋଟିଏ ବିଭ୍ରମ ଏବଂ ଅତି ସଂକୀର୍ଣ୍ଣ । ଯେଉଁମାନେ ଏଥିରେ ବିଶ୍ୱାସ କରନ୍ତି, ସେହିମାନଙ୍କ ନିମିତ୍ତ ଏହି ଜୀବନ ବାସ୍ତବ । ଯଦି ତୁମେ ଭିନ୍ନ ପ୍ରକାର ଚିନ୍ତାକର, ତେବେ ତୁମ ପାଇଁ ଏହା ଆଉ ସତ୍ୟ ହେବ ନାହିଁ, ତୁମେ ଏହା ଭିତରୁ ବାହାରି ଆସିପାରିବ । ତୁମେ ଜଣେ ବ୍ୟକ୍ତିକୁ ଏଥିମଧ୍ୟରୁ ବାହାର କରି ଆଣିପାର ଏବଂ ସଙ୍ଗେ ସଙ୍ଗେ ତୁମେ ବୁଝିପାରିବ ଯେ ସେହି ବ୍ୟକ୍ତି ତାହାର ନିଜର ମନ-ସୃଷ୍ଟ ରୂପାୟନ ମଧ୍ୟରେ ଆବଦ୍ଧ ଥିଲା ।

ମନୁଷ୍ୟର ସୃଷ୍ଟି କରିବାର ଶକ୍ତି ଅଦ୍ଭୁତପୂର୍ବ । ମନୁଷ୍ୟ ନିଜର ଛାୟାରେ ଅନେକଗୁଡ଼ିଏ ଦେବାଦେବୀ ସୃଷ୍ଟି କରିଛି; ସେହିସବୁ ଦେବାଦେବୀଙ୍କର ମନୁଷ୍ୟ ପରି ଦୋଷତ୍ରୁଟି ଆହୁରି ବଡ଼ ଆକାରରେ ଥାଏ । ଯାହା ମନୁଷ୍ୟ କରେ ଦେବାଦେବୀଗଣ ତାହା ବଡ଼ ଆକାରରେ କରିଥା'ନ୍ତି । ଏହି ସତ୍ତା ସକଳଙ୍କର ଗୋଟାଏ ଖଣ୍ଡିତ ଅସ୍ତିତ୍ୱ ଅଛି, ତଥାପି ସ୍ୱତନ୍ତ୍ର ଅସ୍ତିତ୍ୱ ମଧ୍ୟ ଅଛି ଯେପରି ତୁମର ଚିନ୍ତାର ବିଗ୍ରହ ଥାଏ । ଯେତେବେଳେ ତୁମର କୌଣସି ବିଚାର ହୁଏ ଗୋଟିଏ ମନଃକୃତ ସୁଦୃଢ଼ ବିଚାର ଯାହାକି ତୁମ ମଧ୍ୟରୁ ବାହାରକୁ ଯାଏ, ଏହା ଗୋଟାଏ ସ୍ୱତନ୍ତ୍ର ସତ୍ତାରେ ପରିଣତ ହୁଏ, ଏବଂ ଯେଉଁ ସକାଶେ ଏହା ସୃଷ୍ଟ ହୋଇଥିଲା, ଏହା ତାହା ସାଧନ କରେ । ଏହା ତୁମକୁ ଅପେକ୍ଷା ନକରି

ସ୍ୱତନ୍ତ୍ରଭାବେ ତାହାର କାର୍ଯ୍ୟ କରିଯାଏ । ସେଥିପାଇଁ ସର୍ବଦା ତୁମକୁ ସାବଧାନ ରହିବାକୁ ହେବ । ଯଦି ତୁମେ ଏପରି ଏକ ବିଚାରକୁ କେବେ ରୂପଦାନ କରିଛ, ଏବଂ ତାହା ତୁମଠାରୁ ବାହାରକୁ ଚାଲିଯାଇଛି, ତେବେ ତୁମେ ଦେଖିବ ଯେ ଏହା ତାହାର କାମ କରିବାରେ ଲାଗିଛି । ହୁଏତ କିଛି ସମୟ ପରେ ତୁମେ ଜାଣିବ ଯେ ଏପରି ଏକ ଚିନ୍ତନ ବା ବିଚାର କରିବା ମଙ୍ଗଳଜନକ ବା ସୁଖକର ନଥିଲା । ଆଉ ବର୍ତ୍ତମାନ ଏହା ତୁମର କର୍ତ୍ତୃତ୍ୱର ବାହାରକୁ ଚାଲିଯାଇଛି, ଆଉ ତାକୁ ଫେରାଇ ଆଣିବା ଅତ୍ୟନ୍ତ କଠିନ କାର୍ଯ୍ୟ । ଏଥି ପାଇଁ ତୁମେ ପର୍ଯ୍ୟାପ୍ତ ସୂକ୍ଷ୍ମ ବିଦ୍ୟା (occult knowledge) ଜାଣିଥିବା ଆବଶ୍ୟକ । ଏହା ବାହାରକୁ ଚାଲିଯାଇଛି, ଘୁରି ବୁଲୁଛି । ମନେକର କୌଣସି ଏକ ବିରକ୍ତିକର ମୁହୂର୍ତ୍ତରେ ଯେତେବେଳେ କି ତୁମେ କାହା ଉପରେ ଖୁବ୍ ରାଗିଛ, ତୁମେ କହି ପକାଇଲ, ''ହଉ, ଗୋଟାଏ ଦୁର୍ଘଟଣାରେ ସେ ପଡୁ ।'' ବର୍ତ୍ତମାନ ତୁମର ମନଃସୃଷ୍ଟ ବିଚାରଟି ବାହାରକୁ ଚାଲିଗଲା । ଏହି ବିଚାର ତୁମଠାରୁ ବାହାରିଗଲା, ଆଉ ତାହା ଉପରେ ତୁମର କୌଣସି କର୍ତ୍ତୃତ୍ୱ ନାହିଁ । ଆଉ ଏହା ଠିକଣାମତେ ଗୋଟାଏ ଦୁର୍ଘଟଣା ଘଟାଇଦିଏ, ତା' ନିଜ କାର୍ଯ୍ୟ ସେ କରେ । ସୁଖର କଥା ଯେ ତୁମେ ଏ ବିଷୟରେ ସାଧାରଣତଃ ପୂରାପୂରି ଅଜ୍ଞାନ ରହିଯାଅ, ଆଉ ତୁମେ ଜାଣ ନାହିଁ ଯେ ଏହି ଦୁର୍ଘଟଣା ନିମିତ୍ତ ତୁମେ ନିଜେହିଁ ଦାୟୀ । କିନ୍ତୁ ଏହାହିଁ ପ୍ରକୃତ ସତ୍ୟ କଥା ।

ମନେରଖ, ଏହି ମନଃସୃଷ୍ଟ ଗଠନଗୁଡ଼ିକରୁ (formation) ଖୁବ୍ ସୁବିଧା ମିଳିପାରେ, ଯଦି ତୁମେ ଜାଣ କିପରି ତାହାକୁ ବ୍ୟବହାର କରାଯାଇପାରେ । ଯଦି ତୁମେ ଭଲ ବିଚାର ଠିକ୍‌ଭାବେ ଗଠନ କରିପାର, ତେବେ ତାହା ଅନ୍ୟାନ୍ୟ ମନୋମୟ ଗଠନ ପରି ଠିକ୍ ରୂପେ କାମ କରିପାରିବ । ଏହା ଦ୍ୱାରା ତୁମେ ନିଜ କୋଠରି ମଧ୍ୟରେ ବସି ଅନେକ ଲୋକଙ୍କର କଲ୍ୟାଣ କରିପାର, ଏପରି ଅନେକ ବେଶୀ କଲ୍ୟାଣ କରିପାର, ବାହ୍ୟତଃ କୌଣସି ପ୍ରକାର ବିଶେଷ କଷ୍ଟ ସ୍ୱୀକାର ନକରି । ଯଦି ତୁମେ ଜାଣ ସଠିକ୍ ଭାବରେ କିପରି ବୁଦ୍ଧିମତ୍ତା, ଶକ୍ତି ଓ କାରୁଣ୍ୟ ସହ ସଂକଳ୍ପ କରିବାକୁ ହୁଏ, ଯଦି ତୁମେ ଜଣକୁ ଖୁବ୍ ଭଲପାଅ, ଏବଂ ତା' ପାଇଁ ତୁମର ଆନ୍ତରିକ ଶୁଭେଚ୍ଛା ଅତି ଗଭୀର ଓ ପରିପୂର୍ଣ୍ଣ ରହିଛି, ତେବେ ତାହା ବ୍ୟକ୍ତିର ଅତ୍ୟନ୍ତ କଲ୍ୟାଣ ସାଧନ କରେ, ହୁଏତ ଏତେ ବେଶୀ ପରିମାଣରେ ଯେ ତୁମେ ଏ ବିଷୟରେ ଧାରଣା ବି କରିପାରିବ ନାହିଁ । ମୁଁ ଅନେକ ସମୟରେ ଏ ବିଷୟରେ କହିଛି : ଉଦାହରଣସ୍ୱରୂପ, ଏଠାରେ ଥିବା ସାଧକମାନଙ୍କୁ ଯେଉଁମାନେ କି ତାଙ୍କ ପରିବାରର କେହି ଖୁବ୍ ବେମାର ପଡ଼ିଲେ ପିଲାଳିଆ ବୁଦ୍ଧିରେ ହଠାତ୍ ଦୌଡ଼ିଯାଇ ତାକୁ ଦେଖିବା ପାଇଁ ବ୍ୟାକୁଳ ହୋଇ ପଡ଼ନ୍ତି । ମୁଁ ତୁମକୁ ମନେ ରଖିବାକୁ କହୁଛି ଯେ ଯଦି ଏହା ଗୋଟାଏ ବିଶେଷ ପରିସ୍ଥିତି ହୋଇ ନଥାଏ ଏବଂ ଯଦି ରୋଗୀ ପାଖରେ କେହି ଜଣେ ବି ଦେଖାଶୁଣା କରିବାକୁ ନଥାଏ (ତଥାପି ଏପରି ହେଲେ ସୁଦ୍ଧା), ଯଦି ତୁମେ ଯଥାର୍ଥ ମନୋଭାବ ରଖିପାର ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ଉପରେ ଶୁଭେଚ୍ଛା ଓ ଶ୍ରଦ୍ଧା ସହ ଏକାଗ୍ର ହୋଇପାର, ଏବଂ ଯଦି ତୁମେ ରୋଗୀ ନିମିତ୍ତ ଠିକ୍‌ଭାବେ ପ୍ରାର୍ଥନା କରିପାର, ଏବଂ ଏଠାରୁ ମଙ୍ଗଳକର ବିଚାର (formation) ପଠାଇପାର, ତାହା ହେଲେ ତୁମେ ରୋଗୀର ସେବାଶୁଶ୍ରୂଷା, ଭୋଜନ, ସ୍ନାନ କରାଇବା ଅପେକ୍ଷା (ଯାହାକି ଅନ୍ୟମାନେ କରାଇ ପାରନ୍ତି) ଅଧିକ କଲ୍ୟାଣ କରିପାରିବ । ଅବଶ୍ୟ ସମସ୍ତେ ଏପରି ଶୁଭ ବିଚାର ଗଠନ କରିପାରିବେ ନାହିଁ ବା ରୋଗୀର ନିରାମୟ ନିମିତ୍ତ ତାହା ପଠାଇ ପାରିବେ ନାହିଁ ।

ଯାହା ବି ହେଉ ଆମର ସ୍ୱର୍ଗଭୂମିର କଥାକୁ ଫେରି ଆସିଲେ ବୁଝାଯିବ ଯେ ଏହା ଗୋଟାଏ ଅତି ପିଲାଳିଆ ମନୋଗତ ବିକୃତି – ଅଜ୍ଞାନତାପୂର୍ଣ୍ଣ ଓ ଅଭିସନ୍ଧିମୂଳକ – ଯଦିଓ କେତେକାଂଶରେ ଏହା ସତ୍ୟ, ମାତ୍ର ଯେପରି ଆମେମାନେ ଏହାକୁ କଳ୍ପନା କରୁ, ସେପରି ଆଦୌ ନୁହେଁ... । ମୁଁ ଅନେକଥର ତୁମକୁ ଏକଥା କହିଛି ଏବଂ ବାରଂବାର ଏକଥା କହିବା ଅନାବଶ୍ୟକ ଯେ ଆମର ବ୍ୟକ୍ତିତ୍ୱ ଗୋଟିଏ ସତ୍ତା ଦ୍ୱାରା ଗଠିତ ନୁହେଁ । ଆମର ବ୍ୟକ୍ତିତ୍ୱ ମଧ୍ୟରେ ବହୁତ ଗୁଡ଼ିଏ ସତ୍ତା ରହିଛନ୍ତି ଏବଂ ଏହି ପ୍ରତ୍ୟେକ ସତ୍ତାର ଭିନ୍ନ ଭିନ୍ନ ଜୀବନ ରହିଛି । ଏହି ସମସ୍ତ ସତ୍ତା ଗୋଟିଏ ଶରୀର ମଧ୍ୟରେ ରହିଛନ୍ତି, ଏବଂ ସମସ୍ତେ ଏହି ଗୋଟିଏ ଶରୀର ମାଧ୍ୟମରେ କାର୍ଯ୍ୟ କରନ୍ତି । ଏଥିରୁ ତୁମର ମନେହୁଏ ଯେ ଏହା ଗୋଟିଏ ସତ୍ତା ଏବଂ ଗୋଟିଏ ବ୍ୟକ୍ତି । କିନ୍ତୁ ଏକ ଶରୀର ମଧ୍ୟରେ ବହୁ ବ୍ୟକ୍ତିତ୍ୱ ରହିଛି ଏବଂ ବିଶେଷ କରି ମନର ଅଭିନିବେଶ ଭିନ୍ନ ଭିନ୍ନ ସ୍ତରରେ ହୋଇଥାଏ, – ତୁମର ପ୍ରାଣସତ୍ତା, ମନୋମୟସତ୍ତା, ଚୈତ୍ୟସତ୍ତା – ଆହୁରି ଅନେକ ଏବଂ ଅନ୍ୟାନ୍ୟ ବହୁ ମଧ୍ୟବର୍ତ୍ତୀ ସତ୍ତାସକଳ ମଧ୍ୟ ତୁମ ମଧ୍ୟରେ ରହିଛନ୍ତି । ଏହି ବିଷୟ ଟିକିଏ ଜଟିଳ, ଏହା ହୁଏତ ତୁମେ ବୁଝି ନପାର । ଧର ତୁମେ ଗୋଟିଏ କାମନା-ବାସନା, ଆସକ୍ତି ଓ ଆବେଗର ଜୀବନଯାପନ କରୁଛ, ତେବେ ତାହା

ପ୍ରଧାନତଃ ପ୍ରାଣପ୍ରଧାନ ଜୀବନ । ଅନ୍ୟ ପକ୍ଷରେ ଯଦି ତୁମେ ଆଧ୍ୟାତ୍ମିକ ଉନ୍ନତି ପାଇଁ ଉଦ୍ୟମ କରୁଛ, ପରମ ମଙ୍ଗଳ ଇଚ୍ଛା, ନିଃସ୍ୱାର୍ଥପରତା, ପରର ହିତସାଧନ ଏବଂ ଉନ୍ନତିର ଭାବସହ ବାସ କରୁଛ, ତେବେ ତୁମେ ଚୈତ୍ୟପୁରୁଷଙ୍କ ଚାଳନାରେ ଜୀବନଯାପନ କରୁଛ । ପୁନଶ୍ଚ ଯେତେବେଳେ ତୁମର ଶରୀର ଛାଡ଼ିବା ବେଳ ଆସେ ସେତେବେଳେ ଏହି ସତ୍ତାସକଳ ନିଜ ନିଜ ଭୂମିକୁ ଚାଲିଯା'ନ୍ତି । କେବଳ ଯଦି ତୁମେ ଜଣେ ଖୁବ୍ ଉନ୍ନତ ଯୋଗୀ ହୋଇଥାଅ ଏବଂ ତୁମ ସତ୍ତାର ସକଳ ଅଂଶକୁ କେନ୍ଦ୍ରୀୟ ଦିବ୍ୟସତ୍ତାର ଚତୁର୍ଦ୍ଦିଗରେ ଏକୀଭୂତ କରିଥାଅ, ତେବେ ଏହି ସତ୍ତାଗଣ ଏକତାବଦ୍ଧ ହୋଇ ରହନ୍ତି । ଯଦି ସତ୍ତା ସକଳର ଏହି ଏକୀକରଣ ହୋଇ ନଥାଏ, ତେବେ ମୃତ୍ୟୁ କାଳରେ ସେସବୁ ଯେ ଯାହା ଭୂମିକୁ ଫେରିଯା'ନ୍ତି । ଉଦାହରଣସ୍ୱରୂପ, ପ୍ରାଣସତ୍ତାର ବିଷୟ : ମୃତ୍ୟୁ ସମୟରେ ପ୍ରତ୍ୟେକଟି ବାସନା ନିଜର ତୃପ୍ତି ନିମିତ୍ତ ସ୍ୱତନ୍ତ୍ରଭାବେ ଏଣେତେଣେ ଦୌଡ଼ିଯାଏ, ସେତେବେଳେ ଆଉ ଗୋଟିଏ ଶରୀର ନଥାଏ ଯାହାକି ସେ ସମସ୍ତଙ୍କୁ ଏକାଠି ଧରି ରଖିବ । କିନ୍ତୁ ଯଦି ସାଧନା ଦ୍ୱାରା ତୁମର ଚେତନା ଚୈତ୍ୟପୁରୁଷଙ୍କ ସହିତ ଏକ ହୋଇଥା'ନ୍ତା, ତା'ହେଲେ ମୃତ୍ୟୁ ବେଳେ ତୁମେ ଚୈତ୍ୟ-ଚେତନା ସହିତ ଯୁକ୍ତ ହୋଇ ଚୈତ୍ୟଭୂମିକୁ ଉଠି ଯାଇଥା'ନ୍ତ । ଆଉ ଏହି ଚୈତ୍ୟଭୂମିହିଁ ହେଲା ପରମ ସୁଖ, ଦିବ୍ୟ ଆନନ୍ଦ, ପ୍ରଶାନ୍ତି ଓ ଅଚଞ୍ଚଳତା ତଥା ସମୃଦ୍ଧ ଜ୍ଞାନର ଭୂମି । ଯଦି ଏହି ଚୈତ୍ୟଲୋକକୁ ତୁମେ ସ୍ୱର୍ଗ ବୋଲି କହିବାକୁ ଚାହ, ତେବେ ତାହା ଠିକ୍ । କାରଣ ଯେତିକି ପରିମାଣରେ ତୁମେ ତୁମର ଚୈତ୍ୟପୁରୁଷଙ୍କ ସଙ୍ଗେ ସଂଯୋଗ ଲାଭ କରିଥାଅ, ସେତିକି ପରିମାଣରେ ତୁମେ ଏ ବିଷୟରେ ସଚେତନ ରୁହ, ଏବଂ ଯେହେତୁ ଏହା ଅମର, ତୁମେ ଅମର ଦିବ୍ୟଧାମକୁ ଯାତ୍ରା କର ଏବଂ ସେଠାରେ ପୂର୍ଣ୍ଣ ଆନନ୍ଦ ମଧ୍ୟରେ ବାସ କର । ଯଦି ଏହାକୁ ତୁମେ ସ୍ୱର୍ଗଲୋକ ବୋଲି କହିବାକୁ ଚାହ, ତେବେ ସେଥିରେ ଆପତ୍ତି ନାହିଁ । ଯଦି ତୁମେ ପ୍ରକୃତରେ ଜଣେ ଉତ୍ତମ ବ୍ୟକ୍ତି, ଯଦି ତୁମେ ଚୈତ୍ୟପୁରୁଷଙ୍କ ସମ୍ବନ୍ଧେ ସଚେତନ ଏବଂ ସେଥିରେ ବାସ କର, ଯେତେବେଳେ ତୁମର ଶରୀର କ୍ଷୟ ହୋଇଯିବ ସେତେବେଳେ ତୁମେ ଚୈତ୍ୟଲୋକରେ ପରମ ଆନନ୍ଦ ମଧ୍ୟରେ ବାସ କରିବା ନିମିତ୍ତ ଯାତ୍ରା କରିବ !

(ବୁଲେଟିନ୍ – ନଭେମ୍ବର, ୧୯୬୮) ❖

*ପ୍ରଶ୍ନ : କେବଳ ବିଶ୍ୱାସ କ'ଣ ସବୁକିଛି ସୃଷ୍ଟି କରିପାରେ, ସବୁକିଛିକୁ ଜୟ କରିପାରେ ?*

**ଶ୍ରୀମା** : ହଁ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ବିଶ୍ୱାସ ହେବା ଆବଶ୍ୟକ, ଏବଂ ତାହା ଅଖଣ୍ଡ ହେବା ଆବଶ୍ୟକ । ଏବଂ ଏହି ବିଶ୍ୱାସ ଯେପରି ଏକ ଯଥାର୍ଥ ଧରଣର ବିଶ୍ୱାସ ହୁଏ, କେବଳ ମାନସିକ ଚିନ୍ତା ବା ଇଚ୍ଛାର ଏକ ଶକ୍ତି ନୁହେଁ, ତାହାଠାରୁ ଅଧିକତର ଓ ଗଭୀରତର କିଛି । ମନ ଯେଉଁ ସଂକଳ୍ପ ରଖିଥାଏ ତାହା ତା'ର ଏକ ବିରୁଦ୍ଧ ପ୍ରତିକ୍ରିୟା ଓ ପ୍ରତିରୋଧକୁ ସୃଷ୍ଟି କରେ ... । କେବଳ ମନର ବିଶ୍ୱାସ ଯଥେଷ୍ଟ ନୁହେଁ, ପ୍ରାଣର ଏକ ବିଶ୍ୱାସ, ଏପରିକି ଦେହର ଏକ ବିଶ୍ୱାସ ଦ୍ୱାରା ତାହାକୁ ସଂପୂର୍ଣ୍ଣ କରିବାକୁ ହେବ ଓ ଦୃଢ଼ ଭାବରେ ପ୍ରୟୋଗ କରିବାକୁ ହେବ । ତୁମେ ଯଦି ନିଜ ଭିତରେ, ତୁମର ସମଗ୍ର ସତ୍ତାରେ ଏହି ଧରଣର ଏକ ବିଶ୍ୱାସ ଗଢ଼ି ତୋଳିପାର, ତା' ହେଲେ କୌଣସି କିଛି ମଧ୍ୟ ତାହାର ପ୍ରତିରୋଧ କରିପାରିବ ନାହିଁ, କିନ୍ତୁ ତୁମକୁ ପୂରା ଅବଚେତନର ତଳକୁ ଯାଇ ପହଞ୍ଚିବାକୁ ହେବ ଏବଂ ପୂରା ଦେହକୋଷଗୁଡ଼ିକରେ ସେହି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ ।

# ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି

## ଶ୍ରୀମା

ଆମ ଭିତରେ ଯାହାକିଛି ଅନ୍ତରସ୍ଥ ଭଗବାନଙ୍କୁ ପୂର୍ଣ୍ଣଭାବରେ ଉତ୍ସର୍ଗୀକୃତ ନହୋଇ ରହିଛି ତାହା ଉପରେ ସବୁଆଡ଼େ ଭିଡ଼ ଜମାଇ ରହିଥିବା ନାନା ବସ୍ତୁମାନଙ୍କର ଅଧିକାର ରହିଥାଏ । ଏହି ବସ୍ତୁଗୁଡ଼ିକ ଆମକୁ ଚତୁର୍ଦ୍ଦିଗରେ ଘେରି ରହିଛନ୍ତି ଓ ଭୁଲ୍‌ରେ ଆମେ ଯାହାକୁ 'ଆମେ ନିଜେ' ବୋଲି କହୁ ତାହା ଉପରେ ଏଗୁଡ଼ିକ କ୍ରିୟା କରିଥାଆନ୍ତି ହୁଏତ ଆମର ଇନ୍ଦ୍ରିୟାନୁଭୂତିଗୁଡ଼ିକ ମାଧ୍ୟମରେ କିଂବା ସିଧାସଳଖ ମନକୁ ନାନା ପ୍ରରୋଚନା ଯୋଗାଇ ।

ଏକ ସଚେତ ସତ୍ତା ହେବାର ଏକମାତ୍ର ବାଟ ହେଉଛି ଯଥାର୍ଥରେ ଆମେ ଯାହା, ତାହା ହୋଇଉଠିବା; ସମସ୍ତଙ୍କ ଭିତରେ ଯେଉଁ ଭଗବତ୍ ଆତ୍ମସତ୍ତା ରହିଛି ତାହା ସହିତ ମିଳିତ ହୋଇଯିବା ଓ ଏକ ହୋଇଯିବା । ଏହା କରିବାକୁ ହେଲେ ଏକାଗ୍ରତା ଓ ଅଭିନିବେଶ ସାହାଯ୍ୟରେ ସମସ୍ତ ବାହ୍ୟ ପ୍ରଭାବରୁ ଆମ ନିଜକୁ ପୃଥକ୍ ରଖିବାକୁ ହେବ ।

ତୁମେ ଯେତେବେଳେ ନିଜ ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି ସହ ଏକ ହୋଇଯାଅ ସେତେବେଳେ ତୁମେ ଅନ୍ୟ ସମସ୍ତ ବସ୍ତୁ ସହ ସେମାନଙ୍କ ସତ୍ତାର ଗଭୀରରେ ଏକ ହୋଇଯାଅ । କେବଳ ଏହାରି ଦ୍ୱାରା ଏବଂ ଏହାରି ମାଧ୍ୟମରେହିଁ ତୁମେ ସେମାନଙ୍କ ସହ ଯଥାର୍ଥ ସମ୍ପର୍କ ସ୍ଥାପନ କର । ସେତେବେଳେ କୌଣସି ଆକର୍ଷଣ ବା ବିକର୍ଷଣର ଭାବ ନରଖି ଯାହାସବୁ ସେହି ଦିବ୍ୟ-ଉପସ୍ଥିତିର ନିକଟତର, ତୁମେ ଆପେ ଆପେ ସେଗୁଡ଼ିକର ନିକଟତର ହୁଅ ଏବଂ ଯାହା ସେହି ଦିବ୍ୟ-ଉପସ୍ଥିତିର ଦୂରରେ ତୁମେ ମଧ୍ୟ ସେଗୁଡ଼ିକଠାରୁ ଦୂରେଇ ଯାଅ ।

ଅନ୍ୟମାନଙ୍କ ସଙ୍ଗେ ବାସ କରିବା ବେଳେ ତୁମେ ଯେପରି ବରାବର ଏକ ଦୃଷ୍ଟାନ୍ତ ହୋଇ ରୁହ ଓ ସେମାନେ ଦିବ୍ୟଜୀବନକୁ ବୁଝିବା ପାଇଁ ଓ ସେହି ପଥରେ ପ୍ରବେଶ କରିବା ପାଇଁ ତୁମେହିଁ ଯେପରି ସେମାନଙ୍କ ଆଗରେ ହୋଇଉଠ ସେମାନଙ୍କୁ ମିଳିଥିବା ଏକ ଉପଲକ୍ଷ୍ୟ, ଏକ ସୁଯୋଗ । ଆଉ ଅଧିକ କିଛି ନୁହେଁ; ଏପରିକି ସେମାନଙ୍କୁ ସେହି ପଥରେ ଆଗେଇ ନେବା ପାଇଁ ମଧ୍ୟ ତୁମ ଭିତରେ କୌଣସି ଇଚ୍ଛା ବା ବାସନା ରହିବା ଉଚିତ ନୁହେଁ । କାରଣ ତାହା ହେବ ଏକ ପ୍ରକାର ସ୍ୱେଚ୍ଛାଚାର, ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଜାହିର କରିବା ।

ଯେପର୍ଯ୍ୟନ୍ତ ତୁମେ ନିଷ୍ପତ୍ତିମୂଳକଭାବେ ଭିତରର ଦିବ୍ୟସତ୍ୟ ସଙ୍ଗେ ମିଳିତ ନ ହୋଇଛ, ସେପର୍ଯ୍ୟନ୍ତ ବାହାର ସଙ୍ଗେ ତୁମ ସମ୍ପର୍କ ରଖିବାର ସର୍ବୋତ୍ତମ ପନ୍ଥା ହେଉଛି ସେହିମାନଙ୍କର ସର୍ବସମ୍ମତ ଉପଦେଶକୁ ମାନିଚାଲିବା, ଯେଉଁମାନେ ନିଜେ ଅନ୍ତରସ୍ଥ ସେହି ଦିବ୍ୟସତ୍ୟ ସହ ଏକ ଓ ମିଳିତ ହୋଇଯିବାର ଉପଲବ୍ଧି ପାଇ ସାରିଛନ୍ତି ।

ନିରନ୍ତର ଏକ ଉଦାର ସଦିଚ୍ଛାର ଭାବ ପୋଷଣ କରିବାକୁ ହେବ; ନିଜ ପାଇଁ ସର୍ବଦା ଏହି ଆଚରଣବିଧି ସ୍ଥିର କରି । ଯେକୌଣସି ବିଷୟରେ ନିଜେ ଯେପରି କଷ୍ଟ ନପାଅ, ବିବ୍ରତ ବା ବିକ୍ଷୁବ୍ଧ ନହୁଅ ଏବଂ ଅନ୍ୟମାନଙ୍କର ବିବ୍ରତ ବିକ୍ଷୁବ୍ଧ ହେବାର କାରଣ ନ ହୁଅ । ଯେତେଦୂର ସମ୍ଭବ ଯେପରି ତୁମଠାରୁ ଅନ୍ୟମାନଙ୍କର କୌଣସି ଦୁଃଖ ଓ କ୍ଲେଶଭୋଗ ନଆସେ । ❖

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଏକ ମାନବ ଦିବ୍ୟ ଦୃଷ୍ଟିର
(A man of second sight)

ବିଷୟ ବସ୍ତୁକୁ ହାଲୁକା ନକରି କହିବାର ମନୋବୃତ୍ତିଟି ଏପରି ଏକ ସଦ୍‌ଗୁଣ ଯାହା ସେଇମାନଙ୍କ ଦ୍ୱାରା କ୍ୱଚିତ୍ ଆଦୃତ ହୁଏ ଯେଉଁମାନେ ଦୀର୍ଘକାଳ ପରାଧୀନ ରହିବା ଫଳରେ ନିର୍ଭୀକତାର କୌଣସି ପ୍ରକାର ଉପଯୁକ୍ତ ମୂଲ୍ୟାୟନ କରିପାରନ୍ତି ନାହିଁ । କିନ୍ତୁ ଯେଉଁ ଜାତି ତା'ର ମର୍ଯ୍ୟାଦା ଓ ଆତ୍ମସମ୍ମାନର ବୋଧକୁ ହରେଇ ବସିଛି ତା' ଭିତରେ ନିର୍ଭୀକତାକୁ ଜାଗ୍ରତ୍ କରିବା ଦିଗରେ ସେଇ ସମସ୍ତ ରାଜନୈତିକ ମନୀଷୀଗଣ ଏଭଳି ନିବିଷ୍ଟ ଚିତ୍ତରେ ପ୍ରୟାସ କରି ଚାଲିଛନ୍ତି ଯେଉଁମାନଙ୍କର ଅଭିଳାଷ ଥିଲା ମାତୃଭୂମି ଦ୍ୱାରା ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଅତ୍ୟନ୍ତ ସଙ୍କୋଚତା ଓ ନିଷ୍ଠାର ସହିତ । ଏକାଧାରରେ ଦୁର୍ବିନୀତ ଓ ବୀରୋଚିତ ଏକ କାର୍ଯ୍ୟକ୍ରମକୁ ଆଧାର କରି ଘଟଣାଗୁଡ଼ିକ ପ୍ରତି ସିଧାସଳଖ ଦୃଷ୍ଟିପାତ କରିବାର ଆଉ ପରିସ୍ଥିତିର ବାସ୍ତବ ଉପଲବ୍ଧିର ସାମର୍ଥ୍ୟକୁ ଅନେକ ବିଳମ୍ବରେ ସମସ୍ତେ ବୁଝିଲେ ଯେତେବେଳେ ଅଧଃପତିତ ଜାତିଗୁଡ଼ିକ (nations) ସେମାନଙ୍କର ମୁକ୍ତି ସଂଗ୍ରାମକୁ ଜନ୍ମ ଦେଇ ସାରିଥିଲେ । ସେଇ ବ୍ୟକ୍ତିମାନେ ଯେ ହିଂସ୍ର ଓ ଅନିଷ୍ଟ ସାଧନକାରୀ ସ୍ୱପ୍ନାବିଷ୍ଟ, ବିକୃତ ପୈଶାଚିକ ମତିଗତିରେ ସେମାନେ ଯେ ଅଭିଶପ୍ତ ଆଉ ବେପରୱା ଭାବେ ଉଦ୍‌ଗ୍ରୀବ ହୋଇ ଉଠିଛନ୍ତି ସମସ୍ତଙ୍କୁ ବିଭ୍ରାନ୍ତ କରି ଧ୍ୱଂସ ପଥକୁ ନେଇଯିବାକୁ ଏ ଧରଣର ଅଭିଯୋଗମାନ ସେଇମାନଙ୍କର ଦ୍ୱାରଦେଶରେ ବାରଂବାର ଆସି ଆଘାତ କରିଛି ଯେଉଁମାନେ ମହାନ୍ ଜାତୀୟ ଜାଗରଣ ପାଇଁ ପ୍ରୟାସ ତୋଳିଥିଲେ । ତେଣୁ କେତେକ ଅଞ୍ଚଳରେ ନୂତନ ବିଚାରଧାରା ପ୍ରତି ଯେଉଁ କ୍ରୋଧର ଉଚ୍ଛ୍ୱାସ ଦେଖା ଦେଇଛି ତାହା ସମ୍ପୂର୍ଣ୍ଣ ସ୍ୱାଭାବିକ । କିନ୍ତୁ ଏସବୁ ବିଶ୍ୱାସବିହୀନ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ, ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଆମର ଇଚ୍ଛା ନାହିଁ । ଏଇ କଠୋର ମତାବଲମ୍ବୀ ଆଉ ନିରସ ବ୍ୟକ୍ତିମାନେ ଆମମାନଙ୍କର ପଦାଙ୍କକୁ ଏମିତି ଶୁଙ୍ଘି ଶୁଙ୍ଘି ଚାଲିଥିବେ ଏବଂ ଯତ୍ପରୋନାସ୍ତି ଚେଷ୍ଟା କରୁଥିବେ ଆମକୁ ଆମ ପଥରୁ ନିବୃତ୍ତ କରିବାକୁ, ପରାଭୂତ କରିବାକୁ । ଏପରିକି ସେମାନେ ମଧ୍ୟ ଚେଷ୍ଟା ଚଳେଇବେ ପ୍ରକୃତ ଦେଶଭକ୍ତମାନଙ୍କର ଉତ୍ପୀଡ଼ନ ପାଇଁ । କିନ୍ତୁ କାହାର କିଛି ଭୟ କରିବାର ନାହିଁ । କାରଣ ଯନ୍ତ୍ରଣାହିଁ କେବଳ ମଣିଷମାନଙ୍କୁ ଆହୁରି ଶକ୍ତ କରି ଗଢ଼େ ସେମାନଙ୍କ ଜନ୍ମଭୂମିର ମୁକ୍ତି ପାଇଁ । ଏଭଳି ସମୟରେ ଭୀରୁତାହିଁ ବିଜ୍ଞତା, ବିଚାରଶୀଳତା ଓ ମାନବିକତାର ଦ୍ୱାହି ଦେଇ ମର୍ଯ୍ୟାଦାସୂଚକ ହୋଇପଡ଼େ । କିନ୍ତୁ ଏହା କେବଳ ବର୍ଜ୍ୟବସ୍ତୁ ଓ ମଇଳାଗୁଡ଼ିକ, ଯାହା ଫେନାୟିତ ହୋଇ ଉପରକୁ ଉଠି ଆସେ । ଇତିମଧ୍ୟରେ ଅସଲ ଧାତବଟି ନିମ୍ନ ଦେଶରେ ବିଶୋଧିତ ହୋଇ ଚାଲିଛି । ବିଶୋଧନ ପ୍ରକ୍ରିୟା ସହିତ ଏଇ ମଇଳାଗୁଡ଼ିକ ସର୍ବଦା ପୃଷ୍ଠଭାଗରେ ଦୃଶ୍ୟମାନ ହୋଇଥା'ନ୍ତି କିନ୍ତୁ ସେଗୁଡ଼ିକ କେବଳ ସତ୍ୟ ଓ ଆନ୍ତରିକତା ପ୍ରତି ନିର୍ଭୀକ ପ୍ରତ୍ୟୟ ଜାଗ୍ରତ୍ କରିବାରେ ସାହାଯ୍ୟ କରନ୍ତି । ଏଇ ରାଜନୀତିଜ୍ଞମାନେ ଏକ ସମୃଦ୍ଧ ଦାସତ୍ୱର ଆଦର୍ଶରେ ମତୁଆଲା ହୋଇ ପଡ଼ନ୍ତି ଏବଂ ଏହା ଯେ ଜାତିର ପ୍ରକୃତ ଜୀବନୀ ଶକ୍ତିକୁ ଖାଇ ପୋଲା କରିଦିଏ ଏକଥା ସେମାନେ ହୃଦୟଙ୍ଗମ କରିପାରନ୍ତିନି । ବିଦେଶୀ ଶାସନ ତନ୍ତ୍ର ଯେଉଁ ଅଳ୍ପ କେତେଜଣଙ୍କୁ କ୍ରୀଡ଼ନକ ରୂପେ ବ୍ୟବହାର କରି ଅବଶିଷ୍ଟ ଜନସାଧାରଣଙ୍କୁ ନିର୍ଯ୍ୟାତିତ କରିବା ପାଇଁ ସୁଯୋଗକୁ ଟାକି ବସିଥାଏ ସେମାନଙ୍କ ସମ୍ମାନ ଏବଂ ଅର୍ଥ ଉପାର୍ଜନ ଯେ କ୍ଷତିଗ୍ରସ୍ତ ହେବ ଏଇ ବିଶିଷ୍ଟ କାରଣ ପାଇଁ ସେମାନେ ଜାତୀୟତାବାଦୀମାନଙ୍କର ସିଧାସଳଖ ଓ ଭୟଭ୍ରାନ୍ତି ବିହୀନ ପ୍ରଚେଷ୍ଟାକୁ ତିରସ୍କାର କରିବା ପାଇଁ ଉନ୍ମତ୍ତ ହୋଇ ଉଠିଛନ୍ତି । ''ସେମାନେ ଏମିତି କୌଣସି ଆଚରଣ ନକରନ୍ତୁ ଯେପରି ସେମାନଙ୍କର ହିତାକାଙ୍କ୍ଷୀମାନଙ୍କ ପ୍ରତି କୌଣସି ଅକୃତଜ୍ଞତାର ଗନ୍ଧ ପ୍ରକାଶ ପାଏ । ଆମେ ଯେତେବେଳେ ଦେଖୁଛୁ ଯେ ଏତେ ସଂଖ୍ୟକ ଉଦାରମନା ଇଂରେଜ ଲୋକେ ଆମ ସ୍ୱାର୍ଥ ପାଇଁ ଲଢ଼େଇ କରି ଚାଲିଛନ୍ତି ପାର୍ଲାମେଣ୍ଟର ଭିତରେ ଆଉ ବାହାରେ, ଆମେ ଯେତେବେଳେ ଦେଖୁଛୁ ଜଣେ ବଡ଼ଲାଟ ଆମର ଅନୁଭବ ଏବଂ ଭାବପ୍ରବଣତାକୁ ପ୍ରତିଥର ସହାନୁଭୂତି ସହିତ ବିଚାରକୁ ନେଇଛନ୍ତି, ଆମେ ଯେତେବେଳେ ଦେଖୁଛୁ ଜଣେ ରାଜ୍ୟ ସଚିବ ଆମର ଆକାଙ୍କ୍ଷା ପ୍ରତି ଖୋଲାଖୋଲିଭାବେ ସଂବେଦନଶୀଳ ହୋଇ ଉଠିଛନ୍ତି, ଆମେ ଯେତେବେଳେ

ଦେଖୁଛୁ ଦେଶର ପ୍ରଶାସନ ଆଧୁନିକ ଚାହିଦା ଅନୁସାରେ ନିଜକୁ ଗଠନ କରିବାରେ ଲାଗି ପଡ଼ିଛି, ଆମେ ଯେତେବେଳେ ଦେଖୁଛୁ ଏଗୁଡ଼ିକ ସବୁ ଏବଂ ଉଜ୍ଜ୍ୱଳ ଭବିତବ୍ୟର ଆହୁରି ଅନେକ ନିଦର୍ଶନମାନ ଆମକୁ ପ୍ରତୀକ୍ଷା କରି ରହିଛି – ସେତେବେଳେ ଅନ୍ତର ଭିତରୁ ଆମେ ଏଇ ଛୋଟିଆ ଛୋଟିଆ ଅଭିଯୋଗର ଭାବଗୁଡ଼ିକ ପରିହାର କରିବା ଉଚିତ ଆଉ ପୂର୍ଣ୍ଣ ପ୍ରାଣରେ ଆତ୍ମ-ପ୍ରସ୍ତୁତିରୂପୀ ମହାନ୍ କର୍ତ୍ତବ୍ୟ ସମ୍ପାଦନ ଦିଗରେ ନିଜକୁ ସୁଦୃଢ଼ କରି ରଖିବା ଉଚିତ । ନିଜ ଦେଶକୁ ଶାସନ କରିବାର ଆକାଙ୍କ୍ଷାକୁ ମନ ଭିତରେ ଆଣିବା ଆଗରୁ ଆମେ ନିଜକୁ କିପରି ଆଗ ନିୟନ୍ତ୍ରଣରେ ରଖିବା ସେକଥା ନିଶ୍ଚୟ ଶିଖିବା ଉଚିତ ।''

ଏଭଳି ବିତର୍କ ଓ ପରାମର୍ଶଗୁଡ଼ିକ ହେଉଛି 'ଇଣ୍ଡିଆନ୍ ମିରର୍'ର ଭବିଷ୍ୟତ୍ ବକ୍ତାଙ୍କର । ତାଙ୍କ ଦୃଷ୍ଟିଭଙ୍ଗୀର କ୍ଷମତା ସ୍ପଷ୍ଟତଃ ସାଧାରଣ ମଣିଷମାନଙ୍କର ସାମର୍ଥ୍ୟକୁ ଅତିକ୍ରମ କରିଯାଇଛି ଆଉ ତାହା ମହାମାନବର ଦିବ୍ୟଦୃଷ୍ଟି ଅପେକ୍ଷା ଅଧିକ ଆହୁରି କିଛି । ସେ ଲକ୍ଷ୍ୟ କରିଛନ୍ତି ଇଂରେଜ ଲୋକେ କିପରି ପାର୍ଲାମେଣ୍ଟ ଭିତରେ ଓ ବାହାରେ ଆମ ସ୍ୱାର୍ଥ ପାଇଁ ଲଢ଼େଇ କରୁଛନ୍ତି, ଯେଉଁଠି ସାଧାରଣ ଚକ୍ଷୁ ପାର୍ଲାମେଣ୍ଟର ନଗଣ୍ୟ ସଭ୍ୟମାନଙ୍କୁ ଲକ୍ଷ୍ୟ କରିବାରେ ବ୍ୟସ୍ତ, ସେମାନେ କିପରି ଏମିତି ପ୍ରଶ୍ନମାନ ପଚାରି ଲାଗିଛନ୍ତି ଯାହା ଦ୍ୱାରା କିଛି ହେଲେ ଉଦ୍ଦେଶ୍ୟ ସାଧିତ ହେଉନି ଆଉ ଉପଦେଶ ପରେ ଉପଦେଶମାନ ଦେଇ ଚାଲିଛନ୍ତି ଏକ ନିଷ୍ପେଷିତ ଜାତିକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ପାଇଁ ବହୁ ଦୂରରେ ଥିବା ଆଉ ଏକ ସହସ୍ରାବ୍ଦକୁ । ସେ ଦେଖିବାକୁ ପାଇଛନ୍ତି ଜଣେ ବଡ଼ଲାଟ କିପରି ଆମର ଅନୁଭୂତି ଏବଂ ଭାବାବେଗକୁ ପ୍ରତିଟି ଦିଗରୁ ସହାନୁଭୂତି ସହିତ ବିଚାରକୁ ନେଇଛନ୍ତି ଯେଉଁଠି ସାଧାରଣ ମଣିଷମାନେ କପଟତାଭରା ନୀତିଟିକୁ ଦେଖିବାକୁ ପାଇଛନ୍ତି । ସେ ଲକ୍ଷ୍ୟ କରିଛନ୍ତି ଜଣେ ରାଜ୍ୟ ସଚିବ କିପରି ଆମ ଆକାଙ୍କ୍ଷାଗୁଡ଼ିକୁ ସମବେଦନାପୂର୍ଣ୍ଣ ଦୃଷ୍ଟିରେ ଦେଖିଛନ୍ତି ଯେଉଁଠି ଅନ୍ୟମାନେ କେବଳ ଦେଖିପାରିଛନ୍ତି ଏକ ଉଗ୍ର ସୁଧାରବାଦୀ ମନ୍ତ୍ରୀଙ୍କୁ ଯିଏ ଖାଲି ମୁକ୍ତ କଣ୍ଠରେ ଉଦାରବାଦର ଆବାଜ ତୋଳିଛନ୍ତି ଆଉ ଭିତରେ ଭିତରେ ରକ୍ଷଣଶୀଳ ନୀତିଟିକୁ କାର୍ଯ୍ୟକାରୀ କରି ଚାଲିଛନ୍ତି । ସେ ଦେଖିବାକୁ ପାଇଛନ୍ତି ଆଧୁନିକ ଯୁଗର ଆବଶ୍ୟକତା ଅନୁସାରେ ପ୍ରଶାସନ କିପରି ନିଜକୁ ଗଠନ କରିବାରେ ଲାଗି ପଡ଼ିଛି ଯେଉଁଠି ଆମ ପରି ବିଚରା ନଶ୍ୱର ପ୍ରାଣୀମାନେ ଖାଲି ମାନ୍ଧାତା ଅମଳର ଏକ ଅନୁନ୍ନତ ବ୍ୟବସ୍ଥାକୁ ଦେଖିବାକୁ ପାଉଛନ୍ତି, ସେମାନେ ଚାହୁ ନାହାନ୍ତି ଆଧୁନିକତାସମ୍ପନ୍ନ ଓ ପରିମାର୍ଜିତ ହେବାକୁ । ଏହାର ଅର୍ଥ ତା'ହେଲେ କ'ଣ ଏଇଆ ଯେ ଜଣେ ତାନ୍ତ୍ରିକ ପାଲଟି ଯାଇ ଶ୍ୱେତାଙ୍ଗ କୁହୁକର ଉଦକକୁ ସିଞ୍ଚନ କରିବା ! ଆଉ ଏସବୁ କଥାର ପରିଣାମ କ'ଣ ହେବ ? କିଛି ସାମାନ୍ୟ ଓ ନିରର୍ଥକ ସଂସ୍କାର ପାଇଁ ଦୁର୍ବୋଧ ପ୍ରତିଶ୍ରୁତି ମିଳିଛି ଯାହାର କେବଳ ଫଳ ହେବ ଅଳ୍ପ କିଛି ବ୍ୟକ୍ତି ବିଶେଷ ଦେଶର ସ୍ୱାର୍ଥକୁ ଆହୁତି ଦେଇ ନାମ ଓ ଯଶଃ ଅର୍ଜନ କରିବାର ସୁଯୋଗ ପାଇପାରିବେ । 'ମିରର୍'ର ଶଙ୍କା ଉପୁଜିଛି କାଳେ ଏ ସୁଯୋଗଟା ତା'ର ହାତଛଡ଼ା ହୋଇଯିବ ଜାତୀୟତାବାଦର ପ୍ରସାର ଯୋଗୁଁ; ସେଇଥିପାଇଁ ସେ ଉନ୍ମାଦଗ୍ରସ୍ତ ଭାବେ ଏତେ ନେହୂରା ହୋଇ କହି ଲାଗିଛି ଓ ଗାଳି ବର୍ଷା କରୁଛି । ଏସବୁ ସ୍ୱାର୍ଥାନ୍ୱେଷୀ ଓ ସଂକୀର୍ଣ୍ଣମନା ବିଚାର ବିବେଚନା ଦେଶକୁ କଦାପି ବିଭ୍ରାନ୍ତ କରିପାରିବନି ତା'ର ମହା ଆନ୍ଦୋଳନ ପଥରୁ ଯାହା ଭିତରେ ନିଜକୁ ସେ ନିକ୍ଷେପ କରି ଦେଉଛି କିଂବା ଜାତୀୟ ସ୍ୱତନ୍ତ୍ରତା ରୂପୀ ମହାନ୍ ଲକ୍ଷ୍ୟରୁ ତାଙ୍କୁ ପଛକୁ ହଟେଇ ଆଣି ପାରିବ ନାହିଁ ।

## ପଞ୍ଜାବରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧ

ଆମକୁ ଦେଖି ଖୁସି ଲାଗୁଛି ଯେ ପଞ୍ଜାବରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧ (Passive Resistance)କୁ ସାହସର ସହିତ କାର୍ଯ୍ୟକାରୀ କରାଯାଉଛି । 'ପଞ୍ଜାବୀ' ଦୋଷୀ ସାବ୍ୟସ୍ତ ହେଲା ପରେ ନିକଟରେ ଯେଉଁ ବିକ୍ଷୋଭ ଲାହୋରରେ ଘଟିଗଲା ତାହା ଶ୍ୱେତାଙ୍ଗ ଲୋକମାନଙ୍କୁ ବହୁତ ବାଧିଛି । ଯେତେଦିନ ପର୍ଯ୍ୟନ୍ତ ନୂତନ ଚେତନା ଦ୍ୱାରା ସୃଷ୍ଟି ହୋଇଥିବା ରାଜନୈତିକ ଆଲୋଡ଼ନ ମୁଖ୍ୟତଃ ବଙ୍ଗଳା ଭିତରେ ସୀମାବଦ୍ଧ ରହିଥିଲା ଆଙ୍ଗ୍ଲୋ-ଭାରତ ଏଇକଥା ଭାବି ନିଜେ ଆରାମରେ ଥିଲା ଯେ ବଙ୍ଗାଳୀମାନେ ଗୋଟିଏ ଯୁଦ୍ଧ ପରାଙ୍ମୁଖ ଜାତି ହୋଇଥିବାରୁ ସେମାନଙ୍କ ଦ୍ୱାରା କୌଣସି ପ୍ରତ୍ୟକ୍ଷ ଅଶାନ୍ତି ଉପୁଜିବା ସମ୍ଭବ ନୁହଁ । ତାଙ୍କର ମୁଖ୍ୟ ଅସ୍ଥିରତା ଥିଲା କାଳେ ଯୁଦ୍ଧପ୍ରିୟ ଜାତିମାନଙ୍କ ଭିତରେ ଆନ୍ଦୋଳନଟି ବ୍ୟାପକ ଆକାର ଧାରଣ କରିବ ଯେଉଁମାନଙ୍କୁ ବିଶେଷ କରି ସେମାନେ ଭୟ କରୁଥିଲେ ଏବଂ ଯେଉଁମାନଙ୍କୁ ଫୁସୁଲା ଫୁସୁଲି କରିବାର ଓ ବଙ୍ଗାଳୀମାନଙ୍କଠାରୁ ଅଲଗା କରି ରଖିବାର କୌଣସି ସୁଯୋଗକୁ ସେମାନେ ହାତରୁ ଛାଡୁ ନଥିଲେ । ଇଂରେଜମାନେ

ଖାତିର ଓ ଭୟ କରନ୍ତି ସେଇମାନଙ୍କୁ ଯେଉଁମାନେ ତାଙ୍କୁ ଆଘାତ କରିପାରିବେ, ଏବଂ ସେମାନେ ଏମିତି ଏକ ଜାତି ଯାହାର ନା ଅଛି କୌଣସି କଳ୍ପନା କରିପାରିବାର ସାମର୍ଥ୍ୟ ନା କୌଣସି ଦୂରଦୃଷ୍ଟି; ସେଥିପାଇଁ ସେମାନେ ଏକଥା ହୃଦୟଙ୍ଗମ କରିବା ପାଇଁ ଅକ୍ଷମ ଯେ ଜାତୀୟ ଚରିତ୍ର କେବେହେଲେ ଅପରିବର୍ତ୍ତନୀୟ ହୋଇ ରହେ ନାହିଁ କିଂବା ଯେଉଁ ବଙ୍ଗାଳୀମାନେ ଦିନେ ଉଭୟ ସମୁଦ୍ର ଓ ସ୍ଥଳ ଭାଗରେ ଯୁଦ୍ଧ କରିଥିଲେ, ସେମାନେ ଯେ ଆବଶ୍ୟକ ସ୍ଥଳେ ପୂର୍ବ ଅବସ୍ଥାକୁ ଫେରି ଯାଇପାରନ୍ତି ଏବଂ ସେମାନେ ଆମଦାନୀ କରିଥିବା ଭୀରୁତା ଓ ସ୍ୱସ୍ତିପ୍ରିୟ ଭାବକୁ ପଛରେ ପକାଇ ଦେଇ ପାରନ୍ତି । ତେବେ ଯାହା ହେଲେବି ସେମାନଙ୍କ ଆଶଙ୍କାଗୁଡ଼ିକ ବେଶ୍ ହୃଦୟଙ୍ଗମ କରାଯାଉଛି । ଆଙ୍ଗ୍ଲୋ-ଭାରତୀୟ ପତ୍ରିକାଗୁଡ଼ିକ ଏଇ ସତ୍ୟଟିକୁ ମର୍ମେ ମର୍ମେ ଅନୁଭବ କରିବାକୁ ଲାଗିଲେଣି ଯେ ଭାରତବର୍ଷରେ ପ୍ରକୃତରେ ଏକତା ବୋଲି କିଛି ରହିଛି ଏବଂ ''ଲାହୋର କଲିକତାର ଏକ ରାଜନୈତିକ ପେଣ୍ଠସ୍ଥଳୀରେ ପରିଣତ ହୋଇଗଲାଣି'' । ଲାହୋରରେ ଘଟି ଯାଇଥିବା ବିକ୍ଷୋଭଗୁଡ଼ିକ ଦେଶରେ ଏଇ ଦୃଢ଼ ବିଶ୍ୱାସକୁ ବହନ କରିଛି । ତେଣୁ 'ଇଂଲିଶ୍‌ମ୍ୟାନ୍' ରିହାତି ଓ ସଂସ୍କାର (Concession and Reform) ପରି ଏକ ଅଭିନବ କୌଶଳର ସନ୍ଧାନ ନେବାକୁ ଖାଲି ବୌଦ୍ଧିକ କୁହେଳିରେ ପହଁଚୁଥିବାର ଆମେ ଦେଖିବାକୁ ପାଉଛୁ । ଏବଂ ଠିକ୍ ସେତିକିବେଳେ ପଞ୍ଜାବରେ ସନ୍ତ୍ରାସବାଦର ସୂତ୍ରପାତ ହୋଇଛି ବୋଲି ଗୋଟିଏ ଆତଙ୍କ ଖେଳି ଯାଇଛି । ଲାହୋରର ଦେଶପ୍ରେମୀ ସଂଘ (Lahore's Patriot's Association)ର ସର୍ଦାର ଅଜିତ୍ ସିଂ ଜନସାଧାରଣଙ୍କ ଗହଣରେ ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ଅନ୍ୟାୟରେ ଧାର୍ଯ୍ୟ କରାଯାଇଥିବା ଜଳକର ବିରୋଧରେ ପ୍ରତିବାଦ ସ୍ୱରୂପ ସରକାରୀ କେନାଲମାନ ବର୍ଜନ କରିବା ପାଇଁ ଜାଠ୍ କୃଷକ ସମ୍ପ୍ରଦାୟକୁ ପ୍ରଭାବିତ କରିବା ଦିଗରେ ସେ ଏବେ ଖୁବ୍ ନିକଟରେ ସଫଳତା ଅର୍ଜନ କରିଛନ୍ତି । ଫଳରେ ଫୁଲାର୍‌ଙ୍କ ପ୍ରଶାସନକୁ ଅନୁକରଣ କରି ଏଇ ପ୍ରଣିଧାନଯୋଗ୍ୟ ଆଦେଶନାମାଟିକୁ ଡେପୁଟି କମିଶନର ପ୍ରକାଶ କରିଥିଲେ – ''ମୁଲ୍‌ତାନ୍ ଜିଲ୍ଲାରେ ଯେ କୌଣସି ସାଧାରଣ ସଭାରେ ସମ୍ବୋଧନ କରିବା ପାଇଁ ଲାହୋରର ଅଜିତ୍ ସିଂଙ୍କୁ ନିଷେଧ କରାଯାଇଛି । ଯଦି ସେ ଉପରୋକ୍ତ ଆଦେଶଟିକୁ ଅମାନ୍ୟ କରନ୍ତି ତା'ହେଲେ ତାଙ୍କୁ ଗିରଫ କରାଯିବ ।'' ପରିଣାମବଶତଃ ଏଇ ଜାର୍ ଶାସନାଧୀନ ହୁକୁମନାମାକୁ ବିରୋଧ କରି ପନ୍ଦର ହଜାର ଜନତା ସମବେତ ହୋଇଥିବା ଏକ ସଭାକୁ ସେ ସମ୍ବୋଧିତ କରିଥିଲେ ଏବଂ ଆରକ୍ଷୀବାହିନୀ ଅସହାୟଭାବେ ପାଖରେ ଖାଲି ଛିଡ଼ା ହୋଇଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିରୋଧ ସମ୍ପର୍କରେ ଗତଥର ପ୍ରକାଶିତ ଲେଖାରେ ଆମେ ସୂଚନା ଦେଇଥିଲୁ ଯେ ହୁକୁମନାମା ଜାରି କରି ସରକାର ଚଳେଇବାଟା ସବୁ ବ୍ୟବସ୍ଥା ଭିତରେ ଏପରି ଗୋଟିଏ, ଯାହାକୁ ପ୍ରଶାସନ ସ୍ୱତଃ ପ୍ରବୃତ୍ତ ହୋଇ ନିଶ୍ଚୟ ଗ୍ରହଣ କରିବ ଆମ ପ୍ରତିରୋଧକୁ ନିଃଶେଷ କରିଦେବା ପାଇଁ ଏବଂ ଏହିଭଳି ମନୋମୁଖୀ ଆଦେଶଗୁଡ଼ିକର ବିରୋଧ କରିବାହିଁ ପ୍ରତ୍ୟେକ ଦେଶଭକ୍ତଙ୍କ ପକ୍ଷରେ ଏକାନ୍ତ ଜରୁରୀ । ପଞ୍ଜାବ ଯେ ପ୍ରଶାସକଙ୍କର ଏଇ ଆହ୍ୱାନକୁ ସତ୍ୱର ଗ୍ରହଣ କରିଛି ଏହା ଦେଖି ଆମକୁ ବହୁତ ଖୁସି ଲାଗୁଛି ।

[ବନ୍ଦେ ମାତରମ୍, ଏପ୍ରିଲ ୨୩, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଊର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

– ଶ୍ରୀଅରବିନ୍ଦ

# ଚେତନାର ଅବତରଣ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଏହି ବିଶ୍ୱର ସୃଷ୍ଟି ହୋଇଛି ଓ ସୃଷ୍ଟି ହୋଇ ଚାଲିଛି ଗୋଟିଏ ଲକ୍ଷ୍ୟ, ଗୋଟିଏ ସାର୍ଥକତା, ଗୋଟିଏ ସିଦ୍ଧିର ଉଦ୍ଦେଶ୍ୟ ନେଇ ଏବଂ ଏହା ସଂଘଟିତ ହୋଇଛି କେତୋଟି ଅବତରଣ ଏବଂ କେତୋଟି ଉତ୍ତରଣ ଫଳରେ । ସୃଷ୍ଟି – ସୃଷ୍ଟି ଅର୍ଥହିଁ ହେଲା ଗୋଟାଏ ଅବତରଣ – ଏଇଟାହିଁ ପ୍ରଥମ ଓ ଆଦି ଅବତରଣ । ଗୋଟିଏ ସତ୍ୟ, ଗୋଟିଏ ସଦ୍‌ବସ୍ତୁ ସ୍ୱରୂପତଃ ଆଗରୁ ଥିଲା, ତା'ର ନିଜ ଲୋକରେ ଏବଂ ନିଜ ପଦବୀରେ – ତା'ର ସାଧାରଣତଃ ନାମ ଓ ପରିଚୟ ହେଲା ସଚ୍ଚିଦାନନ୍ଦ, ସତ୍-ଚିତ୍-ଆନନ୍ଦ ଅର୍ଥାତ୍ ପ୍ରଥମତଃ ତାହା ଅଛି, ତାହା ଯେ ନାହିଁ ଏପରି କେବେ ହୋଇପାରେନା; ଦ୍ୱିତୀୟତଃ ତାହା ଅଛି ଅଜ୍ଞାନରେ ନୁହେଁ ସଜ୍ଞାନରେ, ସେ ହେଉଛି ସଚେତନ, ଚିନ୍ମୟ; ତୃତୀୟତଃ ପୁଣି ସେ ଅଛି ଆନନ୍ଦରେ, ଆନନ୍ଦ ମଧ୍ୟରେ ଓ ଆନନ୍ଦ ନିମିତ୍ତ – ଆନନ୍ଦ ବ୍ୟତୀତ ତା'ର ଅସ୍ତିତ୍ୱର ଅନ୍ୟ କୌଣସି କାରଣ ନାହିଁ । ଏହି ମୂଳ ଆଦିସତ୍ୟ ବା ସତ୍-ବସ୍ତୁ ହେଲା ସୃଷ୍ଟିର ବାହାରେ ବା ଊର୍ଦ୍ଧ୍ୱରେ, ଅନ୍ୟ କଥାରେ ତାହା ହେଉଛି ସୃଷ୍ଟି ପୂର୍ବର ଜିନିଷ । ସୃଷ୍ଟିର ଅର୍ଥ କ'ଣ, ତା'ର ପ୍ରକୃତି କ'ଣ ଏବଂ ତା'ର ସ୍ୱରୂପ କ'ଣ ? ଏହାର ଉତ୍ତର ଶୁଣିବାକୁ ଅତି ଅଦ୍ଭୁତ – ସୃଷ୍ଟି ହେଲା ମୂଳ ଆଦି-ସତ୍ୟର ଯାହା ଠିକ୍ ବିପରୀତ । ପ୍ରଥମତଃ ତାହା ସତ୍ ନୁହେଁ, ଅସତ୍ ଅର୍ଥାତ୍ ନଶ୍ୱର; ଦ୍ୱିତୀୟତଃ ତାହା ଚିତ୍ ନୁହେଁ ଅଚିତ୍ ଅର୍ଥାତ୍ ଅଚେତନ, ଅଜ୍ଞାନ, ଜଡ଼; ପୁଣି ତୃତୀୟତଃ ତାହା ଆନନ୍ଦ ନୁହେଁ, ତାହା ଅନାନନ୍ଦ ବା ନିରାନନ୍ଦ ଅର୍ଥାତ୍ ତାହା ଏକାନ୍ତ ଦୁଃଖମୟ – ଅନ୍ତତଃ ସ୍ଥୂଳ ଦୃଷ୍ଟିରେ, ଆମ ଚକ୍ଷୁର ସମ୍ମୁଖରେ ଯେଉଁ ଜଗତ୍ ଆମେ ଦେଖୁ ତା'ର ସ୍ୱରୂପ ହେଉଛି ଠିକ୍ ଏହିପରି । ତେବେ ଏହି ଅପରୂପ ବ୍ୟବସ୍ଥାର ଅର୍ଥ କ'ଣ, ଏହାର ରହସ୍ୟ କ'ଣ ?

ଏହାର ଅର୍ଥ ଏବଂ ଏହାର ରହସ୍ୟହିଁ ହେଉଛି ଅବତରଣ – ଜଗତ୍ ରୂପେ ସଚ୍ଚିଦାନନ୍ଦଙ୍କର ଅବତରଣ । ଏହି ଘଟଣା ଘଟିଲା କିପରି ? ଏହା କାହିଁକି ହେଲା ? କାହିଁକି ହେଲା, ତା'ର କୈଫିୟତ୍ ଆମମାନଙ୍କ ବୁଦ୍ଧି ନିକଟରେ ହୁଏତ ନାହିଁ; ଏ ହେଉଛି ତାଙ୍କରି ଇଚ୍ଛା – 'ସ ଐଚ୍ଛତ୍‌ସ' – ଆପାତତଃ ଏହି ଟିକକରେହିଁ ସନ୍ତୁଷ୍ଟ ରହିବାକୁ ହେବ । କିନ୍ତୁ କିପରି ଭାବେ, କେଉଁ ପ୍ରଣାଳୀ ବା ପଦ୍ଧତିକୁ ଆଶ୍ରୟ କରି ଏହି ଘଟଣାଟି ଘଟିଲା ତା'ର ବିବରଣୀ ଓ ବ୍ୟାଖ୍ୟା ଦେବା ଅପେକ୍ଷାକୃତ ସହଜ ଏବଂ ଆଶା କରାଯାଏ "କିପରି ହେଲା" ଏହି କଥାଟିକୁ ବୁଝି ପାରିଲେ "କାହିଁକି ହେଲା" କଥାଟିର ସନ୍ଧାନ ମଧ୍ୟ କିଛି ହୁଏତ ମିଳିଯିବ ।

ସଚ୍ଚିଦାନନ୍ଦଙ୍କର ସ୍ୱଭାବ ଓ ସ୍ୱରୂପ ହେଲା ଆନନ୍ତ୍ୟ – ଅସୀମତ୍ୱ, ଏକତ୍ୱ; ଏବଂ ଯେଉଁ ମୂଳ ଗୁଣଟି ତାଙ୍କ ମଧ୍ୟରେ ଓତପ୍ରୋତ ଏବଂ ତାଙ୍କ ବସ୍ତୁର ପରିଚୟ ଦିଏ ତା'ହେଲା ସମରସତା – ତାଙ୍କ ଭିତରେ କୌଣସି ଭେଦ-ବିଚାର ନାହିଁ, ସେଠାରେ ଉଚ୍ଚ-ନୀଚ ଓ ଗାଢ଼-ତରଳ ନାହିଁ, ତାହା ହେଉଛି ଏକ ଅଚିନ୍ତନୀୟ, ଅନିର୍ବଚନୀୟ ସାମ୍ୟାବସ୍ଥା । କିନ୍ତୁ ତା'ହେଲେ ସୁଦ୍ଧା ଏହି ସାମ୍ୟାବସ୍ଥା ମଧ୍ୟରେହିଁ ନିହିତ ଅଛି ଏକ ନିଭୃତ ଆତ୍ମସ୍ଥ ଗତିର ଆବେଗ । ଏହି ଗତି ଓ ଗତିର ସମ୍ଭାବନା ନରହିଲେ ପୂର୍ଣ୍ଣତା ପୂର୍ଣ୍ଣ ହୁଏନା ଏବଂ ସେ ଗୋଟାଏ ବିଶେଷ ସାର୍ଥକତାରୁ ବଞ୍ଚିତ ହୁଏ । ତେବେ ଏହି ଅସୀମ, ଅନନ୍ତ ସ୍ଥିତିର ସାମ୍ୟରସ ମଧ୍ୟରେହିଁ ନିହିତ ରହିଛି ଓ ଦେଖା ଦିଏ ଶକ୍ତି-ପ୍ରୟୋଗର, ଚେତନାର ଚାପର କେନ୍ଦ୍ରାବଳୀ ତଥା ଆନନ୍ଦର ଆବର୍ତ୍ତ । ଏହା ହେଲା ସେହି ଦିଗଟିର କଥା ଯେତେବେଳେ ଏକ କହିଲେ, "ମୁଁ ବହୁ ହେବି ।"

'ଏକ' ଯେତେବେଳେ 'ବହୁ' ଅର୍ଥାତ୍ ଯେଉଁ ସ୍ତରରେ ବା ଯେଉଁ ଭାବରେ ଏକରୁ ବହୁ ସର୍ବପ୍ରଥମେ ପ୍ରକଟ – ବହୁ ହୋଇ ମଧ୍ୟ ବିଭିନ୍ନ କିଂବା ବିଚ୍ଛିନ୍ନ ହୋଇ ପଡ଼ି ନାହିଁ, ସେହି ଏକର ସଙ୍ଗରେହିଁ ଏକ ହୋଇ ଅଛି – ଶ୍ରୀଅରବିନ୍ଦ ତା'ର ନାମ ଦେଇଛନ୍ତି ବିଜ୍ଞାନମୟ ଲୋକ ବା ଚେତନା – ଏହି ନାମକରଣ ହେଲା ଊର୍ଦ୍ଧ୍ୱ ଦିଗରୁ; ନିମ୍ନ ଦିଗରୁ ତାହାର ନାମ ଦିଆଯାଏ ଅତିମାନସ । ସଚ୍ଚିଦାନନ୍ଦଙ୍କର ଯେଉଁ ଆଦି ଅବତରଣର କଥା ମୁଁ କହିଛି ଏହା ହେଉଛି ତା'ର ପ୍ରଥମ ସୋପାନ – ଆଦି ସୃଷ୍ଟି ବା ସୃଷ୍ଟିର ଆଦି ଏହିଠାରେ ।

ସୃଷ୍ଟିର ଧାରାହିଁ ହେଉଛି ଏହି ପ୍ରକାରର ଯଥା : ପ୍ରଥମରେ ମୂଳରେ ଏକ, ତା'ପରେ ବହୁ – ବହୁରୁ ହେଉଛି ବହୁଳ ଏବଂ ବହୁଳରୁ ବାହୁଲ୍ୟ ଅର୍ଥାତ୍ ଅପର୍ଯ୍ୟାପ୍ତ, ଅପରିସୀମ

ନାନାତ୍ୱ ଓ ଭିନ୍ନତ୍ୱ । ବୃକ୍ଷ-କାଣ୍ଡରୁ ଯେପରି ଶାଖା-ପ୍ରଶାଖା, ଉପଶାଖା, ପଲ୍ଲବ, ପତ୍ର, ପୁଷ୍ପ; ଏହା ହେଉଛି ସେହିପରି । ଉପନିଷଦରେ ପ୍ରଶ୍ନ କରାଯାଇଛି ଦେବତା କେତେ ? ଉତ୍ତର ହେଉଛି ଏକ, ଦୁଇ, ତିନି, ତିନି ଶତିନି ଏବଂ ତିନି ହଜାର ତିନି । ଏକ ହେଉଛନ୍ତି ସଚ୍ଚିଦାନନ୍ଦ, ଏବଂ ଅନ୍ୟ ସୀମା ବହୁଳତମ ବାହୁଲ୍ୟ ହେଲା ଜଡ଼ଜଗତ୍ ବା ଜଡ଼ାଣୁସମଷ୍ଟି । ସୃଷ୍ଟିର ଯେତେ ବିଚିତ୍ର ଅନନ୍ତ ଧାରା ବିକଶିତ ହୋଇଛି ସେସବୁର ଆଦି ପୁରୁଷ – ପୂର୍ବେ ପିତରଃ – ସୃଷ୍ଟିର ମୂଳ ସତ୍ୟମୟ ତତ୍ତ୍ୱଗୁଡ଼ିକ ବା ବୀଜବିନ୍ଦୁଗୁଡ଼ିକ ନେଇ ହେଉଛି ବିଜ୍ଞାନମୟ ବା ଅତିମାନସ ଲୋକ । ଏହି ଯେଉଁ ଆଦି ବା ପ୍ରଥମ ବହୁରୂପତା, ସଚ୍ଚିଦାନନ୍ଦଙ୍କର ଏକତ୍ୱ ସଙ୍ଗେ ତା'ର ପୂର୍ଣ୍ଣ ସାରୂପ୍ୟ ଓ ସାଲୋକ୍ୟ ତଥା ସାଯୁଜ୍ୟ ରହିଛି, ତାହା ହେଉଛି ସାକ୍ଷାତ୍‌ଭାବେ ଓ ଅଖଣ୍ଡଭାବେ ସଚ୍ଚିଦାନନ୍ଦମୟ । ବହୁ ସେଠାରେ ଭିନ୍ନତାକୁ, ବୈପରୀତ୍ୟକୁ ଏବଂ ପାରସ୍ପରିକ ଦ୍ୱନ୍ଦ୍ୱକୁ ଜନ୍ମ ଦେଇ ନାହିଁ; ଜ୍ୟୋତିଃର ବୈଚିତ୍ର୍ୟ – ବୈଦିକ ଋଷି ଯାହାକୁ କହିଛନ୍ତି ''ଚିତ୍ରଃ ପ୍ରକେତଃ'' – ଅନ୍ଧକାରକୁ ଆହ୍ୱାନ କରି ନାହିଁ । ସେଠାରେ ବହୁଳତା ହେଉଛି ସମନ୍ୱୟ, ସାମଞ୍ଜସ୍ୟ ମିଳନ ଓ ଐକ୍ୟରହିଁ ଆଉ ଏକ ନାମ; ସଂଘର୍ଷ ବା ସ୍ୱୈରତା ସେଠାରେ ଦେଖା ଦେଇ ନାହିଁ । ବହୁ ସତ୍ତା, ବହୁ ଶକ୍ତି, ବହୁ ଚେତନା ହେଲା ଏକ ଅଖଣ୍ଡ ଚେତନା ଶକ୍ତି ଓ ସତ୍ତାରହିଁ ସ୍ୱଗତ ପ୍ରତିଫଳନ ।

କିନ୍ତୁ ବହୁ ଆଡ଼କୁ ଆକର୍ଷଣ – ଏବଂ ଯେତେବେଳେ ଥରେ ଏହି ଆକର୍ଷଣ ଦେଖା ଦେଇଛି, ସେତେବେଳେ କ୍ରମେ ତାହା ବଢ଼ିଚାଲିବାହିଁ ସ୍ୱାଭାବିକ – ଯେତେବେଳେ ବା ଯେଉଁଠି ଏହା ବେଶୀ ହେବାକୁ ଆରମ୍ଭ କରିଛି, ପ୍ରତ୍ୟେକ ଧାରା ଯେତେବେଳେ ଅନ୍ୟ ସହିତ ସହଯୋଗ ନକରି ପ୍ରତିଯୋଗିତା କରି ଆଗେଇ ଯିବାକୁ ଚେଷ୍ଟା କରିଛି, ପ୍ରତ୍ୟେକେ ନିଜ ନିଜ ସ୍ୱତନ୍ତ୍ର ସାର୍ଥକତା ନିମିତ୍ତ ବ୍ୟଗ୍ର ହୋଇ ଉଠିଛନ୍ତି, ସେତେବେଳେହିଁ ସେଠାରେ ଦେଖା ଦେଇଛି ପ୍ରଥମ ଅଜ୍ଞାନର ଆଭାସ, ସୂଚନା, ସମ୍ଭାବନା; ତାହାରି ନାମହିଁ ହେଉଛି ''ମାୟା'' – ମାୟାଶକ୍ତି, ଅବିଦ୍ୟାଶକ୍ତି । ଶ୍ରୀଅରବିନ୍ଦ ଏହି ଜଗତର, ଏହି ଚେତନା ସ୍ତରର ନାମ ଦେଇଛନ୍ତି Overmind ବା ଅଧିମାନସ । ଏହି ଅଧିମାନସର ଅଛି ଦୁଇଟି ଦିଗ । ଗୋଟିଏ ଦିଗରେ ଊର୍ଦ୍ଧ୍ୱ ସ୍ତରରେ ବ୍ୟଷ୍ଟିର ସ୍ୱାତନ୍ତ୍ର୍ୟ ବେଗ ସତ୍ତ୍ୱେ ରହିଛି ଐକ୍ୟ ଓ ଏକତ୍ୱ; ସଚ୍ଚିଦାନନ୍ଦଙ୍କର ଅସୀମ ସମଗ୍ରତା ଓ ଅଖଣ୍ଡ ଆନନ୍ତ୍ୟ ସେଠାରେ ମଧ୍ୟ ପ୍ରକଟିତ, ହୁଏତ ତାହା କେବଳ ଗୋଟାଏ ସ୍ୱଚ୍ଛ, ସୂକ୍ଷ୍ମ ଆବରଣ ଭିତର ଦେଇ । ପ୍ରତ୍ୟେକର ନବଜାତ ଅହଂବୋଧ ଗୋଟିଏ ସମଷ୍ଟିବୋଧର ଅନ୍ତର୍ଗତ ହୋଇ ରହିଛି । ତେବେ ଅନ୍ୟ ଦିଗରେ ଅପରାର୍ଦ୍ଧରେ ସଚ୍ଚିଦାନନ୍ଦଙ୍କର ଅଖଣ୍ଡ ଐକ୍ୟ ଏବଂ ଆନନ୍ତ୍ୟ ପରୋକ୍ଷ ଅନୁଭବର – ଦୃଷ୍ଟି ନୁହେଁ, ଶ୍ରୁତି ବା ସ୍ମୃତିର – ବିଷୟ ହୋଇ ଉଠିଛି ଏବଂ ଏହିଠାରୁହିଁ ବାସ୍ତବ ଅଜ୍ଞାନ ଓ ଅବିଦ୍ୟାର ସୂତ୍ରପାତ । ସେ ଯାହାହେଉ, ଅଧିମାନସ ହେଲା ସଚ୍ଚିଦାନନ୍ଦଙ୍କର ଅବତରଣର ଦ୍ୱିତୀୟ ସୋପାନ । ପ୍ରଥମ ସୋପାନ ବିଜ୍ଞାନ ଭୂମିରେ, ଅସୀମ ଅନନ୍ତ ଚେତନା ସର୍ବପ୍ରଥମେ ବହୁ କେନ୍ଦ୍ରଗତ ହୋଇଛି; ଅଧିମାନସରେ ତାହା ବିଭିନ୍ନ କେନ୍ଦ୍ରରେ ଆହୁରି ଏକାଗ୍ର ଏକମୁଖୀ ଓ ପୂରାପୂରି ସ୍ୱତନ୍ତ୍ର ହୋଇ ଚାଲିଛି ।

ଅଧିମାନସରୁ ତୃତୀୟ ସୋପାନ ମାନସଲୋକକୁ ଅବତରଣ । ଏଠାରେ ଅଜ୍ଞାନ ପୂରାପୂରି ଘନୀଭୂତ ହୋଇଯାଇଛି ଏବଂ ଆମେମାନେ ଅବତରଣ କରିଛୁ ପରିପୂର୍ଣ୍ଣ ମାୟା ଓ ମୋହର ରାଜ୍ୟକୁ । ମନ ମଧ୍ୟକୁ ଆସି ଚେତନାର ଏକତ୍ୱ ପ୍ରାୟ ଲୁପ୍ତ ହୋଇଯାଇଛି, ହୁଏତ ତା'ର ଊର୍ଦ୍ଧ୍ୱତର ସ୍ତରରେ ରହିଛି କେବଳ ଗୋଟିଏ ଦୂରର ସ୍ମୃତି, ଗୋଟାଏ ଧାରଣା ବା କଳ୍ପନା ମାତ୍ର । କାର୍ଯ୍ୟତଃ ଏଠାରେ ବ୍ୟଷ୍ଟିଧାରା ସବୁ ସ୍ୱସ୍ୱ-ପ୍ରଧାନ ହୋଇ ଉଠିଛନ୍ତି, ଜିଦ୍‌ଖୋର ହୋଇ ଉଠିଛନ୍ତି – ମନର ପ୍ରକୃତି ସମ୍ବନ୍ଧରେ ସେଥିଲାଗି କୁହାଯାଏ ଯେ ସେ ଦୁଇଟି ଜିନିଷକୁ ଏକ ସଙ୍ଗରେ ଧାରଣ କରିପାରେ ନାହିଁ । ଅଧିମାନସ ଓ ଅତିମାନସ ଯେପରି ଏକ ସମଗ୍ରତାର ଦୃଷ୍ଟି ଦେଇ ଓ ସର୍ବବ୍ୟାପକତାର ଉପଲବ୍ଧି ଦେଇ ବସ୍ତୁକୁ ଦେଖେ, ମନର ସେ ସଂଶ୍ଳେଷଣମୁଖୀ ଗତି ନାହିଁ, ସେ ହେଉଛି ବିଶ୍ଳେଷଣ ପରାୟଣ; ସେ ବସ୍ତୁକୁ ଦେଖେ କାଟି କାଟି, ଖଣ୍ଡ ଖଣ୍ଡ କରି ଏବଂ ପ୍ରତ୍ୟେକ ଖଣ୍ଡକୁ ପୃଥକ୍ କରି । ଯେତେବେଳେ ସେ ଦେଖେ ସେତେବେଳେ ଅବଶିଷ୍ଟ ଅନ୍ୟ ସବୁ ଜିନିଷର ଦୃଷ୍ଟି ଦୂରେଇ ନେଇ ସେଗୁଡ଼ିକୁ ପୂରାପୂରି ଭୁଲି ଯାଇ ଦୃଷ୍ଟିକୁ ନିବଦ୍ଧ କରେ ଗୋଟାଏ ଖଣ୍ଡବିଶେଷ ଉପରେ; ସେଇଥିଲାଗି ତା'ର ଦୃଷ୍ଟି ହେଉଛି ଏକାଗ୍ର, କିନ୍ତୁ ସଂକୀର୍ଣ୍ଣ – ଏବଂ ଏତେ ନିମ୍ନକୁ ଅବତରଣ କରିଛି ବୋଲି ସେ ବହିର୍ମୁଖୀ ଓ ସ୍ଥୂଳଚାରୀ । ଅଦ୍ୱିତୀୟ ଏକ ଯେପରି ତାର ଏକତ୍ୱଠାରୁ ବହୁତ୍ୱ ଓ ଖଣ୍ଡତ୍ୱ ଦିଗରେ ଗଡ଼ିଚାଲିଛି, ସେହିପରି ମଧ୍ୟ ସେ ଅନ୍ତରର ଅନ୍ତରତମ ସୂକ୍ଷ୍ମତା ଓ ନମନୀୟତାକୁ ହରାଇ ଗାଢ଼ତର ଅର୍ଥାତ୍ କ୍ରମେ କଠିନ ଓ ଜମାଟ ହୋଇଚାଲିଛି ।

ଅବଶ୍ୟ ମାନସ ଓ ଅଧିମାନସ ମଧ୍ୟରେ ଉଭୟର

ମିଶ୍ରଣ-ମାତ୍ରା ଅନୁସାରେ ବିଭିନ୍ନ ସ୍ତର ଓ ପଦବୀ ସବୁ ରହିଛି । ଶ୍ରୀଅରବିନ୍ଦ ସେଥି ମଧ୍ୟରୁ ପ୍ରଧାନ ତିନୋଟିର ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ହେଲା – ପ୍ରଥମରେ ସର୍ବୋଚ୍ଚ ଓ ଅଧିମାନସର ଖୁବ୍ ନିକଟସ୍ଥ ସମ୍ବୋଧି ବା ସାକ୍ଷାତ୍ ଦୃଷ୍ଟିମୟ ମନ, ଦ୍ୱିତୀୟରେ ମଧ୍ୟସ୍ଥଳରେ ଅବସ୍ଥିତ ପ୍ରଦୀପ୍ତ ମାନସ ବା ଜ୍ଞାନସମୃଦ୍ଧ ମନ ଏବଂ ତୃତୀୟରେ ଉଚ୍ଚତର ମାନସ ବା ଊର୍ଦ୍ଧ୍ୱତର ମନ ।

ତା'ପରେ, ମନର ନିମ୍ନରେ ହେଉଛି ପ୍ରାଣ । ପ୍ରାଣ ସ୍ତରରେ ଚେତନା ଆହୁରି ଅନ୍ଧକାର, ଆହୁରି ଘନ ଏବଂ ଆହୁରି ଏକଦେଶଦର୍ଶୀ ହୋଇଛି । ପ୍ରାଣ ହେଲା ଆବେଗ, କର୍ମ-ଶକ୍ତି, ବାସନା-କାମନା ଓ ଲିପ୍‌ସା-ଲାଳସାର କ୍ଷେତ୍ର । ମନ ଅପେକ୍ଷା ପ୍ରାଣ ଆହୁରି ଜିଦ୍‌ଖୋର ଆତ୍ମପରାୟଣ – ସେ ଖଣ୍ଡତାର କ୍ରମବର୍ଦ୍ଧମାନ ସଂକୀର୍ଣ୍ଣତା ମଧ୍ୟରେ ଗଭୀର ଭାବେ ନିମଜ୍ଜିତ ହୋଇଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମନ ଓ ପ୍ରାଣର ଯେଉଁ ସଂଯୋଗ ସ୍ଥଳ, ଅର୍ଥାତ୍ ମନ ଯେଉଁଠାରେ ଯାଇ ପ୍ରାଣ ସହିତ ମିଳିତ ହୋଇଛି ବା ପ୍ରାଣ ଯେଉଁଠାକୁ ଉଠି ମନ ମଧ୍ୟରେ ନିଜକୁ ମିଶାଇ ଦେଇଛି, ତାହା ହେଉଛି ହୃଦୟ-ଭାବାବେଗ ବା ''ଇମୋଶନ୍''ର କ୍ଷେତ୍ର, ''ଚୈତ୍ୟସତ୍ତା''ର ବାହ୍ୟକେନ୍ଦ୍ର ।

ସର୍ବଶେଷ ପାବଚ୍ଛ ହେଲା ଜଡ଼ । ଚେତନା ଏଠାରେ ଅବତରଣ କରି ସମ୍ପୂର୍ଣ୍ଣରୂପେ ଲୁପ୍ତ ହୋଇଯାଇଛି, ଅନ୍ଧକାର ଗାଢ଼ ହୋଇ କଠୋର ଓ ପାଷାଣ ହୋଇପଡ଼ିଛି, ଏକତ୍ୱ ଏକାନ୍ତ ବିଚ୍ଛିନ୍ନ ପରମାଣୁରାଶିରେ ପରିଣତ ହୋଇଛି, ତା'ର ସ୍ୱକୀୟ ଇଚ୍ଛାଶକ୍ତି ବା ତା'ର ଗତି ସେ ହରାଇବସିଛି, ଅସହାୟ ଉପକରଣରେ ସେ ପର୍ଯ୍ୟବସିତ ହୋଇଛି – ଚିନ୍ମୟ ଇଚ୍ଛାଶକ୍ତି ଗୋଟାଏ ଯାନ୍ତ୍ରିକ ନିୟମରେ ଆବଦ୍ଧ ଓ ସ୍ୱାଚ୍ଛନ୍ଦ୍ୟହୀନ ହୋଇପଡ଼ିଛି ।

ଅବତରଣର ଏହି ହେଲା ଆଦି ଓ ପ୍ରଥମ ଧାରା – ଯେଉଁ ଧାରାରେ ସଚ୍ଚିଦାନନ୍ଦ ଚାଲି ଚାଲି ଶେଷରେ ଅସତ୍, ଅଚିତ୍ ଓ ନିରାନନ୍ଦରେ ପରିଣତ ହୋଇଛନ୍ତି । ତେବେ ଏହି କ୍ରମ-ଅଜ୍ଞାନ ଧାରାରେ ଅବତରଣ ଫଳରେ ଗୋଟାଏ ଲାଭ ଓ ଗୋଟାଏ ସାର୍ଥକତା ହୋଇଛି – ତାହା ହେଉଛି ଅଦେହୀ ଏହିପରି ଭାବରେହିଁ ଦେହୀ, ଅରୂପ ଏହିପରି ରୂପମୟ ହୋଇଛି । ଯାହା ଥିଲା ନିରାକାର ବା ଏକାକାର ପରମସାମ୍ୟ, ତାହା ଏହିପରିହିଁ ଅବୟବୀ ହୋଇଛି ଏବଂ ବ୍ୟଷ୍ଟି ବୈଚିତ୍ର୍ୟରେ ସକ୍ରିୟ ହୋଇଉଠିଛି କ୍ରମବର୍ଦ୍ଧମାନ ଆତ୍ମବିସ୍ମୃତିର ପଥଧରି ମହାନ୍ ଅଣୁରେ ପରିଣତ ହୋଇଛି ଯାହା ଫଳରେ ସେ ପ୍ରତି ଅଣୁରେ ଏକାଗ୍ର ଓ ଗାଢ଼ ହୋଇ ଉଠିପାରେ । ମହାନ୍ ପରିଣାମରେ ଏପରିଭାବେ ଏକାଗ୍ର ଓ ସୂଚୀମୁଖ ହୋଇଉଠିଛି ଯେ ସମଗ୍ର ସମ୍ବନ୍ଧରେ, ଅନ୍ୟାନ୍ୟ ସମ୍ବନ୍ଧରେ ତା'ର ଜ୍ଞାନ ଲୁପ୍ତ ହୋଇଯାଇଛି ଏବଂ ଅନୁଗତ ଆତ୍ମଚେତନା ମଧ୍ୟରେ ନିଜକୁ ଏପରି ସର୍ବତୋଭାବେ ଅନୁସ୍ୟୂତ କରି ଦେଇଛି ଯେ ସେ ହୋଇଯାଇଛି ଆତ୍ମହରା, ଅର୍ଥାତ୍ ତା'ର ଆସିଛି ପୂର୍ଣ୍ଣ ବିସ୍ମୃତି, ଅଚେତନ ଭାବ ।

ଜଡ଼ାଣୁ ଯେତେବେଳେ ପୂର୍ଣ୍ଣ ଅଚେତନାର ଚରମ ସ୍ତରରେ ଆସି ପହଞ୍ଚିଛି ସେତେବେଳେ ଆଉ ଗୋଟିଏ ଗତିଧାରା ଆସି ଦେଖା ଦେଇଛି, ଯେତେବେଳେ କି ନିମ୍ନ ଦିଗକୁ ଅବତରଣ କରିବାର ଆଉ କୌଣସି ଅବକାଶ ନାହିଁ, ଯେତେବେଳେ ନିମ୍ନର ଶେଷ ସୀମା ଆସିଯାଇଛି, ସେତେବେଳେ ବାଧ ହୋଇ ମୁଖ ଫେରାଇ ତାକୁ ଠିଆ ହେବାକୁ ହୋଇଛି । ଚେତନା ଯେଉଁ ଗତିରେ ତା'ର ଶେଷ ପ୍ରାନ୍ତ ଅବଚେତନାରେ ଆସି ପହଞ୍ଚିଛି, ଠିକ୍ ସେହି ଗତିରେହିଁ ପୁଣି ଯେପରି ସେ ଊର୍ଦ୍ଧ୍ୱକୁ ଉଠି ଚାଲିବାକୁ ଆରମ୍ଭ କରିଛି । ପ୍ରଥମରେ ଅବରୋହଣ, ଅନୁଲୋମ ବା କ୍ରମସୁପ୍ତିର ଧାରା, ତା'ପରେ ଆରୋହଣ, ବିଲୋମ ବା କ୍ରମ ଜାଗରଣର ଧାରା । ଏହି ଧାରାଦ୍ୱୟ ସହିତ ତୁଳନା କରାଯାଇପାରେ ଆମମାନଙ୍କର ପ୍ରାଚୀନ ଶାସ୍ତ୍ର ଓ ସାଧନାରେ ଯେଉଁଗୁଡ଼ିକୁ କୁହାହୋଇଛି ପ୍ରବୃତ୍ତି-ନିବୃତ୍ତି, ପରିଣାମ-ପ୍ରତ୍ୟାହାର, ପ୍ରସାର (ବା ବିକାଶ)-ସଂକୋଚ, ସୃଷ୍ଟି-ପ୍ରଳୟ (ବା ସଂହତି) । ଆମେ ଦେଖିଛୁ ଜଡ଼ ସମ୍ପୂର୍ଣ୍ଣ ଅଚେତନ ଜିନିଷ ନୁହେଁ, ତାହା ହେଲା ନିଶ୍ଚେତନ; ଅନ୍ତଶ୍ଚେତନ କାରଣ ଜଡ଼ ହେଲା ଅଖଣ୍ଡ ଚୈତନ୍ୟର ବହୁ ବିଚିତ୍ର କେନ୍ଦ୍ରରେ ଆତ୍ମବିସ୍ମୃତ ପରମ ଏକାଗ୍ରତା । ଏହି ଅନ୍ତଶ୍ଚେତନାର ଚାପ ପୁଣି ତାକୁ ସଚେତନ କରି ଗଢ଼ି ତୋଳିବାକୁ ଚାହେ – ଏହାରି ହିଁ ନାମ ହେଉଛି ବିବର୍ତ୍ତନ ପ୍ରବେଗ (ପାଶ୍ଚାତ୍ୟ ପଣ୍ଡିତମାନେ ଯାହାର ନାମ ଦେଇଛନ୍ତି evolutionary nisus) । ତା'ହେଲେ ଜଡ଼ ମଧ୍ୟରେ ଅନ୍ତଶ୍ଚେତନାର ଚାପ ଦ୍ୱାରା ଗୋଟାଏ ବିପୁଳ କ୍ରିୟା ଚାଲିଛି, ତା'ର ଲକ୍ଷ୍ୟ ହେଲା ଏହି ଚେତନା ଯେପରି ବାହାରେ ପ୍ରକଟ ହୁଏ, ଅର୍ଥାତ୍ ଜଡ଼ ଭିତରେ ଜଡ଼କୁ ଆଶ୍ରୟ କରି, ଜଡ଼କୁ ଆତ୍ମଗତ ଓ ଆତ୍ମସାତ୍ କରି ତାହା ପ୍ରକାଶ ପାଏ । ଜଡ଼ ମଧ୍ୟରେ ଚେତନାର ଜାଗରଣ – ଆରମ୍ଭ, ଅର୍ଦ୍ଧଜାଗରଣ ବା ସ୍ୱପ୍ନାବସ୍ଥା

ହେଲା ପ୍ରାଣଶକ୍ତିର ଆବିର୍ଭାବ ଏବଂ ତା'ର ପ୍ରଥମ ରୂପ ହେଲା ଉଭିଦ ଜଗତ୍ । ଅନ୍ତଶ୍ଚେତନା ଚାହେ ଆହୁରି ପ୍ରକଟ ଏବଂ ଆହୁରି ବିକଶିତ ହେବାକୁ, ଉଭିଦଠାରୁ ଆହୁରି ଜାଗ୍ରତ୍ ଓ ଆହୁରି ସଚଳ ହେବାକୁ – ତେଣୁ ତା'ର ପର ପାବଚ୍ଛରେ ହୁଏ ପ୍ରାଣୀର ଆବିର୍ଭାବ, ଯେଉଁଠାରେକି ଜଡ଼ାଶ୍ରିତ ପ୍ରାଣକ୍ଷେତ୍ରରେ ମନ ଓ ଇନ୍ଦ୍ରିୟାନୁଭବର ପ୍ରକାଶ । ତା'ପରେ ଚେତନା ଆହୁରି ଜାଗ୍ରତ୍ ଓ ଆହୁରି ମୁକ୍ତ ହୋଇ ଉଠିବାକୁ ଚାହେ – କାରଣ ତା'ର ସ୍ୱରୂପ, ତା'ର ସ୍ୱକୀୟ ସ୍ଥିତି ପର୍ଯ୍ୟାୟ (level)ରେ ସେ ଉଠି ଛିଡ଼ା ହୋଇ ନାହିଁ । ସେଥିଲାଗି ନିମ୍ନତନ ପ୍ରାଣୀର ପରେ ଦେଖାଦିଏ ମନ-ବୁଦ୍ଧିମୟ, ଆତ୍ମସମ୍ବିତ୍‌ଯୁକ୍ତ ଜୀବ ଅର୍ଥାତ୍ ମନୁଷ୍ୟ ।

ଆମେ ଦେଖିଛୁ ଚେତନାର ଏହି ବିବର୍ତ୍ତନ ବା କ୍ରମଜାଗରଣ ଅନୁସରଣ କରିଛି ଠିକ୍ ସେହି ଧାରାକୁ ଯେଉଁ ଧାରାରେ ହୋଇଥିଲା ଚେତନାର ନିବର୍ତ୍ତନ ବା କ୍ରମସୁପ୍ତି କିନ୍ତୁ ତା'ର ବିପରୀତ କ୍ରମାନ୍ୱୟରେ । ଚେତନା ଯେଉଁ ସ୍ତରକୁ ଅବତରଣ କରି ଆସିଛି, ଠିକ୍ ତା'ର ଓଲଟା ଦିଗ ଦେଇ ପୁଣି ସେହିପରି ସ୍ତର ପରେ ସ୍ତର ଉପରକୁ ଉଠିଚାଲିଛି । ଅବତରଣର କ୍ରମ ହେଲା ସତ୍-ଚିତ୍-ଆନନ୍ଦ-ବିଜ୍ଞାନ-ମନ-ପ୍ରାଣ-ଦେହ; ଉତ୍ତରଣ ସମୟରେ ତାକୁ ଠିକ୍ ଶରୀରଠାରୁ ପ୍ରାଣ, ପ୍ରାଣଠାରୁ ମନ, ମନଠାରୁ ବିଜ୍ଞାନକୁ ଓ ସଚ୍ଚିଦାନନ୍ଦକୁ ଉଠିବାକୁ ହୁଏ । ଆପାତତଃ ସେ ମନ ପର୍ଯ୍ୟନ୍ତ ଉଠିଛି, ଏହା ପରେ ତାକୁ ବିଜ୍ଞାନକୁ ଯେ ଉଠିବାକୁ ହେବ ତାହା ଅନିବାର୍ଯ୍ୟ ଓ ଅପରିହାର୍ଯ୍ୟ – ଏହାହିଁ ହେଉଛି ପ୍ରକୃତିର ଗତି ଓ ଲକ୍ଷ୍ୟ । ଜଡ଼ ବିଜ୍ଞାନ ପ୍ରକୃତିର irreversibility ଏବଂ entropyର କଥା କହୁଛି – ଅର୍ଥାତ୍ ପ୍ରକୃତିର ଶକ୍ତି ଭାଙ୍ଗି ଭାଙ୍ଗି, ବିକ୍ଷିପ୍ତ ହୋଇ, କ୍ଷୟ ଓ କ୍ଷୀଣ ହୋଇ ଚାଲିଛି – ଏହି କ୍ଷୟିଷ୍ଣୁ ଶକ୍ତିର ଗତିମୁଖ ଫେରାଇବାର ଉପାୟ ଆଉ ନାହିଁ, ସମୁଦ୍ରଗାମୀ ସ୍ରୋତସ୍ୱତୀ ସଦୃଶ ଅବ୍ୟର୍ଥଭାବେ ତାହା ଚାଲିଛି ଗୋଟିଏ ଦିଗରେ କେବଳ ପରମଶାନ୍ତି, ସାମ୍ୟ ବା ନିର୍ବାଣ ଆଡ଼କୁ । କିନ୍ତୁ ଅଧ୍ୟାତ୍ମ ବିଜ୍ଞାନ ଦେଉଛି ଆଉ ଗୋଟିଏ ଚିତ୍ର – ସେ କହୁଛି ପ୍ରକୃତିର ମୁହଁକୁ ପରିବର୍ତ୍ତନ କରାଯାଇ ପାରେ (reversible) ଏବଂ ତା'ର ଶକ୍ତି କ୍ଷୟର ମାତ୍ରାକୁ (entropy) କ୍ରମେ ହ୍ରାସ କରାଯାଇପାରେ : ଚେତନାର ମାତ୍ରାକୁ ବର୍ଦ୍ଧିତ କରିବାର ଅର୍ଥହିଁ ହେଉଛି ତାହା ।

ସେ ଯାହାହେଉ, ଚେତନାର ଯେଉଁ ପ୍ରତ୍ୟାବର୍ତ୍ତନର ବା ବିବର୍ତ୍ତନର, ବିଲୋମଧାରାର କଥା ମୁଁ କହିଲି, ତା'ର ଦୁଇଟି ପ୍ରକ୍ରିୟା ବା ଗୋଟିଏ ପ୍ରକ୍ରିୟାର ଦୁଇଟି ପରସ୍ପର-ଆଶ୍ରୟୀ ଅଙ୍ଗ ରହିଛି । ପ୍ରଥମରେ ହେଲା ଊର୍ଦ୍ଧ୍ୱାୟନ (sublimation) – ଜଡ଼ ଉଠି ଛିଡ଼ା ହୁଏ ପ୍ରାଣରେ, ପ୍ରାଣ ଉଠି ଛିଡ଼ା ହୁଏ ମନରେ, ମନ ଉଠି ଛିଡ଼ା ହୁଏ ବିଜ୍ଞାନରେ, ଏହିପରି ଗୋଟାଏ କ୍ରମୋର୍ଦ୍ଧ୍ୱଗତି ସାଧିତ ହୁଏ; ନିମ୍ନସ୍ତର ଊର୍ଦ୍ଧ୍ୱସ୍ତରକୁ ଚାଲିଯାଏ ଏବଂ ସେଥିରେ ଉନ୍ନୀତ ହୁଏ । ତେବେ ଗୋଟିଏ ଜିନିଷକୁ ଏଠାରେ ଲକ୍ଷ୍ୟ କରିବା ଆବଶ୍ୟକ । ନିମ୍ନରୁ ଊର୍ଦ୍ଧ୍ୱାୟନ ବା ବିଲୋମ ଅର୍ଥ ବିଲୋପ ନୁହେଁ, ତାହା ହେଉଛି ରୂପାନ୍ତର । ଜଡ଼ ଯେତେବେଳେ ପ୍ରାଣରେ ଉନ୍ନୀତ ହୁଏ, ସେତେବେଳେ ସେ ବିଲୟ ପ୍ରାପ୍ତ ହୁଏ ନାହିଁ; ତା'ର ଅର୍ଥ ଜଡ଼ ମଧ୍ୟରେ ପ୍ରାଣ ତ ଦେଖାଯାଇଛି ନିଶ୍ଚୟ, ତା' ବ୍ୟତୀତ ପ୍ରାଣ ମଧ୍ୟକୁ ଜଡ଼ ଉଠିଯାଇ ପ୍ରାପ୍ତ ହୋଇଛି ଗୋଟାଏ ନୂତନ ରୂପ, ଜଡ଼ ହୋଇଛି ପ୍ରାଣମୟ । ସେହିପରି ପ୍ରାଣ ଯେତେବେଳେ ମନୋଭୂମିରେ ଉପନୀତ ସେତେବେଳେ ପ୍ରାଣ ବା ଜଡ଼ କୌଣସିଟି ହେଲେ ବିଲୁପ୍ତି ପ୍ରାପ୍ତ ହୁଏ ନାହିଁ । ଦୁଇଟିଯାକ ପ୍ରାପ୍ତ ହୁଅନ୍ତି ନୂତନ କର୍ମ ଓ ଧର୍ମ – ସେତେବେଳେ ଜଡ଼ ଓ ପ୍ରାଣ ହୁଅନ୍ତି ମନୋଯୁକ୍ତ ଓ ମନୋମୟ । ଯେଉଁ ଜଡ଼ ହୋଇଛି ନିରାଟ ଜଡ଼, ଯେଉଁଠି ପ୍ରାଣ ଆଦୌ ଦେଖା ଦେଇ ନାହିଁ – ଯାହାକୁ କୁହାଯାଏ ''ଅଜୈବ'' ପଦାର୍ଥ – ଏବଂ ଯେଉଁ ଜଡ଼ରେ ପ୍ରାଣ ବିକଶିତ ହୋଇଉଠିଛି – ଯାହାକୁ କୁହାଯାଏ ''ଜୈବ'' ପଦାର୍ଥ,– ଏହି ଉଭୟ ମଧ୍ୟରେ ପାର୍ଥକ୍ୟ ଅଛି, ସେମାନେ ଗୋଟିଏ ପର୍ଯ୍ୟାୟର ବସ୍ତୁ ନୁହନ୍ତି । ଜଡ଼ାଣୁ ଓ ଜୈବକୋଷ ଦୁଇଟିଯାକ ଜଡ଼ ହେଲେ ମଧ୍ୟ ଏହା ବିଭିନ୍ନ ପଦବୀର ଜଡ଼ ଅଟନ୍ତି । ସେହିପରି ଯେଉଁ ଜଡ଼ ମଧ୍ୟରେ ପ୍ରାଣ ସହିତ ମନ ମଧ୍ୟ ଦେଖାଦେଇଛି, ସେଠାରେ ଜଡ଼ ପ୍ରାପ୍ତ ହୋଇଛି ଏକ ତୃତୀୟ ଅବସ୍ଥା, ଯେପରିକି ମସ୍ତିଷ୍କର କୋଷ ବା ସ୍ନାୟୁକୋଷ । ପୁଣି ମନକ୍ଷେତ୍ରରେ ଜଡ଼ର ଘଟିଛି ଦ୍ୱିତୀୟ ପରିବର୍ତ୍ତନ ଓ ପ୍ରାଣରେ ଘଟିଛି ପ୍ରଥମ ପରିବର୍ତ୍ତନ (କାରଣ ଏହି ପ୍ରଥମ ସେ ଉଠି ଠିଆ ହୋଇଛି ଆଉ ଗୋଟାଏ ପର୍ଯ୍ୟାୟରେ)– ଉଭିଦମାନଙ୍କ ମଧ୍ୟରେ ପ୍ରାଣର ହେଉଛି ପ୍ରଥମ ରୂପ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ହେଉଛି ତା'ର ଆଉ ଗୋଟିଏ ରୂପ – ମନୁଷ୍ୟ ଭିତରେ ଏହି ପ୍ରାଣ କେବଳ ମନ ନୁହେଁ, ମନର ପରିଣତି ବୁଦ୍ଧିର ଆଲୋକ ପାଇ ତାହା ଅନ୍ୟ ଏକ ପ୍ରକାରର ହୋଇଉଠିଛି ।

ବର୍ତ୍ତମାନ, ଚେତନା ଏହି ଯେଉଁ ଊର୍ଦ୍ଧ୍ୱକୁ ଉଠିଚାଲେ ଏବଂ କ୍ରମେ ପ୍ରକଟ କରିଚାଲେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ସ୍ତରକୁ –

ତାହା ଘଟେ ଦୁଇଟି ଶକ୍ତିର ମିଶ୍ରଣରେ; ଗୋଟିକର କଥା ଏପର୍ଯ୍ୟନ୍ତ କହିଆସିଛି – ଅର୍ଥାତ୍ ତାହା ହେଉଛି ନିମ୍ନରୁ ଊର୍ଦ୍ଧ୍ୱ ଦିଗକୁ ଚାପ । ବାୟୁକୁ ଚାପି ରଖିଲେ ସେ ଯେପରି ସର୍ବଦା ଚେଷ୍ଟାକରେ ବାହାରକୁ ବାହାରି ଆସି ପ୍ରସାରିତ ହୋଇ ପଡ଼ିବାକୁ, ଠିକ୍ ସେହିପରି ଅଚେତନା (ଅର୍ଥାତ୍ ଜଡ଼) ତା' ନିଜ ମଧ୍ୟରେ ଚେତନାକୁ ଚାପିରଖିଛି, ସେଥିଲାଗି ଚେତନା ବିକଶିତ ହୋଇ ବାହାରକୁ ବାହାରି ଆସିବାଲାଗି ଚେଷ୍ଟାକରେ । କିନ୍ତୁ ବିକଶିତ ହୋଇ ବାହାରି ଆସିବାଲାଗି ଯେଉଁ ଚେଷ୍ଟା, ତାହା କେବଳ ଯଥେଷ୍ଟ ନୁହେଁ – ସେ ଗତି କରିବ କେଉଁ ଆଡ଼କୁ ଓ କେଉଁ ରୂପ ନେଇ; ଏହିହେଲା ପ୍ରଶ୍ନ । ନିମ୍ନରୁ ଉଠୁଥିବା ଚାପ ସହିତ ଯେଉଁ ଦ୍ୱିତୀୟ ଶକ୍ତି ଆସି ମିଳିତ ହୁଏ ତାହା ହେଉଛି ଉପରଆଡ଼ୁ ଆଉ ଗୋଟିଏ ଚାପ – ନିମ୍ନରୁ ଊର୍ଦ୍ଧ୍ୱାୟନ ଓ ଊର୍ଦ୍ଧ୍ୱରୁ ଅବତରଣ, ଏହି ଉଭୟ ଧାରାହିଁ ଆବଶ୍ୟକ । ଊର୍ଦ୍ଧ୍ୱର ଅବତରଣ ହିଁ ଦିଏ ନିମ୍ନର ଊର୍ଦ୍ଧ୍ୱଗାମୀ ଗତିର ବିଶିଷ୍ଟ ଦିଗ ଓ ରୂପ । ନିମ୍ନର ଚାପ ଏବଂ ତା'ର ଊର୍ଦ୍ଧ୍ୱଗତି ଉଠି ଉଠି କ୍ରମେ ବୃଦ୍ଧି ପ୍ରାପ୍ତ ହୋଇ ଏପରି ଏକ ପର୍ଯ୍ୟାୟ ବା ମାତ୍ରାରେ ପହଞ୍ଚେ ଯେତେବେଳେ କି ସମସ୍ତ ଆୟୋଜନ ସମ୍ପୂର୍ଣ୍ଣ, ସେତେବେଳେ ସେହି ପୂର୍ଣ୍ଣାହୁତି ବା ଆହ୍ୱାନର ପ୍ରତ୍ୟୁତ୍ତର ସ୍ୱରୂପ ଊର୍ଦ୍ଧ୍ୱତନ ସ୍ତର ଅବତରଣ କରି ସେହି ନିମ୍ନର ଶିଖରରେ ପ୍ରକଟ ହୁଏ । ଯେଉଁ ଊର୍ଦ୍ଧ୍ୱତନ ସ୍ତରଟି ନିମ୍ନତନ ସ୍ତରର ଠିକ୍ ଉପରେ, ସେଇଟାହିଁ ଅବତରଣ କରି ରୂପାୟିତ ହୁଏ । ମୁଁ କହିଛି ଊର୍ଦ୍ଧ୍ୱର ସ୍ତରାବଳୀସବୁ ଏହା ପୂର୍ବରୁହିଁ ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ସେମାନଙ୍କ ନିଜ ନିଜ ଲୋକରେ ଅଦୃଶ୍ୟଭାବେ ରହିଛନ୍ତି – କିନ୍ତୁ ଏ ହେଉଛି ପ୍ରଥମ ଅବତରଣର ସୃଷ୍ଟି । ବର୍ତ୍ତମାନ ପୁଣି ସେହିସବୁ ସ୍ତରର ହିଁ ଅବତରଣ ହୋଇ ଚାଲିଛି, ସେମାନଙ୍କର ନିଜ ଲୋକଠାରୁ କ୍ରମେ ପୃଥିବୀ ଉପରେ, ଜଡ଼ାଶ୍ରିତ ଆଧାରରେ । ଦ୍ୱିତୀୟ ଅବତରଣର ଉଦ୍ଦେଶ୍ୟ ହେଲା ଜଡ଼ ମଧ୍ୟରେ ଏକାଦିକ୍ରମେ ଊର୍ଦ୍ଧ୍ୱତର ସ୍ତରସକଳକୁ ଅବତରଣ କରାଇ ଆଣି ବାନ୍ଧି ରଖିବା, ସେମାନଙ୍କୁ ରୂପବାନ କରିବା, ସକ୍ରିୟକରିବା ଏବଂ ଜଡ଼କୁ ରୂପାନ୍ତରିତ ଓ ଧର୍ମାନ୍ତରିତ କରିବା । ପ୍ରଥମରୁ ସୂକ୍ଷ୍ମଭାବେ ଯଦି ଗୋଟାଏ ସ୍ତର-ପରମ୍ପରା ନଥା'ନ୍ତା ଏବଂ ସେମାନେ ଯଦି ସ୍ଥୂଳତଃ ଏହିପରି ଅବତରଣ ନ କରନ୍ତେ ତେବେ ଶତଚେଷ୍ଟା ଓ ଅନୁଶୀଳନ ସତ୍ତ୍ୱେ ନିମ୍ନ ଊର୍ଦ୍ଧ୍ୱଧର୍ମୀ ହୋଇ ପାରନ୍ତା ନାହିଁ। ନିମ୍ନମଧ୍ୟରେ ଦେଖାଦିଏ ଯେଉଁ ଅଭିନବ ଅପ୍ରତ୍ୟାଶିତ ଧର୍ମ, ତା'ର କାରଣ ହେଲା ଏହି ଅବତରଣ । ଜଡ଼ର ହଜାର ହଜାର ପରିବର୍ତ୍ତନ, ପରାବର୍ତ୍ତନ ଓ ବିପର୍ଯ୍ୟୟ ଫଳରେ ଜଡ଼ ମଧ୍ୟରେ ପ୍ରାଣ ଦେଖା ଦେଇ ପାରେ ନାହିଁ – କିନ୍ତୁ ଜଡ଼ରେ ପ୍ରାଣ ଦେଖାଦିଏ ତା' ମଧ୍ୟରେ ପ୍ରାଣ ଅବତୀର୍ଣ୍ଣ ହୁଏ ବୋଲି । ସେହିପରି ପ୍ରାଣର ଶତ ପରିବର୍ତ୍ତନ ସତ୍ତ୍ୱେ ତା ମଧ୍ୟରେ ମନ ଦେଖା ଦେଇପାରେ ନାହିଁ; କିନ୍ତୁ ପ୍ରାଣରେ ମନ ଦେଖାଦିଏ ଯେତେବେଳେ ମନ ତା'ର ସ୍ୱଲୋକରୁ ପ୍ରାଣ ମଧ୍ୟରେ ଅବତୀର୍ଣ୍ଣ ହୁଏ । ଜଡ଼ବିଜ୍ଞାନ ହଠାତ୍ ପରିବର୍ତ୍ତନର କଥା କହେ ଏବଂ ତା'ର କାରଣ କିଛି ଖୋଜି ପାଏ ନାହିଁ – ହଠାତ୍ ପରିବର୍ତ୍ତନର ଅର୍ଥ ଆଉ କିଛି ନୁହେଁ, ତାହା ହେଉଛି ଚେତନାର ଏକ ନୂତନ ପର୍ଯ୍ୟାୟରେ ହଠାତ୍ ଅବତରଣ । ଅବତରଣଟା ହଠାତ୍ ହୁଏ – କିନ୍ତୁ ସାଧାରଣତଃ ତା'ର ଆୟୋଜନ ଧୀରେ ଧୀରେ ଚାଲେ; ନିମ୍ନସ୍ଥ କ୍ଷେତ୍ର ବହୁକାଳ ଧରି, ନିଜକୁ ପ୍ରସ୍ତୁତ କରି ଗଢ଼େ, ତା'ପରେ ଏକ ଶୁଭ ମୁହୂର୍ତ୍ତରେ ହୁଏ ଊର୍ଦ୍ଧ୍ୱର ଅବତରଣ ଓ ତା' ଫଳରେ ନିମ୍ନର ଉଦ୍ଧରଣ । ତା'ହେଲେ ସୃଷ୍ଟିର ଧାରା ହେଉଛି ଏହିପରି – ପ୍ରଥମରେ ଅନୁଲୋମ ଧାରାରେ ଆଦି ଅବତରଣ ଅର୍ଥାତ୍ ଯାବତୀୟ ସ୍ତରର ଲୋକମାନଙ୍କର ଚେତନା ପର୍ଯ୍ୟାୟର ସୃଷ୍ଟି; ତା'ପରେ ବିଲୋମ ଧାରାରେ ଚାଲେ ନିମ୍ନତର ସ୍ତର ମଧ୍ୟରେ ଊର୍ଦ୍ଧ୍ୱତର ସ୍ତରର କ୍ରମବିକାଶ ଓ ଶରୀରଗ୍ରହଣ ତଥା ନିମ୍ନତମ ଅର୍ଥାତ୍ ଜଡ଼ର ଆଧାରରେ ସେହିସବୁର ପ୍ରତିଷ୍ଠା ଏବଂ ତା'ର ଅର୍ଥ ଊର୍ଦ୍ଧ୍ୱତମର ଧର୍ମରେ ସବୁକିଛିକୁ, ଏପରିକି ନିମ୍ନତମକୁ ପର୍ଯ୍ୟନ୍ତ, ଗଠିତ ଓ ରୂପାନ୍ତରିତ କରିବା । ଯେଉଁସବୁ ଊର୍ଦ୍ଧ୍ୱତର ସ୍ତରକୁ ଅନୁସରଣ କରି ଚେତନା ନିମ୍ନତମରେ ଆସି ପହଞ୍ଚିଛି, ନିମ୍ନତମରୁ ଆରମ୍ଭ କରି ନିମ୍ନତମ ମଧ୍ୟରେ ଚେତନା ପୁଣି ସେହିସବୁ ସ୍ତରକୁ, ପ୍ରତ୍ୟେକକୁ, ଗୋଟାଏ ନୂତନ ଊର୍ଦ୍ଧ୍ୱାୟିତ, ରୂପାନ୍ତରିତ ସମନ୍ୱୟ ଓ ସଂଗଠନ ମଧ୍ୟରେ ସ୍ଥାପିତ କରି ଚାଲିଛି । ଏହିପରି ସ୍ଥୂଳ ସୃଷ୍ଟି ପ୍ରାପ୍ତ ହୋଇଚାଲିଛି ଚେତନାର କ୍ରମବିକଶିତ, କ୍ରମପ୍ରବୁଦ୍ଧ, କ୍ରମଦୀପ୍ତ ଏବଂ ପରିଶେଷରେ ଦିବ୍ୟ (ଅର୍ଥାତ୍ ସଚ୍ଚିଦାନନ୍ଦମୟ) ରୂପ ଓ ଧର୍ମକର୍ମ ।

(କ୍ରମଶଃ)

ଅନୁବାଦ : ଶ୍ରୀ ହରିହର ବେହେରା ❖

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୯

# ବୃହସ୍ପତି, ଆତ୍ମାର ଶକ୍ତି

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ)

## ଶ୍ରୀଅରବିନ୍ଦ

**ୟସ୍ତସ୍ତମ୍ଭ ସହସା ବି ଜ୍ମୋ ଅନ୍ତାନ୍**
**ବୃହସ୍ପତିସ୍ତ୍ରିଷଧସ୍ଥୋ ରବେଣ ।**
**ତଂ ପ୍ରତ୍ନାସ ଋଷୟୋ ଦୀଧ୍ୟାନାଃ**
**ପୁରୋ ବିପ୍ରା ଦଧିରେ ମନ୍ଦ୍ରଜିହ୍ୱମ୍ ।୧।**

ଅର୍ଥ – ଏ ହେଉଛନ୍ତି ବୃହସ୍ପତି [ବୃହସ୍ପତିଃ] ଯିଏ ଆମ ପରିପୂର୍ଣ୍ଣତା ରୂପକ ତ୍ରିଜଗତରେ ବିଦ୍ୟମାନ ରହି [ତ୍ରିଷଧସ୍ଥଃ] ନିଜ ବଳ ଦ୍ୱାରା [ସହସା] ତଥା ଉଚ୍ଚ ରବ ଦ୍ୱାରା [ରବେଣ] ଧରଣୀର ଚରମ ପ୍ରାନ୍ତଗୁଡ଼ିକୁ ପ୍ରତିଷ୍ଠା କରିଛନ୍ତି [ଜ୍ମଃ ବି ସ୍ତସ୍ତମ୍ଭ], ପ୍ରାକ୍ତନ ଋଷିଗଣ [ପ୍ରତ୍ନାସଃ ଋଷୟଃ] ତାଙ୍କୁ ଧ୍ୟାନ କରିଥିଲେ [ତଂ ଦୀଧ୍ୟାନାଃ] ଏବଂ ଜ୍ଞାନଦୀପ୍ତ ହୋଇ [ବିପ୍ରାଃ] ମଧୁ ଜିହ୍ୱାଯୁକ୍ତ ତାଙ୍କୁ [ମନ୍ଦ୍ର ଜିହ୍ୱମ୍] ସେମାନଙ୍କ ପୁରୋଭାଗରେ ସ୍ଥାନ ଦେଇଥିଲେ [ଦଧିରେ] ।।

**ଧୁନେତୟଃ ସୁପ୍ରକେତଂ ମଦନ୍ତୋ**
**ବୃହସ୍ପତେ ଅଭି ୟେ ନସ୍ତତସ୍ରେ ।**
**ପୃଷନ୍ତଂ ସୃପ୍ରମଦବ୍ଧମୂର୍ବଂ**
**ବୃହସ୍ପତେ ରକ୍ଷତାଦସ୍ୟ ୟୋନିମ୍ ।୨।**

ଅର୍ଥ – ହେ ବୃହସ୍ପତି [ବୃହସ୍ପତେ] , ନିଜ ଗତିବୃତ୍ତିର ଉଚ୍ଛ୍ୱାସ ଦ୍ୱାରା ପ୍ରତିସ୍ପନ୍ଦିତ ହୋଇ [ଧୁନେତୟଃ], ସିଦ୍ଧ ଚେତନା ଦ୍ୱାରା ପ୍ରମୋଦିତ ହୋଇ [ସୁପ୍ରକେତଂ ମଦନ୍ତଃ] ସେହି ଋଷିଗଣ [ୟେ] ଆମ ନିମନ୍ତେ [ନଃ] ପ୍ରାଚୁର୍ଯ୍ୟମୟ [ପୃଷନ୍ତମ୍], କ୍ଷିପ୍ର [ସୃପ୍ରମ୍], ଅଜେୟ [ଅଦବ୍‌ଧମ୍], ବିଶାଳ [ଊର୍ବମ୍] ଏହି ସତ୍ତାର ଉତ୍ପତ୍ତିଲୋକକୁ [ଅସ୍ୟ ୟୋନିମ୍] ସଂଗ୍ରଥିତ କରିଛନ୍ତି [ତତସ୍ରେ] । ହେ ବୃହସ୍ପତି [ବୃହସ୍ପତେ] ! ଏହାର ରକ୍ଷା କର [ରକ୍ଷତାତ୍] ।

**ବୃହସ୍ପତେ ୟା ପରମା ପରାବତ**
**ଆ ତ ଋତସ୍ପୃଶୋ ନି ଷେଦୁଃ ।**
**ତୁଭ୍ୟଂ ଖାତା ଅବତା ଅଦ୍ରିଦୁଗ୍ଧା**
**ମଧ୍ୱଃ ଶ୍ଚୋତନ୍ତ୍ୟଭିତୋ ବିରପ୍‌ଶମ୍ ।୩।**

ଅର୍ଥ – ହେ ବୃହସ୍ପତି [ବୃହସ୍ପତେ], ସତ୍ୟସ୍ପର୍ଶୀ ସେହି ଋଷିମାନେ [ତେ ଋତସ୍ପୃଶଃ] ଯାହା ସତ୍ତାର ପରମ ପରଧାମ [ୟା ପରମା ପରାବତ] ଏହି ଜଗତର ଆହୁରି ଊର୍ଦ୍ଧ୍ୱରେ [ଅତଃ] ଆସୀନ ହୋଇଛନ୍ତି [ଆ ନିଷେଦୁଃ] । ତୁମ ପାଇଁ [ତୁଭ୍ୟମ୍] ଏହି ପର୍ବତରୁ କ୍ଷରିତ ମଧୁରେ ପୂର୍ଣ୍ଣ କୂପଗୁଡ଼ିକୁ ଖୋଦନ କରାଯାଇଛି [ଅଦ୍ରିଦୁଗ୍ଧାଃ ଅବତାଃ ଖାତାଃ] ଏବଂ ସେଗୁଡ଼ିକର ମଧୁରତା [ମଧ୍ୱଃ] ଚତୁର୍ଦିଗରେ ଝରିଝରି ଯାଉଛି [ଅଭିତଃ ଶ୍ଚୋତନ୍ତି] ତଥା ସେଗୁଡ଼ିକ ଉଚ୍ଛୁଳି ପଡୁଛନ୍ତି [ବିରପ୍‌ଶମ୍] ।

**ବୃହସ୍ପତିଃ ପ୍ରଥମଂ ଜାୟମାନୋ**
**ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।**
**ସପ୍ତାସ୍ୟସ୍ତୁବିଜାତୋ ରବେଣ**
**ବି ସପ୍ତରଶ୍ମିରଧମତ୍ ତମାଂସି ।୪।**

ଅର୍ଥ – ବୃହସ୍ପତି [ବୃହସ୍ପତିଃ] ଯିଏ ସପ୍ତମୁଖଯୁକ୍ତ [ସପ୍ତାସ୍ୟଃ], ଯାହାଙ୍କର ରହିଛି ସପ୍ତରଶ୍ମି [ସପ୍ତରଶ୍ମିଃ], ଯିଏ ବହୁଧା ଜନ୍ମଗ୍ରହଣ କରିଛନ୍ତି [ତୁବିଜାତଃ], ମହତ୍ ଜ୍ୟୋତିଃରୁ [ମହୋ ଜ୍ୟୋତିଷଃ] ପରମ ବ୍ୟୋମରେ [ପରମେ ବ୍ୟୋମନ୍] ସେ ପ୍ରଥମେ ଜନ୍ମ ନେବା ସଙ୍ଗେ ସଙ୍ଗେ [ଜାୟମାନଃ] ଆମକୁ ଆଚ୍ଛାଦନ କରିଥିବା ଅନ୍ଧକାରଗୁଡ଼ିକୁ [ତମାଂସି] ତାଙ୍କ ଉଚ୍ଚ ରବ ଦ୍ୱାରା [ରବେଣ] ସମ୍ପୂର୍ଣ୍ଣ ରୂପେ ଅପସାରିତ କରି ଦେଇଥିଲେ [ଅଧମତ୍] ।

**ସ ସୁଷ୍ଟୁଭା ସ ଋକ୍ୱତା ଗଣେନ**
**ବଲଂ ରୁରୋଜ ଫଲିଗଂ ରବେଣ ।**
**ବୃହସ୍ପତିରୁସ୍ରିୟା ହବ୍ୟସୂଦଃ**
**କନିକ୍ରଦଦ୍ ବାବଶତୀରୁଦାଜତ୍ ।୫।**

ଅର୍ଥ – ସେ [ସଃ] ସ୍ତୁତିଗାୟକମାନଙ୍କ ଗଣ ଦ୍ୱାରା [ସୁଷ୍ଟୁଭା ଗଣେନ] ଏବଂ ଜ୍ଞାନ ପ୍ରଦୀପକ ସୂକ୍ତର ଗଣେନ

[ରକ୍ବତା ଗଣ ଦ୍ୱାରା] ନିଜର ଉଚ୍ଚ ରବ ଦ୍ୱାରା [ରବେଣ] 'ବଳ'କୁ [ବଲମ୍] ଖଣ୍ଡ ବିଖଣ୍ଡ କରି ଭାଙ୍ଗି ଦେଇଥିଲେ [ଫଲିଙ୍ଗ ରୁରୋଜ] । ଆମର ଅର୍ପଣୀୟ ବସ୍ତୁଗୁଡ଼ିକୁ ବେଗବାନ୍ କରୁଥିବା [ହବ୍ୟସୂଦଃ] ସେହି ଜ୍ୟୋତିର୍ଗଣଙ୍କୁ (ଜ୍ୟୋତିର୍ମୟ ଗୋବୃନ୍ଦଙ୍କୁ) [ଉସ୍ରିୟାଃ] ବୃହସ୍ପତି [ବୃହସ୍ପତିଃ] ଉଚ୍ଚ ସ୍ୱରରେ ହାଙ୍କି ହାଙ୍କି [କନିକ୍ରଦତ୍] ଊର୍ଦ୍ଧ୍ୱ ଦିଗରେ ପ୍ରେରଣ କରିଥା'ନ୍ତି [ଉଦାଜତ୍]; ସେମାନେ ସସ୍ନେହରେ ପ୍ରତ୍ୟୁତ୍ତର ଦେଇଥା'ନ୍ତି [ବାବଶତୀଃ] ।

**ଏବା ପିତ୍ରେ ବିଶ୍ୱଦେବାୟ ବୃଷ୍ଣେ**
**ଯଜ୍ଞୈର୍ବିଧେମ ନମସା ହବିର୍ଭିଃ ।**
**ବୃହସ୍ପତେ ସୁପ୍ରଜା ବୀରବନ୍ତୋ**
**ବୟଂ ସ୍ୟାମ ପତୟୋ ରୟୀଣାମ୍ ।୬।**

ଅର୍ଥ – ଏହିପରି [ଏବ] 'ପିତା'ଙ୍କୁ, ବିଶ୍ୱାତ୍ମକ ଦେବଙ୍କୁ, ଦିବ୍ୟବୃଷଭଙ୍କୁ [ପିତ୍ରେ, ବିଶ୍ୱଦେବାୟ, ବୃଷ୍ଣେ] ଆସ ଆମେ ଆମର ଯଜ୍ଞଗୁଡ଼ିକ ଦ୍ୱାରା, ନମନ ଦ୍ୱାରା ଏବଂ ହବିଃ ସମର୍ପଣ ଦ୍ୱାରା ତାଙ୍କରି ଅର୍ଚ୍ଚନା କରିବା [ଯଜ୍ଞୈଃ, ନମସା, ହବିର୍ଭିଃ ବିଧେମ]; ହେ ବୃହସ୍ପତି [ବୃହସ୍ପତେ] ଉର୍ଜାରେ ଭରପୂର ହୋଇ [ବୀରବନ୍ତଃ] ଏବଂ ସନ୍ତାନଗଣରେ ସମୃଦ୍ଧ ହୋଇ [ସୁପ୍ରଜାଃ] ଆମେ [ବୟମ୍] ଆନନ୍ଦଗୁଡ଼ିକର ସ୍ୱାମୀ ହେଉଁ [ରୟୀଣାଂ ପତୟଃ ସ୍ୟାମ] ।

**ସ ଇଦ୍ ରାଜା ପ୍ରତିଜନ୍ୟାନି ବିଶ୍ୱା**
**ଶୁଷ୍ମେଣ ତସ୍ଥାବଭି ବୀର୍ୟେଣ ।**
**ବୃହସ୍ପତିଂ ୟଃ ସୁଭୃତଂ ବିଭର୍ତି**
**ବଲ୍‌ଗୂୟତି ବନ୍ଦତେ ପୂର୍ବଭାଜମ୍ ।୭।**

ଅର୍ଥ – ଯିଏ ସମ୍ୟକ୍ ଧୃତ ବୃହସ୍ପତିଙ୍କୁ ଧାରଣ କରିଛନ୍ତି [ୟଃ ସୁଭୃତଂ ବୃହସ୍ପତିଂ ବିଭର୍ତି] ଏବଂ ଯିଏ ଉଲ୍ଲାସକର ନୃତ୍ୟ କରନ୍ତି [ବଲ୍‌ଗୂୟତି] ତଥା ଯିଏ ତାଙ୍କୁ ବନ୍ଦନା କରିବା ସହିତ ତାଙ୍କ ଭୋଗର ପ୍ରଥମ ଫଳକୁ ତାଙ୍କୁହିଁ ପ୍ରଦାନ କରନ୍ତି [ପୂର୍ବଭାଜଂ ବନ୍ଦତେ] ସେ ହିଁ ରାଜା [ସ ଇଦ୍ ରାଜା], ଲୋକ ଲୋକାନ୍ତରେ ଯାହାସବୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅଭିମୁଖକୁ ଆସନ୍ତି [ବିଶ୍ୱା ପ୍ରତିଜନ୍ୟାନି] ସେସବୁକୁ ସେ ନିଜର ବଳ ଓ ବୀର-ଶକ୍ତି ଦ୍ୱାରା [ଶୁଷ୍ମେଣ ବୀର୍ୟେଣ] ଜୟ କରିଥା'ନ୍ତି [ଅଭି ତସ୍ଥୌ] ।

**ସ ଇଦ୍ କ୍ଷେତି ସୁଧିତ ଓକସି ସ୍ୱେ**
**ତସ୍ମା ଇଳା ପିନ୍ୱତେ ବିଶ୍ୱଦାନୀମ୍ ।**
**ତସ୍ମୈ ବିଶଃ ସ୍ୱୟମେବା ନମନ୍ତେ**
**ୟସ୍ମିନ୍ ବ୍ରହ୍ମା ରାଜନି ପୂର୍ବ ଏତି ।୮।**

ଅର୍ଥ : ହଁ [ଇତ୍], ସେ ନିଜର ପ୍ରକୃଷ୍ଟ ନିବାସରେ [ସଃ ସ୍ୱେ ଓକସି] ଦୃଢ଼ ଆସନରେ ଅବସ୍ଥାନ କରୁଛନ୍ତି [ସୁଧିତଃ କ୍ଷେତି] ଏବଂ ତାଙ୍କରି ପାଇଁ 'ଇଳା' ସବୁବେଳେ ସମୃଦ୍ଧିର ସହ ବୃଦ୍ଧିପ୍ରାପ୍ତା ହେଉଛନ୍ତି [ତସ୍ମୈ ଇଳା ବିଶ୍ୱଦାନୀଂ ପିନ୍ୱତେ] । ଯାହାଙ୍କଠାରେ ସକଳ ପ୍ରଜା (ସର୍ବପ୍ରାଣୀ) ସ୍ୱୟଂପ୍ରେରଣାରେ ନମନ କରନ୍ତି [ତସ୍ମୈ ସ୍ୱୟମ୍ ଏବ ନମନ୍ତେ], ଏହି ରାଜାଙ୍କ ମଧ୍ୟରେ [ୟସ୍ମିନ୍ ରାଜନି] 'ଆତ୍ମ-ଶକ୍ତି' ପୁରୋଭାଗରେ ଗତି କରେ [ପୂର୍ବ ଏତି] ।

**ଅପ୍ରତୀତୋ ଜୟତି ସଂ ଧନାନି**
**ପ୍ରତିଜନ୍ୟାନ୍ୟୁତ ୟା ସଜନ୍ୟା ।**
**ଅବସ୍ୟବେ ୟୋ ବରିବଃ କୃଣୋତି**
**ବ୍ରହ୍ମଣେ ରାଜା ତମବନ୍ତି ଦେବାଃ ।୯।**

ଅର୍ଥ – କେହି ତାଙ୍କୁ ଜିତି ପାରନ୍ତି ନାହିଁ [ଅପ୍ରତୀତଃ], ଯେଉଁ ସମସ୍ତ ଲୋକ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ [ପ୍ରତିଜନ୍ୟା] ଏବଂ [ଉତ] ଯେଉଁ ଲୋକରେ ସେ ନିବାସ କରନ୍ତି [ସଜନ୍ୟା], ଏ ଉଭୟ ଲୋକର ସମ୍ପଦକୁ ସେ ପୂର୍ଣ୍ଣ ରୂପେ ଜୟ କରିଥା'ନ୍ତି [ଧନାନି ସଂଜୟତି]; ଏ ସେହି ରାଜା ଅଟନ୍ତି [ରାଜା] ଯିଏ [ୟଃ] ତାଙ୍କ ଅଭିବ୍ୟକ୍ତିକୁ କାମନା କରୁଥିବା ଆତ୍ମଶକ୍ତି (ବ୍ରହ୍ମା) ନିମନ୍ତେ [ଅବସ୍ୟବେ ବ୍ରହ୍ମଣେ] ଶ୍ରେଷ୍ଠ ଶ୍ରେୟଃ ରଚନା କରନ୍ତି [ବରିବଃ କୃଣୋତି], ଦେବଗଣ ତାଙ୍କୁ ପାଇବାକୁ ଅଭିଳାଷ କରନ୍ତି [ଦେବାଃ ତମ୍ ଅବନ୍ତି] ।

**ଇନ୍ଦ୍ରଶ୍ଚ ସୋମଂ ପିବତଂ ବୃହସ୍ପତେ**
**ଽସ୍ମିନ୍ୟଜ୍ଞେ ମନ୍ଦସାନା ବୃଷଣ୍ୱସୂ ।**
**ଆ ବାଂ ବିଶନ୍ତ୍ୱିନ୍ଦବଃ ସ୍ୱାଭୁବୋଽସ୍ମେ**
**ରୟିଂ ସର୍ବବୀରଂ ନି ୟଚ୍ଛତମ୍ ।୧୦।**

ଅର୍ଥ – ହେ ବୃହସ୍ପତି [ବୃହସ୍ପତେ] ତୁମେ ଓ ଇନ୍ଦ୍ର [ଇନ୍ଦ୍ରଃ ଚ] ଏହି ଯଜ୍ଞରେ ପ୍ରହୃଷ୍ଟମନା ହେବା ପୂର୍ବକ [ଅସ୍ମିନ୍ ୟଜ୍ଞେ ମନ୍ଦମାନା] ତଥା ଐଶ୍ୱର୍ଯ୍ୟର ମୂଳ ଉପାଦାନକୁ ବର୍ଷଣ କରିବା ପୂର୍ବକ [ବୃଷନ୍‌ବସୂ] ଏହି ସୋମରସ ପାନ କର

[ସୋମଂ ପିବତମ୍] । ଏହି ଆନନ୍ଦର ଶକ୍ତିରାଜି [ଇନ୍ଦବଃ] ତୁମ ଦୁହିଁଙ୍କ ମଧ୍ୟକୁ ପ୍ରବେଶ କରନ୍ତୁ [ବାମ୍ ଆବିଶନ୍ତୁ] ଏବଂ ସ୍ବରୂପ ଧାରଣ କରନ୍ତୁ [ସ୍ୱାଭୁବଃ], ସର୍ବ ବଳବୀର୍ଯ୍ୟରେ ପୂର୍ଣ୍ଣ ଆନନ୍ଦକୁ [ସର୍ବବୀରଂ ରୟିମ୍] ଆମ ମଧ୍ୟରେ ତୁମେ ଦୁହେଁ ନିୟନ୍ତ୍ରିତ କର [ନିୟଚ୍ଛତମ୍] ।

**ବୃହସ୍ପତ ଇନ୍ଦ୍ର ବର୍ଧତଂ ନଃ**
**ସଚା ସା ବାଂ ସୁମତିର୍ଭୂତ୍ୱସ୍ମେ ।**
**ଅବିଷ୍ଟଂ ଧିୟୋ ଜିଗୃତଂ ପୁରନ୍ଧ୍ରୀର୍**
**ଜଜସ୍ତମର୍ୟୋ ବନୁଷାମରାତୀଃ ।୧୧।**

ଅର୍ଥ – ହେ ବୃହସ୍ପତି, ହେ ଇନ୍ଦ୍ର [ବୃହସ୍ପତେ ଇନ୍ଦ୍ର] ! ତୁମେ ଦୁହେଁ ଏକ ସଙ୍ଗେ ଆମ ମଧ୍ୟରେ ବର୍ଦ୍ଧିତ ହୁଅ [ସଚା ନଃ ବର୍ଧତମ୍] ଏବଂ ତୁମର ସେହିଁ ମାନସିକ ପୂର୍ଣ୍ଣତା [ବାଂ ସୁମତିଃ] ଆମ ମଧ୍ୟରେ ସଂରଚିତ ହେଉ [ଅସ୍ମେ ଭୂତୁ]; ଚିନ୍ତା ଓ ବିଚାରଗୁଡ଼ିକୁ ପରିପୁଷ୍ଟ କର [ଧିୟଃ ଅବିଷ୍ଟମ୍], ମନର ବହୁମୁଖୀ ଶକ୍ତିଗୁଡ଼ିକୁ ପ୍ରକଟିତ କରାଅ [ପୁରନ୍ଧ୍ରୀଃ ଜିଗୃତମ୍]; ଆର୍ଯ୍ୟଜନଙ୍କୁ ଜୟ କରି ଅଧିକାର କରିବାକୁ ଚାହୁଁଥିବା ଶକ୍ତିଗଣ ଯେଉଁ ସକଳ ଦାରିଦ୍ର୍ୟ ସୃଷ୍ଟି କରିଥା'ନ୍ତି ସେସବୁକୁ [ଅର୍ୟଃ ବନୁଷାମ୍ ଅରାତୀଃ] ବିନଷ୍ଟ କରିଦିଅ [ଜଜସ୍ତମ୍ ।]

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ :

ସ୍ତୁତିର ଏହି ରହସ୍ୟାତ୍ମକ ସୂକ୍ତଟିକୁ ଋଷି ବାମଦେବ ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରିଛନ୍ତି ତାଙ୍କର ତିନୋଟି ନାମ ରହିଛି – ବୃହସ୍ପତି, ବ୍ରହ୍ମଣସ୍ପତି ଓ ବ୍ରହ୍ମା । ବେଦର ପରବର୍ତ୍ତୀ ପୌରାଣିକ ଦେବତାଙ୍କ ଜନ୍ମବୃତ୍ତରେ ବୃହସ୍ପତି ଓ ବ୍ରହ୍ମା ଦୁଇ ପୃଥକ୍ ଦେବତାରେ ପରିଣତ ହୋଇଗଲେ । 'ବ୍ରହ୍ମା' ହେଉଛନ୍ତି ସ୍ରଷ୍ଟା, ପୌରାଣିକ ତ୍ରିଦେବ ମଧ୍ୟରୁ ଏକତମ; 'ବୃହସ୍ପତି'ଙ୍କ ସ୍ୱରୂପ ପ୍ରତିପାଦନରେ ସେତେକିଛି ବିରାଟ ପ୍ରାଧାନ୍ୟ ଦିଆଯାଇ ନାହିଁ, ସେ ହେଉଛନ୍ତି ଦେବଗଣଙ୍କ ଆଧ୍ୟାତ୍ମିକ ଗୁରୁ, ତଥା ପ୍ରସଙ୍ଗକ୍ରମେ ବୃହସ୍ପତି(Jupiter) ନାମକ ଗ୍ରହର ପ୍ରତିରକ୍ଷକ; 'ବ୍ରହ୍ମଣସ୍ପତି' ଯିଏ ଏକଦା ମଧ୍ୟବର୍ତ୍ତୀ ସୂତ୍ର ରୂପେ ଏହି ଉଭୟଙ୍କର ସଂଯୋଜକ ଥିଲେ, ସେହି ସଂଜ୍ଞାଟି ଅନ୍ତର୍ହିତ ହୋଇଗଲା । ଏହି ବୈଦିକ ଦେବତାଙ୍କ ସ୍ୱରୂପକୁ ପୁନଃ-ସଂସ୍ଥାପନ କରିବାକୁ ହେଲେ ଯାହା ବିଯୁକ୍ତ ହୋଇଯାଇଛି ତାହାକୁ ପୁନଶ୍ଚ ସଂଯୋଜିତ କରିବାକୁ ହେବ ଏବଂ ମୌଳିକ ବୈଦିକ ଧାରଣାର ଆଲୋକରେ ଦୁଇ ବିଚ୍ଛିନ୍ନ ସଂଜ୍ଞାର ଗୁଣବତ୍ତାକୁ ସଂଶୋଧିତ କରିବାକୁ ହେବ ।

ବେଦରେ ଥିବା 'ବ୍ରହ୍ମନ୍' ସାଧାରଣତଃ 'ବେଦବାକ୍' ବା ମନ୍ତ୍ରକୁ ବୁଝାଏ, ଏହାର ଗଭୀରତମ ବୈଶିଷ୍ଟ୍ୟ ଦୃଷ୍ଟିରୁ ଏହା ଆତ୍ମା ବା ସତ୍ତାର ଗଭୀର ପ୍ରଦେଶଗୁଡ଼ିକ ମଧ୍ୟରୁ ଉଦିତ ବୋଧିଜ୍ଞାନର ଅଭିବ୍ୟକ୍ତି । ଏହା ସେହି ସ୍ୱରର ଛନ୍ଦ ଯାହା ଏହି ଲୋକ-ଲୋକାନ୍ତରକୁ ସୃଷ୍ଟି କରିଛି ଏବଂ ସଦାସର୍ବଦା ସୃଷ୍ଟି କରି ଚାଲିଛି । ସମଗ୍ର ଜଗତ୍ ହେଉଛି ପରିପ୍ରକାଶ ବା ଅଭିବ୍ୟକ୍ତି, 'ବାକ୍' ଦ୍ୱାରା କୃତ ଏକ ସଂରଚନା । 'ଚିନ୍ମୟ ସତ୍ତା' ଆପଣା ସୁଖରେ, **ମନା**, ଆପଣା ମଧ୍ୟରେ ସ୍ଥିତ ବସ୍ତୁଗୁଡ଼ିକୁ ଉଜ୍ଜ୍ୱଳ ଭାବେ ବ୍ୟକ୍ତ କରିବାକୁ ଅତିଚେତନା (superconscient) କୁହାଯାଏ; ଆପଣାର ବସ୍ତୁଗୁଡ଼ିକୁ ଆବୃତ ଅବସ୍ଥାରେ ଆପଣା ମଧ୍ୟରେ ଧାରଣ କରିବାକୁ ଅବଚେତନା (subconscient) କୁହାଯାଏ । ସ୍ୱୟଂଭାସ୍ୱର ସେହି ପରମପୁରୁଷ ତମସାଚ୍ଛନ୍ନତା ମଧ୍ୟକୁ ଅବତରଣ କରନ୍ତି, ତାହା ହେଉଛି ରାତ୍ରି, ଯେଉଁଠି ଘନାନ୍ଧକାର ଦ୍ୱାରା ଅନ୍ଧକାର ଗୂଢ଼ ହୋଇଥାଏ, **ତମଃ ତମସା ଗୂଢ଼ମ୍**, ଚେତନା ବିଭାଜିତ ହୋଇଯିବା କାରଣରୁ ଯେଉଁଠାରେ ସମସ୍ତ କିଛି ଅରୂପସତ୍ତା ମଧ୍ୟରେ ଗୂଢ଼ଭାବେ ରହିଥାଏ, **ତୁଚ୍ଛ୍ୟେନାଭ୍ୱପିହିତମ୍** । ସଚେତନା ମଧ୍ୟରେ ନିଜର ବିଶାଳ ଏକତ୍ୱକୁ ପୁନଃ ସଂରଚନା କରିବା ପାଇଁ ଏହା ସେହି ମହାରାତ୍ରି ମଧ୍ୟରୁ 'ବାକ୍' ମାଧ୍ୟମରେ ପୁଣି ଉତ୍ଥିତ ହୁଏ, **ତନ୍ମହିନା ଜାୟତୈକମ୍** । ଏହି ବିଶାଳ ସତ୍ତା, ସର୍ବଧାରକ ତଥା ସର୍ବରଚୟିତା ହେଉଛନ୍ତି 'ବ୍ରହ୍ମନ୍' (ବ୍ରହ୍ମା) । ମାନବ-ଚେତନା ମଧ୍ୟରେ ନିହିତ ଅବଚେତନା ମଧ୍ୟରୁ 'ଆତ୍ମା'ର ଅଭ୍ୟୁତ୍ଥାନ ଘଟୁଛି ଏବଂ ଅତିଚେତନା ଦିଗରେ ଉଠିଚାଲିଛି, ତାହା ଏହାକୁହିଁ ବୁଝାଏ । ସୃଜନଶୀଳ ଶକ୍ତି ରୂପକ ବାକ୍ ବ୍ୟକ୍ତି ମଧ୍ୟରୁ ନିଃସୃତ ହୋଇ ଊର୍ଦ୍ଧ୍ୱ ଦିଗରେ ଯେଉଁ ଯାତ୍ରା କରିଥାଏ ତାହାକୁ ମଧ୍ୟ 'ବ୍ରହ୍ମନ୍' (ବ୍ରହ୍ମା) କୁହାଯାଏ ।

'ଭଗବାନ୍', 'ଦେବ', ଆତ୍ମାର ସଚେତନ 'ଶକ୍ତି' ରୂପେ ନିଜକୁ ଅଭିବ୍ୟକ୍ତ କରନ୍ତି, ଅବଚେତନ ରୂପକ ଜଳରାଶି ମଧ୍ୟରୁ, ଉତ୍ଥିତ 'ବାକ୍' ଦ୍ୱାରା ସେହି ଶକ୍ତି ଭୁବନଗୁଡ଼ିକର ସର୍ଜନା କରିଥାଏ, **ଅପ୍ରକେତଂ ସଲିଲଂ ସର୍ବମ୍**, – ଅଚେତନାର ଜଳଧି ମଧ୍ୟରେ ସବୁକିଛି ରହିଥିଲା – ବିଖ୍ୟାତ 'ସୃଷ୍ଟିସୂକ୍ତ'ରେ (ଋଗ୍, ୧୦:୧୨୯) ସରଳଭାବେ ଏହିପରି ସଂଜ୍ଞା ଦିଆଯାଇଛି

(ଅପ୍ରକେତଂ ସଲିଲମ୍) । 'ଦେବ'ଙ୍କର ଏହି ଶକ୍ତି ହେଉଛନ୍ତି 'ବ୍ରହ୍ମନ୍' (ବ୍ରହ୍ମା), ଏହି ଶବ୍ଦଟିର ଅର୍ଥ ସଚେତନ ଆତ୍ମଶକ୍ତି କହିଲେ ତା' ଉପରେ ଯେତେ ଜୋର୍ ଆସୁଛି ତା' ଅପେକ୍ଷା ଏହାକୁ ବ୍ୟକ୍ତ କରୁଥିବା 'ବାକ୍' ଉପରେ ସେତେ ନୁହେଁ । ଜଣେ ସଚେତନ ମାନବସତ୍ତା ମଧ୍ୟରେ ବିଭିନ୍ନ ଲୋକ-ସଂସ୍ଥାନର ଯେଉଁ ଅଭିବ୍ୟକ୍ତି ଘଟିଛି ତାହା ସେତେବେଳେ ସମ୍ପନ୍ନ ହୁଏ, ଯେତେବେଳେ ତା' ମଧ୍ୟରେ ଅତିଚେତନାର ଅଭିବ୍ୟକ୍ତି ଘଟେ, 'ସତ୍ୟ' (ସତ୍) ଓ 'ଆନନ୍ଦ', ଏହାହିଁ ପରା 'ବାକ୍' ବା 'ବେଦ'ର ସଂକଳ୍ପିତ କାର୍ଯ୍ୟ । ପରା ବାକ୍‌ର ପତି 'ବୃହସ୍ପତି', ଏହି ନାମଟି ଉପରେ ବାକ୍‌ର ଆତ୍ମଶକ୍ତି ରୂପକ ଅର୍ଥର ଯେତେ ଜୋର୍ ଅଛି ତା' ଅପେକ୍ଷା ଅନ୍ତରାଳରେ ଥିବା ସାଧାରଣ ଆତ୍ମଶକ୍ତିର ଧୀ-ରୂପକ ଅର୍ଥ ଉପରେ ସେତେ ନୁହେଁ । ବୃହସ୍ପତି ଦେବଗଣଙ୍କୁ ଦେଇଥା'ନ୍ତି ଜ୍ଞାନବାକ୍, ଅତିଚେତନ-ଅଭିବ୍ୟକ୍ତିର ଛନ୍ଦ, ବିଶେଷତଃ ଏହାକୁ ସେ ଇନ୍ଦ୍ରଙ୍କୁ ପ୍ରଦାନ କରିଥା'ନ୍ତି ଯିଏ ହେଉଛନ୍ତି 'ମନ'ର ଦେବତା, ଏହାକୁ ସେ ସେତିକିବେଳେ ଦେଇଥା'ନ୍ତି ଯେତେବେଳେ ଏ ଦୁହେଁ ମହାନ୍ ସିଦ୍ଧି ନିମନ୍ତେ ମନୁଷ୍ୟ ମଧ୍ୟରେ ''ଆର୍ଯ୍ୟ''ଶକ୍ତି ରୂପେ କାର୍ଯ୍ୟ କରନ୍ତି । ଏଥିରୁ ଆମକୁ ବୁଝିବା ସହଜ ହୋଇଯିବ ଯେ ଏହି ବୈଦିକ ଧାରଣାଗୁଡ଼ିକ ବ୍ୟାପକଭାବେ ତା'ର ବୈଶିଷ୍ଟ୍ୟ ବହନ କରେ, କିନ୍ତୁ କମ୍ ସୂକ୍ଷ୍ମ ତଥା ଗାମ୍ଭୀର୍ଯ୍ୟକୁ ବହନ କରୁଥିବା ପୌରାଣିକ ପ୍ରତୀକବାଦ ମଧ୍ୟକୁ ପ୍ରବେଶ କରିବା ଫଳରେ ସେଠାରେ ବ୍ରହ୍ମା ହୋଇଛନ୍ତି 'ସ୍ରଷ୍ଟା' ଏବଂ ବୃହସ୍ପତି ହୋଇଛନ୍ତି ଦେବଗୁରୁ । ପାର୍ଥକ୍ୟ ସୃଷ୍ଟି କରୁଥିବା ଉଭୟ ବଳ ବା ପ୍ରାଧାନ୍ୟର ମିଳନ ଓ ସମତ୍ୱ ସ୍ଥାପନ 'ବ୍ରହ୍ମଣସ୍ପତି' ନାମଟି ମଧ୍ୟରେ ସାଧନ କରାଯାଇଛି । ସେହି ଏକ ଦେବତାଙ୍କର ଯେଉଁ ଦୁଇଟି ସାଧାରଣ ତଥା ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ରହିଛି ତାହା ମଧ୍ୟରେ ଏହା ଏକ ସଂଯୋଗକାରୀ ନାମ ।

(*ଭାଷ୍ୟର ଅବଶିଷ୍ଟାଂଶ ଆସନ୍ତା ସଂଖ୍ୟାରେ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - IX, **"Brihaspati, Power of the Soul"**]

ଅନୁବାଦ : ମଧୁସୂଦନ ମହାପାତ୍ର

Become Master of your body — this will lead you to Freedom.
(CWM Vol. 12, p. 283) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ନୂତନ ଚେତନା ଓ ନୂତନ ଜଗତ୍

## ଶ୍ରୀ ପ୍ରପତ୍ତି

"Lord, Thou hast willed, and I execute :
A new light breaks upon the earth,
A new world is born.
The things that were promised
are fulfilled."

(CWM, Vol. 15, p.190) –The Mother

''ପ୍ରଭୁ, ତୁମେ ଯାହା ସଙ୍କଳ୍ପ କରିଛ,
ମୁଁ ତାହା କାର୍ଯ୍ୟରେ ପରିଣତ କରୁଛି ।
ପୃଥିବୀପୃଷ୍ଠରେ ଏକ ନୂତନ ଆଲୋକ ପ୍ରକାଶିତ ହେଉଛି ।
ଏକ ନୂତନ ଜଗତ ଜନ୍ମଲାଭ କରିଛି ।
ଯେଉଁସବୁ ବିଷୟରେ ପ୍ରତିଶ୍ରୁତି ଦିଆହୋଇଛି,
ତାହା ପୂର୍ଣ୍ଣ ହେଉଛି ।''

– ଶ୍ରୀମା

ଯୁଗ ଯୁଗ ଧରି ମନୁଷ୍ୟ ପୃଥିବୀପୃଷ୍ଠରେ ଯେଉଁ ସ୍ୱର୍ଗରାଜ୍ୟର କଳ୍ପନା କରିଛି, ଯେଉଁ ଦିବ୍ୟସୃଷ୍ଟିର ସ୍ୱପ୍ନ ଦେଖିଛି, ଏକ ନୂତନ ଜଗତ୍, ଏକ ନୂତନ ସମାଜର ଆକାଙ୍କ୍ଷା ପୋଷଣ କରିଛି, ତାହାର ବାସ୍ତବ ପରିଣତି ଦିଗରେ ଆମ୍ଭେମାନେ ଯେ ଗତି କରୁଛୁ ଏବଂ ଏଥିପାଇଁ ସମଗ୍ର ମାନବଜାତି ଏବଂ ସମସ୍ତ ପୃଥିବୀ ନାନା ବାଧାବିଘ୍ନ ଓ ବିପଦ ମଧ୍ୟ ଦେଇ ଯେ ପ୍ରସ୍ତୁତ ହେଉଛି ଏଥିରେ କୌଣସି ସନ୍ଦେହ ନାହିଁ । ଏହି ନୂତନ ଚେତନାର ପ୍ରତିଷ୍ଠା ଯେ ଅବଶ୍ୟମ୍ଭାବୀ ଏବଂ ଏହି ଚେତନାର ଅନୁରୂପ ଏକ ନୂତନ ଜଗତର ଯେ ପ୍ରତିଷ୍ଠା ହେବା ସୁନିଶ୍ଚିତ ଏଥିରେ ମଧ୍ୟ ଦ୍ୱିଧା ନାହିଁ ।

ବର୍ତ୍ତମାନ ସମାଜ କେବଳ ଜରାଜୀର୍ଣ୍ଣ ନୁହେଁ, ମୃତପ୍ରାୟ । ଏହି କ୍ଷୟିଷ୍ଣୁ ସମାଜର ଅନ୍ତର୍ଦାହ ଓ ଅନ୍ତର୍ଦ୍ୱନ୍ଦ୍ୱ ଅତ୍ୟନ୍ତ ପ୍ରବଳ । ବର୍ତ୍ତମାନ ଜୀବନଧାରା ଓ ବ୍ୟବସ୍ଥା ମଧ୍ୟରେ ଯେଉଁ ଦୁର୍ଦମନୀୟ ବିକ୍ଷୋଭ ଦେଖା ଦେଇଛି, ତାହା କେବଳ ବାହ୍ୟିକ ନୁହେଁ, ସାମୟିକ ନୁହେଁ, ସ୍ୱଳ୍ପ ନୁହେଁ, ପରିସ୍ଥିତିମୂଳକ ନୁହେଁ, ବରଂ ଆନ୍ତରିକ, ସ୍ଥାୟୀ, ବିପୁଳ ଓ ମୂଳଗତ । ଏହି ବିକ୍ଷୋଭ ଏକ ଅନ୍ତର୍ଯୁଦ୍ଧ, ଏକ ମହାନ୍ ସଂଘର୍ଷ ଏବଂ ସଂଗ୍ରାମ – ଦୁଇ ପରସ୍ପର ବିରୋଧୀ ଶକ୍ତି ଏବଂ କ୍ରିୟା ମଧ୍ୟରେ । ଏକ ହେଲା ପରାକ୍ରମଶାଳୀ ପୂର୍ଣ୍ଣ ସତ୍ୟ, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦର ଚେତନା, ଅନ୍ୟ ଏକ ହେଲା ଅଜ୍ଞାନ, ଅସତ୍ୟ, ମିଥ୍ୟାର ଚେତନା – ଏହି ଉଭୟ ମଧ୍ୟରେ ତୀବ୍ର ଦ୍ୱନ୍ଦ୍ୱ ଓ ବିସମ୍ବାଦ ପହଞ୍ଚିଛି । ସୃଷ୍ଟି କାଳରୁ ଅଜ୍ଞାନତା ଓ ଅନ୍ଧକାରହିଁ ଏହି ଜଗତକୁ ଶାସନ ଓ ପରିଚାଳନା କରୁଛି । ପୃଥିବୀ ଓ ଭଗବାନଙ୍କ ମଧ୍ୟରେ ଯୁଗ ଯୁଗ ବ୍ୟାପୀ ବ୍ୟବଧାନ ଓ ପାର୍ଥକ୍ୟ ରହିଆସିଛି । ଯାହାକିଛି ଏଠାରେ ଉଦ୍ଭବ ହେବ ତାହା ପରିଶେଷରେ ଏହି ଅନ୍ଧକାର ଗର୍ଭରେ ବିଲୀନ ହେବ । ମୃତ୍ୟୁ, ଜରା, ରୋଗ ମନୁଷ୍ୟଜାତିକୁ କବଳିତ କରି ରଖିଛି, ଜାଗତିକ ଓ ଭୌତିକ ସ୍ତରରେ ମିଥ୍ୟାର ଅଖଣ୍ଡ ରାଜତ୍ୱ ରହିଛି । ଏହିପରି ଏକ ସଂସାରକୁ ଏକ ନୂତନ ସ୍ତରରେ ଉଠାଇ ନେବାକୁ ହେଲେ, – ଯେଉଁଠାରେ ସତ୍ୟ, ଜ୍ୟୋତିଃ, ଶାନ୍ତି, ଜ୍ଞାନ, ଆନନ୍ଦ, ଅମୃତତ୍ୱର ପ୍ରତିଷ୍ଠା ହେବ, କି ଘୋର ଓ ଭୟଙ୍କର ସଂଗ୍ରାମର ସମ୍ମୁଖୀନ ହେବାକୁ ନହେବ ? ନିମ୍ନସ୍ତରରେ ଯେଉଁସବୁ ଶକ୍ତି ଆଦିମ କାଳରୁ ପ୍ରତିଷ୍ଠିତ ହୋଇ ରହିଛନ୍ତି, ସେମାନେ କଦାପି ସେମାନଙ୍କର ଶାସନ ଓ ପରିଚାଳନା ସହଜରେ ଛାଡ଼ି ଦେବେ ନାହିଁ । ଏହିସବୁ ଶକ୍ତିକୁ ଧ୍ୱଂସ ନକରି ବରଂ ସେସବୁକୁ ରୂପାନ୍ତରିତ କରି, ମାନବ-ବିଗ୍ରହକୁ ଊର୍ଦ୍ଧ୍ୱଭୂମିକୁ ଟେକି ନେବା କମ୍ କଠିନ କଥା ନୁହେଁ । ପ୍ରଥମତଃ, ମନୁଷ୍ୟ ନିତାନ୍ତ ଦୁର୍ବଳ ଓ ଅସହିଷ୍ଣୁ । ଏହି ନିମ୍ନଶକ୍ତିମାନଙ୍କର ମନୁଷ୍ୟ ଏପରି ପଦାନତ ଏବଂ ଏପରିଭାବେ ତାକୁ ଏମାନେ ନିଜର ଯନ୍ତ୍ର କରି ରଖିଛନ୍ତି ଯେ ସେ ଯେପରି ସେମାନଙ୍କର ଖେଳନା ମାତ୍ର । ଯାହାକିଛି ଉଚ୍ଚତର, ମହାନ୍ ଓ ଆଲୋକମୟ, ମନୁଷ୍ୟ ପକ୍ଷରେ ତାହା ଚିରକାଳ ଦୁଷ୍ପ୍ରାପ୍ୟ, ସ୍ୱପ୍ନ ଓ କଳ୍ପନା-ବିଳାସ । ଯଦି ଆଜି ଏହି ନିମ୍ନଶକ୍ତିଚୟକୁ ଅଧିକାର କରି, ସେମାନଙ୍କର ବିଷାକ୍ତ କର୍ତ୍ତୃତ୍ୱ ଓ ପରାକ୍ରମକୁ ସତ୍ୟ, ଜ୍ଞାନ ଓ ଆଲୋକରେ ପରିଣତ କରିବାକୁ ହୁଏ, ତେବେ ଯେଉଁ ବିପୁଳ ଆନ୍ଦୋଳନ ଏବଂ ପରିବର୍ତ୍ତନ ହେବ ତାହା ମନୁଷ୍ୟ ଭଳି ଦୁର୍ବଳ ଜୀବଙ୍କ ପକ୍ଷରେ ସହ୍ୟ କରିବା ଅତ୍ୟନ୍ତ କଠିନ ହୋଇ ପଡ଼ିବ । ଆଜି ବାସ୍ତବ ସମସ୍ୟା ଏହାହିଁ ହୋଇଛି । ଚତୁର୍ଦ୍ଦିଗରେ ଯେଉଁ ବିଶୃଙ୍ଖଳା ଓ ବିପର୍ଯ୍ୟୟ ଦେଖାଦେଇଛି ସେସବୁ ଏହି ତୀବ୍ର ସଂଗ୍ରାମର ଫଳାଫଳ । କିନ୍ତୁ ବର୍ତ୍ତମାନର ଏହି ଅନ୍ଧକାର ମଧ୍ୟରୁହିଁ ନୂତନ ଚେତନା ଓ ନୂତନ ଜଗତର

ଉଦ୍ଭବ ହେବ ଏବଂ ଏହି ସମ୍ବନ୍ଧରେ ଶ୍ରୀଅରବିନ୍ଦ ବହୁ ବର୍ଷ ପୂର୍ବେ ଏକ ପତ୍ରରେ ଲେଖିଥିଲେ :

"I am afraid I can hold out but cold comfort for the present at least to those of your correspondents who are lamenting the present state of things. Things are bad, are growing worse and may at any time grow worst or worse than worst if that is possible—and anything however paradoxical seems possible in the present perturbed world. The best thing for them is to realise that all this was necessary because certain possibilities had to emerge and be got rid of if a new and better world was at all to come into being; it would not have done to postpone them for a later time. It is as in Yoga where things active or latent in the being have to be put into action in the light so that they may be grappled with and thrown out or to emerge from latency in the depths for the same purificatory purpose. Also they can remember the adage that night is darkest before dawn and that the coming of dawn is inevitable. But they must remember too that the new world whose coming we envisage is not to be made of the same texture as the old and different only in pattern and that it must come by other means, from within and not from without—so the best way is not to be too much preoccupied with the lamentable things that are happening outside, but themselves to grow within so that they may be ready for the new world whatever form it may take."

(CWSA, Vol.-31, p. 691)

ଅର୍ଥାତ୍, ''ମୋର ଆଶଙ୍କା ହୁଏ, ତୁମ ସହିତ ଚିଠିପତ୍ରରେ ସମ୍ପର୍କ ରଖୁଥିବା ବ୍ୟକ୍ତିମାନେ – ଯେଉଁମାନେ ବର୍ତ୍ତମାନ ଅବସ୍ଥା ଦେଖି ଦୁଃଖ କରୁଛନ୍ତି – ମୁଁ ଅନ୍ତତଃ ସେମାନଙ୍କୁ ବିଶେଷ କିଛି ଆଶ୍ୱାସନା ଦେଇପାରିବି ନାହିଁ। ବର୍ତ୍ତମାନ ଅବସ୍ଥା ଖରାପ, ଆହୁରି ଖରାପ ହେବାକୁ ଯାଉଛି ଏବଂ ଯେକୌଣସି ସମୟରେ ନିତାନ୍ତ ଖରାପ ଅବସ୍ଥାରେ ପହଞ୍ଚିପାରେ, କିଂବା ସମ୍ଭବ ହେଲେ ତାହାଠାରୁ ମଧ ଆହୁରି ଖରାପତର ଅବସ୍ଥା ହୋଇପାରେ ଏବଂ ବର୍ତ୍ତମାନ ବିକ୍ଷୁବ୍ଧ ପୃଥିବୀରେ ଯାହାକିଛି ଅସମ୍ଭବ ଓ ପରସ୍ପର ବିରୋଧୀ ମନେ ହୁଏ ତାହା ମଧ ସମ୍ଭବ ହେବାକୁ ଯାଉଛି । ସେମାନଙ୍କ ପାଇଁ ଏହା ଉପଲବ୍ଧି କରିବା ସବୁଠାରୁ ଭଲ ହେବ ଯେ ଏହିସବୁର ଆବଶ୍ୟକତା ଥିଲା, କାରଣ ଯଦି ଏକ ନୂତନ ଓ ଉନ୍ନତତର ଜଗତ୍ ସୃଷ୍ଟି କରିବାକୁ ହେବ, ତେବେ ତାହା ପୂର୍ବରୁ ଏହିପରି କେତେ ବିରୋଧୀ ସମ୍ଭାବନାସବୁ ଦେଖାଦେବ ଏବଂ ସମ୍ପୂର୍ଣ୍ଣ ବିଲୁପ୍ତ ହେବ । ପରବର୍ତ୍ତୀ ସମୟରେ ସମାଧାନ ନିମିତ୍ତ ଏଗୁଡ଼ିକ ସାମୟିକ ବନ୍ଦ କରି ଦିଆଗଲେ ଚଳିବ ନାହିଁ । ଏହା ହେଉଛି ଠିକ୍ ଯୋଗର ପ୍ରକ୍ରିୟା ପରି, ଯେଉଁଠି ସତ୍ତା ମଧରେ ଥିବା ସକ୍ରିୟ ବା ସୁପ୍ତ ବିଷୟଗୁଡ଼ିକୁ ଆଲୋକର ସମ୍ମୁଖରେ କ୍ରିୟା କରିବାକୁ ଛାଡ଼ି ଦିଆହୁଏ । ଯାହା ଫଳରେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଦୂରକୁ ନିକ୍ଷେପ କରାଯିବ ଅଥବା ଅନୁରୂପ ବିଶୁଦ୍ଧିକରଣ ପାଇଁ ଗହ୍ୱର ମଧରେ ସୁପ୍ତ ଥିବା ବସ୍ତୁକୁ ଅଣାଯିବ । ସେମାନେ ମଧ ସେହି ପ୍ରାଚୀନ ସ୍ମୃତିକୁ ସ୍ମରଣ କରି ପାରନ୍ତି ଯେ ଉଷାକାଳ ପୂର୍ବରୁ ରାତ୍ରି ଘୋର ଅନ୍ଧକାରପୂର୍ଣ୍ଣ ହୋଇଥାଏ ଏବଂ ଉଷାର ଆଗମନ ଅନିବାର୍ଯ୍ୟ । କିନ୍ତୁ ସେମାନେ ଆହୁରି ମଧ ମନେରଖିବା ଉଚିତ, ଯେଉଁ ନୂତନ ଜଗତର ଆଗମନୀ ପାଇଁ ଆମ୍ଭେମାନେ ପ୍ରୟାସ କରୁଛୁ, ତାହା ପୁରାତନ ଜଗତ୍ ସହ କେବଳ ଗଠନ ଓ ନମୁନାରେ ଯେ ଭିନ୍ନ ତାହା ନୁହେଁ, ତାହାଠାରୁ ଭିନ୍ନ ଉପାଦାନରେ ମଧ ଏହା ଗଠିତ ହେବ, ଏବଂ ଏହା ଆସିବ ଅନ୍ୟ ଉପାୟ ମାଧମରେ ଅର୍ଥାତ୍ ତାହା ଗଠିତ ହେବ ଅନ୍ତରରୁ, ବାହାରରୁ ନୁହେଁ । ତେଣୁ ସବୁଠାରୁ ଉତ୍ତମ ପନ୍ଥା ହେଲା ବାହାରେ ଘଟୁଥିବା ଶୋଚନୀୟ ଘଟଣା ଦେଖି ବ୍ୟସ୍ତ ନହେବା କିନ୍ତୁ ଅନ୍ତର ମଧରେ ନିଜର ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଯାହାଫଳରେ ସେମାନେ ନୂତନ ଜଗତ୍ ପ୍ରତି ପ୍ରସ୍ତୁତ ହେବେ, ତାହା ଯେଉଁ ରୂପରେ ଆସୁ ନା କାହିଁକି ।''

ଚେତନାର ଅନୁରୂପହିଁ ଜଗତ୍ । ଚେତନାହିଁ ବସ୍ତୁର ସତ୍ତା

ଓ ତତ୍ତ୍ୱ, ନିୟାମକ ଓ ଚାଳକ । ଆମ ଚତୁର୍ଦ୍ଦିଗର ପରିସ୍ଥିତି ଆମର ଚେତନା ଓ ସ୍ଥିତିର ବାହ୍ୟ ପ୍ରକାଶ ମାତ୍ର । ଯଦି ଆମ୍ଭେମାନେ ଆମର ଚେତନାର ପରିବର୍ତ୍ତନ କରୁ, ରୂପାନ୍ତର କରୁ, ଅନ୍ୟ ଏକ ଅଖଣ୍ଡ, ବିଶାଳ, ସୁଷମ ଓ ଜ୍ଞାନମୟ ଚେତନା ମଧ୍ୟରେ ପ୍ରବେଶ କରୁ, ତେବେ ଆମର ଚତୁର୍ଦ୍ଦିଗର ପରିସ୍ଥିତି, ଯେଉଁ ଦୁଃଖ, ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ଦେଖା ଦେଇଛି ତାହାର ପରିବର୍ତ୍ତନ ଘଟିବ ।

ଶ୍ରୀଅରବିନ୍ଦ ତାଙ୍କର ଦୀର୍ଘକାଳବ୍ୟାପୀ ତପସ୍ୟା ଦ୍ୱାରା ପୃଥିବୀ ଉପରେ 'ଅତିମାନସ ଦିବ୍ୟ-ଚେତନା'କୁ ଉତାରି ଆଣିଛନ୍ତି । ଏହି ଚେତନାର ଅନୁପ୍ରବେଶ ଫଳରେ ସମଗ୍ର ପୃଥିବୀରେ ଗୋଟାଏ ନାହିଁ ନଥିବା ବିଶୃଙ୍ଖଳା ଓ ଦ୍ୱନ୍ଦ୍ୱ ଦେଖା ଦେଇଛି କାରଣ ଏହା ପୂର୍ଣ୍ଣ ସତ୍ୟ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଚେତନା । କେବଳ ସେତିକି ନୁହେଁ, ଏହା ଏକ ଅପରାଜେୟ ଚେତନା ଏବଂ ଅନ୍ଧକାର ଶକ୍ତି ଉପରେ ଯେ ନିଶ୍ଚୟ ବିଜୟ ହାସଲ କରିବ ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ବିଶୃଙ୍ଖଳା ଓ ବିକ୍ଷୋଭର ପ୍ରଧାନ କାରଣ ହେଲା ଏହି ନୂତନ ଚେତନା ଓ ଶକ୍ତିର ଚାପ (Pressure) ଏବଂ ପୁରାତନ ଶକ୍ତିରାଜିର ପ୍ରତିରୋଧ ।

ବାସ୍ତବରେ ଏହା ଏକ ଯୁଗ-ସନ୍ଧିକ୍ଷଣ । ଗୋଟାଏ ଯୁଗ ଚାଲିଯାଉଛି, ଅନ୍ୟ ଗୋଟିଏ ନୂତନ ଯୁଗ ଆସୁଛି, ଏହି ସନ୍ଧିକ୍ଷଣ ବିପୁଳ ପରିବର୍ତ୍ତନ ଓ ସମ୍ଭାବନା ସହ ଆମ ସମ୍ମୁଖରେ ଛିଡ଼ା ହୋଇଛି । ଯଦି ଆମ୍ଭେମାନେ ଇଚ୍ଛା କରୁ ତେବେ ଏହି ପରିବର୍ତ୍ତନରେ ଅଂଶ ଗ୍ରହଣ କରି, ଭଗବାନଙ୍କ ସପକ୍ଷରେ ରହି ଅନ୍ଧକାର ଶକ୍ତି ଉପରେ ବିଜୟ ହାସଲ କରିବାରେ ସହଯୋଗ କରିପାରୁ । ଶ୍ରୀମା ତାଙ୍କ ୧୯୭୦ ମସିହାର ନବବର୍ଷ ବାଣୀରେ କହିଛନ୍ତି,

"The world is preparing for a big change. Will you help ?"

ଅର୍ଥାତ୍, ''ପୃଥିବୀ ଏକ ବିପୁଳ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି, ତୁମେ ଏଥିରେ ସହାୟତା କରିବ କି ?'' ଏହି ସହାୟତାର ଅର୍ଥ ନୂତନ ଚେତନାର ଗ୍ରହଣ ଓ ନୂତନ ଜଗତ୍ ପ୍ରତିଷ୍ଠା ନିମିତ୍ତ କାର୍ଯ୍ୟ କରିବା । ଯେଉଁମାନେ ଏହି ନୂତନ ଚେତନାକୁ ଗ୍ରହଣ କରିବା ନିମିତ୍ତ ପ୍ରସ୍ତୁତ ହେବେ – ନିଜ ମଧ୍ୟରେ ସତ୍ୟ, ଜ୍ଞାନ, ଜ୍ୟୋତିଃ ଓ ଅମୃତତ୍ୱକୁ ସ୍ଥାନ ଦେବାକୁ କଠୋର ଶ୍ରମସ୍ୱୀକାର କରିବେ, ସେହିମାନେହିଁ ଏହି କାର୍ଯ୍ୟ କରିବାରେ ସହାୟତା କରିବେ ଏବଂ ନୂତନ ଜଗତ୍ ପ୍ରତିଷ୍ଠାରେ ଅଂଶ ଗ୍ରହଣ କରିବେ । ନୂତନ ଚେତନାର ଦାବି ଏବଂ ପ୍ରତିଷ୍ଠାର ଧାରା ନିଜସ୍ୱ, ତାହା ସତ୍ୟ-ଜ୍ୟୋତିଃ ଓ ଜ୍ଞାନର ଧାରାରେ କାର୍ଯ୍ୟ କରିବ, ଅନ୍ଧକାର ଓ ମିଥ୍ୟା ନିକଟରେ ମୁଣ୍ଡ ନୁଆଁଇବ ନାହିଁ । ସୁତରାଂ ଯେଉଁ ଦୀର୍ଘକାଳ ଧରି ଆମ୍ଭେମାନେ ମିଥ୍ୟା ଓ ଅନ୍ଧକାର ଦ୍ୱାରା ପରିଚାଳିତ ହୋଇ ଆସିଛୁ, ତାହାକୁ ପ୍ରତ୍ୟାଖ୍ୟାନ କରିବା ମଧ୍ୟ ଖୁବ୍ କଷ୍ଟସାଧ୍ୟ । ଏହି କ୍ଷେତ୍ରରେହିଁ ଜୀବନ-ସମସ୍ୟା ଜଟିଳ ଏବଂ କଠୋର ହୋଇଉଠେ ।

ଏକଦା ମା ଦେଇଥିବା ଏକ ବାଣୀର ମର୍ମାର୍ଥ ଏହିପରି – ଜୀବନର ସମସ୍ୟା କଷ୍ଟସାଧ୍ୟ, କିନ୍ତୁ ଏହା ଆମକୁ ଅଧିକ ସଚେତନ କରିବା ନିମିତ୍ତ । ଆମ୍ଭେମାନେ ଏକ ଅବିଚଳିତ ବିଶ୍ୱାସ ରଖିବା ଦରକାର, କାରଣ ବିଜୟ ସୁନିଶ୍ଚିତ ।

ନୂତନ ଚେତନାର ପଟ୍ଟଭୂମିରେ ନୂତନ ଜଗତର ପ୍ରତିଷ୍ଠା ହେବ । ଏହି ଯେଉଁ ମହାନ୍ ବିପ୍ଳବ ସଂଘଟିତ ହେବାକୁ ଯାଉଛି, ସେହି ବିପ୍ଳବର କ୍ରିୟା ଓ ଅଗ୍ରଗତି ଅନ୍ତରରେ; ବାହାରେ ନୁହେଁ, ଚେତନାର ଭୂମିରେ, ବାହ୍ୟ ପରିସ୍ଥିତିରେ ନୁହେଁ । ଯେକୌଣସି ବାହ୍ୟିକ ପରିସ୍ଥିତି ଓ କାର୍ଯ୍ୟକ୍ରମର ପରିବର୍ତ୍ତନ ଦ୍ୱାରା, ଶାସନ, ସରକାର, କୃଷି, ଶିଳ୍ପତନ୍ତ୍ର, ଯୋଜନା ଓ ଶିକ୍ଷା ଦ୍ୱାରା ଏହା ସମ୍ଭବ ନୁହେଁ । ନୂତନ ସତ୍ୟ ଓ ନୂତନ ଜ୍ୟୋତିଃକୁ ଅନ୍ତରରେ ଗ୍ରହଣ କରି, ନିଜର ଚେତନା ଓ ତାହାର ଶକ୍ତି ସାମର୍ଥ୍ୟକୁ ଭାଗବତ-ଚେତନାରେ ରୂପାନ୍ତରିତ କରି ନୂତନ ଜଗତର ପ୍ରତିଷ୍ଠା ନିମିତ୍ତ ଅଗ୍ରସର ହେବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ଜାଗ୍ରତ୍ ହେବା ଆବଶ୍ୟକ । ଏହି ଜାଗରଣରେ ବ୍ୟକ୍ତିଗତ, ସାମାଜିକ ଏବଂ ଜାତୀୟ ଜାଗରଣ ସମ୍ଭବ । ଏହାହିଁ ଭବିଷ୍ୟତର ଆହ୍ୱାନ ଏବଂ ଦାବି ।

ଆଶା ଓ ବିଶ୍ୱାସ, ଭଗବତ୍ କୃପାକୁ ସ୍କନ୍ଧରେ ଧାରଣ କରି କ୍ଷୁଦ୍ର ମାନବ ଏହି ଆହ୍ୱାନର ଉତ୍ତର ଦେଇପାରିବ । ❖

ସ୍ମୃତି ଚାରଣ

# ଭାଲୁ ସାନ୍ନିଧ୍ୟରେ ଏକ ସନ୍ଧ୍ୟା : ଅହେତୁକ ଭାବନା କିଞ୍ଚିତ୍

## ଶ୍ରୀ ମନୋଜ ଦାସ

ଅରଣ୍ୟଟି ଥିଲା ବହୁ ଜାତି ପ୍ରଜାତିର ପଶୁପକ୍ଷୀଙ୍କ ରାଜ୍ୟ । ଅବଶ୍ୟ ରାଜା ବୋଲାଇବା ଭଳି ବାଘ ବା ସିଂହ ସେ ମୁଲକରେ ନଥିଲେ କିଂବା ଅବୈତନିକ ସଭାପତି ପଦ ଅଳଙ୍କୃତ କରିବା ପାଇଁ ହାତୀ ଭଳି ବିପୁଳ ପ୍ରାଣୀ ନଥିଲେ । ମାନ୍ୟଗଣ୍ୟ ବୋଇଲେ ଥିଲେ କେତେ ମୂର୍ତ୍ତି ପୃଥୁଳ କଳା ଭାଲୁ । ସେ ଅରଣ୍ୟରେ ତିନି ଚାରି ଦିନ ବିତାଇବା ଭିତରେ ମୋର କିନ୍ତୁ ମନେ ହୋଇଥିଲା ସେମାନେ ପ୍ରତିପତ୍ତି ଅଥବା ମର୍ଯ୍ୟାଦା ପ୍ରତି ଥିଲେ ବୀତସ୍ପୃହ ।

ମଣିଷଙ୍କ ଅନୁପ୍ରବେଶ ଅବଶ୍ୟ ସେମାନେ ନାପସନ୍ଦ କରୁଥିବା ସ୍ୱାଭାବିକ; ସାମନାସାମନି ହେଲେ ବାଟ ଭାଙ୍ଗି ଚାଲି ଯାଉଥିଲେ – ଗୋଟାଏ ବିରକ୍ତିସୂଚକ ଚାହାଣୀ ଛାଟି ଦେଇ ଏବଂ କଦବା ତାଚ୍ଛଲ୍ୟସୂଚକ ଚାପା ଧ୍ୱନିଟିଏ ଶୁଣାଇ ।

ଜନବସତିମାନଙ୍କଠାରୁ ଦୂରରେ, ଆମେରିକାର କ୍ୟାଟ୍‌ସ୍କିଲ୍ ପର୍ବତମାଳା କୋଳସ୍ଥିତ ଉଡ୍‌ଷ୍ଟକ୍ ଅରଣ୍ୟ ଭିତରେ ସଦ୍ୟ ସ୍ଥାପିତ ହୋଇଥାଏ ସଭା ଗୃହ, ଅତିଥି ନିବାସ ତଥା ଆନୁଷଙ୍ଗିକ କାର୍ଯ୍ୟାଳୟ ଇତ୍ୟାଦି ସମନ୍ୱିତ ଗୋଟିଏ ପ୍ରତିଷ୍ଠାନ, ମନୋରମ ଏବଂ ନାନାବିଧ ପ୍ରାକୃତିକ ଐଶ୍ୱର୍ଯ୍ୟରେ ସମୃଦ୍ଧ । ୧୯୯୭ରେ ସେଠାରେ ଯେଉଁ ଏକ ବିଶେଷ ସମ୍ମିଳନୀରେ ଯୋଗ ଦେଇଥିଲି, ତା'ର ଅଧିକାଂଶ ଘଟଣା ଭୁଲିଯାଇଛି, କିନ୍ତୁ ଭୁଲି ନାହିଁ ଗୋଟାଏ ଭାଲୁ କଥା; ତା' ଅଜ୍ଞାତରେ ତା' ସହ ମୋର ପ୍ରାୟ ଏକ ଘଣ୍ଟା ବ୍ୟାପ୍ତ ସମ୍ପର୍କ ଓ ତା' ଆଚରଣ ମୋ ଭାବନାକୁ ଯେମିତି ଆନ୍ଦୋଳିତ କରିଥିଲା, ସେ କଥା ।

ଶୈଶବରେ ପ୍ରଥମେ କେଉଁଠାରେ ଭାଲୁ ନାଚ ଦେଖିଥିଲି ମନେ ନାହିଁ । ଭାଲୁଟି ଦୁଇ ଗୋଡ଼ରେ ଠିଆ ହୋଇ, ଉପର ଦୁଇ ଗୋଡ଼ ଅସହାୟ ଭଙ୍ଗୀରେ ଝୁଲାଇ ରଖି, ମାଲିକର ବାଦ୍ୟ ଓ କିଛି ସାଙ୍ଗୀତିକ ଆବୃତ୍ତି ସହ ତାଳ ରଖି ଦୋଦୁଲ୍ୟମାନ ହେଉଥାଏ, ଯାହା କୌତୂହଳୀ ଦର୍ଶକମାନଙ୍କ ଦୃଷ୍ଟିରୁ ନାଚ । ସେ କିନ୍ତୁ ଦର୍ଶକମାନଙ୍କ ଆଡ଼କୁ ଦୃଷ୍ଟିପାତ କରୁ ନଥାଏ କି ତା' ମାଲିକ ଆଡ଼େ ବି ନୁହେଁ, ତା'ର ନିସ୍ପୃହ ଦୃଷ୍ଟି ସମସ୍ତଙ୍କୁ ଅତିକ୍ରମ କରି ସମାନ୍ତରାଳ ଶୂନ୍ୟରେ କିଛି ଖୋଜୁଥାଏ । ପ୍ରଥମ ଦେଖାରେ ମୋର ଧାରଣା ହୋଇଥିଲା ସେ ଯେମିତି ଖୋଜୁଛି ଏହି ପ୍ରଶ୍ନର ଉତ୍ତର : ତାକୁ ଆହାର ଦେଇ ବଞ୍ଚାଇ ରଖିଥିବା ଯୋଗୁଁ ମାଲିକକୁ ମୂଲ୍ୟ ପ୍ରଦାନ ବାବଦରେ କେତେ ଦିନ ତାକୁ ଏମିତି ଲାଞ୍ଛିତ ହେବାକୁ ପଡୁଥିବ ? ନୃତ୍ୟର କେତେ ଶୈଳୀରେ ଧୁରନ୍ଧର ମଣିଷ : ଶାସ୍ତ୍ରୀୟ, ଲୋକାୟତ, ଆଧୁନିକ, ଅତ୍ୟାଧୁନିକ ଇତ୍ୟାଦି । ପୁଣି ପ୍ରକାଶ୍ୟ ରଙ୍ଗମଞ୍ଚ ଅନ୍ତରାଳରେ ଅନବରତ ଚାଲିଥାଏ ଭିନ୍ନ ଏକ ପର୍ଯ୍ୟାୟର ନୃତ୍ୟ : ଧୂର୍ତ୍ତ ନଚାଏ ସରଳକୁ, କ୍ଷମତା ଲୋଭ ନଚାଏ ଉଚ୍ଚାଭିଳାଷୀକୁ, ଅର୍ଥ ଓ ସ୍ୱାର୍ଥ ନଚାଏ ସଭିଙ୍କୁ । ନୃତ୍ୟର ଏଡ଼େ ପ୍ରାଚୁର୍ଯ୍ୟ ସତ୍ତ୍ୱେ କ୍ରୀତଦାସ ଭାଲୁଟିଏ ଜରିଆରେ ସେ କଳା ପ୍ରତି ବିଦ୍ରୂପ ଉପଭୋଗ କରିବା ନିମନ୍ତେ କାହିଁ ଆସେ ମଣିଷର ଉତ୍ସାହ ?

ଉଦାସ ଲାଗିଥିଲା ଏବଂ ପରବର୍ତ୍ତୀ କାଳରେ ଭାଲୁଟିଏ ଉପରେ ଯଦି ଥରେ ଦୁଇଥର ଦୃଷ୍ଟି ପଡ଼ିଛି, ତେବେ ସେହି ଉଦାସ ଭାବହିଁ ଅନୁଭବ କରିଛି । ସେ ବିଷଣ୍ଣତା ବଢ଼ାଇ ଦେଉଥାଏ ଇଂରେଜମାନଙ୍କର Bear-baiting ବା ଭଲ୍ଲୁକ-ଲାଞ୍ଛନା-ପ୍ରମୋଦର ବିବରଣୀ । ଅଭିଜାତମାନେ ଏ ପ୍ରମୋଦ ଉପଭୋଗ କରିବା ନିମନ୍ତେ ସ୍ୱତନ୍ତ୍ର ଉଦ୍ୟାନମାନଙ୍କରେ ଷ୍ଟାଡ଼ିଅମ୍ ନିର୍ମାଣ କରିଥା'ନ୍ତି । ଉଦ୍ୟାନର କେନ୍ଦ୍ର ସ୍ଥଳରେ ଭାଲୁକୁ ବାନ୍ଧି ରଖା ହେଉଥାଏ । ପ୍ରମୋଦ-ନିର୍ଦ୍ଦେଶକ ହୁଇସିଲ୍ ବଜାଇବା କ୍ଷଣି ଚାରି ଦିଗରୁ କେତୋଟି ଶିକାରୀ କୁକୁର ଭାଲୁ ଉପରକୁ ଝପଟି ଯାଇ ତାକୁ କଲବଲ କରିବେ । ସେ ବିଚରା ପଳାଇ ଯାଇପାରିବ ନାହିଁ । ଆତ୍ମରକ୍ଷା ଦିଗରେ ତା'ର ବିକଳ ଓ ନିଷ୍ଫଳ ପ୍ରୟାସ ଉପଭୋଗ କରିବେ ସମ୍ଭ୍ରାନ୍ତ ନରନାରୀବୃନ୍ଦ – ଯେମିତି ବନ୍ଦୀ ମଣିଷଙ୍କ ଉପରକୁ ଭୋକିଲା ସିଂହ ପ୍ରୟୋଗ କରି କୋଲୋସିଅମ୍ ଉପରୁ ସେ ଦୃଶ୍ୟ ଉପଭୋଗ କରୁଥିଲେ ପାଶ୍ଚାତ୍ୟ ଜଗତର ପ୍ରଧାନ ନଗରୀର ନାଗରିକମାନେ ।

ଉଡ୍‌ଷ୍ଟକ୍ ଅରଣ୍ୟ ଭିତରେ ନିର୍ମିତ ସେ ପ୍ରତିଷ୍ଠାନର ପରିସର ସୀମାରେ ପ୍ରାକୃତିକ ପ୍ରାଚୀର ଭଳି ଥାଏ ପାହାଡ଼ର ଏକାଂଶ । ତାହାରି ଉପରେ ପୂର୍ବରୁ ପଶ୍ଚିମକୁ ରାସ୍ତା – ଅସମତଳ ବୁଦାମାଳ ଭିତର ଦେଇ । ସେ ରାସ୍ତା ଉପରୁ ମଧ୍ୟେ ମଧ୍ୟେ ଭାଲୁମାନେ ତଳକୁ ଅନାଇ ଆମ କାର୍ଯ୍ୟକଳାପ ନିରୀକ୍ଷଣ କରୁଥା'ନ୍ତି । ସେତେବେଳେ ମୋବାଇଲ୍ ଚାଲୁ ହେବାକୁ ଆରମ୍ଭ

ମାତ୍ର କରିଥାଏ ବୋଲି ମନେ ପଡୁଛି; ସମ୍ମିଳନୀରେ ସେ ବସ୍ତୁ କାହାରି ପାଖରେ ନଥାଏ । କେହି ଭାଲୁଙ୍କ ଆଡ଼କୁ କ୍ୟାମେରା ଉଦ୍ୟତ କଲେ ସେମାନେ ବୁଲି ପଡ଼ି ବଣ ଭିତରେ ଲୁଚି ଯାଉଥା'ନ୍ତି ।

ଦିନକର ସନ୍ଧ୍ୟା । ସଭିଏଁ କୌଣସି ଗୋଟାଏ ଉତ୍ତମ ଚଳଚ୍ଚିତ୍ର ଦେଖିବା ନିମନ୍ତେ ପ୍ରେକ୍ଷାଳୟ ଭିତରେ ରୁଦ୍ଧ ରହିଥା'ନ୍ତି । ଅରଣ୍ୟର ଉତ୍ତମତା ନିଃସଙ୍ଗ ଅନୁଭବ କରିବା ମାନସରେ ମୁଁ ସେ ପାହାଡ଼ ପ୍ରାଚୀର ଆରୋହଣ ପାଇଁ ପ୍ରସ୍ତୁତ ହେବା ବେଳକୁ ବର୍ଷା ଆରମ୍ଭ ହେଲା । ପଶିଗଲି ନିର୍ଜନ ଭୋଜନାଳୟ ଭିତରକୁ । କାଚ ଝରକା ପାଖକୁ ଗୋଟାଏ ଚୌକି ଟାଣିନେଇ ସେ ପାହାଡ଼ ପ୍ରାଚୀର ସେପାରି ବୃକ୍ଷଲତା ଆଡ଼େ ଅନାଇ ବସି ରହିଲି । ଅନ୍ୟମନସ୍କ ଥିଲି । ଏକାକୀ ମୋ ଅରଣ୍ୟ ପ୍ରବେଶ ବନ୍ଦ କରିଦେବା ଅନ୍ତେ ବର୍ଷା ବାହୁଡ଼ି ଯାଇଥାଏ । କିନ୍ତୁ ସେ ଓଦାଳିଆ ବାତାବରଣ ଭିତରେ ବୁଲାବୁଲି କଲାଭଳି ଉତ୍ସାହ ମୋର ନଥିଲା ।

ବେଶ୍ ହୃଷ୍ଟପୁଷ୍ଟ ଭାଲୁଟିଏ ଦୋହଲି ଦୋହଲି ଆସି ମୋ ବାତାୟନ ସେପାରି ପାହାଡ଼ ପ୍ରାଚୀର ତଳେ ଅଟକି ଗଲା । ତା' ସାମନାରେ ଗୋଟାଏ ବୃହଦାକାର ବସ୍ତା । ଭୋଜନାଳୟର ଜଣେ କର୍ମଚାରୀ ତହିଁରେ ସାମାନ୍ୟ ବାସି ହୋଇଯାଇଥିବା ପନିପରିବା ଭର୍ତ୍ତିକରି ସେ ଗୋଟିକ ସେଠାରେ ଥୋଇବାର ମୁଁ ଦେଖିଥିଲି ସମବେତ ମଧ୍ୟାହ୍ନ ଭୋଜନ ଅବସରରେ ।

ଭାଲୁ ବସ୍ତା ପ୍ରଦକ୍ଷିଣ କରି ତା'କୁ ବାରଂବାର ଆଘ୍ରାଣ କଲା । ତହିଁ ଉପରେ ଥରେ ଲୋଟିଗଲା ଭଳି ଭଙ୍ଗୀ କଲା – ସମ୍ଭବତଃ ଅତ୍ୟଧିକ ଖୁସିରେ । ତା'ପରେ ବସ୍ତାଟିର ଉପରମୁହାଁ ପ୍ରାନ୍ତକୁ କାମୁଡ଼ି ଧରି ସେ ଆରମ୍ଭ କଲା ବୁଦାମାଳ ଭିତର ଦେଇ ଆରୋହଣ । ଆବିଷ୍କୃତ ସମ୍ପଦ ତା' ପାଇଁ ଓଜନିଆ ନଥିଲା ନିଶ୍ଚୟ, କିନ୍ତୁ ସେ ଗୋଟିକର ଉର୍ଦ୍ଧ୍ୱାୟନ ଥିଲା କଷ୍ଟକର । ତିନି, ଚାରି ଗଜ ଦୁର୍ଗମ ପଥ ଆରୋହଣ ଅନ୍ତେ ବସ୍ତାଟିକୁ ଗୋଟାଏ ବୁଦା ଅଟକାଇବାରୁ ଭାଲୁ ସେ ପ୍ରତିବନ୍ଧକକୁ ଖିନ୍‌ଭିନ୍ କଲା ଓ ତାକୁ ଚପିଯାଇ ଟିକିଏ ବିଶ୍ରାମ ନେଲା । ଥରେ ଉର୍ଦ୍ଧ୍ୱକୁ ଅନାଇ ସେ ପୁନର୍ବାର ବସ୍ତା ଉପରେ ଏକାଗ୍ର ହେଲା – ସତେ ଯେମିତି ସେ ତାକୁ କିଛି କହୁଛି; ତା'ର ସହଯୋଗ ଲୋଡ଼ୁଛି !

ତା'ର ସେ ଭଙ୍ଗୀ ଅହେତୁକ, ମୋତେ ଉଡ଼ାଇ ନେଇଗଲା ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀର ଦ୍ୱିତୀୟ ଦଶକକୁ । ଆଜି ଉତ୍ତର ଆଫ୍ରିକାର ଯେଉଁ ମୁଲକ ଟ୍ୟୁନିସ୍ ନାମରେ ଚିହ୍ନିତ, ବେଶ୍ କେତେ ସପ୍ତାହ ଧରି ତାହା କାର୍ଥେଜ୍ ନାମରେ ଏକ ବିପୁଳ ସମୃଦ୍ଧିଶାଳୀ ନଗରୀ ଥିଲା । ତାକୁ ପ୍ରତିଷ୍ଠା କରିଥିଲେ ଫୋନେସିଆନ୍‌ମାନେ । ବ୍ୟବସାୟ କେନ୍ଦ୍ର ଭାବରେ ତାହା ଶକ୍ତିଶାଳୀ ରୋମର ପ୍ରତିଦ୍ୱନ୍ଦୀ ହୁଅନ୍ତେ ରୋମାନ୍‌ମାନେ ତାକୁ ନିର୍ମମ ଭାବରେ ଧ୍ୱଂସ କରିଦେଲେ । ସେତେବେଳେ କିଶୋର ଥିବା ହାନିବାଲ୍ ନାମକ ବ୍ୟକ୍ତି ସମୟକ୍ରମେ ବନିଗଲେ ଦୁର୍ଦ୍ଧର୍ଷ ସେନାପତି ଏବଂ ରୋମ ଉପରେ ପ୍ରତିଶୋଧ ସାଧନ ନିମନ୍ତେ ବଦ୍ଧପରିକର ହୋଇ ନେଲେ ଏକ ଅସୀମ ସାହସିକ ପଦକ୍ଷେପ । ସେ ଜଳପଥରେ ଯୁଦ୍ଧଯାତ୍ରା ନକରି ତାଙ୍କର ସୈନ୍ୟବାହିନୀକୁ ପରିଚାଳିତ କଲେ ସ୍ଥଳପଥରେ । ଫଳରେ ସୁଉଚ୍ଚ ଆଲ୍ପସ୍ ପର୍ବତଶ୍ରେଣୀ ଅତିକ୍ରମ କରିବା ବ୍ୟତୀତ ଅନ୍ୟ ପନ୍ଥା ନଥିଲା । ସେତେବେଳେ ଶୀତକାଳ ଆସନ୍ନ । ତାଙ୍କ ବାହିନୀରେ ଥିଲେ ସଇଁତିରିଶ ଗୋଟି ହାତୀ ! ଆରୋହଣର ଅର୍ଦ୍ଧପଥରେ ସମସ୍ତେ କ୍ଲାନ୍ତ ହୋଇପଡ଼ନ୍ତେ ହାନିବାଲ୍ ସେମାନଙ୍କୁ ଶୁଣାଇଲେ ଆପଣା ନଗରୀର ଐତିହ୍ୟ ଏବଂ ମନେ ପକାଇଦେଲେ ରୋମାନ୍‌ମାନଙ୍କ ଦ୍ୱାରା ତା'ର ଅପମାନର ବିବରଣୀ । ସଙ୍ଗେ ସଙ୍ଗେ ସେ ଅବଶ୍ୟ ସେମାନଙ୍କୁ ରୋମର ବିପୁଳ ଐଶ୍ୱର୍ଯ୍ୟର ବର୍ଣ୍ଣନା ଦେଇ ସେସବୁ ଯେ ସେମାନଙ୍କ ଅକ୍ତିଆରକୁ ଆସିଯିବ, ସେ ପ୍ରତିଶ୍ରୁତି ଦେବାକୁ ଭୁଲିଲେ ନାହିଁ । ଯୁଦ୍ଧଯାତ୍ରାର ଇତିହାସରେ ହାନିବାଲ୍‌ଙ୍କର ସେ ବକ୍ତୃତା ଅନନ୍ୟ ବୋଲି କୁହାଯାଏ ।

ସୈନ୍ୟମାନଙ୍କ ଭିତରେ ହେଲା ନୂତନ ଉଦ୍ଦୀପନାର ସ୍ଫୁରଣ । ସେମାନେ ନିଜ ନିଜକୁ ଠେଲିନେଇ ଚାଲିଲେ ସେ ଦୁର୍ଗମ ଉତ୍ତରଣ ମାର୍ଗରେ । ଅନେକେ ଅବଶ୍ୟ ଟଳି ପଡ଼ିଲେ; କିନ୍ତୁ ହାତୀମାନେ ବର୍ତ୍ତି ରହିବା ଏକ ବିସ୍ମୟ । ହାନିବାଲ୍ ରୋମ ଛାରଖାର କରିଦେଲେ; ତେବେ ତାହା ଭିନ୍ନ ପ୍ରସଙ୍ଗ । ତା'ଙ୍କ ବକ୍ତୃତା ବ୍ୟାପାରଟି ମୋର ମନେ ପଡ଼ିବାର କାରଣ – କ୍ଷମା କରିବେ, ଭୁଲ୍ କହୁଛି – ''କାରଣ''ର ଖୁବ୍ ବେଶୀ ସଙ୍ଗତି ଏଠାରେ ନାହିଁ, ସ୍ମୃତି-ବିସ୍ମୃତିର ଲୁଚକାଳି ଖେଳରେ ମୋ ମନରେ ନିମିଷକ ପାଇଁ ଭାଲୁ ଓ ହାନିବାଲ୍ ଏକାକାର ହୋଇଗଲେ । ସେ ଅନୁଚ୍ଚ ପାହାଡ଼ ମୋତେ ଦେଖା ଗଲା ଆଲ୍‌ପସ୍ ପର୍ବତ ଭଳି । ଭାଲୁର ସୈନ୍ୟ ସାମନ୍ତ ନଥିଲେ, କିନ୍ତୁ ସେ ସତେ ଅବା ନିଜେ ନିଜକୁ ଦେଉଥିଲା ଉଦ୍ଦୀପନା – ନିଜର ପରାକ୍ରମର ଐତିହ୍ୟ ସ୍ମରଣ କରାଇ ଦେଇ ।

ପୁନର୍ବାର ସେ ବସ୍ତା ଘୋଷାରିବାରେ ମନୋନିବେଶ

କଲା; ଯେତିକି ଯେତିକି ଉପରକୁ ଉଠୁଥାଏ, ସେତିକି ଅଧିକ ମାତ୍ରାରେ ସେ ଅନୁଭବ କରୁଥାଏ ମାଧ୍ୟାକର୍ଷଣର ବିରୋଧ । ତା' ଅଙ୍ଗଚାଳନାରୁ ବୁଝୁଥାଏଁ ତା'ର ମଧ୍ୟ ଜିଦି ବଢ଼ିଚାଲିଥାଏ । ସେ ହୁଏତ ଦେଖୁଥାଏ ଥରେ ପ୍ରାକୃତିକ ପ୍ରାଚୀର ଟପିଗଲେ ତେଣିକି ଅପେକ୍ଷାକୃତ ସୁଗମ ଅଭ୍ୟସ୍ତ ପଥରେ ସ୍ୱଗୃହେ ଉପନୀତ ହେବାର, ଏକାକୀ ବା ସପରିବାର ସଂଗୃହୀତ ସମ୍ପଦର ସଦ୍‌ବ୍ୟବହାର କରିବାର ସ୍ୱାଭାବିକ ସ୍ୱପ୍ନ !

ଅପ୍ରତ୍ୟାଶିତ ଭାବରେ ଘଟିବାକୁ ଆରମ୍ଭ କଲା ଏମିତି ଏକ ଘଟଣା ବା ଦୁର୍ଘଟଣା ଯାହା ଫଳରେ ଭାଲୁ ନିଜେ ଆପାତତଃ ପ୍ରୀତ ଅନୁଭବ କରିବାର କାରଣ ଥିଲେ ମଧ୍ୟ ମୁଁ ଦୁଃଖିତ ହେଲି । ବସ୍ତାର ତଳ ଭାଗରେ ଛିଦ୍ରଟିଏ ସୃଷ୍ଟିହୋଇ ଖଣ୍ଡିଏ ଖଣ୍ଡିଏ ପରିବା ହୁଏତ ବୁଦା ପଥରରେ ଲଟକି ରହିଗଲା ନତୁବା ଗଡ଼ି ଗଡ଼ି ଚାଲି ଆସିଲା ପ୍ରାଚୀରର ପାଦଦେଶ ଯାଏ । ବୋଝ ହାଲୁକା ହେବାଟାକୁ ଭାଲୁ ବୋଧହୁଏ ସେ ଅବଧି ଅପ୍ରକଟିତ ଆପଣାର ସଞ୍ଚିତ ବିକ୍ରମର ମହିମା ବୋଧ କରି ଆପ୍ୟାୟିତ ଅନୁଭବ କରିଥିବ ।

ଯେମିତି ଆପ୍ୟାୟିତ ବୋଧ କରିଥିବେ ଜୁଲିଅସ୍ ସିଜର୍ – ମୁହୂର୍ତ୍ତକ ସକାଶେ – ଯେତେବେଳେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଦେଶାନ୍ତର ଦଣ୍ଡ ରଦ୍ଦ କରିବାକୁ ଆବେଦନ କରିବା ନିମନ୍ତେ ସାଂସଦବର୍ଗ ତାଙ୍କ ଆଡ଼କୁ ବିନୟ ଭରେ ଭିଡ଼ି ଆସୁଛନ୍ତି ବୋଲି ସେ ଧରିନେଇଥିଲେ । ସେ ମାନ୍ୟବରମାନେ କିନ୍ତୁ ଭିଡ଼ି ଆସୁଥିଲେ ହିଂସ୍ର ଭାବରେ, ପ୍ରତ୍ୟେକେ ଖଣ୍ଡିଏ ଖଣ୍ଡିଏ ଛୁରିକା ଲୁଚାଇ ଧରି, ସେ ବୀର ପୁରୁଷଙ୍କୁ ନିକୃଷ୍ଟତମ ଭୀରୁ ମାର୍ଗରେ ହତ୍ୟା କରିବା ନିମନ୍ତେ; ମାନବ-ସଭ୍ୟତାର ହୃଦୟ ଯେଉଁ ପରସ୍ପର ବିଶ୍ୱାସ, ତାହାକୁ ରକ୍ତାକ୍ତ କରିବାର ଦୃଷ୍ଟାନ୍ତ ରଖି କାଳ କାଳ ପାଇଁ ।

ଅଚିରେ ବ୍ୟର୍ଥ ପ୍ରତିପାଦିତ ହେବାକୁ ଥିବା ଆଶାର ପୁଲକରେ ଭାଲୁ ଉତ୍ସାହିତ, ଯେମିତି ଉତ୍ସାହିତ ଅନୁଭବ କରିଥିବେ ଖ୍ରୀଷ୍ଟ ପୂର୍ବ ଚତୁର୍ଥ ଶତାବ୍ଦୀରେ ଗ୍ରୀକ୍ ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର୍ । ଦାର୍ଶନିକ ଆରିଷ୍ଟୋଟଲ୍‌ଙ୍କ ଛାତ୍ର, ଏକଦା ଜ୍ଞାନପିପାସୁ ସେ ଯୁବକଙ୍କର ସ୍ୱପ୍ନ ଥିଲା ଦିନେ ସେ ସାରା ବିଶ୍ୱର ସମ୍ରାଟ ବୋଲାଇବେ । ସେ ବିଗତ କାଳର ପରିପ୍ରେକ୍ଷୀରେ ସେଭଳି ଉଚ୍ଚାଭିଳାଷ ନିମନ୍ତେ ତାଙ୍କୁ ସମାଲୋଚନା କରାଯାଇ ନପାରେ । ଯେଉଁ ଗତିରେ ତାଙ୍କ ଅଭିଳାଷ ପୂରଣ ହେବାକୁ ଲାଗିଥିଲା, ମାତ୍ର ବତିଶ ବର୍ଷ ବୟସ ବେଳକୁ ସେ ପୃଥିବୀର ଯେତେ ଭାଗ ଉପରେ ତାଙ୍କ ବିଜୟବାନା ଉଡ଼ାଇବାରେ ସକ୍ଷମ ହୋଇଥିଲେ, ସେ ଗତି ଅବ୍ୟାହତ ରହିଥିଲେ ତାଙ୍କ ସ୍ୱପ୍ନ ସଫଳ ହେବା ଅସମ୍ଭବ ନଥିଲା । କିନ୍ତୁ ଏକଦା ବିନୟୀ ତଥା ଜିଜ୍ଞାସୁ ସେ ଯୁବକଙ୍କୁ କ୍ରମେ ସମ୍ପୂର୍ଣ୍ଣ ଅକ୍ତିଆର କରିନେଲା ଅଦମ୍ୟ ଅହଂକାର । ଘୋଷଣା କଲେ, ସେ ଜଣେ ଦେବତା; ମନ୍ଦିର ନିର୍ମାଣ କରାଇ ନିଜ ପ୍ରତିମୂର୍ତ୍ତିର ପୂଜାର୍ଚ୍ଚନା ନିମନ୍ତେ ପୁରୋହିତ ନିଯୁକ୍ତ କଲେ । ସେତିକିରେ ତୃପ୍ତ ରହିଥିଲେ ଚଳିଥା'ନ୍ତା । କିନ୍ତୁ ତାଙ୍କର ସମଗ୍ର ବିଜୟାଭିଯାନରେ ତାଙ୍କୁ ସହାୟତା ଯୋଗାଇଥିବା, ତାଙ୍କ ସୁଖ ଦୁଃଖରେ ଅଂଶୀଦାର ହୋଇ ତାଙ୍କ ସଙ୍ଗେ ସଙ୍ଗେ ରହିଆସିଥିବା ବିଶ୍ୱସ୍ତ ମିତ୍ରମାନେ ତାଙ୍କ ସହ ଅସ୍ୱାଭାବିକ ପରିମାଣର ଗୁରୁ ନୈଶାହାର ଓ ମଦ୍ୟପାନ ଅବସରରେ ଯଦି ହଠାତ୍ ତାଙ୍କ ଅହଙ୍କାରରେ ଆଞ୍ଚ ଆସିଲା ଭଳି କଥାଟିଏ କହି ପକାଇଲେ, ଏପିରିକି ତାଙ୍କ ପିତା ଫିଲିପ୍‌ଙ୍କର ମାତ୍ରାଧିକ ପ୍ରଶଂସା କରିପକାଇଲେ, ତେବେ ତତ୍‌କ୍ଷଣାତ୍ ହେଲେ ନିହତ । ଥରେ ସାରାରାତ୍ର ବ୍ୟାପୀ ନିଜକୁ ଆହାର ଓ ନିଶାରେ ଲିପ୍ତ ରଖି ପ୍ରଭାତ ବେଳକୁ ଅସୁସ୍ଥ ହେଲେ ସେ ବୀର – ଆପଣାର ସୀମିତ ହଜମ ଶକ୍ତି ପାଖରେ ଯାହାଙ୍କ ବୀରତ୍ୱ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡୁଥିଲା ।

ସେ ଦେବତାମନ୍ୟ ହେବା ପରେ ପରେ ନିଷ୍ପାପର ବନ୍ଧୁମାନେ ବଳି ପଡ଼ିସାରିଥିଲେ । ତାଙ୍କ ଚିକିତ୍ସା କରୁଥିବା ଦକ୍ଷତମ ଡାକ୍ତରଙ୍କୁ ସେ ହତ୍ୟା କରି ଦେଇଥିଲେ । ସେ ବୁଝୁ ନଥିଲେ ଯେ ଆନ୍ତରିକତା ସହକାରେ ଯେଉଁମାନେ ତାଙ୍କ ସେବାର ବ୍ୟବସ୍ଥା ଓ ପରିଚର୍ଯ୍ୟା କରିଥା'ନ୍ତେ, ସେମାନେ ଜଣକ ପରେ ଜଣେ ଖସି ଯାଇଥିଲେ ।

ଖସି ଯାଇଥିଲେ ସମସ୍ତ ପନିପରିବା, ଗୋଟାଏ ପରେ ଗୋଟାଏ । ପାହାଡ଼ ପ୍ରାଚୀର ଶୀର୍ଷରେ ପହଞ୍ଚି ବସ୍ତା ଉପରେ ଦୃଷ୍ଟିପାତ କରି ସେ ବିୟୋଗାନ୍ତକ ପରିସ୍ଥିତି ହୃଦୟଙ୍ଗମ କଲା ଭାଲୁ । କିଛି ସମୟ ପାଇଁ ସେ ସ୍ତବ୍ଧ ହୋଇ ଶୂନ୍ୟଗର୍ଭ ବସ୍ତା ଆଡ଼େ ଅନାଇ ରହିଲା । ତା'ପରେ ଥରେ ନିମିଷକ ପାଇଁ ଠିଆ ହୋଇପଡ଼ି ଆଗ ଗୋଡ଼ ଦୁଇଟିକୁ ବସ୍ତା ଉପରେ ଅବନମିତ କରି ତାକୁ ମୁହଁରେ ଖିନ୍‌ଭିନ୍ କରିବାକୁ ଲାଗିଗଲା ।

ମାତ୍ର ତେତିଶ ବର୍ଷ ବୟସରେ ଆଲେକ୍‌ଜାଣ୍ଡାର୍ ପ୍ରାଣତ୍ୟାଗ କଲେ । ଅଳ୍ପ କେତେ ଦିନ ଭିତରେ ଖିନ୍‌ଭିନ୍ ହୋଇଯାଇଥିଲା ତାଙ୍କ ବ୍ୟବସ୍ଥିତ ସାମ୍ରାଜ୍ୟ ।

ଭାଲୁ ପ୍ରତି ଅନୁଭବ କରୁଥିଲି ସହାନୁଭୂତିର ସ୍ପନ୍ଦନ ।

କିନ୍ତୁ ମୁଁ ତା'ର ସ୍ୱାଭାବିକ ଆଚରଣ ଲକ୍ଷ୍ୟ କରିବା ଅବସ୍ଥାରେ ମୋ ଭାବନା ଭିତରକୁ କାହିଁକି ଜବରଦସ୍ତ ପଶି ଆସିଲେ କେତୋଟି ଅସ୍ୱାଭାବିକ ଐତିହାସିକ ଚରିତ୍ର ? ଭାଲୁର କ୍ଷୁଧା ସୀମିତ ଥିଲା ବସ୍ତାଏ ବାସି ପନିପରିବା ଭକ୍ଷଣର ଆଶାରେ; ଏ ଚରିତ୍ରମାନଙ୍କର କ୍ଷୁଧା ଅସଂଖ୍ୟ ଆବାଳ-ବୃଦ୍ଧ-ବନିତା ସଂହାରକୁ ବ୍ୟାପ୍ତ । ଭାଲୁର ହିଂସାବୋଧ ନଥିଲା; ଉଲ୍ଲେଖିତ ବ୍ୟକ୍ତିମାନଙ୍କ ଭିତରୁ ଦୁଇଜଣ ଥିଲେ ପ୍ରତିମୂର୍ତ୍ତ ହିଂସା । ଭାଲୁ କାହାରି ଦ୍ରବ୍ୟ ଲୁଣ୍ଠନ କରିନଥିଲା । ଏମାନେ ଥିଲେ ନୃଶଂସ କରିତ୍‌କର୍ମା ଲୁଣ୍ଠନକାରୀ । ପ୍ରଭେଦର ତାଲିକା ହେବ ଦୀର୍ଘ । ତେବେ ?

ଭାଲୁ ଓ ଦୁଇ ବୀର – ଏ ଉଭୟ ପକ୍ଷ ଭିତରେ ଯେଉଁ ଗୋଟିଏ କଥା ଥିଲା ସାଧାରଣ, ତାହା ଅଜ୍ଞାନତା । ପ୍ରକୃତିର ବ୍ୟବସ୍ଥାରେ ଭାଲୁ ପାଇଁ ଜ୍ଞାନର ସୁଯୋଗ ନଥିଲା । ଏ ମଣିଷମାନେ ଜ୍ଞାନର ନିମନ୍ତ୍ରଣପତ୍ରକୁ ନିୟତ ପଦଦଳିତ କରିଚାଲିଥିଲେ ।

ହାନିବାଲ୍, ଆଲେକ୍‌ଜାଣ୍ଡାର୍ ଓ ସିଜର୍‌ଙ୍କ ଲୀଳା ପରେ ଦୁଇ ହଜାର ବା ତହିଁରୁ ଅଧିକ ବର୍ଷ ବିତିଗଲାଣି । ବିବର୍ତ୍ତନୀ ଶକ୍ତି କୁହନ୍ତୁ ବା ବିଧାତା କୁହନ୍ତୁ, ତାହା ଭାଲୁର ଚେତନାରେ ଜ୍ଞାନୋଦୟର ପ୍ରତିଶ୍ରୁତି ରୋପିତ କରି ନାହିଁ, କିନ୍ତୁ ମଣିଷ ଚେତନାରେ ତାହାର ବିକାଶ ସମ୍ଭାବନା ଉଜ୍ଜ୍ୱଳତର ହୋଇଛି । କିନ୍ତୁ ?

ଆଜି ଭାଲୁଟିର ସ୍ମୃତିରେ ଏତକ ଲେଖିବା ପରେ ଏହି ''କିନ୍ତୁ'' ବଡ଼ ବେଦନାଦାୟକ ମନେ ହେଉଛି । ଛାଡ଼ି ଦିଅନ୍ତୁ ଇତିହାସର ''ଅଭିଶାପ''ମାନଙ୍କ କଥା – ହେରୋଡ୍ କଥା ଯିଏ କି ''ନିଉ ଟେଷ୍ଟାମେଣ୍ଟ'' (ସେଣ୍ଟ୍ ମାଥ୍ୟୁ) ଅନୁସାରେ ତା'ର ପ୍ରତିଦ୍ୱନ୍ଦୀ ହେବା ଭଳି ଜଣେ ଦେବଶିଶୁ ଜନ୍ମଗ୍ରହଣ କରିଥିବାର ଆଭାସ ପାଇ ବେଥେଲ୍‌ହେମ୍ ଅଞ୍ଚଳରେ ଦୁଇ ବର୍ଷ ଭିତରେ ଜନ୍ମିତ ସମସ୍ତ ପୁରୁଷ ଶିଶୁ ନିଧନ କରିଥିଲା । ଛାଡ଼ି ଦିଅନ୍ତୁ ପ୍ରଥମ ଶତାବ୍ଦୀର ରୋମାନ୍ ସମ୍ରାଟ୍ କାଲିଗୁଲା କଥା, ଯାହାର ବିଳାସ ଥିଲା ମାତାପିତାଙ୍କ ଆଗରେ ସେମାନଙ୍କ ସନ୍ତାନମାନଙ୍କୁ ଯନ୍ତ୍ରଣା ଦେଇ ହତ୍ୟା କରିବା ଅଥବା ସେହି ରୋମର ଆଉ ଜଣେ ପରବର୍ତ୍ତୀ ସମ୍ରାଟ ନିରୋ ଯାହାର ନିର୍ମମତା ସୁବିଦିତ, ଛାଡ଼ି ଦିଅନ୍ତୁ ତ୍ରୟୋଦଶ ଶତାବ୍ଦୀର ଚେଙ୍ଗିଜ୍ ଖାଁ କଥା ଯିଏ ଗୋଟାଏ ପରେ ଗୋଟାଏ ସମଗ୍ର ସହର ଆକ୍ଷରିକ ଅର୍ଥରେ ଶ୍ମଶାନ କରିଦେଇଥିଲା ଅଥବା ତୈମୁର୍ ଲଙ୍ଗ୍ କଥା ଯିଏ ତତ୍କାଳୀନ ଦିଲ୍ଲୀର ସମୁଦାୟ ପଚାଶ ହଜାର ନାଗରିକଙ୍କୁ ନିଜର ପାଶବିକ ସୈନ୍ୟଦଳ ଲଗାଇ ଘଣ୍ଟାଟିଏ ଭିତରେ ହତ୍ୟା କରିପାରିଥିଲା ତ ବାଗ୍‌ଦାଦରେ ନାଗରିକମାନଙ୍କର କଟାମୁଣ୍ଡରେ ଶହେ କୋଡ଼ିଏ ଗୋଟି ସ୍ତମ୍ଭ ରଚନା କରିବାର ବାହାଦୁରି ଅର୍ଜନ କରିଥିଲା; ଆହୁରି ବି ଛାଡ଼ି ଦିଅନ୍ତୁ ଷୋଡ଼ଶ ଶତାବ୍ଦୀର ଆଇଭାନ୍ ଦି ଟେରିବ୍‌ଲ୍, ବ୍ଲାଡ଼ି ମେରି ବା ଓଲିଭାର୍ କ୍ରମ୍‌ୱେଲ୍ ଇତ୍ୟାଦି ଇତ୍ୟାଦିଙ୍କ କଥା । କିନ୍ତୁ ସମସାମୟିକ ବିଂଶ ଶତାବ୍ଦୀର ''ଅଭିଶାପ''ମାନଙ୍କ ମନୋଭାବକୁ କେମିତି ବ୍ୟାଖ୍ୟା କରାଯାଇପାରେ ? ଗଣତନ୍ତ୍ର, ସମାଜବାଦ, ବ୍ୟକ୍ତି-ସ୍ୱାଧୀନତା ଭଳି ଆଦର୍ଶମାନ ଦୃଢ଼ରୁ ଦୃଢ଼ତର ହୋଇ ଆସୁଥିବା ବେଳେ, ସାମନ୍ତବାଦ, ରାଜତନ୍ତ୍ର, ଔପନିବେଶିକତାର ଅନ୍ତ ହେଉଥିବା ବେଳେ ହିଟ୍‌ଲର କେମିତି କଳ୍ପନା କରିପାରେ ଯେ ସେ ଲକ୍ଷ ଲକ୍ଷ ଇହୁଦୀଙ୍କୁ ହତ୍ୟା କରି ଏମିତି ଏକ ବିଶୁଦ୍ଧ ଜର୍ମାନ୍ ଜାତି ସମ୍ଭବ କରିବ, ଯେଉଁ ଜାତି ପୃଥିବୀର ଅଭିଭାବକ ହେବାକୁ ହକଦାର ? ମୁସୋଲିନିଟିଏ କିପରି ନିଜକୁ ଜୁଲିଅସ୍ ସିଜର୍ ବୋଲି ଜାହିର କରିପାରେ ଏବଂ ରୋମାନ୍ ସାମ୍ରାଜ୍ୟର ପୁନଃପ୍ରତିଷ୍ଠାର ସ୍ୱପ୍ନ ଦେଖିପାରେ ? ଏ ପର୍ଯ୍ୟାୟର ମଣିଷଙ୍କ ସଂଖ୍ୟା କମ୍ ନୁହେଁ : ନିଜକୁ ନିଜେ ମୁକୁଟ ପିନ୍ଧାଇ ସେଣ୍ଟ୍ରାଲ ଆଫ୍ରିକାନ୍ ରାଜ୍ୟର ''ସମ୍ରାଟ'' ରୂପେ ଅଭିଷିକ୍ତ କରିଥିବା ତଥା ନିଜକୁ ଦ୍ୱିତୀୟ ନେପୋଲିଅନ୍ ରୂପେ ଘୋଷଣା କରିଥିବା ବୋକାସୋ (ନିୟମିତ ଶିଶୁମାଂସ ଭକ୍ଷଣ ଅଭିଯୋଗରେ କ୍ଷମତାରୁ ଯିବା ପରେ ଯାହାର ବିଚାର ହୋଇଥିଲା), ଉଗାଣ୍ଡାର ଇଡ଼ି ଆମିନ୍, ମାତ୍ର ତିନି ବର୍ଷ କ୍ଷମତାରେ ଥିବା ଭିତରେ ଦଶ ଲକ୍ଷରୁ ଅଧିକ ତଥାକଥିତ ବିରୋଧୀଙ୍କୁ ହତ୍ୟା କରିଥିବା କାମ୍ବୋଡ଼ିଆର ପୋଟ୍ ପୋଲ୍, ନିଜର ଦୁଇ ହଜାର ପ୍ରତିମୂର୍ତ୍ତି ସ୍ଥାପନ କରିପକାଇଥିବା ଡୋମିନିକାନ୍ ରିପବ୍ଲିକ୍‌ର ଏକଚ୍ଛତ୍ର ଶାସକ ଟ୍ରିଜୁଲୋ ଏବଂ ଆହୁରି କେତେ ଜଣ । ମୃତ୍ୟୁ ଦିନେ ସେମାନଙ୍କୁ ଟାଣି ନେଇଯିବ ଏ ଚିନ୍ତା ଏ ପରାକ୍ରମୀମାନଙ୍କ ଭିତରୁ କାହାରି କଳ୍ପନାକୁ ଆସୁ ନଥିଲା ବୋଲି ଧାରଣା ହୁଏ ।

ଏତେ ବର୍ଷ ପରେ ମଧ୍ୟ ଭାଲୁ ତା'ର ଶୂନ୍ୟ ବସ୍ତା ଗୋଟିକୁ ଖିନ୍‌ଭିନ୍ କରିବାର ଦୃଶ୍ୟ ମନେ ପଡ଼ୁଛି । ନିଜ ନିଜ ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚିବା ବେଳକୁ ଏ ବିକଟ ବ୍ୟକ୍ତିବର୍ଗ ବହନ କରୁଥିବା ଉଚ୍ଚାଭିଳାଷର ବସ୍ତା ସେମିତି ଫମ୍ପା ହୋଇଯାଇଥାଏ, ମହାକାଳ ଖିନ୍‌ଭିନ୍ କରିଦେଉଥାଏ ସେ ବସ୍ତାକୁ ।

କିନ୍ତୁ ଅଦ୍ୟାବଧି ଅବ୍ୟାହତ ଅଜ୍ଞାନର ଅନ୍ଧକାର; ତାରତମ୍ୟ ଖାଲି ତା'ର ଘନତାରେ; କେବେ ଗାଢ଼, କେବେ ପ୍ରଗାଢ଼ । ✜

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୮)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ପଲ୍ ରିଚାର୍ଡ଼ କହିଥିଲେ, ''ସେଥିପାଇଁ ମୁଁ ଲେଖିଥିଲି, ଅତୀତର ଦେବତାମାନଙ୍କର କାମ ସରିଯାଇଛି । ଏଥର ଏକ ନବ-ଅବତରଣର ଆବଶ୍ୟକତା ରହିଛି । ଆଉ ମୁଁ ଶ୍ରୀଅରବିନ୍ଦଙ୍କୁ ଚିହ୍ନିଥିଲି ସେହି ଅଦ୍ୱିତୀୟ ଭଗୀରଥ ରୂପରେ ଯେ କେବଳ ଏଇ ନବସୃଷ୍ଟିର ଦୃଷ୍ଟିଲୋକକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ତାହା ନୁହେଁ, ସେ ଏହି ପାର୍ଥିବ ଜୀବନରେ ସେହି ଶକ୍ତିରେ ଅବସ୍ଥାନ କରୁଥିବା ଗୋଟିଏ ଅତିମାନସ ଅଭ୍ୟୁଦୟର ନବଯୁଗ ଆମ ପାଇଁ ଅର୍ଜନ କରିଛନ୍ତି ।''

''ହଁ, କେବଳ ସେ ହିଁ । ଅଗାମୀ ଜଗତର ଚାବି ଆଉ କାହା ପାଖରେ ନାହିଁ । ମୋର ପରାଭବ ଏହି ଯେ, ମୋର ଆତ୍ମାଭିମାନ ହେତୁ ଏକ ଲକ୍ଷ୍ୟହୀନ ଜୀବନର ଲୋଭରେ ମୋତେ ଏହି ପ୍ରବର୍ତ୍ତକଙ୍କର ପାଖ ଛାଡ଼ିବାକୁ ହେଲା, ଯାହାଙ୍କ ସଂସ୍ପର୍ଶ ମୋ ଲାଗି ଜଗତର ଅନ୍ୟସବୁ ମଣିଷଙ୍କଠାରୁ ବେଶୀ କାମ୍ୟ ଥିଲା ଓ ଯାହାଙ୍କୁ ମୁଁ ଏ ଜୀବଜଗତର ଏକମାତ୍ର ଶିବ ବୋଲି ଜାଣିଥିଲି । ଏବେ କି ଅବାକ୍ ଲାଗୁଛି ଭାବିଲେ, ମୁଁ କାହିଁକି ଆତ୍ମହତ୍ୟା କରିବାକୁ ଭାବେ ?''

ଚମକି ଉଠିଲି । ତାଙ୍କ କଥା ଶୁଣି ଦୁଃଖ ହେଲା । କିନ୍ତୁ ସେ ଦୁଃଖଠାରୁ ଦଶଗୁଣ ଚିନ୍ତା ହେଲା ନିଜ ପାଇଁ । ଆଉ ମୋର ସେ ଉଦ୍‌ବେଗ ଚାହୁଁ ଚାହୁଁ ଜୁଆରର ଜଳ ପରି ବଢ଼ି ଉଠିଲା । ମନେହେଲା ମୁଁ ହୁଏତ ଏହି ଲକ୍ଷ୍ୟହୀନ ଉଚ୍ଚ ଆଶାର କାରଣରୁ ଗୁରୁଙ୍କର କରଛଡ଼ା ହୋଇ ଚାଲିଛି ଯେପରି ଆମେରିକା ଯାଇ ଗୀତ ଗାଇବି, ବକ୍ତୃତା ଦେବି, ଆତ୍ମ-ବିଜ୍ଞପ୍ତି କରିବି ଇତ୍ୟାଦି ।

ଭାବୁଭାବୁ ଶିହରି ଉଠିଲି । ମୋର ଏହିପରି ଦଶା ହେବ କି ? ଆମେରିକା କଥା ଥାଉ । ଆଗ ପାଦତଳ ମାଟି ଖୋଜି ପାଏ, ତେବେ କିନ୍ତୁ ତାହା କେମିତି ହେବ ? ଏବେ ତ ମୋର ଶତ୍ରୁଙ୍କର କଳନା ନାହିଁ । ସେମାନେ ଓଠ ଚିପି ହସିବେ ନାହିଁ ? ''ସୁନାର କଲମ ଅଭିନନ୍ଦନର ଜୋର୍ ଏଇ ପର୍ଯ୍ୟନ୍ତ ?'' ସବ୍‌ଜାନ୍ତା ହସ ହସି ସେମାନେ ଏପରି କହିବେ ନାହିଁ ? କେବଳ ଶତ୍ରୁମାନେ ହୋଇଥିଲେ କିଛି ନଥା'ନ୍ତା, ମିତ୍ରମାନଙ୍କର ବା କେଉଁ ଛାତି ଫୁଲି ଉଠିବ ? ଯେତେବେଳେ ମୁଣ୍ଡ ନୁଆଁଇ, ରିକ୍ତ ହସ୍ତରେ, ଅଶ୍ରୁଳ ନୟନରେ, 'ବୈରାଗ୍ୟମେବାଭୟମ' କହି କହି ମୋତେ ଫେରିବାର ଦେଖିବେ ? ଏମିତି କଥା ମୋ ମନକୁ ଆସିଲା, ହୁଏତ ସେମାନଙ୍କର ମନ ରଖିବାକୁ ଯାଇ ମୋତେ ବୁଡ଼ିବାକୁ ହେବ । 'ନାତ୍ର ଗତିରନ୍ୟଥା', ବାହାରର ବିଶ୍ୱକୁ ଲାଭ କରିବାକୁ ଯାଇ ଅନ୍ତରରେ ରିଚାର୍ଡ଼ଙ୍କ ଭଳି ନିଃସ୍ୱ ହେବାକୁ ହେବ । ଯୋଗଦୀକ୍ଷା ପରେ ଶ୍ରୀଅରବିନ୍ଦଙ୍କଠାରୁ ଶୁଣିଥିଲି, ଅନେକ ଚିନ୍ତା ବାହାରୁ ଆସି ଆକ୍ରମଣ କରେ । ସେତେବେଳେ ଏ ଧରଣର ଅନୁଭବ ହେଉ ନଥିଲା । କିନ୍ତୁ ପଲ୍ ରିଚାର୍ଡ଼ଙ୍କର କଥା ଶୁଣୁ ଶୁଣୁ ମନେ ହେଲା ତାଙ୍କର ଭାବଧାରା ମୋତେ ଧରି ପକାଇଛି । ସଙ୍ଗେ ସଙ୍ଗେ ମୋର ଆତ୍ମାଭିମାନକୁ ସ୍ପଷ୍ଟ ଦେଖିପାରିଲି । ଆମେରିକାରେ ଗୀତ ଗାଇବି, ବକ୍ତୃତା ଦେବି, ଧୁମ୍‌ଧାମ୍ କରି ନାଆଁ ଡାକ କରି ଦେଶକୁ ଫେରି ହୁଏତ ଆଉ କିଛି ଅଭିନନ୍ଦନ ଯୋଗାଡ଼ କରିବି । ଏହା କ'ଣ ମୋର ସ୍ୱଧର୍ମ ? ପରମହଂସଙ୍କର 'କଥାମୃତ' ମୋ ଜୀବନର ଏକମାତ୍ର ଗୀତା ନା ? ସେ ତ କହିଛନ୍ତି, 'ଈଶ୍ୱର ଦର୍ଶନହିଁ ଜୀବନର ଉଦ୍ଦେଶ୍ୟ ।'

ମନକୁ ପଚାରିଲି । ମନ କହିଲା ସେ ତାଙ୍କର କଥାକୁ ସର୍ବାନ୍ତଃକରଣରେ ମାନି ନେଉଛି । ଆତ୍ମପ୍ରତାରଣା ଆଉ କେଉଁଠାରେ ଥାଉ ନା କାହିଁକି, ଯେତେ ପ୍ରକାରରେ ପ୍ରଶ୍ରୟ ପାଉ ନା କାହିଁକି ମୋ ମନରେ ମିଥ୍ୟାଚାର ବା ଆତ୍ମପ୍ରବଞ୍ଚନା ନାହିଁ । କିନ୍ତୁ ସବୁ ଭୟକୁ ଦବାଇ ଦେଇ ଉଠିଲା ଏଇ ଭୟ ଯେ ପଲ୍ ରିଚାର୍ଡ଼ଙ୍କ ପରି ତେଜସ୍ୱୀ ପ୍ରତିଭା ଯଦି ଆତ୍ମାଭିମାନର ପ୍ରରୋଚନାରେ ପଥଭ୍ରଷ୍ଟ ହୋଇପାରନ୍ତି, ତେବେ ଦିଲୀପ ରାୟ ରକ୍ଷା ପାଇଯିବେ ଏମିତି ଭରସା କେଉଁଠାରୁ ମିଳିବ ? ଯେତେ ଭାବୁଥାଏ ମନ ଅବସାଦରେ ଛାଇ ଯାଉଥାଏ । ଚାରିପଟେ ଆଲୁଅର ଜାକଜମକ, ନୃତ୍ୟଗୀତ, ଧୁମଧାମ, ତରୁଣତରୁଣୀ,

ସିନେମା, ସାମାଜିକ ଜଲ୍‌ସା, ହାତତାଳି । ମନେ ହେଉଥାଏ ଏସବୁ ଦେଇ କ'ଣ ପାରି ହୋଇଯିବି ? ପୁଣି ମନରେ ପ୍ରଶ୍ନ ଉଠୁଥାଏ କୁଆଡ଼େ ଯାଉଛି, ସାତ ସମୁଦ୍ର ତେର ନଈ ପାର ହୋଇ କେଉଁ ସୁନାକାଠିରେ ବା ଘୁମନ୍ତ ରାଜକନ୍ୟାର ଉଦ୍ଦୀପନାରେ ମୋର ବିଶ୍ୱାସ ଅଛି ? ଗୋଟିଏ କଥାରେ କହିଲେ, ଆତ୍ମବିଶ୍ୱାସୀ ଅଥଚ ଅବିଶ୍ୱାସୀ, ବଳିଷ୍ଠ ଅଥଚ ମହାଦୁର୍ବଳ ଭ୍ରାମ୍ୟମାଣ ଅନ୍ତର ମୋର କମ୍ପି ଉଠିଲା । ମନେ ପଡ଼ିଲା କର୍ମର ବୀଜ ବୁଣିଲେ ତା'ର ଫଳ ଫଳିବ ନିଶ୍ଚୟ । ମୁଁ କାହା ଡାକରେ ନିରୁଦ୍ଦେଶ ଏ ଯାତ୍ରାରେ କାହାର ହାତଧରି ଚାଲିଛି ? ଭାବୁ ଭାବୁ ଶେଷକୁ ଏମିତି ହେଲା ଯେ ରାତିରେ ନିଦ ହେଲା ନାହିଁ । ମନ ଅନ୍ଧକାରମୟ । ସ୍ପେନ୍ ଯିବାକୁ ସବୁ ସ୍ଥିର ହୋଇ ସାରିଥାଏ । ଟ୍ରେନ୍‌ରେ ବର୍ଥ ପର୍ଯ୍ୟନ୍ତ ରିଜର୍ଭ ହୋଇ ସାରିଥାଏ ।

ଜଗଜ୍ଜୟୀ ଭାଷଣ ଦେବାକୁ ଥିଲା ବାର୍ସିଲୋନାରେ, ମାଡ୍ରିଡ୍‌ରେ । ମନେ ପଡ଼ିଲା ରିଚାର୍ଡ଼ଙ୍କ କଥା । ଏହାତ ନୁହେଁ ଶ୍ରୀଅରବିନ୍ଦଙ୍କ ପରିମଣ୍ଡଳ । ତେବେ ? ବାର୍ସିଲୋନାକୁ ଟେଲିଗ୍ରାମ କରିଦେଲି, 'ଯିବି ନାହିଁ' । ମାଡ୍ରିଡ୍‌ର ନିମନ୍ତ୍ରଣ ରଖିଲି ନାହିଁ । ଶେଷ ମୁହୂର୍ତ୍ତରେ ହଠାତ୍ ପ୍ୟାରିସ ଗଲି । କିନ୍ତୁ ସେଠାରେ ପୁଣି ପଲ୍ ରିଚାର୍ଡ଼ଙ୍କର ଅଭ୍ୟୁଦୟ । ତାଙ୍କର ଦୁର୍ଦ୍ଦଶା ଦେଖିଲି ସେଠାରେ । ଭୟରେ ପ୍ରାର୍ଥନା କଲି, 'ବଳ ଦିଅ, ଯେମିତି ଆମେରିକା ନଯାଏ ।' କାରଣ ପଲ୍ ରିଚାର୍ଡ଼ କହିଥିଲେ, ସେ ବି ଆମେରିକା ଯିବେ । ସେଠାରେ ବି ତାଙ୍କ ସହ ଦେଖା ହୋଇପାରେ । ପ୍ୟାରିସରୁ ଇଂଲଣ୍ଡ ଉଡ଼ିଗଲି, ତା'ପରେ ସ୍କଟ୍‌ଲ୍ୟାଣ୍ଡ । ବଟ୍ରାଣ୍ଡ ରସେଲ୍‌ଙ୍କ ସହିତ ଦେଖା କଲି କର୍ନଓୟାଲ୍‌ରେ । ସେ ଜଣେ ବଡ଼ ମଣିଷ, କିନ୍ତୁ ଅସୁଖୀ, ହତାଶ ମଣିଷ । ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କର ଜ୍ୟୋତିର୍ମୟ ମୁଖମଣ୍ଡଳ ଉଦୟ ହେଲା । ମନେ ହେଲା, କାହିଁକି ଆଉ ? ତେବେ, ଯିବାଟା ତ ପ୍ରାୟ ସ୍ଥିର ହୋଇ ଯାଇଥିଲା । ରସେଲ୍‌ଙ୍କ ସହିତ ଗୋଟିଏ ଜାହାଜରେ ଯିବି । କିନ୍ତୁ ଦିନ ଯେତେ ପାଖେଇ ଆସୁଥାଏ, ମନରେ ଆସୁଥାଏ ନିରୁଦ୍ଦେଶ, ଲକ୍ଷ୍ୟହୀନ ଜୀବନର ଶେଷ ପରିଣତି ସମ୍ବନ୍ଧରେ । ମନେହେଲା କାହିଁକି ଏତେ ଭୟ ? କିଏ କ'ଣ କହିବ ବୋଲି ? ଯେଉଁମାନେ ମୋତେ ଭଲ ବୋଲି କହିଲେ ଶାନ୍ତି ପାଆନ୍ତି ନାହିଁ, ସେମାନେ ମନ୍ଦ କହିଲେ ବି ଏହାଠାରୁ ଆଉ ଅଧିକ କ'ଣ ଶାନ୍ତି ହେବ ? ଯେତେ ଭାବୁଥାଏ ସେତେ ପ୍ରାର୍ଥନା କରୁଥାଏ, 'ବଳ ଦିଅ, କିଏ କ'ଣ କହିବ ଉପେକ୍ଷା କରି ଯେମିତି ଗୁରୁଚରଣରେ ଶରଣ ନେବି ।'

ବଳ ଆସିଲା, କିନ୍ତୁ ଅପ୍ରତ୍ୟାଶିତ ଭାବରେ ପ୍ରାୟ ଶେଷ ମୁହୂର୍ତ୍ତରେ । ନିଜର ବି ବିଶ୍ୱାସ ହେଉ ନଥାଏ । ରସେଲ୍‌ଙ୍କ ସହିତ ଯେଉଁ ଜାହାଜରେ ଆମେରିକା ଯାଇଥା'ନ୍ତି, ତା'ର ଏଜେଣ୍ଟ ଲେଖିଲା ପ୍ରଥମ ଶ୍ରେଣୀ ଭଡ଼ା ପଠାଇବାକୁ, ଲେଖି ଦେଲି, 'ଯିବି ନାହିଁ, ଦୁଃଖିତ'– ଇତ୍ୟାଦି ।

ଘରପୁଅ ଘରକୁ ଫେରି ଆସିଲା । ମୋର ପିତୃଦେବଙ୍କର ଶେଷ ଜୀବନର ଲେଖାଟି ମନେ ପଡ଼ିଲା, 'ଦିଗହରା ମୁଁ କୂଳ କିନାରା ପାଇ ନଥିଲି, ଭବନଦୀରେ ଦେଖା ଦେଲୁ ତୁ ଧ୍ରୁବତାରା ।' ଘରପୁଅ ଘରକୁ ଫେରି ଆସିଲା ଖାଲି ହାତରେ । ତା'ର ଝୁଲିରେ ବିଦେଶରୁ ମିଳିଥିବା କରତାଳି ନଥିଲା । ରହିଥିଲା କେବଳ ରାଶି ରାଶି ବୈରାଗ୍ୟ । ଫେରିବା ପରେ ମନେ ହେଲା ଶୂନ୍ୟ କରି ମଧ୍ୟ ସେ ପୂର୍ଣ୍ଣ କରିଦିଅନ୍ତି । ପରମହଂସ ଦେବଙ୍କର କଥା, ''ଆରେ ହୃଦୟ, ଶୁଣ, କି ଆନନ୍ଦ । ଏହି ଯେ ଲୋକଟା କହୁଛି, ଯାହାର କେହି ନାହିଁ, ତା'ର ଭଗବାନ ଅଛନ୍ତିରେ ! କି ଆନନ୍ଦ !'' ମନେ ପଡ଼ିଲା, 'ଯିଏ ଡେଇଁ ପଡ଼େ, ସେ ପାଏ ।'

* * *

ଇଉରୋପରୁ ଦ୍ୱିତୀୟ ଥର ପାଇଁ ୧୯୨୧ ମସିହା ନଭେମ୍ବରରେ ଫେରିଲି । ୧୯୨୮ ଅଗଷ୍ଟରେ ପୁଣି ପଣ୍ଡିଚେରୀ ଗଲି । ସେତେବେଳେ ଶ୍ରୀଅରବିନ୍ଦ ଆଉ କଥାବାର୍ତ୍ତା କରୁ ନଥା'ନ୍ତି । କେବଳ ବର୍ଷକୁ ତିନିଥର ଦର୍ଶନ ଦିଅନ୍ତି । ସେତେବେଳେ ସାଧକମାନଙ୍କ ପାଖରୁ ଆଶ୍ରମର କର୍ତ୍ତ୍ରୀ ଶ୍ରୀମାଙ୍କ କଥା ଶୁଣିଲି । ଶୁଣିଲି ତାଙ୍କର କରୁଣାର କଥା । ଶୁଣିଲି ଶ୍ରୀଅରବିନ୍ଦଙ୍କୁ ବରଣ କରିବାକୁ ହେଲେ ତାଙ୍କୁ ବରଣ କରିବାକୁ ହେବ । ତାଙ୍କୁ ଦେଖି ମୁଗ୍ଧ ହୋଇ ସହଜରେ ରାଜି ହୋଇଗଲି । ଏପରି କରୁଣାମୟୀ ମୂର୍ତ୍ତି : ସବୁଠାରୁ ବେଶୀ ଅଭିଭୂତ ହେଲି ତାଙ୍କର ଶାନ୍ତିଭରା ଚାହାଣି ଓ ମଧୁର ହସରେ । ସୁଦୂର, ଅଥଚ କେତେ ନିକଟରେ । ଗୋଟିଏ ମୁହୂର୍ତ୍ତରେ ଆତ୍ମୀୟ-ସ୍ୱଜନ, ଶତ୍ରୁ-ମିତ୍ର ସମସ୍ତେ ଛାୟା ପରି ମନେ ହେଲେ ।

"At once she was the stillness and the word,
A continent of self-diffusing peace,
An ocean of untrembling virgin fire;..."

(Savitri, P. 16)

ଅର୍ଥାତ୍ :

''ଏକାଧାରରେ ସେ ଥିଲେ ଶବ୍ଦ ଓ ନିଃଶବ୍ଦ,
ନିଜଠାରୁ ଉତ୍ସାରିତ ପ୍ରଶାନ୍ତିର ଏକ ମହାଭୂମି,
ଅନାହତା, ପାବକ ପ୍ରଜ୍ୱଳା ସମୁଦ୍ର, ନିଷ୍କମ୍ପା,''

*

"Her look, her smile awoke celestial sense
Even in earth-stuff, and their intense delight
Poured a supernal beauty on men's lives,

(Savitri, P. 15)

ଅର୍ଥାତ୍ :

''ତାଙ୍କ ଦୃଷ୍ଟି, ତାଙ୍କ ହାସ୍ୟ, ଜାଗ୍ରତ୍ କରଇ ସ୍ୱର୍ଗ
ଏ ପାର୍ଥିବ ଅନ୍ତଃକରଣରେ ଏବଂ
ସେମାନଙ୍କର ଅତୀନ୍ଦ୍ରିୟ ମାଧୁର୍ଯ୍ୟର ରସ,
ଅବିରତ ଢାଳିଦିଏ ଏ ମର୍ତ୍ତ୍ୟର ଜୀବନ ଉପରେ।''

ଅକୁଣ୍ଠିତ ଚିତ୍ତରେ ତାଙ୍କୁ ମାତୃଗୁରୁ ରୂପେ ବରଣ କଲି। ଶ୍ରୀମା ମୋର ପ୍ରଶ୍ନର ଉତ୍ତରରେ କହିଲେ, ''ଶ୍ରୀଅରବିନ୍ଦ କହିଛନ୍ତି ଯେ ମୁଁ ଯଦି ଚାହେ ବର୍ତ୍ତମାନ ପୂର୍ଣ୍ଣଯୋଗର ଦୀକ୍ଷା ନେଇପାରେ।'' ମୁଁ କହିଲି, ''ଦୀକ୍ଷା ନେବାକୁ ମୁଁ ତ ଚାହେ, କେବଳ ଯୋଗଶକ୍ତି ବିଷୟରେ କିଛି ଜାଣେ ନାହିଁ, କୌଣସି ପ୍ରତ୍ୟକ୍ଷ ଅକାଟ୍ୟ ଅନୁଭୂତି ନହେଲେ ଝାମ୍ପ ଦେଇ ପାରିବି ନାହିଁ, ଯଦିଓ ପରମହଂସ ଦେବ କହିଛନ୍ତି ଯେ, 'ଝାମ୍ପ ଯେ ଦିଏ, ସେ ପାଏ'।'' ମା ହସିଲେ। କହିଲେ, ''ଆଚ୍ଛା, ତୁମେ କେତେବେଳେ ଧ୍ୟାନ କର ?''

''ରାତିରେ, ଶୋଇବା ପୂର୍ବରୁ।''

''ଆଚ୍ଛା, ରାତି ନ'ଟା ପରେ ଧ୍ୟାନ କର, ତୁମର ହୋଟେଲ ରୁମ୍‌ରେ। ମୁଁ ଏଠାରେ ଧ୍ୟାନ କରିବି। ଦେଖିବା, ତୁମର କିଛି ଅକାଟ୍ୟ ଅନୁଭୂତି ହେଉଛି କି ନାହିଁ।''

ଧ୍ୟାନ କରିବାକୁ ବସିଲି ଏଇ ସଂକଳ୍ପ ନେଇ ଯେ ଯାହାକୁ ମନଗଢ଼ା ବୋଲି ଆଦୌ କହି ହେବ ନାହିଁ, ସେପରି କିଛି ନପାଇଲେ ଯୋଗ ଶକ୍ତିକୁ ସହଜରେ ସ୍ୱୀକାର କରିନେବି ନାହିଁ। ଏକେବାରେ ବାସ୍ତବ, ଅକାଟ୍ୟ କିଛି ମିଳିଲେ ସ୍ୱୀକାର କରିବି, ନଚେତ୍ ନାହିଁ। ଅସ୍ପଷ୍ଟ, ଛାୟାଛନ୍ନ, ଦ୍ୱିଅର୍ଥବୋଧକ କିଛି ହେଲେ ଅଗ୍ରାହ୍ୟ କରି ଦେବି, ଦେବି, ନିଶ୍ଚୟ କରି ଦେବି – ଏହା ତ୍ରିବାର ସତ୍ୟ।

ଯାହା ପାଇଲି, ତାହା ଆଶା କରି ନଥିଲି। ତା'ର କୌଣସି ବ୍ୟାଖ୍ୟା କରିହେବ ନାହିଁ। ଏକେବାରେ ଏମିତି ଗୋଟାଏ ଅଭିଜ୍ଞତା ଯାହା କେବେହେଲେ ମୋ ଭିତରେ ଆଗରୁ ଘଟି ନଥିଲା। ପରଦିନ ମା'ଙ୍କୁ ଏକଥା କହିଲି। ମା ମୃଦୁ ହସିଲେ, କହିଲେ, ''ଯାହା ଚାହିଥିଲ ମୁଁ ଦେଲି, ତୁମେ ନେଲ ନାହିଁ। ତୁମର ମନ ରାଗି ଉଠି ଫେରାଇ ଦେଲା।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ।)

ଅନୁବାଦ : ମମତା ଦାଶ

## ଓମ୍ - ନମୋ - ଭଗବତେ

ବାକ୍ ହେଲା ଚୈତ୍ୟୋପଲବ୍ଧ ସତ୍ୟର ଅଭିବ୍ୟକ୍ତିମୂଳକ ଏକ ଧ୍ୱନି। ସ୍ଥୂଳୋତ୍ତର ସ୍ତରରେ ଯେତେବେଳେ ଏକ ଚୈତ୍ୟୋପଲବ୍ଧ ସତ୍ୟ ଉପଲବ୍ଧ ହେବା କଥା, ସେତେବେଳେ ଜଣେ ତା'ର ଧ୍ୱନିଗତ ଅଭିବ୍ୟକ୍ତିର ପୁନରାବୃତ୍ତି କରି ଏଭଳି ସ୍ପନ୍ଦନ ସୃଜିପାରେ, ଯାହା ସେ ଚୈତ୍ୟୋପଲବ୍ଧ ଜ୍ଞାନର ଉପଲବ୍ଧି ସକାଶେ ମନକୁ ପ୍ରସ୍ତୁତ କରେ। ମନ୍ତ୍ର ଏବଂ ଜପର ତାହାହିଁ ମୂଳତତ୍ତ୍ୱ। ଜଣେ ଭଗବାନଙ୍କ ନାମ ପୁନଃପୁନଃ ଆବୃତ୍ତି କରିଚାଲେ ଏବଂ ତାହା ଦ୍ୱାରା ଚେତନାରେ ସୃଜିତ ସ୍ପନ୍ଦନ ଭଗବାନଙ୍କ ଉପଲବ୍ଧି ନିମନ୍ତେ ପ୍ରସ୍ତୁତି ଆଣିଦିଏ।

– ଶ୍ରୀଅରବିନ୍ଦ

# ଚେତନା-ଅଚେତନା

## ଶ୍ରୀ ଚିତ୍ତରଞ୍ଜନ ଦାସ

"Consciousness is the faculty of becoming aware of anything through identification."

(MCW. Vol. 15, P. 4) – The Mother

ଯିଏ ଜୀଇଁଛି, ତାହାର ଚେତନା ଅଛି ବୋଲି ଆମେ ଆମ ସାଧାରଣ ବେଭାରଗୁଡ଼ିକର ସଂସାରରେ ବିଶ୍ୱାସ କରିଥାଉ । 'ଚେତନା' ଶବ୍ଦଟିକୁ ଆମେ ସେହି ଅର୍ଥରେ ଗ୍ରହଣ କରି ଆସିଥାଉ । ଆମ ପିଲାଦିନୁ ଆମକୁ ସେ ବିଷୟରେ ଯେଉଁ ଧାରଣାମାନ ଦିଆଯାଏ, ସେହି ଧାରଣାଗୁଡ଼ିକୁ ଦେଇ ଆମେ ଶବ୍ଦଟିକୁ ବୁଝିଥାଉ । ଜୀବ ମାତ୍ରକେ ଚେତନା ଅଛି, ନିର୍ଜୀବର ଚେତନା ନାହିଁ । ଆମ ଭିତରେ ଗୋଟାଏ ହୃତ୍‌ପିଣ୍ଡ କାର୍ଯ୍ୟ କରୁଛି, ତେଣୁ ଆମ ନାଡ଼ିରେ ମଧ୍ୟ ସ୍ପନ୍ଦନ ରହିଛି ଏବଂ ଆମ ଦେହ ଭିତରେ ରକ୍ତ ଓ ବାୟୁର ସଞ୍ଚାଳନ ବି ଅଛି । ତେଣୁ ଆମେ ଚେତନ, ଚେତନାଯୁକ୍ତ; – ଆମେ ଜୀବ । ଯେଉଁମାନଙ୍କ ଭିତରେ ଏସବୁ ହେଉ ନାହିଁ, ସେମାନେ ନିଶ୍ଚେତନ, ନିର୍ଜୀବ, – କେବଳ ବସ୍ତୁ । ସମ୍ଭବତଃ ସେହି ଧାରଣାର ନିୟମ ଅନୁସାରେ ବସ୍ତୁକୁ ଜଡ଼ ବୋଲି କୁହାଯାଇ ଆସିଛି ।

ସଂସାର ଭିତରେ ଆତଯାତ ହେଉଥିବା ଆମେ ଅଧିକାଂଶ ମଣିଷ ପ୍ରୟୋଜନରେ ଯେତିକି ଭିତରେ ରହିଥାଉ, ପ୍ରାୟ ସେତିକି ବିଷୟରେହିଁ ଆମର ଚେତନା ରହିଥାଏ । ଏହି ଚେତନାର ପରିଧିଗୁଡ଼ିକ ପ୍ରକୃତରେ କେତେ ବଡ଼ ବା କେତେ ସାନ ହୋଇ ରହିବା ଉଚିତ ଅଧିକାଂଶ କ୍ଷେତ୍ରରେ ଆମେ ନିଜେ ମଧ୍ୟ ତାହାକୁ ଠିକ୍ କରି ନଥାଉ । ଆମର ସଂସ୍କାର, ଆମର ସମାଜ ଆମ ଲାଗି ସେହି ପରିଧିଗୁଡ଼ିକୁ ଠିକ୍ କରି ଦେଇଥାଏ । କେବଳ ସେତିକି ନୁହେଁ, ସେହି ପରିଧିଟିକୁ ଶେଷ ବା ଚୂଡ଼ାନ୍ତ ପରିଧି ବୋଲି ବିଶ୍ୱାସ କରିବାକୁ ଏବଂ ସେତିକିରେହିଁ ସନ୍ତୁଷ୍ଟ ହୋଇ ରହିବାକୁ କୌଣସି ଏକ ସମାଜରେ ଚଳି ଆସିଥିବା ଶିକ୍ଷା ଓ ସଂସ୍କାରର ଛାଞ୍ଚଗୁଡ଼ାକ ଆମ ଉପରେ ସର୍ବଦା ଭାରି ପ୍ରଭାବ ବିସ୍ତାର କରିବାରେ ଲାଗିଥା'ନ୍ତି । ସେହି ପ୍ରଭାବର ଜାଲରେ ପଡ଼ି ଆମେ ଅନେକ ସମୟରେ ସେହି ପରିଧି, ଗାର ବା ସୀମାଗୁଡ଼ିକୁହିଁ ସର୍ବୋତ୍ତମ ପରିଧି ବୋଲି ଭ୍ରମ ମଧ୍ୟ କରିବାରେ ଲାଗିଥାଉ । ସେହି ଭ୍ରମ ଆମକୁ ଅଧିକାଂଶ ସମୟରେ ଭାରି ସୁହାଉଥାଏ । ଚେତନା ରହିଥିଲେ ମଧ୍ୟ ଚେତନା ନାମରେ ଅଚେତନା ଭିତରେ ବାନ୍ଧିହୋଇ ରହିବା, – ଏହି କାରଣରୁହିଁ ଆମ ଅନେକଙ୍କୁ ସେହିପରି ଏକ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଥାଏ ।

ଇତର ପ୍ରାଣୀ ତା'ର ଦେହ ବିଷୟରେ ସଚେତନ ହୋଇ ରହିଥାଏ । ତେଣୁ ଦେହଗତ ଆବଶ୍ୟକତାକୁହିଁ ତାହା ଆପଣାର ସମୁଦାୟ ଜୀବନ ରୂପେ ଗ୍ରହଣ କରି ନେଇଥାଏ । ଗ୍ରହଣ କରି ନେଇଥାଏ ବୋଲି କହିଲେ ମଧ୍ୟ ଭୁଲ୍ ହେବ; ପ୍ରତ୍ୟେକ ଇତର ପ୍ରାଣୀ ଏପରି କେତେକ ସହଜାତ ପ୍ରବୃତ୍ତି ନେଇ ଜନ୍ମ ଗ୍ରହଣ କରିଥାଏ, ଯାହାକି ତାକୁ ସେହି ଦେହଗତ ଜୀବନର ଗାରଗୁଡ଼ିକ ମଧ୍ୟରେ ଭାରି ସମଞ୍ଜସତା ସହିତ ସୀମାବଦ୍ଧ କରି ରଖିଥାଏ । ମଣିଷ ଭିତରେ ମଧ୍ୟ ସହଜାତ ପ୍ରବୃତ୍ତିମାନ ରହିଛି । ମାତ୍ର, ସେଗୁଡ଼ିକୁ ଅତିକ୍ରମ କରିଯାଇ ପାରିବାକୁ ମଧ୍ୟ ମଣିଷ ଭିତରେ ଆଉ କେତୋଟି ଉପାଦାନ ରହିଛି । କେବଳ ଜୀବଗତ ଜୀବନକୁ ଅତିକ୍ରମ କରିଯିବା ଲାଗି ମଣିଷ ଭିତରେ କେତେକ ପ୍ରବୃତ୍ତି ଓ ଶକ୍ତି ରହିଛି, ଯାହାକି ଇତର ପ୍ରାଣୀମାନଙ୍କ ଭିତରେ ନାହିଁ । ଏକ ଇତର ପ୍ରାଣୀ କେବଳ ତା'ର ଦେହଗତ ଜୀବନଟି ସହିତ ଆପଣାକୁ ଏକାତ୍ମକ କରି ରଖିବାକୁ ବାଧ୍ୟ ହୋଇ ରହିଥାଏ । ମଣିଷକୁ ସେପରି ମୋଟେ ବାଧ୍ୟ ହେବାକୁ ପଡ଼େ ନାହିଁ । କେବଳ biological becomingର ଭିତ୍ତିସୂତ୍ରଗୁଡ଼ିକ ଦେଇ ଆମେ ସେଥିଲାଗି କଦାପି ମଣିଷର ବିଚାର କରି ପାରିବା ନାହିଁ । ଅବଶ୍ୟ ଏକଥା ସତ ଯେ ଅନେକ ମଣିଷ ନିଜକୁ ସେହି ଦେହଟି ମଧ୍ୟରେ ବେଶୀ କିଳି କରି ରଖି ନିଜ ଜୀବନର ଯାବତୀୟ ଯୋଗ ତଥା ଗୁଣନ ଭିତରେ ବହୁଗ୍ରଥିତ ହୋଇ ରହିଥା'ନ୍ତି । ଜୀବନର ଯାବତୀୟ ଇନ୍ଧନ କେବଳ ଦେହ ଲାଗି ହିଁ ଖୋଜୁ ଥାଆନ୍ତି ।

ଦେହଗତ ହୋଇ ରହିବା ଲାଗି ମନ କରୁଥିବା ମଣିଷର ସକଳ ଅନୁଧାବନ ଓ ଅନୁଶୀଳନ ଦେହସର୍ବସ୍ୱ ହୋଇ ରହିଥାଏ । ସିଏ ଦେହକ୍ଳେଶକୁ ହିଁ ସବୁଠାରୁ ଅଧିକ ଡରେ । ଜୀବନରେ ସମ୍ପଦ ଅଥବା ସମ୍ପତ୍ତି ବୋଲି ସିଏ ଯାହା କିଛି ଏକାଠି କରେ, ସିଏ ତାହାକୁ ସତେଅବା ନିଜ ଦେହର ହିଁ ଏକ ସମ୍ପ୍ରସାରଣ ବୋଲି ଅନୁଭବ କରୁଥାଏ । ସେହି ଅନୁଭବକୁ

ସୁଖ ବୋଲି କହୁଥାଏ । ଦର୍ଶନ ଶାସ୍ତ୍ରରେ ଏହି ସ୍ତରୀୟ ସୁଖ କାମନାକୁ ସୁଖବାଦ ବୋଲି କୁହାଯାଇଛି । ସୁଖବାଦୀ ଜୀବନର ଯାବତୀୟ ତପସ୍ୟା ଧର୍ମତଃ ସେହି ଦେହର ତପସ୍ୟା । ନିଜ ଜୀବନର କଳ୍ପିତ ବପୁଟିକୁ ବଢ଼ାଇବା ଲାଗି ମଣିଷ ନିଜ ଜୀବନର ସକଳ ଧନ୍ଦାକୁ ଉଦ୍ଦିଷ୍ଟ କରି ରଖିଥାଏ । ସଂସାରଟାଯାକକୁ ସିଏ ନିଜର ବୃଦ୍ଧି ଓ ଲାଭ ପାଇଁ ନିୟୋଜିତ କରେ । ନିଜର କରି ରଖିବ ବୋଲି ସାରା ସଂସାରଟାକୁ ଗିଳି ପକାଏ । ନିଜ ସୁଖ ରୂପକ ଗାତ ଭିତରକୁ ସଂସାରଯାକର ସବୁ କିଛିକୁ ଟାଣି ଆଣିବାକୁ ମନ କରିବା, — ତାହାହିଁ କାମନା । ଏହି କାମନା ଆମ ସୁଖବାଦର ବୈଜୟନ୍ତୀ ହୋଇ ଉଡ଼ିବାରେ ଲାଗିଥାଏ । ସୁଖବାଦୀ ନେତା ନିଜର ମାଂସ ବୃଦ୍ଧି ଲାଗି ଅନୁଗାମୀ ଆଉ ସମସ୍ତଙ୍କୁ ଗିଳି ପକାଏ । ସୁଖବାଦୀ ଶିକ୍ଷକ ବି ପ୍ରାୟ ସେହିପରି ନ୍ୟାୟରେ ତା' ଆଗରେ ଆସି ରୁଣ୍ଡ ହୋଇଥିବା ଛୁଆମାନଙ୍କୁ ଗିଳି ପକାଏ । ସଂସାର ରୂପକ ଗଡ଼ିଆରେ ସୁଖବାଦୀ ଅର୍ଥାତ୍ ଦେହବାଦୀ ମଣିଷ ମାଛମାନଙ୍କୁ କେବଳ ନିଜ ପାଇଁ ପାଳିଥାଏ । କେବଳ ନିଜ ପାଇଁ ମାଛଗୁଡ଼ିକୁ ମାରେ । ଖାସ୍ ସେଇଥିଲାଗି ଗଡ଼ିଆଟିକୁ ସିଏ ନିଜର ବୋଲି କହେ । ତା'ର ଚେତନାର ଗାରଗୁଡ଼ାକ ମଧ ସେତିକି ଭିତରେ ବହୁମାଞ୍ଜୁଳ ହୋଇ ରହିଥାଏ । ତା' ଏକାତ୍ମକତା କେବଳ ସେତିକି ଭିତରେ ମଞ୍ଜି ପୋତି ରଖିଥାଏ ।

ସୁଖବାଦୀ, ଦେହବାଦୀ ମଣିଷ ଦେବତାମାନଙ୍କୁ ମଧ କେବଳ ନିଜ କାମରେ ଲଗାଏ । ଦେବତାମାନେ ତା' କାମରେ ଲାଗନ୍ତି ବୋଲି ସିଏ ସେମାନଙ୍କୁ ଲୋଡ଼େ । ତାଙ୍କ ଲାଗି ମଣ୍ଡପ ଓ ମନ୍ଦିର ତୋଳିଦିଏ, ଭୋଗର ବରାଦ କରେ, ନେତ ଉଡ଼ାଏ, ଧର୍ମ ଗଦଗଦ ହୋଇ ବୁଲିବାରେ ଲାଗିଥାଏ । ସିଏ ନିଜ ପାଇଁ ଠାକୁରଙ୍କୁ ଡାକେ, ଠାକୁରଙ୍କୁ ଆଗରେ ପାଇଲେ କେବଳ ନିଜ ପାଇଁ ମାଗିବା ବ୍ୟତୀତ ତା'ର ବୁଦ୍ଧି ଆଉ ଅନ୍ୟ କିଛି କରିପାରେ ନାହିଁ । ଏପରି ମଣିଷ ଠାକୁରଙ୍କୁ ଯେତେ ଚିହ୍ନି ନଥାଏ, ''ମୋ' ଠାକୁର''ଙ୍କୁ ତା'ଠାରୁ ଅଧିକ ପରିମାଣରେ ଚିହ୍ନିଥାଏ । ମୋ' ଠାକୁରରୁ ମୋ' ଧର୍ମ, ମୋ' ସମ୍ପ୍ରଦାୟ ଓ ମୋ' ଗୁରୁ ପ୍ରଭୃତି ଅନ୍ୟ ଅତ୍ୟଭିମାନଗୁଡ଼ିକର ଉଦ୍ଭବ ହୋଇଥାଏ । ଦେହବାଦୀ ମଣିଷର ଗୁରୁମାନେ ତାକୁ ସର୍ବଦୁଃଖ ମୋଚନ ଅର୍ଥାତ୍ ସର୍ବସୁଖ ଲାଭର ନାନା ପ୍ରକାରର ପ୍ରତିଶ୍ରୁତି ଦେଇଥା'ନ୍ତି ବୋଲି ଦେହବାଦୀ ମଣିଷ ସେହି ଗୁରୁଙ୍କୁ ନିଜର ଗୁରୁ ବୋଲି ସ୍ୱୀକାର କରି ନେଇଥାଏ । ଧର୍ମ ନାମରେ, ଠାକୁରମାନଙ୍କ ନାମରେ ଓ ଦୁଃଖମୋଚନ ନାମରେ ଏବେ ମଧ ଆମ ସଂସାରରେ ତଥାପି ଅତିରିକ୍ତ ଭାବରେ ବିବିଧ ଲୀଳା ଲାଗି ରହିଛି; ହୁଏତ ସେଇଥିରୁ ଅନୁମାନ କରାଯାଇ ପାରେ ଯେ ପୃଥିବୀରେ ଏବେ ମଧ ଦେହବାଦୀ ଓ ସୁଖବାଦୀମାନେହିଁ ସବୁଠାରୁ ଅଧିକ ସଂଖ୍ୟାରେ ଅଛନ୍ତି, ସବୁଠାରୁ ଅଧିକ ଦର୍ପରେ ସେମାନେ ସଂସାରଟାକୁ ଆୟତ୍ତ କରି ରଖିଛନ୍ତି । ସଂସାରରେ ନାନା ବୀଭତ୍ସତା ଓ ବିଡ଼ମ୍ବନା ଭିଆଇ ରଖିଥିବା କ୍ଷମତା, ନିଜକୁ ବଡ଼ ବୋଲି କହି ଅନ୍ୟ ସବୁଗୁଡ଼ିକୁ ହୀନ ବା ସାନ ବୋଲି ଦର୍ଶାଇ ଦେବାର ଯାବତୀୟ ମିଛ-ଉତ୍ତେଜନା, — ଏହି ଯାବତୀୟ ବ୍ୟାପାର ସୁଖ ପାଖରେ ଅର୍ଥାତ୍ ଦେହ ପାଖରେ ଆପଣାକୁ ଏକାତ୍ମକ କରି ରଖିଥିବାର ଏକ ଚେତନାର ପରିଣାମ ବୋଲି କୁହାଯାଇ ପାରିବ ।

ଦ୍ୱିତୀୟ ସୋପାନଟିକୁ ଆମେ ସମୂହଗତ ଏକାତ୍ମକତା ବା tribal becoming ବୋଲି କହି ପାରିବା । ପୃଥିବୀର ଅଧିକାଂଶ ମଣିଷ ଏକ ଭାଷାଭାଷୀ; ସେମାନେ କେବଳ ଗୋଟିଏ ଭାଷା ଜାଣନ୍ତି । ଗୋଟିଏ ଭାଷାରେ କଥା କହନ୍ତି, ଗୋଟିଏ ଧର୍ମରେ ବାଟ ଚାଲନ୍ତି, ଗୋଟିଏ ଦେଶକୁହିଁ ସଂସାର ଭିତରେ ମଣି ବା ରାଣୀ ବୋଲି ବିଶ୍ୱାସ କରିବା ଲାଗି ପିଲାଦିନରୁ ଶିକ୍ଷା ପାଆନ୍ତି । ଏହି ମଣିଷମାନେ ଆଚାର କହିଲେ କେବଳ ନିଜ ସମୂହଟି ମଧରେ ଚଳି ଆସୁଥିବା ଆଚାରଗୁଡ଼ିକୁହିଁ ଜାଣନ୍ତି, ସେହି ଆଚାରଗୁଡ଼ିକର ମାଧମରେ ସେମାନେ ଧର୍ମର ତର୍ଜମା କରନ୍ତି । ନିଜ ସମୂହଟିର ବାହ୍ୟ ଭଙ୍ଗ ଓ ଭଙ୍ଗିମାଗୁଡ଼ିକୁ ସଂସ୍କୃତି ବୋଲି କହନ୍ତି । ନିଜ ଭାଷାଟିକୁ ଏମାନେ ମାତୃଭାଷା କହନ୍ତି ଓ ମାତୃଭାଷା ବୋଲି ତାହାକୁ ଶ୍ରଦ୍ଧା କରନ୍ତି । ମାତ୍ର, ଅନ୍ୟ ଭାଷାଗୁଡ଼ିକର କ୍ଷେତ୍ରରେ ମଧ ଯେ ସେଗୁଡ଼ିକ ଭିତରେ ଆତଯାତ ହେଉଥିବା ଅନ୍ୟ ଶ୍ରଦ୍ଧାଳୁ ମଣିଷମାନେ ଅବଶ୍ୟ ଥିବେ, ସେହି ସତ୍ୟଟିକୁ ସେମାନେ ମୋଟେ ଗମି ପାରନ୍ତି ନାହିଁ । ନିଜକୁହିଁ ସଂସାରରେ ଏକମାତ୍ର ଖାଣ୍ଟି ବୋଲି ବିଶ୍ୱାସ କଲେ ପୃଥିବୀର ଆଉ ସବୁକିଛି ଖାଦ ବୋଲି ମନେ ହୁଏ । ସେତେବେଳେ ନିଜର ଭାଷା ଦେବଭାଷା ହୁଏ, ନିଜର ଭୂମି ଦେବଭୂମି ହୁଏ ଏବଂ ନିଜର ଧର୍ମକୁ ସନାତନ ଧର୍ମ ବୋଲି କୁହାଯାଏ । ସେହି ଯୁକ୍ତିରେ ବାହାରେ ଥିବା ଅନ୍ୟମାନଙ୍କର ସ୍ଥାନ ନିରୂପଣ କରିଦେବା ନିମନ୍ତେ ସେମାନଙ୍କୁ ଅନାଦରରେ ବ୍ରାତ୍ୟ ବୋଲି କୁହାଯାଏ, ଯବନ ବୋଲି କୁହାଯାଏ, ମ୍ଳେଚ୍ଛ ବୋଲି କୁହାଯାଏ । ଏହି ତାମସା ପୃଥିବୀର ସବୁ ଧର୍ମରେ ହୋଇଛି, ଏବେ ମଧ ହେଉଛି । ନିଜ ସମୂହ ସହିତ ଏକାତ୍ମକ ହେବାକୁ ଯାଇ ଅନ୍ୟ ଯାବତୀୟ

ସମୂହକୁ ବିଜାତୀୟ ଓ ତେଣୁ ଅବରସ୍ତରୀୟ ବୋଲି କହିବା, ଏହି ଅଫିମଟି ଏବେ ମଧ୍ୟ ଆମକୁ ଆନନ୍ଦ ଦେଉଛି, ନାନା ମିଛ ପ୍ରତିଷ୍ଠାର ଗ୍ଲାନିକର ମୋହଗୁଡ଼ାକ ଭିତରେ ଆମକୁ ବାନ୍ଧି ରଖିଛି, ଭାରି ନିର୍ମମ କରି ରଖିଛି ।

ଏକାତ୍ମକତାର ବା ଚେତନାର ଏହି ସ୍ତରଟି ମଣିଷକୁ ତା'ର ଦେହଗତ ବା କେବଳ ଜୀବଗତ ସ୍ତରରୁ ବାହାର କରି ଆଣିବାରେ ଖୁବ୍ ସାହାଯ୍ୟ କରିଛି । ଅଥବା, ମନୁଷ୍ୟ ଜୀବନର କେତେ ପର୍ଯ୍ୟବେକ୍ଷକ ଯେପରି କହିଥା'ନ୍ତି, — ମଣିଷ ହୁଏତ ମର୍ମତଃ ସେହି ସୁଖବାଦୀ ବା ଦେହବାଦୀ ଏକାତ୍ମକତାର ସ୍ତରରେ ଏବେ ମଧ୍ୟ ରହିଛି, ମାତ୍ର ମୂଳତଃ ନିଜ ପ୍ରୟୋଜନର ବଶବର୍ତ୍ତୀ ହୋଇ ସିଏ ତାହାର ଗାରଗୁଡ଼ାକୁ ପରବର୍ତ୍ତୀ ପରିଚିତ ବୃତ୍ତଟି ମଧ୍ୟକୁ ଯାହା ଟିକିଏ ପ୍ରସାରିତ କରି ଦେଇଛି । ମୋର ଦେଶ ବା ସେହି ଦେଶର ସରକାର ଯାହା କହୁଛି, ତାହା ଅବଶ୍ୟ ଠିକ୍; ପୃଥିବୀ ପଛକେ ନରହୁ, କିନ୍ତୁ ମୋ ଜାତି ଅବଶ୍ୟ ରହିବ ଏବଂ ଯାହାକୁ ମୁଁ ଠିକ୍ ଆଦର୍ଶ ବୋଲି କହୁଛି, ଏହି ପୃଥିବୀରେ ଅବଶ୍ୟ ତାହାର ପ୍ରତିଷ୍ଠା ହେବ । ମୋର ଧର୍ମ, ମୋର ସଂସ୍କୃତି — ଏସବୁ ସମସ୍ତଙ୍କର ଧର୍ମ ଓ ସଂସ୍କୃତିଠାରୁ ବହୁତ ଅଧିକ ବଡ଼, — ଆମେମାନେ ସର୍ବପ୍ରଥମେ ଓଡ଼ିଆ ବା ସର୍ବପ୍ରଥମେ ଭାରତବାସୀ, ତା'ପରେ ଯାଇ ମଣିଷ; — ଏହି ସବୁକିଛି ସେହି କିଞ୍ଚିତ୍ ସମ୍ପ୍ରସାରଣର ଗୋଟିଏ ଗୋଟିଏ ଉଦାହରଣ । ସେହିପରି ଏକ ଦୁଷ୍ଟ ସୁଖବାଦ ଅଥବା ସ୍ୱାର୍ଥବାଦ ଦ୍ୱାରା ପ୍ରେରିତ ହୋଇ ଆଜି ପୃଥିବୀରେ ଗୋଷ୍ଠୀ ଗୋଷ୍ଠୀ ଭିତରେ ମାରାତ୍ମକ ବିବାଦ ଲାଗି ରହିଛି ଏବଂ ଭୟାନକ ତଥା ମହାଭୟାନକ ଅସ୍ତ୍ର-ପ୍ରତିଯୋଗିତା ଦ୍ୱାରା ବଡ଼ ବଡ଼ ରାଷ୍ଟ୍ରମାନେ ନିଜ ନିଜର ସଂହାର-ଶକ୍ତି ବଢ଼ାଇବାର ନାମରେ ସାରା ପୃଥିବୀଟାକୁ ଧ୍ୱଂସ କରିଦେବାକୁ ବାହାରିଛନ୍ତି । ପୃଥିବୀରେ ଏତେ ଏତେ ଧର୍ମ ରହିଛି, ଆଦର୍ଶବାଦଗୁଡ଼ିକ ବହୁ ସଂଖ୍ୟାରେ ଅଛନ୍ତି, ସୁଖର ସରଞ୍ଜାମ ଭର୍ତ୍ତି ହୋଇ ରହିଛି, ମାତ୍ର ଏକାତ୍ମତା ନାହିଁ, — ତେଣୁ ଆତ୍ମୀୟତା ନାହିଁ । ଆତ୍ମୀୟତା ନଥିବାରୁ ନିର୍ମମତାହିଁ ରାଜତ୍ୱ କରୁଛି । ସଭ୍ୟତା ଓ ନିର୍ମମତା ପରସ୍ପରର ମହାଶତ୍ରୁ ହୋଇଥିଲେ ମଧ୍ୟ ବହୁ ବିଡ଼ମ୍ବନା ସୃଷ୍ଟି କରି ପରସ୍ପରର ସହାବସ୍ଥିତି ହୋଇ ରହିଛନ୍ତି ।

ଏହି ଚେତନାର ବୃତ୍ତଟି ବାହାରେ ଆଉ ଗୋଟିଏ ବୃତ୍ତ ରହିଛି, ଯାହାକୁ କି ଆମେ ଆଧ୍ୟାତ୍ମିକ ଚେତନାର ବୃତ୍ତ ବୋଲି କହିପାରିବା । ସେଇଟି ଆମର creative becomingର ବୃତ୍ତ । ସେହି ବୃତ୍ତର କେନ୍ଦ୍ରଟି ଆମ ଭିତରେ ତଥା ଆମର ବାହାରେ । ଉପନିଷଦର ଭାଷାରେ କହିଲେ, 'ଅସ୍ମିନ୍ ଆତ୍ମନି ଏବଂ ଅସ୍ମିନ୍ ଆକାଶେ' । ଏକ ଭିତରେ ତଥା ଏହି ସମସ୍ତଟି ଭିତରେ । ତାହା ଆମ ଯାବତୀୟ ଆତ୍ମୀୟତାର ପିଣ୍ଡ ସ୍ୱରୂପ ଆମରି ଭିତରେ ରହିଛି ଏବଂ ସେହି ସକଳ ପିଣ୍ଡକୁ ଏକତ୍ର ଯୋଡ଼ିକରି, ସମଗ୍ର କରି ସମ୍ଭାଳି ଧରିଥିବା ସୂତ୍ରସ୍ୱରୂପ ମଧ୍ୟ ଭୁବନଯାକ ବ୍ୟାପ୍ତ ହୋଇ ରହିଛି । ନିଜର ଅସଲ ପିଣ୍ଡଟିକୁ ଆବିଷ୍କାର କରି ପାରିଲେ ଓ ସେହି କେନ୍ଦ୍ରରୁହିଁ ଜୀବନକୁ ବଞ୍ଚି ପାରିଲେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଭୁବନ ଯାକକୁ ଏକତ୍ର କରି ଧରିଥିବା ସୂତ୍ରଟି ମଧ୍ୟ ଦୃଷ୍ଟି ଗୋଚର ହୋଇଥାଏ । ଏକାବେଳେକେ ନିଜ ଭିତରର କେନ୍ଦ୍ର ଓ ନିଜ ବାହାରେ ରହିଥିବା ସୂତ୍ରଟିକୁ ସତକୁ ସତ ଅନୁଭବ କରିପାରିଲେ ଓ ସେହି ଅନୁଭବର ନିର୍ଦ୍ଦେଶ ଅନୁସାରେ ନିଜ ଜୀବନକୁ ବଞ୍ଚି ପାରିଲେ ସଂସାରରେ ଆଉ ଅଲଗା ହୋଇ ରହିବାର ଦୁର୍ଭାଗ୍ୟ ଭୋଗ କରିବାକୁ ପଡ଼େ ନାହିଁ । ଈଶୋପନିଷଦର ଭାଷାରେ, 'ତତଃ ନ ବିଜୁଗୁପ୍ସତେ' । ଆତ୍ମୀୟତାହିଁ ବିଜୁଗୁପ୍ସାକୁ ଅପସାରଣ କରିନିଏ । ବିଜୁଗୁପ୍ସା, ଅର୍ଥାତ୍ ଲୁଚି ରହିବାର ଇଚ୍ଛା, ଖିଅଗୁଡ଼ାକୁ କାଟି ପକାଇ ଅଲଗା ହୋଇ ରହିବାର ଇଚ୍ଛା, ଖିଅ କଟି ଯାଇଥିବା ମଣିଷ ସୁଖବାଦୀ ହୁଏ, ସ୍ୱାର୍ଥବାଦୀ ହୁଏ, ଅହଂବାଦୀ ହୁଏ । ଭୟହିଁ ତା' ଜୀବନର ସର୍ବମୂଳ ପ୍ରେରଣା ହୋଇ ରହିଥାଏ । ଭୟ ଦ୍ୱାରା ପ୍ରେରିତ ହୋଇହିଁ ଜଣେ ମଣିଷ ଆଉ ଜଣେ ମଣିଷକୁ ଗିଳି ପକାଇବାକୁ ମନ କରେ; କାଳେ ଆଉ କେହି ଆସି ମତେ ଗିଳି ପକାଇବେ, ସେଥିଲାଗି ଆଗତୁରା ଅନ୍ୟକୁ ଗିଳି ପକାଇବାକୁ ମନ ହୁଏ । ଆଜି ଆମ ସଂସାରରେ ଅସଲ ଆତ୍ମୀୟତାଟି ନାହିଁ, ତେଣୁ ନାନା ବିଷମତା ଦ୍ୱାରାହିଁ ଆମେ ପରସ୍ପର ପାଖରୁ ବିଲଗ, ବିଚ୍ୟୁତ ଏବଂ ବଞ୍ଚିତ ହୋଇ ରହିଛୁ । ସଂସାର ଭିତରେ ଅପରିମିତ ଲକ୍ଷ୍ମୀ ଭର୍ତ୍ତି ହୋଇ ରହିଥିଲେ ମଧ୍ୟ ଆମେ ବଡ଼ ଅଲକ୍ଷଣା ହୋଇ ରହିଛୁ । ଯାହାର କିଛି ନାହିଁ ସିଏ ତ ଅଲକ୍ଷଣା ହୋଇ ରହିଛି; ଏବଂ ଯାହା ପାଖରେ ଅତିରିକ୍ତ ଭାବରେ ଅଧିକ ରହିଛି ସିଏ ମଧ୍ୟ ଅତ୍ୟନ୍ତ ଅଲକ୍ଷଣା ହୋଇ ରହିଛି ।

ଆମର ଚେତନା ଯଦି ଆମର ଏହି ଭୟ, ସୁଖବାଦ ଏବଂ ମିଛ-ସତର୍କତାର କାନ୍ଥଗୁଡ଼ିକୁ ଭାଙ୍ଗି ବିଶ୍ୱସ୍ତରକୁ ଯାଇପାରନ୍ତା, ତେବେ ଏହି ପୃଥିବୀର ଜୀବନ ଅନ୍ୟ ଭଳି ହୋଇ ଯାଆନ୍ତା । ଏହି ଚେତନାକୁ ଆମେ କେବଳ ଏକ ରାଜନୀତିକ ମତବାଦର ଘେର ଭିତରେ ବାନ୍ଧି ରଖିଥିଲେ ତାହା କଦାପି ସମ୍ଭବ ହେବ ନାହିଁ । ଆମର ଆତ୍ମୀୟତା ବିଶ୍ୱସ୍ତରକୁ

ସ୍ପର୍ଶ କରି ପାରିଲେ ଯାଇ ଆମେ ଯଥାର୍ଥ ଦିଗରେ ଅଗ୍ରସର ହୋଇ ପାରିବା । ସେହି ଗୋଟିଏ ଦିବ୍ୟସତ୍ତାହିଁ ଏହି ସବୁକିଛିକୁ ସଞ୍ଚରି ରଖିଛି, – ଗୋଟିଏ ସୂତ୍ରରେ ଏବଂ ତେଣୁ ଗୋଟିଏ ନିୟତିରେହିଁ ବାନ୍ଧି ରଖିଛି, – ସେହି ଅନୁଭବକୁ ପ୍ରତ୍ୟକ୍ଷ ବିଶ୍ୱାସ ବା ଜୀବନ ସତ୍ୟରେ ପରିଣତ କରି ପାରିଲେ ଯାଇ ଆମେ ଉକ୍ତ ଯଥାର୍ଥ ଆତ୍ମୀୟତାର ବାହକ ହୋଇପାରିବା । ସେତେବେଳେ ଆମେ ସୁଖ କହିଲେ ବିଶ୍ୱ ସୁଖକୁ ବୁଝିବା,– ବିଦ୍ୟା କହିଲେ ସେତେବେଳେ ଏକ ସହଜ ପାରସ୍ପରିକତାକୁ ଭିତ୍ତି କରି ବର୍ତ୍ତମାନ ଆମକୁ ନାନା କ୍ଷୁଦ୍ରତାର ଅହଙ୍କାର ଏବଂ ତଜ୍ଜନିତ ଭୟ ଦ୍ୱାରା ପରସ୍ପରଠାରୁ ଅଲଗା କରି ରଖିଥିବା ଅନ୍ଧକାରଗୁଡ଼ିକ ଉପରେ ବିଜୟ ହାସଲ କରିବାକୁହିଁ ବୁଝାଇବ । ଆମ ଆତ୍ମୀୟତା ଅର୍ଥାତ୍ ଚେତନାର ବୃତ୍ତଟି ବିଶ୍ୱ-ପରିଧିକୁ ସ୍ପର୍ଶ କଲେ ବିଶ୍ୱର ଅର୍ଥନୀତି ବଦଳିଯିବ, ରାଜନୀତି ବଦଳିଯିବ, – ଅର୍ଥନୀତି ଓ ରାଜନୀତି ସମ୍ପୂର୍ଣ୍ଣ ଏକ ଅନ୍ୟ ବିବେକ ଦ୍ୱାରାହିଁ ପରିଚାଳିତ ହେବ । ବର୍ତ୍ତମାନ ପୃଥିବୀରେ ବ୍ୟକ୍ତିକୁ ତଥା ସମୂହଗୁଡ଼ିକୁ କାମୁଡ଼ି ଧରି ଥିବା ବହୁ ଭୟ ଏବଂ ବହୁବିଧ କୃପଣତା ସେତେବେଳେ ପ୍ରକୃତରେ ଭାରି ଅନାବଶ୍ୟକ ହୋଇ ପଡ଼ିବ । ମାଆଙ୍କ ଭାଷାରେ କହିଲେ, 'the things also will change' । ଚେତନାର ପରିବର୍ତ୍ତନ ଏବଂ ପୃଥ୍ୱୀ ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟରେ ସେତେବେଳେ ଆଉ କୌଣସି ବିସମ୍ବାଦ ରହିବ ନାହିଁ । ଶ୍ରୀଅରବିନ୍ଦ ''ମାନବ ଯୁଗଚକ୍ର'' ଗ୍ରନ୍ଥରେ ଯାହାକୁ ଏକ ଆଧ୍ୟାତ୍ମିକ ନୈରାଜ୍ୟବାଦର ବ୍ୟବସ୍ଥା ବୋଲି କହିଛନ୍ତି, ସେତେବେଳେ ଆମେ ବ୍ୟକ୍ତିଗତ ତଥା ସାମୂହିକ ଉଭୟ ଜୀବନରେ ସତକୁ ସତ ତାହାରି ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିବା ।

ସମସ୍ତ ବିଶ୍ୱ ସହିତ ଏକାବେଳେକେ ଚେତନାଯୁକ୍ତ ହୋଇ ରହିବା, ତାହାହିଁ ଦିବ୍ୟ ପରମସତ୍ତାଙ୍କ ସହିତ ସଚେତନ ଭାବରେ ଯୁକ୍ତ ହୋଇ ରହିବା । ଆଗେ ବିଶ୍ୱଠାରୁ ବିଚ୍ଛିନ୍ନ ହୋଇ ଚାଲି ଯାଇ ପାରିଲେ ତପସ୍ୟାର ସିଦ୍ଧି ହୋଇ ପାରିବ ବୋଲି କୁହାଯାଉଥିଲା । ସେହି ସିଦ୍ଧିକୁ କିଏ ନିର୍ବାଣ ବୋଲି କହୁଥିଲେ ତ ଆଉ କିଏ ମୁକ୍ତି ବା ମୋକ୍ଷ ବୋଲି କହୁଥିଲେ । ଏଠାରୁ ସୂତ୍ରଗୁଡ଼ିକୁ ଛିଣ୍ଡାଇ ନେଇ ପାରିଲେ ଯାଇ ମଣିଷ ଭଗବାନଙ୍କ ସହିତ ଯୁକ୍ତ ହୋଇପାରିବ ବୋଲି ସୁଧୀମାନେ ପରାମର୍ଶ ଦେଉଥିଲେ । ଖିଅ ଛିଣ୍ଡାଇବାର ସେହି ଦୁର୍ଗତିରେ ଆମେ ବର୍ତ୍ତମାନର ଦୁରବସ୍ଥା ଯାଏ ଆସିଲୁଣି । ଆମ ପାଦତଳର ଭୂଇଁ ସହିତ ଆମ କଳ୍ପନା ରାଜ୍ୟର ଆଦର୍ଶ-ସ୍ୱପ୍ନଗୁଡ଼ିକ ସହିତ ଆଉ ପ୍ରାୟ କୌଣସି ସମ୍ବନ୍ଧ ନାହିଁ । ନିଜ ଭିତରେ ତଥା ନିଜ ବାହାରେ ଆମର ବିଶ୍ୱମୟ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ମଧ୍ୟ ଆମେ ବହୁ ବିଭାଜିତ ହୋଇ ରହିଛୁ । ନାନା ବିରକ୍ତି ଓ ବୈରାଗ୍ୟ ଆମର ଅସଲ ଅନୁରାଗଗୁଡ଼ିକୁ ଭାରି ବିକୃତ କରି ପକାଇଲାଣି । କେବଳ ଏକ ଭିନ୍ନ ଚେତନାହିଁ ଭାଙ୍ଗି ଯାଇଥିବା ସମ୍ବନ୍ଧଗୁଡ଼ିକୁ ଯୋଡ଼ି ଆଣି ପାରିବ, ଅନ୍ୟ ଚେତନା ଅର୍ଥାତ୍ ଏକ ଅନ୍ୟ ପ୍ରକାରର ଏକାତ୍ମକତା, ଅନ୍ୟ ପ୍ରକାରର ଆତ୍ମୀୟତା । ଆମ ଗଭୀରତମ ଅଭୀପ୍ସାଗୁଡ଼ିକ ଯଥାର୍ଥରେ ଆଧ୍ୟାତ୍ମିକ ହୋଇପାରିଲେ ଯାଇ ତାହା ସମ୍ଭବ ହେବ ।

ଇଏ ହେଉଛି ଏକ ଅନ୍ୟ ପ୍ରକାର ବାଟ, ଏଥିଲାଗି ସମ୍ପୂର୍ଣ୍ଣ ଭାବରେ ଅନ୍ୟ ପ୍ରକାରର ଏକ ଅନୁରାଗ ଆବଶ୍ୟକ । ଆମ ହୃଦୟର ଅସଲ କେନ୍ଦ୍ରରେ ଆମେ ସେହି ଅନୁରାଗ ଲାଗି ପ୍ରାର୍ଥନା କରିବା ଓ ତାହାରି ଦ୍ୱାରାହିଁ ସେହି ଅନୁରାଗର ଭାଜନ ହେବା । ଅନୁରାଗର ସେହି କ୍ଷେତ୍ରରେ କୌଣସି ଭୟ ନାହିଁ, କୌଣସି କୃପଣତା କିଂବା କୃତ୍ରିମତା ମଧ୍ୟ ନାହିଁ । ସେଠାରେ ସିଦ୍ଧି କହିଲେ ଭଗବାନଙ୍କଠାରୁ ସ୍ୱତନ୍ତ୍ର ଭାବରେ କିଛି ଅଧିକ ଆତ୍ମସାତ୍ କରି, ଆଉ ପନ୍ଦର ଜଣଙ୍କ ତୁଳନାରେ ଅଧିକ ଉଚ୍ଚରେ ଯାଇ ବସିବା ବା ଅଧିକ ଉଚ୍ଚ ହୋଇ ଦିଶିବାକୁ ମୋଟେ ବୁଝାଇବ ନାହିଁ । ସିଦ୍ଧି ଲାଭ କରିବାର ଅର୍ଥ ହେଉଛି କାମରେ ଲାଗିବା, ଅଧିକରୁ ଅଧିକ କାମରେ ଲାଗିବା, କେବଳ ତାଙ୍କରି କାମରେ ଲାଗିବା । ତାଙ୍କଠାରୁ ବର ମାଗିନେଇ ଆପଣାର କୌଣସି ଅଲଗା ଗମ୍ଭୀରି ଭିତରେ ଆବଦ୍ଧ ହୋଇ ରହିବା ଆଦୌ ତାହା ନୁହେଁ । ତେଣୁ, ଚେତନା ହେଉଛି ଏକ ଏକାତ୍ମକତା; ଏକାତ୍ମକତାର ସେହି ସମ୍ପ୍ରସାରଣର-କ୍ରମରେ ଆମେ ଆପଣା ଅନୁରାଗର ଏପରି ଏକ ଭୂମିରେ ଯାଇ ପହଞ୍ଚିବା, ଯେଉଁଠାରେ କି ପ୍ରତ୍ୟେକଟି ସୂତ୍ର ଦ୍ୱାରା ସମଗ୍ର ଭୁବନ ଏକତ୍ର ବାନ୍ଧି ହୋଇ ରହିଥିବ ଏବଂ ଆମେ ନିଜେ ମଧ୍ୟ ସେହି ସମଗ୍ରତା ସହିତ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ବାନ୍ଧି ହୋଇ ରହିଥିବା । ଏହିପରି ଏକ ଭବିଷ୍ୟ ଅନ୍ତରଙ୍ଗତା ଲାଗି ପୃଥିବୀ ପ୍ରସ୍ତୁତ ହେଉଛି । ଆମେ ସେହି ପ୍ରସ୍ତୁତି ସହିତ ସମ୍ମିଳିତ ହେବା । ଅଧିକରୁ ଅଧିକ ଚେତନା ଅର୍ଥାତ୍ ଅଧିକରୁ ଅଧିକ ଏକାତ୍ମକତା ଦ୍ୱାରାହିଁ ଆମେ ସେଇଟି ସହିତ ସମ୍ମିଳିତ ହୋଇ ପାରିବା । ✜

ସାଧନା-ପରମ୍ପରା :

# ଅଷ୍ଟାବକ୍ର ସଂହିତା

### ଅଷ୍ଟମ ପ୍ରକରଣ – ବନ୍ଧମୋକ୍ଷ ବ୍ୟବସ୍ଥା

ଯେତେବେଳେ ଚିତ୍ତ କୌଣସି ବିଷୟ ବାଞ୍ଛା କରେ ବା କୌଣସି କାରଣରୁ ଶୋଚନା କରେ, କିଛି ତ୍ୟାଗ କରେ ବା କିଛି ଗ୍ରହଣ କରେ, ହୃଷ୍ଟ ହୁଏ ବା କୋପ କରେ ସେତେବେଳେ ତାହାକୁ ବନ୍ଧନ ବୋଲି ଜାଣିବ । ଯେତେବେଳେ ଚିତ୍ତରେ କୌଣସି ବାଞ୍ଛା ନ ଥାଏ, କୌଣସି ଶୋଚନା ନ ଥାଏ, କିଛି ତ୍ୟାଗ କରେ ନାହିଁ ବା କିଛି ଗ୍ରହଣ କରେ ନାହିଁ, ହୃଷ୍ଟ ହୁଏ ନାହିଁ ବା କୋପ କରେ ନାହିଁ ସେତେବେଳେ ତାହାକୁ ମୁକ୍ତି ବୋଲି ଜାଣିବ । ଯେତେବେଳେ ଚିତ୍ତ କୌଣସି ଦୃଶ୍ୟମାନ ବିଷୟ ପ୍ରତି ଆସକ୍ତ ହୁଏ, ସେତେବେଳେହିଁ ବନ୍ଧନ ଏବଂ ଚିତ୍ତ କୌଣସି ଦୃଶ୍ୟମାନ ବସ୍ତୁ ପ୍ରତି ଆସକ୍ତ ହୁଏ ନାହିଁ, ସେତେବେଳେହିଁ ମୁକ୍ତି । ଯେତେବେଳେ ଅହଂ ବା 'ମୁଁ' ଜ୍ଞାନ ନ ଥାଏ ସେତେବେଳେହିଁ ମୁକ୍ତି ଓ ଯେତେବେଳେ 'ମୁଁ' ଜ୍ଞାନ ଥାଏ ସେତେବେଳେହିଁ ବନ୍ଧନ । ଏହା ବିବେଚନା କରି ହେଳାବଶତଃ କିଛି ବି ଗ୍ରହଣ କର ନାହିଁ, କିଛି ବି ତ୍ୟାଗ କର ନାହିଁ ।

### ନବମ ପ୍ରକରଣ – ନିର୍ବେଦାଷ୍ଟକ

କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ଦ୍ୱନ୍ଦ୍ୱ କେବେ ଅବା କାହାର ଶାନ୍ତ ହୁଏ କି ? ଏହା ଜାଣି ନିର୍ବେଦ ହୁଅ, ଅନାସକ୍ତ ଓ ତ୍ୟାଗ-ପରାୟଣ ହୁଅ । ସଂସାରରେ ଲୋକମାନଙ୍କର ଚେଷ୍ଟା ପରାୟଣତା ଦେଖି କେବେ କେବେ କୌଣସି ଧନ୍ୟ ବ୍ୟକ୍ତିର ଜୀବନର ଇଚ୍ଛା, ଭୋଗର ଇଚ୍ଛା ଓ ଜ୍ଞାନର ଇଚ୍ଛା ଉପଶମ ଓ ଶାନ୍ତ ହୋଇଯାଏ । ଏହି ସଂସାରରେ ସବୁକିଛିହିଁ ଅନିତ୍ୟ, ତ୍ରିତାପ ଦୂଷିତ, ଅସାର, ନିନ୍ଦିତ ଓ ହେୟ – ଏହି ନିଶ୍ଚିତ ଜ୍ଞାନ ଲାଭ କରି କେହି କେହି ବ୍ୟକ୍ତି ଶାନ୍ତ ହୋଇ ଯାଆନ୍ତି । କାଳ କ'ଣ, ବୟସ ବା କ'ଣ, ସୁଖ, ଦୁଃଖ ଆଦି ଦ୍ୱନ୍ଦ୍ୱଭାବ ବା କ'ଣ ? ଏହି ସମସ୍ତ କିଛି ପ୍ରତି ଏକ ଉପେକ୍ଷା ଭାବ ରଖି କେହି କେହି ବ୍ୟକ୍ତି ଯଥା ସମୟରେ ସିଦ୍ଧି ପ୍ରାପ୍ତ ହୁଅନ୍ତି ।

ମହର୍ଷିଗଣଙ୍କର ମତ, ସାଧୁଗଣଙ୍କର ମତ ଓ ଯୋଗିଗଣଙ୍କର ମତ ଭିନ୍ନ ଭିନ୍ନ, ଏହା ଦେଖି କେଉଁ ମାନବ ନିର୍ବେଦଗ୍ରସ୍ତ ହୋଇ ଶାନ୍ତଭାବ ପ୍ରାପ୍ତ ନ ହେବ ? ଗୁରୁଦେବ ଚିନ୍ମୟ ଆତ୍ମାର ସ୍ୱରୂପ ବୁଝାଇ, ନିର୍ବେଦ ଓ ସମତା ଭାବ ଅବଲମ୍ବନ ପୂର୍ବକ ପରିତ୍ରାଣ କରନ୍ତି । ଭୂତ ମାତ୍ରେହିଁ (ଦେହେନ୍ଦ୍ରିୟାଦି) ଯଥାର୍ଥରେ ଭୂତ ବିକାରଗ୍ରସ୍ତ, ଏହା ଦେଖି ପାରିଲେ ତତ୍‌କ୍ଷଣାତ୍ ବନ୍ଧନମୁକ୍ତ ହୋଇ ସ୍ୱରୂପରେ ଅବସ୍ଥାନ କରିପାରିବ । ବାସନାହିଁ ସଂସାର, ଏହା ବିବେଚନା କରି ବାସନା ତ୍ୟାଗ କରି ପାରିଲେ ତୁମେ ଯେଉଁଠି ସେଇଠି ନିଜର ଯଥାର୍ଥ ସ୍ଥିତିରେ ରହିପାରିବ ।

### ଦଶମ ପ୍ରକରଣ – ଉପଶମାଷ୍ଟକ

ସବୁ ଅନର୍ଥର ମୂଳ ମହାଶତ୍ରୁ କାମ ଓ ଅର୍ଥକୁ ପରିହାର କର ଓ ଏହି ଉଭୟର ହେତୁରୂପେ ଯେଉଁ ତଥାକଥିତ ଧର୍ମର ଉତ୍ପତ୍ତି ହୋଇଥାଏ, ତାହା ପ୍ରତି ସର୍ବଦା ଅନାଦର ପ୍ରଦର୍ଶନ କର । ଦେଖ ମିତ୍ର, କ୍ଷେତ୍ର, ଧନ, ଗୃହ, ସ୍ତ୍ରୀ, ଜ୍ଞାତି ଆଦି ସମସ୍ତ ସଂପଦ ସ୍ୱପ୍ନ ଓ ଇନ୍ଦ୍ରଜାଲ ପରି ମାତ୍ର ତିନି ଦିନ ବା ପାଞ୍ଚ ଦିନ ପାଇଁ ସ୍ଥାୟୀ ରହନ୍ତି । ଯେଉଁଠି ଯେଉଁଠି ତୁମ ଭିତରେ ତୃଷ୍ଣାର ଉଦୟ ହେବ, ଜାଣିବ ସେଇଠିହିଁ ସଂସାର ବିଧି ରହିଛି; ସୁତରାଂ ପ୍ରଗାଢ଼ ବୈରାଗ୍ୟ ଉପରେ ଆସ୍ଥା ରଖି, ସେହି ବିଷୟଗୁଡ଼ିକ ସଂପର୍କରେ ବୀତତୃଷ୍ଣ ହୋଇ ସୁଖୀ ହୁଅ । ତୃଷ୍ଣାମାତ୍ରେହିଁ ବନ୍ଧନ ଓ ତାହାର ବିନାଶହିଁ ମୋକ୍ଷ । ତେଣୁ ସଂସାର ପ୍ରତି ଆସକ୍ତି-ତ୍ୟାଗ କରି ତୁମେ ମୁହୁର୍ମୁହୁଃ ତୃପ୍ତି ଓ ସନ୍ତୋଷ ଲାଭ କର ।

ତୁମେ ଶୁଦ୍ଧ ଚୈତନ୍ୟ ସ୍ୱରୂପ ଓ ଏହି ବିଶ୍ୱ ଜଡ଼ ଓ ଅସତ୍ । ତୁମ ଭିତରେ କିଞ୍ଚିତ୍ ଅବିଦ୍ୟା ବି ନାହିଁ ତଥାପି ତାହାକୁ ଦୂର କରିବାରେ ତୁମର କୁଣ୍ଠା କାହିଁକି ? ତୁମେ ଜନ୍ମ ଜନ୍ମ ଧରି ରାଜ୍ୟ, ପୁତ୍ର, କଳତ୍ର, ଦେହ ଓ ସୁଖପ୍ରାପ୍ତ ହୋଇ ତହିଁରେ ଆସକ୍ତ ହୋଇଛ, ତଥାପି ସେ ସମସ୍ତହିଁ ନଷ୍ଟ ହୋଇଯାଇଛି । ଅର୍ଥ ଓ କାମରେ ଆଉ ପ୍ରୟୋଜନ କ'ଣ, ସୁକୃତ କର୍ମର ମଧ୍ୟ ଆଉ କ'ଣ ପ୍ରୟୋଜନ ? ଏହି ସଂସାର-କାନ୍ତାରରେ ଆଉ ସେଗୁଡ଼ିକ ଦ୍ୱାରା ଚିତ୍ତ ବିଶ୍ରାନ୍ତି ଲାଭ କରିପାରିବ ନାହିଁ, କେତେ

ବାର ଓ କେତେ ଜନ୍ମ ଧରି ତୁମେ କାୟମନୋବାକ୍ୟରେ ଦୁଃଖପ୍ରଦ ଓ ଆୟାସସାଧ୍ୟ କର୍ମରେ ଲିପ୍ତ ହୋଇଛ, ବର୍ତ୍ତମାନ ସେସବୁଥିରୁ ବିରତ ହୁଅ ।

### ଏକାଦଶ ପ୍ରକରଣ – ଜ୍ଞାନାଷ୍ଟକ

ଭାବ ଓ ଅଭାବର ବିକାର ହେଉଛି ଏହି ସଂସାରର ସ୍ୱଭାବ, ଯେଉଁ ବ୍ୟକ୍ତି ଏହା ନିଶ୍ଚିତ ଭାବରେ ଜାଣେ ସେ ନିର୍ବିକାର ଓ ବିଗତ-କ୍ଲେଶ ହୋଇ ଅନାୟାସରେ ଉପଶମ ଲାଭ କରେ । ଈଶ୍ୱର ହେଉଛନ୍ତି ସର୍ବନିୟନ୍ତା । ତାଙ୍କ ବ୍ୟତୀତ ସଂସାରରେ ଆଉ କିଛି ନାହିଁ, ଯେଉଁ ବ୍ୟକ୍ତି ଏବିଷୟରେ ସ୍ଥିର-ନିଶ୍ଚୟ ତାଙ୍କର ସମସ୍ତ କାମନା ବିନଷ୍ଟ ହୁଏ ଓ ସେ କୌଣସି କିଛିରେ ଆସକ୍ତ ବା ଜଡ଼ିତ ନ ହୋଇ ଶାନ୍ତି ଲାଭ କରନ୍ତି । ଆପଦ ଓ ସଂପଦ ଏହି ଦୁଇଟି ଜିନିଷ ଦୈବବଶରେ ଯଥାକାଳରେ ଉପସ୍ଥିତ ହୁଅନ୍ତି । ଏସଂପର୍କରେ ଯେ ନିଶ୍ଚିତ ହୁଅନ୍ତି, ସେ ସଦାତୃପ୍ତ ଓ ସୁସ୍ଥେନ୍ଦ୍ରିୟ ହୋଇ ବାସ କରନ୍ତି, ତାଙ୍କର କୌଣସି ବାଞ୍ଛା ନ ଥାଏ କି କୌଣସି ଶୋଚନା ନ ଥାଏ । ସୁଖ-ଦୁଃଖ ଓ ଜନ୍ମ-ମୃତ୍ୟୁ ଦୈବବଶରେ ଯଥା କାଳରେ ଆସିଥାଏ, ଯେଉଁ ବ୍ୟକ୍ତି ଏହା ନିଶ୍ଚିତ ଭାବରେ ଜାଣନ୍ତି ସେ କେବେହେଲେ ସାଧ୍ୟଦର୍ଶୀ ହୁଅନ୍ତି ନାହିଁ (ଅର୍ଥାତ୍ ଏହି ଫଳ ପ୍ରାପ୍ତି ମୋର ସାଧ୍ୟ – ଏହା ଭାବନ୍ତି ନାହିଁ) ।

ଏବଂ ସେ ଆୟାସଶୂନ୍ୟ ହୋଇ କର୍ମ କରିଲେ ବି ତହିଁରେ ଲିପ୍ତ ହୁଅନ୍ତି ନାହିଁ ।

ଚିନ୍ତା ଫଳରେହିଁ ଦୁଃଖ ଉତ୍ପନ୍ନ ହୁଏ, ଅନ୍ୟଥା ନୁହେଁ – ଏସଂପର୍କରେ ଯେ ସ୍ଥିର-ନିଶ୍ଚୟ ହୋଇଥାଆନ୍ତି ସେ ଚିନ୍ତା ବିହୀନ ହୋଇ ସୁଖୀ, ଶାନ୍ତ ଓ ସବୁବିଷୟରେ ନିଃସ୍ପୃହ ହୋଇ ରହନ୍ତି । ମୁଁ ଦେହ ନୁହେଁ ଓ ଏହି ଦେହ ମଧ୍ୟ ମୋର ନୁହେଁ, ଏସଂପର୍କରେ ଯେ ସ୍ଥିର ନିଶ୍ଚିତ ହୋଇଥାଆନ୍ତି, ସେହି ବ୍ୟକ୍ତିହିଁ କୈବଲ୍ୟଲାଭ କରନ୍ତି, ସେ କୃତ ବା ଅକୃତ କାର୍ଯ୍ୟ ହେବା କଥା ସ୍ମରଣ କରନ୍ତି ନାହିଁ । ଆବ୍ରହ୍ମସ୍ତମ୍ଭ ପର୍ଯ୍ୟନ୍ତ ସର୍ବତ୍ରହିଁ ମୁଁ ବିଦ୍ୟମାନ, ଯାହାଙ୍କର ଏହି ସ୍ଥିର ଜ୍ଞାନ ହୋଇଥାଏ ସେ ସର୍ବଦା ନିର୍ବିକଳ୍ପ, ପବିତ୍ର ଓ ପ୍ରଶାନ୍ତ ହୋଇ ରହିଥାଆନ୍ତି, ପ୍ରାପ୍ତି ବା ଅପ୍ରାପ୍ତି ସବୁଥିରୁ ସେ ନିବୃତ୍ତ ହୋଇ ରହିଥାଆନ୍ତି । ଏହି ବିଶ୍ୱ ନାନା ଅଦ୍ଭୁତ ବସ୍ତୁରେ ପୂର୍ଣ୍ଣ, ଅଥଚ ଏହା କିଛି ବି ନୁହେଁ, ଯେ ଏହା ସ୍ଥିର-ନିଶ୍ଚୟ ଭାବରେ ଜାଣନ୍ତି ସେ ବାସନାଶୂନ୍ୟ ଓ ସ୍ଫୂର୍ତ୍ତିମାନ୍ ହୁଅନ୍ତି ଏବଂ ଏହି ସଂସାର କିଛି ବି ନୁହେଁ – ଏହି ଜ୍ଞାନ ପ୍ରାପ୍ତ ହୋଇ ଶାନ୍ତି ଲାଭ କରନ୍ତି ।

### ଦ୍ୱାଦଶ ପ୍ରକରଣ (ଅହମେବାଷ୍ଟକ)

ପ୍ରଥମତଃ ମୁଁ ଶାରୀରିକ କାର୍ଯ୍ୟରେ ଆସକ୍ତ ନୁହେଁ; ସୁତରାଂ ବାକ୍ ଆଦିର ବିସ୍ତାରରେ ମୋର ସ୍ପୃହା ନାହିଁ; ତା'ପରେ କୌଣସି ପ୍ରକାର ଚିନ୍ତା କରିବାରେ ମଧ୍ୟ ମୋର ସ୍ପୃହା ନାହିଁ, ତେଣୁ ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୧। ଶବ୍ଦ ଆଦି ପ୍ରତି ପ୍ରୀତିର ଅଭାବ ସହ ଆତ୍ମା ଅଦୃଶ୍ୟ, ସୁତରାଂ ମୋର ହୃଦୟ ବିକ୍ଷେପ ଶୂନ୍ୟ ଓ ଏକାଗ୍ର; ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୨। ମୋର ଯଦି କର୍ତ୍ତୃତ୍ୱ ଆଦିର ଭାବ ଥାଆନ୍ତା, ତା'ହେଲେ ସେଗୁଡ଼ିକ ଦୂର କରିବାକୁ ସମାଧିର ପ୍ରୟୋଜନ ହୁଅନ୍ତା, କିନ୍ତୁ ମୋର ସେସବୁ କିଛି ନାହିଁ, ତେଣୁ ସମାଧିର କୌଣସି ପ୍ରୟୋଜନ ନାହିଁ, ଏହା ଦେଖି ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୩। ହେ ବ୍ରହ୍ମନ୍, ମୋ ପାଇଁ ହେୟ ବି କିଛି ନାହିଁ, ଉପାଦେୟ ବି କିଛି ନାହିଁ; ମୋର ହର୍ଷ ବି ନାହିଁ, ବିଷାଦ ବି ନାହିଁ, ଏସବୁର ଅଭାବ ହେତୁ ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୪।

ଆଶ୍ରମ, ଅନାଶ୍ରମ, ଧ୍ୟାନ, ଚିତ୍ତର ସ୍ୱୀକୃତି ବିଷୟର ବର୍ଜନ – ଏସବୁହିଁ କଳ୍ପନା ମାତ୍ର । ଏହା ବିବେଚନା କରି ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୫। ଅଜ୍ଞାନରୁହିଁ କର୍ମର ଅନୁଷ୍ଠାନ କରାଯାଏ ଏବଂ ଅଜ୍ଞାନ ହେତୁହିଁ ତହିଁରୁ ବିରତି ଲାଭ କରାଯାଏ, ସମ୍ୟକ୍ ରୂପେ ଏହି ତତ୍ତ୍ୱ ବୁଝି ମୁଁ ଏହି ଭାବରେହିଁ ଅବସ୍ଥିତ ରହିଛି ।୬। ଆତ୍ମା ଅଚିନ୍ତ୍ୟ, ଏହିଭଳି ଭାବନା କରିଲେହିଁ ଆତ୍ମା ଚିନ୍ତାର ବିଷୟ ହୋଇଥାଏ, ତେଣୁ ମୁଁ ସେହି ସମସ୍ତ ଚିନ୍ତା ପରିତ୍ୟାଗ କରି ଏହି ଭାବରେହିଁ ଅବସ୍ଥାନ କରୁଛି ।୭। ଯେଉଁ ବ୍ୟକ୍ତି ଏହିଭଳି କରନ୍ତି ସେ କୃତାର୍ଥ ହୋଇ ଯାଆନ୍ତି, ଯାହାର ସ୍ୱଭାବ ଏହିଭଳି ସେ ମଧ୍ୟ କୃତାର୍ଥ ହୋଇ ଥାଆନ୍ତି ।୮।

### ତ୍ରୟୋଦଶ ପ୍ରକରଣ (ସୁଖ ସପ୍ତକ)

ଅକିଞ୍ଚନତ୍ୱରୁ ମିଳୁଥିବା ସ୍ୱାସ୍ଥ୍ୟ କୌପୀନଧାରୀମାନଙ୍କ ପାଇଁ ମଧ୍ୟ ଦୁର୍ଲଭ । ତେଣୁ ତ୍ୟାଗ ଓ ଗ୍ରହଣ କରିବାର ଭାବକୁ ପରିହାର କରି ମୁଁ ଯଥା ସୁଖରେ ଅବସ୍ଥାନ କରୁଛି ।୧। କେଉଁ ସ୍ଥାନରେ ଶରୀରର କ୍ଲେଶ, କେଉଁଠି ଜିହ୍ୱାର କ୍ଲେଶ, କେଉଁଠି

ବା ମନର କ୍ଳେଶ; ମୁଁ ଏସମସ୍ତ ପରିତ୍ୟାଗ କରି ପୁରୁଷାର୍ଥ ନେଇ ସୁଖରେ ଅବସ୍ଥାନ କରୁଛି ।୨। ମୋର କିଛି ବି କର୍ତ୍ତବ୍ୟ ନାହିଁ, ତତ୍ତ୍ୱତଃ ଏହାହିଁ ଚିନ୍ତା କରି ଯେତେବେଳେ ଯେଉଁ କାର୍ଯ୍ୟ ଉପସ୍ଥିତ ହୁଏ ତାହା ସଂପନ୍ନ କରି ମୁଁ ସୁଖରେ ଅବସ୍ଥାନ କରୁଛି ।୩। ଯେଉଁ ଯୋଗୀମାନେ ଦେହର ଆସକ୍ତ ହୋଇ ରହିଥାଆନ୍ତି ସେମାନଙ୍କ ଭିତରେ କର୍ମ, ନିଷ୍କର୍ମ ଓ ନିର୍ବନ୍ଧ ଆଦିର ଭାବ ରୁହେ; ଦେହ ସଙ୍ଗେ ମୋର ସଂଯୋଗ ନାହିଁ କି ଅଯୋଗ ନାହିଁ, ତେଣୁ ସେସବୁ ଭାବ ତ୍ୟାଗ କରି ମୁଁ ଯଥା ସୁଖରେ ଅବସ୍ଥାନ କରୁଛି ।୪।

ସ୍ଥିତି ବା ଗତି ବା ଶୟନ କୌଣସିଥିରେ ମୋର କୌଣସି ଅର୍ଥ, ଅନର୍ଥ ବା ଇଷ୍ଟାନିଷ୍ଟ ଭାବ ନାହିଁ, କେଉଁଠି ଉପବେଶନ କରିବାକୁ ହେଲେ ବା କେଉଁଠାକୁ ଗମନ କରିବାକୁ ହେଲେ ବା କେଉଁଠି ଶୟନ କରିବାକୁ ହେଲେ ମୁଁ ନିର୍ଲିପ୍ତ ଭାବରେ ତାହା କରିଥାଏ, ତେଣୁ ଏସମସ୍ତ ଅବସ୍ଥାରେ ମୁଁ ଯଥା ସୁଖରେ ଅବସ୍ଥାନ କରିଥାଏ ।୫। ନିଦ୍ରାରେ ମୋର କୌଣସି ହାନି ନାହିଁ ବା ସିଦ୍ଧି ଲାଭ ପାଇଁ ମୁଁ ଯତ୍ନ କରେ ନାହିଁ; ହର୍ଷ ବିଷାଦ ପରିତ୍ୟାଗ କରି ମୁଁ ଯଥା ସୁଖରେ ଅବସ୍ଥାନ କରୁଛି ।୬। ସଂସାରରେ ସକଳ ପଦାର୍ଥରେ ସୁଖ-ଦୁଃଖାଦି ଅନିୟମ ଦର୍ଶନ କରି ମୁଁ ସମସ୍ତ ଶୁଭାଶୁଭକୁ ପରିତ୍ୟାଗ କରି ଯଥା ସୁଖରେ ଅବସ୍ଥାନ କରୁଛି ।୭।

## ଚତୁର୍ଦ୍ଦଶ ପ୍ରକରଣ (ଶାନ୍ତି ଚତୁଷ୍କ)

ଯେ ସ୍ୱଭାବତଃ ଶୂନ୍ୟଚିତ୍ତ, କିନ୍ତୁ ପ୍ରମାଦ ବଶରେ ବିଷୟ ଭାବନାରେ ରତ, ସେ ପ୍ରଥମେ ନିଦ୍ରିତ ଓ ପରେ ବୋଧିତ ବ୍ୟକ୍ତି ପରି କ୍ଷୀଣସ୍ମୃତି ସଂପନ୍ନ ହୁଅନ୍ତି ।୧। ମୋର ଯେତେବେଳେ ସମସ୍ତ ବାସନା ବିନାଶ ହୋଇଛି ସେତେବେଳେ ମୋର ଧନ ବା କେଉଁଠି, ମିତ୍ର ବା କେଉଁଠି, ବିଷୟରୂପକ ଦସ୍ୟୁମାନେ ବି କେଉଁଠି, ଶାସ୍ତ୍ର ବା କେଉଁଠି ଓ ବିଜ୍ଞାନ ବା କେଉଁଠି ।୨। ସାକ୍ଷିପୁରୁଷ, ଈଶ୍ୱର ଓ ପରମାତ୍ମାଙ୍କୁ ମୁଁ ଯେତେବେଳେ ଜ୍ଞାତ ହୋଇଛି ସେତେବେଳେ ମୋର ନୈରାଶ୍ୟ ଓ ବନ୍ଧ-ମୋକ୍ଷ ଭାବ ଦୂର ହୋଇ ଯାଇଛି, ମୁକ୍ତି ପାଇଁ ମଧ୍ୟ ମୋର ଚିନ୍ତା ନାହିଁ ।୩। ଯେ ଅନ୍ତରରେ ବିକଳ୍ପ ଶୂନ୍ୟ ଓ ବାହାରେ ସ୍ୱଚ୍ଛନ୍ଦ-ଚାରୀ, ସେ ଭ୍ରାନ୍ତ ବ୍ୟକ୍ତିମାନଙ୍କର ନାନା ଦିଶା ଓ ଅବସ୍ଥାକୁ ଜାଣି ପାରନ୍ତି ।୪।

(କ୍ରମଶଃ)

ଯଦି... ଯଦି ଜଣେ ସରଳ ଭାବରେ, ସମଗ୍ର ଭାବରେ ଓ ସର୍ତ୍ତହୀନ ଭାବରେ ନିଜକୁ ଦେଇଦିଏ, ଯଦି ପରମ ସତ୍ୟ, ପରମ ସଂକଳ୍ପ, ପରମ ସତ୍ତା ପାଖରେ ସେ ନିଜକୁ ସମର୍ପଣ କରେ ଓ କୌଣସି ହିସାବ କିତାବ ନ କରି ସମଗ୍ର ସତ୍ତା ଓ ସତ୍ତାର ସମଗ୍ର ଉପାଦାନର ଏକ ବିପୁଳ ଉଦ୍ଦୀପନା ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କରି ହାତରେ ଛାଡ଼ିଦିଏ ତା'ହେଲେ ଅହଂର ବିଲୋପ ପାଇଁ ତାହାହିଁ ହେବ ସବୁଠୁ ଦ୍ରୁତ ଓ ମୌଳିକ ମାର୍ଗ । ଲୋକମାନେ କହିବେ ଯେ ଏହା କରିବା ଖୁବ୍ କଷ୍ଟସାଧ କିନ୍ତୁ ଏହି ମାର୍ଗରେ ଅନ୍ତତଃ ଏକ ଉଷ୍ଣତା ଅଛି, ଏକ ଉଦ୍ଦୀପନା, ଏକ ଉତ୍ସାହ, ଏକ ଆଲୋକ ଓ ଏକ ସୌନ୍ଦର୍ଯ୍ୟ ରହିଛି, ଏକ ପ୍ରତ୍ୟୟଭରା ସୃଜନଶୀଳ ଜୀବନ ରହିଛି ... ।

ଏବଂ ଏହି ମାର୍ଗଟିକୁ ମୁଁ ଅସ୍ତିବାଚକ, ସକାରାତ୍ମକ ମାର୍ଗ ବୋଲି କୁହେ, ଏହି ଆତ୍ମ-ନିବେଦନ ହେଉଛି ପୂର୍ଣ୍ଣାଙ୍ଗ, ସାମଗ୍ରିକ ଓ ସମ୍ପୂର୍ଣ୍ଣ, ଯେଉଁଥିରେ ନିଜ ପାଇଁ କୌଣସି କିଛି ସାଇତି ରଖିବାର ଭାବ ନାହିଁ, ଯେଉଁଥିରେ କୌଣସି ମୂଲଚାଲ କରିବାର ଭାବ ନାହିଁ ।

— ଶ୍ରୀମା

ଅନ୍ତରାଳ ଜଗତ୍ :

# ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି

## ଶ୍ରୀମା

*ପ୍ରଶ୍ନ : ମୃତ୍ୟୁ ପରେ ଅନ୍ତର୍ସତ୍ତା କ'ଣ ଅଗ୍ରଗତି କରି ଚାଲିଥାଏ ?*

**ଶ୍ରୀମା** : ଏହା ପୂରାପୂରି ବ୍ୟକ୍ତି ଉପରେ ନିର୍ଭର କରେ । ପ୍ରତ୍ୟେକ ଲୋକ ପାଇଁ ଏହା ଭିନ୍ନ ଭିନ୍ନ ହୋଇଥାଏ । ଏପରି ଅନେକ ଲୋକ ଅଛନ୍ତି, ଉଦାହରଣ ସ୍ୱରୂପ – ଲେଖକ, ସଂଗୀତଜ୍ଞ ଓ ଚାରୁକଳାର ଶିଳ୍ପୀମାନେ, ଯେଉଁମାନେ ବୁଦ୍ଧିଜୀବୀ ଜୀବନର ଉଚ୍ଚସ୍ତରରେ ରହିଥାଆନ୍ତି, ଯେଉଁମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆଉକିଛି କରିବାକୁ ବାକି ଅଛି ଓ ସେମାନେ ଯେଉଁ କାମଟିକୁ ହାତକୁ ନେଇଥିଲେ ତାହା ସଂପନ୍ନ କରିପାରି ନାହାନ୍ତି, ନିଜ ପାଇଁ ଯେଉଁ ଲକ୍ଷ୍ୟ ସ୍ଥାପନ କରିଥିଲେ ସେଠାରେ ପହଞ୍ଚିପାରି ନାହାନ୍ତି; ସେମାନେ ତେଣୁ ପ୍ରସ୍ତୁତ ହୋଇଥାଆନ୍ତି ପୃଥିବୀର ବାତାବରଣରେ ରହିବାକୁ, ଯେତେ ଅଧିକ ଦିନ ସମ୍ଭବ ସେତେ ଅଧିକ ଦିନ ରହିବାକୁ, ଯେତେ ଅଧିକ ସମ୍ଭବ ସଂଗତି ଓ ସଂଯୋଜନାର ଶକ୍ତି ନେଇ ଏବଂ ସେମାନେ ଚେଷ୍ଟା କରିଥାଆନ୍ତି ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଏବଂ ଅନ୍ୟାନ୍ୟ ମନୁଷ୍ୟ ଶରୀର ଭିତର-ଦେଇ ନିଜର ଅଗ୍ରଗତିକୁ ଅବ୍ୟାହତ ରଖିବା ପାଇଁ ।

ମୁଁ ଏପରି ଅନେକ ଦୃଷ୍ଟାନ୍ତ ଦେଖିଛି । ମୁଁ ଜଣେ ସଂଗୀତଜ୍ଞଙ୍କର ସଂପର୍କରେ ଅତ୍ୟନ୍ତ କୌତୂହଳପ୍ରଦ ଏକ ଘଟଣା ଦେଖିଛି । ସେ ଥିଲେ ଜଣେ ପିଆନୋ ବାଦକ (ଅତି ଉଚ୍ଚ କୋଟିର ପିଆନୋ ବାଦକ) ଓ ତାଙ୍କର ହାତ ଦୁଇଟିରେ ଅସାଧାରଣ କଳା-କୌଶଳ, ନିପୁଣତା, ସୁନିର୍ଦ୍ଦିଷ୍ଟତା, ଶକ୍ତି ଓ ଦ୍ରୁତ ଅଂଗୁଳି ଚାଳନାର ଦକ୍ଷତା ଆଦି ଭରି ରହିଥିଲା । ବାସ୍ତବିକ ଏହା ଥିଲା ଖୁବ୍ ଉଲ୍ଲେଖଯୋଗ୍ୟ । ଏହି ବ୍ୟକ୍ତିଜଣକ ଅପେକ୍ଷାକୃତ ତରୁଣ ବୟସରେ ଦେହତ୍ୟାଗ କରିଥିଲେ ଏପରି ଏକ ଭାବାନୁଭୂତି ନେଇ ଯେ ଯଦି ସେ ବଞ୍ଚିରହିଥାଆନ୍ତେ, ତା'ହେଲେ ସଂଗୀତର ପ୍ରକାଶ ଓ ଅଭିବ୍ୟକ୍ତି କ୍ଷେତ୍ରରେ ତାଙ୍କର ଆହୁରି ଅନେକ ଅଗ୍ରଗତି ହୋଇଥାଆନ୍ତା । ଏବଂ ତାଙ୍କର ଏହି ଅଭୀପ୍ସା ଏତେ ତୀବ୍ର ଥିଲା ଯେ ସୂକ୍ଷ୍ମସ୍ତରରେ ତାଙ୍କ ହାତଦୁଇଟିର ଗଠନ ଓ ଆକୃତି ମୃତ୍ୟୁ ପରେ କ୍ଷୟ ଓ ବିନଷ୍ଟ ହୋଇ ନ ଯାଇ ପୂର୍ବଭଳି ସେମିତି ରହିଥିଲା । ଏବଂ ସେ ଯଦି ଏପରି କୌଣସି ବ୍ୟକ୍ତିଙ୍କୁ ଭେଟୁଥିଲେ ଯିଏ ଟିକେ ଗ୍ରହଣଶୀଳ ଓ ତାଙ୍କ କାମରେ ବାଧା ନ ଦେଉଥିବା ଏକ ଉତ୍ତମ ସଂଗୀତଜ୍ଞ, ତା'ହେଲେ ତାଙ୍କର ସୂକ୍ଷ୍ମ ହାତଦୁଇଟି, ସଂଗୀତ ବାଦନ କରୁଥିବା ସେହି ବ୍ୟକ୍ତିଙ୍କର ହାତରେ ପ୍ରବେଶ କରୁଥିଲା । ସେତେବେଳେ ଦେଖାଯାଉଥିଲା ଯେ ବେଶ୍ ଭଲ, କିନ୍ତୁ ସାଧାରଣ ଭାବରେ ବଜାଉଥିବା ସେହି ବାଦକଟି ତା'ର ବଜାଇବା ସମୟରେ ଖାଲି ଏକ ସୁଦକ୍ଷ ବାଦକ ନୁହେଁ, ହଠାତ୍ ଏକ ବିସ୍ମୟକର ଶିଳ୍ପୀରେ ପରିଣତ ହୋଇଛନ୍ତି । ପ୍ରକୃତରେ ଏହା ହେଉଛି ପୂର୍ବୋକ୍ତ ସେହି ଅନ୍ୟ ସଂଗୀତଜ୍ଞଙ୍କ ସୂକ୍ଷ୍ମହାତର କରାମତି ଯାହାକି ଏହି ଶିଳ୍ପୀଙ୍କୁ ବ୍ୟବହାର କରୁଥିଲା । ଏହି ଧରଣର ଅନେକ ବୈଚିତ୍ର୍ୟମୟ ଘଟଣା ବିଷୟରେ ମୁଁ ଜାଣେ । ମୁଁ ସେହି ସମାନ ଜିନିଷ ଦେଖିଛି ଜଣେ ଚିତ୍ରାଙ୍କନ ଶିଳ୍ପୀଙ୍କ କ୍ଷେତ୍ରରେ, ସେଠାରେ ମଧ୍ୟ ତାଙ୍କ ହାତଗୁଡ଼ିକ ଭିତରଦେଇ ଏହା ଘଟୁଥିଲା । କେତେକ ଲେଖକଙ୍କ କ୍ଷେତ୍ରରେ ମଧ୍ୟ ତାହାହିଁ ଘଟିଥାଏ । ଏବଂ ସେ କ୍ଷେତ୍ରରେ ମସ୍ତିଷ୍କଟି ଏକ ସୂକ୍ଷ୍ମ, ସୁନିର୍ଦ୍ଦିଷ୍ଟ ଗଠନ ରଖିଥାଏ ଏବଂ ତାହା ଅନ୍ୟଜଣେ ସୁଲେଖକଙ୍କ ମସ୍ତିଷ୍କରେ ପ୍ରବେଶ କରେ ଯିଏ ଯଥେଷ୍ଟ ଗ୍ରହଣଶୀଳ ଥାଆନ୍ତି ଏବଂ ହଠାତ୍ ଦେଖାଯାଏ ଯେ ସେ ଏପରିସବୁ ଅସାଧାରଣ ଲେଖା ଲେଖୁଛନ୍ତି ଯାହାକି ତାଙ୍କର ପୂର୍ବ ଲେଖାଗୁଡ଼ିକଠାରୁ ବହୁଗୁଣରେ ଅଧିକ ସୁନ୍ଦର । ଏହିପରି ଭାବରେ ଜଣେ ସୂକ୍ଷ୍ମଭାବରେ ଅନ୍ୟଜଣକୁ ଅଧିକାର କରିବା ମୁଁ ଦେଖିଥିଲି । ଏହା ଘଟିଥିଲା ସଂଗୀତ-ରଚନାର କ୍ଷେତ୍ରରେ – ସଂଗୀତ-ବାଦନର କ୍ଷେତ୍ରରେ ନୁହେଁ, ସଂଗୀତ ରଚନାର କ୍ଷେତ୍ରରେ, ଯେପରି ବିଥୋଭେନ୍, ବାକ୍, ସିଜାର୍ ଫ୍ରାଙ୍କ୍ ପ୍ରମୁଖ ସଂଗୀତ ରଚନା କରିଥାଆନ୍ତି, କିନ୍ତୁ ସିଜାର୍ ଫ୍ରାଙ୍କ୍ ସଂଗୀତ ବାଦନ ମଧ୍ୟ କରୁଥିଲେ । ସଂଗୀତ ରଚନା ଏକ ଅତ୍ୟନ୍ତ ମସ୍ତିଷ୍କ-ପ୍ରଧାନ କାର୍ଯ୍ୟ । ଏ କ୍ଷେତ୍ରରେ ଜଣେ ମହାନ୍ ସଂଗୀତଜ୍ଞଙ୍କ ମସ୍ତିଷ୍କ ସୂକ୍ଷ୍ମଭାବରେ ଅନ୍ୟଜଣେ ସଂଗୀତ-ରଚୟିତାଙ୍କ ସଂପର୍କରେ ଆସିଥିଲା । ସେ ଅପେରା ସଂଗୀତ-ରଚନାରେ ନିଯୁକ୍ତ ଥିଲେ କିନ୍ତୁ ଏହା ଘଟିବା ପରେ ସେ ଆଶ୍ଚର୍ଯ୍ୟଜନକ ରଚନାସବୁ ତିଆରିକଲେ ଏବଂ ସେଗୁଡ଼ିକର

ସମସ୍ତ ଅଂଶକୁ ସେ କାଗଜ ପୃଷ୍ଠାରେ ସଜାଇ ରଖୁଥିଲେ । ସେ ବ୍ୟସ୍ତ ଥିଲେ ଏକ ଅପେରା ସଂଗୀତ ରଚନାରେ ଏବଂ ସଂଗୀତ ରଚୟିତାଙ୍କ ଚିନ୍ତାଗୁଡ଼ିକୁ ନିଜ ବାଜଣା ଭିତରେ ଫୁଟାଇବା ବାଦକମାନଙ୍କ ପାଇଁ ଅତ୍ୟନ୍ତ ଜଟିଳ ଏକ କାମ । କିନ୍ତୁ ମୁଁ ଜାଣିଥିବା ସେହି ସଂଗୀତ ରଚୟିତା ଯେତେବେଳେ ସେ ପୂର୍ବୋକ୍ତ ମହାନ୍ ସଂଗୀତଜ୍ଞଙ୍କ ରଚନାର ଏହି ଗଠନସବୁକୁ ସୂକ୍ଷ୍ମଭାବରେ ପାଇଲେ ସେଗୁଡ଼ିକୁ ସେ ତାଙ୍କ ଆଗରେ ପଡ଼ିଥିବା ଏକ ସାଦା କାଗଜରେ ଲେଖିବାକୁ ଆରମ୍ଭ କଲେ । ସେ ତାହା ଲେଖୁଥିବାର ମୁଁ ଦେଖିଛି, ଏକ ଖୁବ୍ ବଡ଼ ଆକାରର କାଗଜ ପୃଷ୍ଠା ଉପରେ, ବିଭିନ୍ନ ରେଖା ଓ ପଙ୍କ୍ତିସବୁକୁ ଓ ତା'ପରେ କେତେକ ରେଖାଚିତ୍ରକୁ ସଜାଇ ଲେଖୁଥିଲେ ଏବଂ ଶେଷରେ ଲେଖୁଲେଖୁ ଯେତେବେଳେ ସେ ପୃଷ୍ଠାଟିର ତଳ ଅଂଶରେ ଆସି ପହଞ୍ଚିଲେ, ସେତେବେଳକୁ କୌଣସି ଏକ ଦୃଶ୍ୟ ପାଇଁ ବିଶେଷ ସୁରପ୍ରାଧାନ୍ୟ ଥିବା ଅର୍କେଷ୍ଟ୍ରା ବା ସମବେତ ସଂଗୀତର ରଚନା ପୂରା ଶେଷ ହୋଇ ଲିପିବଦ୍ଧ ହୋଇ ସାରିଲାଣି । (ଅର୍କେଷ୍ଟ୍ରା ରଚନାର ଅର୍ଥ ହେଉଛି ବିଭିନ୍ନ ବାଦ୍ୟଯନ୍ତ୍ରର ବାଦନ ବେଳେ ପ୍ରତ୍ୟେକଙ୍କ ପାଇଁ ରଚିତ ସଂଗୀତର କିଛି ବିଶେଷ ଅଂଶ ବା ପଙ୍କ୍ତି ବଣ୍ଟନ କରିବା) । ଏବଂ ସେହି ସଂଗୀତରଚୟିତା ଜଣକ ଏକ ବିସ୍ମୟକର ମାନସିକ ଶକ୍ତି ଦ୍ୱାରା କେବଳ ଏକ କାଗଜ ପୃଷ୍ଠା ଉପରେ ଏହା କରୁଥିଲେ ଏବଂ ଏହି ମାନସିକ ଶକ୍ତିଟି କେବଳ ତାଙ୍କ ନିଜର ନ ଥିଲା, ଏହା ତାଙ୍କ ଭିତରକୁ ଆସୁଥିଲା ଅନ୍ୟଜଣେ ମହାନ୍ ସଂଗୀତଜ୍ଞଙ୍କ ମନରୁ ଯାହା ତାଙ୍କ ମାଧ୍ୟମରେ ଅଭିବ୍ୟକ୍ତ ହେଉଥିଲା । ...ମୁଁ ଯେତେବେଳେ ସେଠାରେ ଉପସ୍ଥିତ ଥିଲି, ମୋ ଆଖି ଆଗରେହିଁ ସେ ଏହିପରି ଏକ ପୃଷ୍ଠା ଲେଖୁଥିବାର ଦେଖିଥିଲି । ଏଥିପାଇଁ ତାଙ୍କୁ ପ୍ରାୟ ଅଧଘଣ୍ଟାଏ ବା ପଇଁଚାଳିଶି ମିନିଟ ସମୟ ଲାଗିଥିବ । ଏବଂ ତାଙ୍କର ଏପରି ଖ୍ୟାତି ହୋଇଥିଲା ଯେ ଏପରିକି ଜଣାଶୁଣା ବିଖ୍ୟାତ ସଂଗୀତଜ୍ଞମାନେ ମଧ୍ୟ ସମବେତ ସଂଗୀତକୁ ରୂପ ଦେବା ପାଇଁ ସେମାନଙ୍କ ରଚନାଗୁଡ଼ିକୁ ତାଙ୍କ ନିକଟକୁ ଆଣୁଥିଲେ । ସେ ଅନ୍ୟ ଯେକୌଣସି ଲୋକଙ୍କ ଅପେକ୍ଷା ଏହାକୁ ଅଧିକ ଉତ୍ତମରୂପେ କରୁଥିଲେ ସେହିପରି କାଗଜ ପୃଷ୍ଠାରେ ଲେଖିଲେଖି । ତାଙ୍କର କୌଣସି କିଛି ବାଦ୍ୟ ଶୁଣିବାର ଆବଶ୍ୟକତା ନ ଥିଲା । ପରେ ଏଗୁଡ଼ିକୁ ବାଦ୍ୟଯନ୍ତ୍ରରେ ବଜାଇ ପରୀକ୍ଷା କରାଯାଉଥିଲା ଏବଂ ବରାବର ତାହା ଖୁବ୍ ଚମତ୍କାର ବୋଲି ସ୍ୱୀକୃତ ହେଉଥିଲା । ଏକ ସମବେତ ସଂଗୀତରେ ଏତେଗୁଡ଼ିଏ ବେହେଲା ଥାଏ, ଏତେଗୁଡ଼ିଏ ସେଲୋ ଓ ଆଲ୍ଟସ୍ ଆଦି ବାଦ୍ୟଯନ୍ତ୍ର ଥାଏ, ଏତେଗୁଡ଼ିଏ ବାଦ୍ୟଯନ୍ତ୍ର : କେଉଁଟିରେ ଅମୁକ ଧାଡ଼ିଟି ବଜାଯିବ, ଅନ୍ୟ କେଉଁ ବାଦ୍ୟଯନ୍ତ୍ରରେ ସମୁକ ଧାଡ଼ିଟି ବଜାଯିବ, ଆହୁରି ଅନ୍ୟମାନେ ମଧ୍ୟ ସେମାନଙ୍କ ବାଦ୍ୟଯନ୍ତ୍ରରେ ଅନ୍ୟକିଛି ବଜାଇବେ, କେତେବେଳେ ସମସ୍ତେ ଏକତ୍ର ବଜାଇବେ, ଅନ୍ୟ କେତେବେଳେ ଜଣକ ପରେ ଜଣେ ବଜାଇବେ, (ଏହା ଆଦୌ ସହଜ ନୁହେଁ, ଖୁବ୍ ଜଟିଳ ଜିନିଷ) ବାସ୍, ସେତେବେଳେ ବଜାଇଲା ବେଳେ ବା ଶୁଣିବା ବେଳେ ବା ଲିଖିତ ରଚନାଟିକୁ ପଢ଼ିଲା ବେଳେ ସେ ଜାଣୁଥିଲେ କାହାକୁ କେଉଁ ବାଦ୍ୟଯନ୍ତ୍ର ପାଇଁ, ରଚନାର କେଉଁ ଅଂଶଟି କିପରି ବଣ୍ଟନ କରାଯିବ, କେଉଁ ସୁର ବା ମୂର୍ଚ୍ଛନାଟିକୁ କିଏ ବଜାଇବେ ଓ ଅନ୍ୟଟିକୁ କିଏ ବଜାଇବେ ଇତ୍ୟାଦି । ଏବଂ ଅତି ସ୍ପଷ୍ଟଭାବରେ ତାଙ୍କର ଏହି ଅନୁଭୂତି ଥିଲା ଯେ ତାଙ୍କ ଭିତରେ ଅନ୍ୟକିଛି ପ୍ରବେଶ କରୁଛି ଓ ତାଙ୍କୁ ସାହାଯ୍ୟ କରୁଛି ।

(MCW, Vol. 5, pp. 260 - 262)

ଭଗବାନଙ୍କୁ ଅର୍ପଣ କରି କରାଯାଉଥିବା କର୍ମ ମାଧ୍ୟମରେହିଁ ଚେତନାର ସର୍ବୋତ୍ତମ ବିକାଶ ହୁଏ ।

ଆଳସ୍ୟ ଓ ନିଷ୍କ୍ରିୟତାର ଶେଷ ରୂପ ହେଉଛି ତମସ୍; ତାହା ହେଉଛି ଅଚେତନା ଭିତରକୁ ଏକ ପତନ ଏବଂ ଏହା ସମସ୍ତ ଅଗ୍ରଗତି ଓ ଆଲୋକର ବିପରୀତ ।

ନିଜର ଅହଂକୁ ଅତିକ୍ରମ କରିବା ଏବଂ ଭଗବାନଙ୍କ ସେବାରେ ନିୟୋଜିତ ରହି ବାସ କରିବା – ଏହାହିଁ ଆମର ଆଦର୍ଶ ଏବଂ ଯଥାର୍ଥ ଚେତନାର ଅର୍ଜନ ପାଇଁ ଏହାହିଁ ହ୍ରସ୍ୱତମ ପଥ ।

୨୭.୦୪.୧୯୭୧

– ଶ୍ରୀମା

ଶେଷ ପୃଷ୍ଠା :

# ଆଧାରଶୁଦ୍ଧି ଓ ଅବଚେତନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମସ୍ତ ଯୋଗ-ସାଧନାରେ, ସମସ୍ତ ଆଧ୍ୟାତ୍ମିକ ପରମ୍ପରାରେ ଆଧାରଶୁଦ୍ଧି ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ପୂର୍ଣ୍ଣଯୋଗରେ ଯେଉଁଠି ସମଗ୍ର ସତ୍ତା ଓ ଚେତନାକୁ ପୂର୍ଣ୍ଣରୂପେ ଶୁଦ୍ଧ କରି, ସମଗ୍ର ପ୍ରକୃତିକୁ ଦିବ୍ୟ-ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବାର ଲକ୍ଷ୍ୟ ଗ୍ରହଣ କରାଯାଇଛି, ତହିଁରେ ଆଧାରଶୁଦ୍ଧିର କ୍ଷେତ୍ର ଅତି ବ୍ୟାପକ ଓ ବିସ୍ତୃତ; ଚୈତ୍ୟ ଓ ଆଧ୍ୟାତ୍ମିକ ଚେତନାଠାରୁ ଆରମ୍ଭ କରି ମନ, ପ୍ରାଣ, ଶରୀର, ଅବଚେତନ, ନିଶ୍ଚେତନ ଆଦି ଚେତନାର ସବୁ ସ୍ତରହିଁ ଆମ ସାଧନା ପରିସରର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ପାରମ୍ପରିକ ଯୋଗ ପରି କେବଳ ମନ ଓ ପ୍ରାଣ କ୍ଷେତ୍ରରେ ଅହଂ ଓ କାମନା-ବାସନାର ବିଲୋପ ସାଧନ କରି, ଆତ୍ମା, ବ୍ରହ୍ମ ବା ଭାଗବତ ଉପସ୍ଥିତିର ଉପଲବ୍ଧି କରି ତାହା ସହ ଏକାତ୍ମତା ଉପଲବ୍ଧି କଲେ ବା ବିଶ୍ୱ ଅଭିବ୍ୟକ୍ତିରୁ ବାହାରି ଯାଇ ନିର୍ବାଣରେ ଲୀନ ହୋଇଗଲେ ଚଳିବ ନାହିଁ । ସମଗ୍ର ସତ୍ତା ଓ ପ୍ରକୃତିକୁ ଦିବ୍ୟ-ରୂପାନ୍ତର ପାଇଁ ଆମକୁ ପ୍ରସ୍ତୁତ କରିବାକୁ ହେବ । ତେଣୁ ଆମ ଚେତନାର ପ୍ରତିଟି ଅନ୍ଦି-କନ୍ଦି ଖୋଜି କେଉଁଠି କିଛି ଅତି ସାମାନ୍ୟ ଓ ନଗଣ୍ୟ ଅଶୁଦ୍ଧି ଥିଲେ ମଧ୍ୟ ତାହାକୁ ଶୁଦ୍ଧିର ଆଲୋକ ଆଗରେ ରଖିବାକୁ ହେବ । କେଉଁଠି କିଛିକୁ ଛାଡ଼ିଯିବାର ତିଳେ ମାତ୍ର ଅବକାଶ ନାହିଁ ।

କାରଣ ସ୍ୱୟଂ ଦିବ୍ୟଜନନୀଙ୍କ ମହାସରସ୍ୱତୀ ଶକ୍ତି ଆମ ଯୋଗରେ ବିସ୍ତୃତ ତଥା ଟିକିନିଖି ଉଭୟ କ୍ଷେତ୍ରରେ କ୍ରିୟାଶୀଳା । ଶ୍ରୀଅରବିନ୍ଦ ମହାସରସ୍ୱତୀଙ୍କ ସଂପର୍କରେ କହିଛନ୍ତି ''ଯେଉଁ ସଂକଳ୍ପ ତାଙ୍କ କର୍ମ ମଧ୍ୟରେ ସକ୍ରିୟ, ତାହା ସତର୍କ, ଅତନ୍ଦ୍ର, ଅକ୍ଲାନ୍ତ । ଉପରୁ ଆନତ ହୋଇ ସେ ଆମ୍ଭମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାଦପି କ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରାହୋଇଛି ଓ କେତେ କରିବାକୁ ବାକି ଅଛି, ତାହାକୁ ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି । ତାଙ୍କ ଦୃଷ୍ଟି ପାଖରେ କ୍ଷୁଦ୍ର ବା ଆପାତନଗଣ୍ୟ କିଛିହିଁ ନାହିଁ, ଯେତେହିଁ ଛଦ୍ମବେଶରେ, ସୂକ୍ଷ୍ମ ଭାବରେ ଅନ୍ତର୍ଲୀନ ହୋଇ ରହୁନା କାହିଁକି କିଛି ବି ତାଙ୍କ ଦୃଷ୍ଟି ପାଖରେ ଲୁଚି ରହିପାରେ ନାହିଁ ।''

ତେଣୁ ଆମ ସାଧନାର ଲକ୍ଷ୍ୟ ହେଉଛି ଆମ ଆଧାରଟିକୁ ଏପରି ଶୁଦ୍ଧ କରି ଗଢ଼ିତୋଳିବା ଯେଉଁଥିରେ ମା'ଙ୍କ ଶକ୍ତି ଅବାଧରେ କ୍ରିୟା କରିପାରିବ । ମା'ଙ୍କ ଶକ୍ତିର କ୍ରିୟା ପ୍ରତି ଆମ ଆଧାରଟି ନିତ୍ୟ ନିରନ୍ତର ଉନ୍ମୀଳିତ, ନମନୀୟ, ସ୍ୱଚ୍ଛ ଓ ଗ୍ରହଣଶୀଳ ରହିଲେହିଁ ସେହି ଶକ୍ତି ଆମ ଭିତରେ ସର୍ବାଙ୍ଗୀଣ ଆଧାର ଶୁଦ୍ଧିକୁ ସଂପନ୍ନ କରିଦେବ । ଶ୍ରୀମା କହିଛନ୍ତି ଭାଗବତ ଉପସ୍ଥିତିହିଁ ଆଧାରରେ ଯଥାର୍ଥ ଶୁଦ୍ଧି ଆଣିଦିଏ । ଆମର ପୂର୍ବକଳ୍ପିତ ସଂସ୍କାର ଓ ଧାରଣା ଅନୁସାରେ କାହାର ଆଚରଣ ଓ ମନୋଭାବ ଆମକୁ ସମୀଚୀନ ବା ଅସମୀଚୀନ ଲାଗିପାରେ କିନ୍ତୁ ତହିଁରେ ଭଗବତ୍ ପ୍ରେରଣା ଓ ଉପସ୍ଥିତିହିଁ ଯଥାର୍ଥ ଶୁଦ୍ଧିର ମାପକାଠି । ପାରମ୍ପରିକ ଯୋଗରେ ଅବଧୂତ ଓ ପରମହଂସମାନଙ୍କର ବ୍ୟବହାରରେ ବାଳବତ୍, ଉନ୍ମାଦବତ୍, ଜଡ଼ବତ୍ ଏପରିକି ପିଶାଚବତ୍ ନାନା ଆଚରଣ ଦେଖାଗଲେ ମଧ୍ୟ ସେମାନଙ୍କ ଆନ୍ତର-ଚେତନାରେ ସେମାନେ ପରମ ସତ୍ୟ ସହ ନିତ୍ୟଯୁକ୍ତ ହୋଇଥିବାରୁ ସେମାନଙ୍କ ଆଧାରକୁ ସର୍ବଦା ଏକ ଶୁଦ୍ଧ ଆଧାର ବୋଲି ଗ୍ରହଣ କରାଯାଇଥାଏ । ଆମ ଯୋଗରେ ମଧ୍ୟ ଆଧାର-ଶୁଦ୍ଧି କ୍ଷେତ୍ରରେ ଆନ୍ତର-ଚେତନାକୁ ପ୍ରଥମ ଓ ପ୍ରଧାନ ଗୁରୁତ୍ୱ ଦେବାକୁ ହେବ ।

ଗୀତାରେ ସମସ୍ତ କ୍ଷେତ୍ରରେ, ସମସ୍ତ ବିଷୟରେ ଏକ ସମତାଭାବ ରକ୍ଷା କରିବାକୁହିଁ ଆଧାରଶୁଦ୍ଧିର ପ୍ରଧାନ କଥା ବୋଲି କୁହାଯାଇଛି । ଶ୍ରୀମା ମଧ୍ୟ କହିଛନ୍ତି ସମତା ଓ ଚେତନାର ବିଶାଳ ପ୍ରସାରହିଁ ଅତିମାନସ ଶକ୍ତି ପ୍ରତି ଗ୍ରହଣଶୀଳତାର ପ୍ରଧାନ ଅବଲମ୍ବନ । ଆମକୁ ମଧ୍ୟ ସମତାର ସେହି ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । କିନ୍ତୁ ତାହା ସର୍ବାଙ୍ଗୀଣ ସମତା ହେବା ଆବଶ୍ୟକ । ସମତା ଦୁଇ ଧରଣର ହୋଇପାରେ, ସକ୍ରିୟ ସମତା ଓ ନିଷ୍କ୍ରିୟ ସମତା । ଜଣେ ଏକ ନିଷ୍କ୍ରିୟ ସମତାର ଭାବ ରଖି ଭଲ-ମନ୍ଦ, ଠିକ୍-ଭୁଲ୍, ନ୍ୟାୟ-ଅନ୍ୟାୟ ଓ ସତ୍ୟ-ମିଥ୍ୟା ଆଦିର ତାରତମ୍ୟ ପ୍ରତି ଆଖି ବୁଜିଦେଇ ଉଭୟ ସଂପର୍କରେ ସମାନ ଭାବେ ଉଦାସୀନ ରହିପାରେ । କିନ୍ତୁ ତାହା ହେବ ଉଦାସୀ, ବୈରାଗୀର ଆଚରଣ, ପୂର୍ଣ୍ଣ ଯୋଗର ସାଧକର ଆଚରଣ ନୁହେଁ । ଆମକୁ ପୋଷଣ କରିବାକୁ ହେବ

ସକ୍ରିୟ ସମତାର ଭାବ । ବାଧାବିଘ୍ନ ଆଗରେ, ଅନ୍ୟାୟ, ମିଥ୍ୟାଚାର ଆଗରେ ବା ବିରୋଧୀ ଅପଶକ୍ତିର ଆକ୍ରମଣର ସମ୍ମୁଖୀନ ହେଲା ବେଳେ ଆମେ ତହିଁରେ ବିଚଳିତ ନହୋଇ ନିଜର ସମତା ଭାବ ବଜାୟ ରଖିବୁ ନିଶ୍ଚୟ, କିନ୍ତୁ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ସକ୍ରିୟ ଭାବରେ ସଚେଷ୍ଟ ହେବୁ ସେହି ଭୁଲ୍, ଅନ୍ୟାୟ ବା ମିଥ୍ୟାଚାରକୁ ଦୂର କରିବାକୁ । ନିଷ୍କ୍ରିୟ ସମତାଭାବ ରଖି ବାଧାବିଘ୍ନଗୁଡ଼ିକୁ ସହ୍ୟ କରିଯିବା ନୁହେଁ, ସକ୍ରିୟ ସମତାର ଭାବ ରଖି ସେଗୁଡ଼ିକ ବିରୋଧରେ ସଂଗ୍ରାମ କରିବାହିଁ ହେଉଛି ସକ୍ରିୟ ସମତାର ଭାବ ।

ପୂର୍ଣ୍ଣଯୋଗରେ ଅନ୍ୟାନ୍ୟ ସମସ୍ତ ପାରମ୍ପରିକ ସାଧନାରେ ପ୍ରଚଳିତ ଆଧାରଶୁଦ୍ଧିର ସମସ୍ତ ଅଙ୍ଗକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ଚେତନାର ସମସ୍ତ ସ୍ତରରେ ଦିବ୍ୟ-ଭାଗବତୀ ଶକ୍ତିର ଆବାହନ ଓ ଉପସ୍ଥିତିହିଁ ପ୍ରଧାନ କଥା । ସେହି ଉପସ୍ଥିତି ପାଖରେ ଆମର ସମସ୍ତ ସଂକଳ୍ପ, କର୍ମ, ପ୍ରବୃତ୍ତି ଓ ପ୍ରେରଣା ଆଦିକୁ ସମର୍ପଣ କରିଦେବାହିଁ ପ୍ରଧାନ କଥା । ଆମ ନିଜର କୌଣସି ଶକ୍ତି ନୁହେଁ ଶ୍ରୀମା'ଙ୍କ ଶକ୍ତିହିଁ ଆମକୁ ଆଧାରଶୁଦ୍ଧିର ସମସ୍ତ ପୂର୍ଣ୍ଣତା ଓ ସିଦ୍ଧି ଦିଗରେ ଆଗେଇ ନେବ ।

ତେବେ ଦେଖାଯାଏ ଯେ ମା'ଙ୍କ ଶକ୍ତିର କ୍ରିୟା ପାଇଁ ଆମେ ପୂର୍ଣ୍ଣ ସମ୍ମତି ଦେଇଛୁ, ତାହା କ୍ରିୟାଶୀଳା ହୋଇ ରହିଛି, କିନ୍ତୁ ଯେଉଁ ଦୋଷତ୍ରୁଟି ଓ ବାଧାବିଘ୍ନ ଉପରେ ଆମେ ବିଜୟ ହାସଲ କରିଛୁ ବୋଲି ମନେ କରିଥାଉ, ତାହା ପୁଣି ଦେଖାଦିଏ କେଉଁଠୁ ଉଠିଆସି ଆମର ସମସ୍ତ ଶ୍ରମ ଓ ସାଧନାକୁ ପଣ୍ଡ କରି ଦେବାର ଭୟ ଦେଖାଏ । କେବଳ ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ନୁହେଁ, ପୃଥିବୀରେ ମାନବସମାଜର ଅଗ୍ରଗତି କ୍ଷେତ୍ରରେ ମଧ୍ୟ ଦେଖାଯାଏ ଏକଦା ଜୟ କରାଯାଇଛି ବୋଲି ମନେ ହେଉଥିବା ଯୁଦ୍ଧ, ହିଂସା, ଶୋଷଣ, ଦମନ ଆଦି ନାନା ମିଥ୍ୟାଚାର ଓ ଅନ୍ଧକାରର ଶକ୍ତି ପୁଣି ମୁଣ୍ଡ ଟେକୁଛନ୍ତି, ନିଜର ବୀଭତ୍ସ ଲୀଳାରେ ସମସ୍ତ ମାନବ-ସଭ୍ୟତାକୁ ଧ୍ୱଂସପଥରେ ଆଗେଇ ନେବାକୁ ଉଦ୍ୟତ ହେଉଛନ୍ତି । ସର୍ବୋପରି କାହିଁକି ଜରା, ବ୍ୟାଧି, ମୃତ୍ୟୁ ପରି ଅଦିବ୍ୟ ଶକ୍ତିର ଖେଳା ପ୍ରକୃତିର ଏକ ଅଲଙ୍ଘନୀୟ ନିୟମ ହୋଇ ରହିଛି ? କୌଣସି ବ୍ୟକ୍ତି, ସେ ଯେତେ ସିଦ୍ଧ ମହାପୁରୁଷ ଓ ମହାନ୍ ଆତ୍ମା ହୁଅନ୍ତୁ ନା କାହିଁକି ଆଧାରଶୁଦ୍ଧିର କ୍ଷେତ୍ରରେ ଯେତେ ଯାହା ଅସାଧାରଣ କୃତିତ୍ୱ ଲାଭ କରନ୍ତୁ ନା କାହିଁକି ଶେଷରେ କାହିଁକି ତାଙ୍କର ଶରୀର ଜରା, ବ୍ୟାଧି ଓ ମୃତ୍ୟୁର କବଳରୁ ମୁକ୍ତ ହୋଇପାରୁ ନାହିଁ ?

ଏହି ଅଦିବ୍ୟ ଶକ୍ତିଗୁଡ଼ିକ ଏପରି କେଉଁ ଅଭେଦ୍ୟ ଦୁର୍ଗରେ ନିଜକୁ ସୁରକ୍ଷିତ କରି ରଖିଛନ୍ତି ଯେ ଯାହା ଉପରେ ଆଜି ପର୍ଯ୍ୟନ୍ତ ଶରୀର କ୍ଷେତ୍ରରେ କୌଣସି ଚୂଡ଼ାନ୍ତ ବିଜୟ ହାସଲ କରାଯାଇ ପାରିଲା ନାହିଁ ? ଅବଚେତନାହିଁ ହେଉଛି ସବୁଠାରୁ ଅଭେଦ୍ୟ ଓ ଶକ୍ତିଶାଳୀ ଦୁର୍ଗ, ଯାହା ଭିତରେ ଅଦିବ୍ୟ ଶକ୍ତିର ସେନାନୀ ନିଜର ଶିବିର ଓ ଛାଉଣୀ ପକାଇ ସେହିଠାରୁ ଆକ୍ରମଣ କରନ୍ତି ଆଧାରରେ କ୍ରିୟାଶୀଳା ଦିବ୍ୟ ଭାଗବତୀ ଶକ୍ତି, ତା'ର ସତ୍ୟ ଓ ଆଲୋକ ଉପରେ । ତେଣୁ ଅବଚେତନାର ସେହି ଅନ୍ଧକାରମୟ ଦୁର୍ଗ ଦଖଲ କରି, ସେଠାରେ ଭାଗବତୀ ଶକ୍ତି, ସତ୍ୟ ଓ ଆଲୋକର କର୍ତ୍ତୃତ୍ୱ ଓ ଆଧିପତ୍ୟ ପ୍ରତିଷ୍ଠା କରିପାରିଲେ ଯାଇ ଆମ ଆଧାର ପୂର୍ଣ୍ଣ-ଭାବରେ ପ୍ରସ୍ତୁତ ହେବ ଦିବ୍ୟ-ରୂପାନ୍ତର ପାଇଁ ।

ପିଲାଦିନେ ଶୁଣିଥିବା ସେହି କାହାଣୀ ସମସ୍ତଙ୍କର ମନେଥିବ ଯେ ଏକ ଭୟଙ୍କର ରାକ୍ଷସ ସମସ୍ତ ରାଜ୍ୟବାସୀଙ୍କୁ ଭକ୍ଷଣ କରି ସୁନ୍ଦରୀ ରାଜକୁମାରୀଙ୍କୁ ବନ୍ଦି କରି ରଖିଥିଲା । ରାଜକୁମାରୀଙ୍କୁ ଉଦ୍ଧାର କରିବାକୁ ଯାଇ ବହୁ ରାଜକୁମାର ସେହି ରାକ୍ଷସ ଦ୍ୱାରା ପରାଜିତ ଓ ନିହତ ହେଲେ । ଶେଷରେ ଜଣେ ବୁଦ୍ଧିମାନ୍ ରାଜକୁମାର ସେହି ରାକ୍ଷସ ସହ ସିଧାସଳଖ ଯୁଦ୍ଧ ନ କରି ପ୍ରଥମେ ତା'ର ମୃତ୍ୟୁଭେଦ ଜାଣିବାକୁ ଚାହିଲେ । ନାନା କୌଶଳରେ ରାଜକୁମାରୀଙ୍କ ସହ ସଂପର୍କ ସ୍ଥାପନ କରି ତାଙ୍କଠାରୁ ଜାଣିଲେ ସେହି ରାକ୍ଷସର ମୃତ୍ୟୁଭେଦ ଯାହା ସେହି ରାକ୍ଷସ ଗର୍ବର ସହ ତାଙ୍କୁ କହିଥିଲା ଯେ କିପରି ସାତତାଳ ପଙ୍କ ତଳେ ଏକ ଗୁପ୍ତ କୋଠରି ରହିଛି ଓ ତା' ଭିତରେ ରହିଛି ଏକ ବାକ୍ସ ଓ ସେହି ବାକ୍ସ ଭିତରେ ରହିଛି ଏକ ଫରୁଆ, ଏବଂ ସେହି ଫରୁଆ ଭିତରେ ରହିଛି ଏକ ଭଅଁର । ସେହି ଭଅଁରଟିକୁ କେହି ମାରିଲେହିଁ ତା'ର ମୃତ୍ୟୁ ହେବ, ଯାହାକି ଅସମ୍ଭବ । ଚତୁର ଓ ବିକ୍ରମବନ୍ତ ରାଜକୁମାର ସେହି ମୃତ୍ୟୁଭେଦ ପାଇ, ସେହି ସାତତାଳ ପଙ୍କ ଭେଦକରି, କୋଠରି ଭିତରର ବାକ୍ସ ଓ ତା' ଭିତରର ଫରୁଆ ଖୋଲି ତହିଁରେ ଥିବା ଭଅଁରଟିକୁ ମାରିଦେବାରୁ ରାକ୍ଷସଟା ମଧ୍ୟ ମରିଗଲା ଓ ରାଜକୁମାର ଓ ରାଜକୁମାରୀ ବିବାହ କରି ସୁଖରେ କାଳାତିପାତ କଲେ ।

ଏହି ଗଳ୍ପଟିକୁ ଏକ ପ୍ରତୀକାତ୍ମକ ଗଳ୍ପ ବୋଲି ଗ୍ରହଣ

କରାଯାଇପାରେ । ଆଜି ପୃଥିବୀ ଉପରେ ଆମେ ହିଂସା, ଦ୍ୱେଷ, ମିଥ୍ୟାଚାର, ଅନ୍ୟାୟ, ଶୋଷଣ, ଅତ୍ୟାଚାର ଆଦିଠାରୁ ଆରମ୍ଭ କରି ଜରା, ବ୍ୟାଧି, ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଜୀବନ ବିରୋଧୀ ଅନ୍ଧକାରମୟ ଅପଶକ୍ତି ଓ ରାକ୍ଷସମାନଙ୍କ ବିକଟ ଲୀଳା ଦେଖୁଛୁ ଓ ଲାଗୁଛି ଯେପରି ଏଗୁଡ଼ିକର ଶେଷ ନାହିଁ, ଅବଚେତନାରେହିଁ ରହିଛି ସେମାନଙ୍କ ଜୀବନ-ଭଅଁର । ସେଇ ଅବଚେତନାର ବ୍ୟୂହ ଭେଦକରି ଯଦି ସେହି ଭଅଁରଟିକୁ ମାରିଦିଆଯିବ ତେବେ ଏହି ରାକ୍ଷସମାନଙ୍କ ପରମାୟୁ ଶେଷ ହୋଇଯିବ ।

କିନ୍ତୁ ଅବଚେତନାର ସେହି ରାଜ୍ୟରେ ପ୍ରବେଶ କରି ସେଠାରେ ଦିବ୍ୟ-ଆଲୋକର ରାଜ୍ୟ ପ୍ରତିଷ୍ଠା କରିବାର ଅଭିଯାନ ଅତ୍ୟନ୍ତ ଦୁରୂହ । ଯେତେ ଯାହା ଦୁରୂହ ହେଲେ ମଧ୍ୟ ପୂର୍ଣ୍ଣଯୋଗର ରୂପାନ୍ତର ଲକ୍ଷ୍ୟକୁ ସିଦ୍ଧ କରିବାକୁ ହେଲେ ଏହି ଅଭିଯାନ ଅପରିହାର୍ଯ୍ୟ । ଏହି ଅବଚେତନାର କ୍ଷେତ୍ରଟି କ'ଣ ଓ ଦିବ୍ୟଶକ୍ତିର ତାହା ଉପରେ କିପରି ବିଜୟ ହାସଲ କରାଯାଇପାରିବ ଶ୍ରୀଅରବିନ୍ଦ ଓ ଶ୍ରୀମା ହେଉଛନ୍ତି ସେହି ଅଭିଯାନର ଅଗ୍ରଣୀ ପଥପ୍ରଦର୍ଶକ । ନିଜ ସାଧନା ଓ ପ୍ରତ୍ୟକ୍ଷ ଅନୁଭୂତି ଭିତର ଦେଇ ଉଭୟେ ଅବଚେତନାର ସେହି ରାଜ୍ୟକୁ ଜାଣିଛନ୍ତି, ବ୍ୟୂହଭେଦ କରି ତହିଁରେ ପ୍ରବେଶ କରିଛନ୍ତି ଓ ତହିଁରେ ଥିବା ସମସ୍ତ ଅଜ୍ଞାନ, ଅନ୍ଧକାର ଓ ଭଗବତ୍ ବିରୋଧୀ ଅପଶକ୍ତି ବିରୋଧରେ ଦିବ୍ୟସଂଗ୍ରାମରେ ଅବିରାମ ଲିପ୍ତ ରହି ଆମ ପାଇଁ ଅବଚେତନା ଉପରେ ବିଜୟ ଲାଭର ପଥ ସୁଗମ କରିଦେଇଛନ୍ତି । ଆମକୁ ଶେଷ ବିଜୟ ପର୍ଯ୍ୟନ୍ତ ସେହି ସଂଗ୍ରାମ ଚଳାଇ ରଖିବାକୁ ହେବ ।

ଶ୍ରୀଅରବିନ୍ଦଙ୍କ କଥାରେ, ''ଅବଚେତନ ହେଉଛି ପ୍ରଧାନ କାରଣ ଯେଉଁଥିପାଇଁ ସବୁକିଛିର ବାରଂବାର ପୁନରାବୃତ୍ତି ହେଉଥାଏ ଏବଂ କେବଳ ବାହ୍ୟରୂପ ଛଡ଼ା କୌଣସି କିଛିର ପ୍ରକୃତ ପରିବର୍ତ୍ତନ ହେଉ ନ ଥାଏ । ଏହାହିଁ ହେଉଛି କାରଣ ଯେଉଁଥିପାଇଁ କୁହାଯାଇଥାଏ ଯେ ପ୍ରକୃତିର ପରିବର୍ତ୍ତନ ଅସମ୍ଭବ । ଯେଉଁ ଦୋଷଗୁଡ଼ିକୁ ପୂରା ଦୂର କରିଦେଇ ସାରିଥିବାର ଆଶା କରାଯାଇଥାଏ, ସେଗୁଡ଼ିକ ପୁଣି ଫେରି ଆସନ୍ତି । ସବୁକିଛିର ବୀଜ ସେହି ଅବଚେତନାରେହିଁ ରହିଥାଏ ଏବଂ ମନ, ପ୍ରାଣ ଓ ଦେହର ସମସ୍ତ ସଂସ୍କାର ସେହିଠାରେହିଁ ରହିଛି – ଏବଂ ମୃତ୍ୟୁ ଓ ବ୍ୟାଧିର ଏହାହିଁ ପ୍ରଧାନ ଅବଲମ୍ବନ ଏବଂ ଏହାହିଁ ଅଭେଦ୍ୟ ଭଳି ଲାଗୁଥିବା ଅଜ୍ଞାନର ଶେଷ ଦୁର୍ଗ । ଯାହାକିଛିକୁ ପୂରା ଦୂର କରି ନ ଦେଇ ଚାପି ଦମନ କରି ଦିଆଯାଇ ଥାଏ, ତାହା ବୁଡ଼ିଯାଇ ସେହିଠାରେହିଁ ବୀଜ ଆକାରରେ ରହିଥାଏ ଏବଂ ଯେକୌଣସି ମୁହୂର୍ତ୍ତରେ ଅଙ୍କୁରୋଦ୍‌ଗମ ପୂର୍ବକ ତାହା ଉପରକୁ ଉଠି ଆସିବାକୁ ପ୍ରସ୍ତୁତ ହୋଇ ରହିଥାଏ ।''

ଶ୍ରୀମା ଅବଚେତନ ସଂପର୍କରେ ନିଜ ଅନୁଭୂତିର ବର୍ଣ୍ଣନା ଦେଇ କହିଛନ୍ତି, ''ପୂରା ଅବଚେତନରେ ମୁଁ ପ୍ରବେଶ କରିଛି, ସେହି ଅବଚେତନ ଭୟାନକ ଭାବରେ ନାନା ଦୋଷ, ଦୁର୍ବଳତା ଓ ମୂଢ଼ତାରେ ଭରା, ଏବଂ ବହୁକିଛିର ଓ ସବୁକିଛିର ଆଧିପତ୍ୟ ସେଠାରେ ରହିଛି । ଓଃ ରାତ୍ରି ପରେ ରାତ୍ରି; ରାତ୍ରି ପରେ ରାତ୍ରି ମୋ ଆଗରେ ଏହା ନିଜକୁ ଖୋଲିଦେଇଛି ତା' ନିଜର ସ୍ୱରୂପ ଦେଖାଇବା ପାଇଁ । ଗତ ରାତ୍ରିରେ ଏହା ଥିଲା ବର୍ଣ୍ଣନାତୀତ । ଏବଂ ଏହା ଏହିପରି ଲାଗି ରହିଛି । ମନେ ହେଉଛି ଯେପରି ଏହାର ସୀମା ନାହିଁ । ତେଣୁ ସ୍ୱାଭାବିକ ଭାବରେ ଶରୀର ଉପରେ ଏହାର ପ୍ରଭାବ ପଡୁଛି, ଆହା ବିଚରା ଶରୀର ! ଏହାହିଁ ହେଉଛି ତା'ର ଅବଚେତନ, ବ୍ୟକ୍ତିଗତ, ପୁଣି ବ୍ୟକ୍ତିଗତ ନୁହେଁ, ଏହା ବ୍ୟକ୍ତିଗତ ହୋଇଉଠେ ଯେତେବେଳେ ଏହା ଶରୀର ଭିତରେ ପ୍ରବେଶ କରେ ।... ସେହି ଅବଚେତନ ପ୍ରକୃତରେ ଭୟାନକ ଜିନିଷଗୁଡ଼ିକରେ ଭରପୂର, ମନେହୁଏ ଯେପରିକି ଅତଳ ଓ ଅସୀମ । ମନେହୁଏ ଯେପରି ଏହା ଆହୁରି ନୂଆ ନୂଆ ସମଷ୍ଟି ନେଇ ଦେଖାଦେବ ଓ ପୂର୍ବ ପରି ଭୟାନକ ହୋଇ ରହିବ । କିନ୍ତୁ ତା'ଠିକ୍ ନୁହେଁ । ଏଗୁଡ଼ିକ ପରିବର୍ତ୍ତିତ ହୁଅନ୍ତି, ଏଗୁଡ଼ିକ ଭିତରେ ପରିବର୍ତ୍ତନ ଆସେ । କିନ୍ତୁ କାମଟି କେଡ଼େ କଷ୍ଟସାଧ !

ଶ୍ରୀମା' ମଧ କହିଛନ୍ତି, ''...ମୁଁ ଯେଉଁ ଦିବ୍ୟଶକ୍ତି କଥା କହୁଛି ତାହା ଯେପରି ଏକ ବିଦ୍ୟୁତ୍‌ଚାଳିତ ଡ୍ରିଲ୍ ପରି ଅବଚେତନ ଆଡ଼କୁ ଆହୁରି ଗଭୀରରୁ ଗଭୀରତର ଭିତରକୁ ଭେଦ କରିଚାଲିଛି । ସେଠାରେ ଅବିଶ୍ୱାସ୍ୟ ଜିନିଷସବୁ ରହିଛି, ସଂପୂର୍ଣ୍ଣ ଅବିଶ୍ୱାସ୍ୟ, ଏବଂ ସେହି ଦିବ୍ୟଶକ୍ତି ଏହାକୁ ଅନିବାର୍ଯ୍ୟ ଭାବରେ ଭେଦ କରି ଚାଲିଛି । ମଣିଷର ଅବଚେତନ ଚିତ୍କାର କରୁଛି, 'ଓଃ ବର୍ତ୍ତମାନ ନୁହେଁ, ବର୍ତ୍ତମାନ ନୁହେଁ, ଏତେଶୀଘ୍ର ନୁହେଁ ।' ...କିନ୍ତୁ ରୂପାନ୍ତରିତ କରିବାକୁ ହେଲେ ତୁମକୁ ତଳକୁ ଓହ୍ଲାଇବାକୁ ହେବ ଏବଂ ତାହାହିଁ ଭୀଷଣ ସାଙ୍ଘାତିକ ଜିନିଷ ।... ନ ହେଲେ ଜିନିଷଗୁଡ଼ିକର ରୂପାନ୍ତର ହେବ ନାହିଁ, ତାହା ସେହିପରି ଅରୂପାନ୍ତରିତ ହୋଇ ରହିଯିବ ।''

ଶ୍ରୀଅରବିନ୍ଦ ତାଙ୍କର ଏକ ପତ୍ରରେ ଲେଖିଥିଲେ,

''ଶ୍ରୀମା'ଙ୍କ କ୍ଷେତ୍ରରେ ଓ ମୋ କ୍ଷେତ୍ରରେ ଆମକୁ ସମସ୍ତ ପ୍ରକାର ପଥ, ସମସ୍ତ ପ୍ରକାର ପଦ୍ଧତିର ପରୀକ୍ଷା କରିବାକୁ ହୋଇଛି, ପର୍ବତ ପ୍ରମାଣ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି, ଆଶ୍ରମ ବା ବାହାରର ଆଉ ଅନ୍ୟମାନଙ୍କ ଅପେକ୍ଷା ଅନେକ ଅଧିକ ଭାରୀ ବୋଝ ବହନ କରିବାକୁ ପଡ଼ିଛି, ଅନେକ ଅଧିକ କଷ୍ଟକର ଅବସ୍ଥା ଭିତର ଦେଇ ଯିବାକୁ ପଡ଼ିଛି, ଅସଂଖ୍ୟ ସଂଗ୍ରାମର ସମ୍ମୁଖୀନ ହେବାକୁ ହୋଇଛି, ବହୁ କ୍ଷତ ଓ ଆଘାତ ସହିବାକୁ ପଡ଼ିଛି, ଦୁର୍ଭେଦ୍ୟ କର୍ଦ୍ଦମାକ୍ତ ପନ୍ଥା, ମରୁଭୂମି ଓ ଅରଣ୍ୟ ଭିତର ଦେଇ ପଥ ଖୋଲିବାକୁ ହୋଇଛି, ଅଗଣିତ ବିରୋଧିଶକ୍ତିକୁ ଜୟ କରିବାକୁ ହୋଇଛି,– ଏଭଳି ଏକ କାମକୁ ଆମ ପୂର୍ବରୁ ଆଉ କାହାକୁ କରିବାକୁ ପଡ଼ି ନାହିଁ ବୋଲି ମୁଁ ନିଶ୍ଚିତ ।

''ଏହି ଧରଣର କାମରେ ମୋତେ ପୂରା ଭାଗ ନେବାକୁ ହୋଇଛି ଓ ମା'ଙ୍କୁ ଆହୁରି ଦଶଗୁଣ ଅଧିକ ପୂରା ଭାଗ ନେବାକୁ ହୋଇଛି ।''

ଶ୍ରୀଅରବିନ୍ଦ ଆହୁରି କହିଛନ୍ତି ଯେ ''କିନ୍ତୁ ଏପରି କୌଣସି ଆବଶ୍ୟକତା ନାହିଁ ବା ଏହାକୁ ଗ୍ରହଣ ବା ସହ୍ୟ କରିବା ଉଚିତ ନୁହେଁ ଯେ ଅନ୍ୟ ସାଧକମାନଙ୍କ କ୍ଷେତ୍ରରେ ଏଗୁଡ଼ିକର ପୁନରାବୃତ୍ତି ହେବ ! ଯେହେତୁ ଆମର ଏ ସଂପର୍କରେ ପୂର୍ଣ୍ଣ ଅନୁଭୂତି ରହିଛି, ତେଣୁ ଆମେ ଅନ୍ୟମାନଙ୍କୁ ଅଧିକ ସିଧା ଓ ଅଧିକ ସହଜତର ଏକ ପଥ ଦେଖାଇ ଦେଇପାରିବୁ ଯଦି ସେମାନେ ତାହା ଗ୍ରହଣ କରିବାକୁ ସମ୍ମତ ହୁଅନ୍ତି ।''

ଲେଖିବା ବାହୁଲ୍ୟ ଯେ ଏହି ପଥ ହେଉଛି ସମର୍ପଣର ପଥ, ଭଗବାନଙ୍କ ଉପରେ, ମା'ଙ୍କର ଚାଳନା ଉପରେ ଦୃଢ଼ ବିଶ୍ୱାସ, ଅଟଳ ଆସ୍ଥା ଓ ପୂର୍ଣ୍ଣ ଭରସା ରଖିବାର ପଥ ।

Give us faith in a glorious future and the capacity to realise it.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଶ୍ରୀତନୁ-ସ୍ମାରକ (Relics) ସମ୍ପର୍କରେ ଜରୁରୀ ଜ୍ଞାତବ୍ୟ ବିଷୟ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଭାଷା ଦ୍ୱାରା ପ୍ରକାଶ ସମ୍ଭବପର ନୁହେଁ । ଏହା ସୁଗଭୀର ବିଶ୍ୱାସ, ଭକ୍ତି ତଥା ସାଧନା ଯୋଗେ ଉପଲବ୍ଧି-ସାପେକ୍ଷ ।

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ । ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ସେ ପ୍ରୟୋଜନବୋଧ କଲେ ତାହାକୁ ଆଶ୍ରମ ଟ୍ରଷ୍ଟକୁ ସମର୍ପଣ କରିପାରନ୍ତି ।

ଏହି ମହତ୍ତମ ଐଶ୍ୱର୍ଯ୍ୟର ଏବଂ ଏହାର ସଂସ୍ଥାପନ (Enshrinement) ଭଳି ଅନୁଷ୍ଠାନର ଗୁରୁତ୍ୱ ଏବଂ ଗାମ୍ଭୀର୍ଯ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ଆନୁଗତ୍ୟ-ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିବେ ବୋଲି ଆମେ ଆଶା କରିବା ସ୍ୱାଭାବିକ ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

Vol. LXI, No. 4, NAVAJYOTI – 24 November 2018, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**